
# ଧରିତ୍ରୀ DHARITRI

ଢେଙ୍କାନାଳ, ସୋମବାର,ଏପ୍ରିଲ ୨୯/୨୦୧୯ ( ୧୬ ପୃଷ୍ଠା) Dhenkanal, Monday, April 29 / 2019 ★★★★★

୪୫ଶ ଭାଗ ୭୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-







ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଚ୍ଚଜାତିରେ ଜନ୍ମ ହୋଇ କାଗଜପତ୍ରରେ ନିଜକୁ ପଛୁଆ ବର୍ଗର ଦର୍ଶାଉଛନ୍ତି।

-ତେଜସ୍ୱୀ ଯାଦବ,
ବିହାର ବିଧାନସଭାର ବିରୋଧୀ ଦଳ ନେତା




## ସଂକ୍ଷେପରେ

### ଆଇଏସ ସହ ସମ୍ପର୍କ ୩ ସନ୍ଦିଗ୍ଧଙ୍କୁ ଏନଆଇଏର ଜେରା

**ନୂଆଦିଲ୍ଲୀ,୨୮।୪:** ଆଇଏସ ସହ ସମ୍ପର୍କ ସନ୍ଦେହରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ପକ୍ଷରୁ କେରଳର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି। ପ୍ରଥମେ ୩ ସନ୍ଦିଗ୍ଧଙ୍କ ମଧ୍ୟରୁ କାସାରଗଡ଼ରେ ରହୁଥିବା ୨ ଜଣ ଓ ପାଲାକାଡ଼ରେ ଥିବା ଜଣଙ୍କ ଘର ଉପରେ ଚଢାଉ କରାଯାଇଥିଲା। ପରେ ଏହି ୩ ସନ୍ଦିଗ୍ଧଙ୍କୁ ଜେରା କରାଯାଇଥିଲା। ଏମାନଙ୍କର ଆତଙ୍କବାଦୀ ସଙ୍ଗଠନ ଆଇଏସ ସହ ସମ୍ପର୍କ ଥିବା ସନ୍ଦେହ କରାଯାଉଛି। କାସାରଗଡ଼ର କେତେକ ଅଭିଯୁକ୍ତ ଆଇଏସ ସହ ସାମିଲ ହେବାକୁ ଇଚ୍ଛୁକ ଥିଲାବେଳେ ଏମାନଙ୍କ ସହ ଏଇ ୩ ଜଣଙ୍କର ସମ୍ପର୍କ ଥିବା ଏନଆଇଏ ସନ୍ଦେହ କରୁଛି। ଚଢାଉବେଳେ ମୋବାଇଲ ଫୋନ୍, ସିମ୍ କାର୍ଡ, ପେନ୍ ଡ୍ରାଇଭ୍, କେତେକ ଡିଭିଡି ଓ ସିଡୀ ଜବତ କରାଯାଇଛି। ଆରବୀ ଓ ମାଲୟାଲମ୍ ଭାଷାରେ ଲିଖିତ କେତେକ ହ୍ୟାଣ୍ଡନୋଟ୍, ଜାକିର ନାୟକ ଓ ସୟେଦ କୁତେବଙ୍କ କେତେକ ଡିଭିଡି ଚଢାଉ ବେଳେ ଏନଆଇଏ ପକ୍ଷରୁ ଜବତ କରାଯାଇଛି। ଏହି ଡିଜିଟାଲ ଡିଭାଇସ୍‌କୁ ଅଦାଲତୀ ଯାଞ୍ଚ ଓ ପରୀକ୍ଷା କରାଯିବ ବୋଲି ଜଣାପଡିଛି। କେରଳରୁ କିଛିଦିନ ହେବ ରହସ୍ୟଜନକଭାବେ ଅଦୃଶ୍ୟ ହୋଇଯାଇଥିବା ୨୧ ଜଣଙ୍କ ଆଇଏସ୍‌ରେ ଯୋଗଦେଇଥିବା ସନ୍ଦେହ କରାଯାଉଛି। ସେମାନଙ୍କ ମଧ୍ୟରୁ କାସାରଗଡ଼ର ୧୭ ଓ ପାଲାକାଡର ୪ ଜଣ ଅଛନ୍ତି। ୩ଜଣ ପିଲା ଓ ୪ ଜଣ ମହିଳା ମଧ୍ୟ ସେମାନଙ୍କ ସହ ସାମିଲ ଅଛନ୍ତି। ଏନେଇ ଏନଆଇଏର ଖୋଳତାଡ ଜାରି ରହିଛି।

### ୩ ଜେଇଏମ୍ ଆତଙ୍କବାଦୀ ଗିରଫ

**ଶ୍ରୀନଗର,୨୮।୪(ପି.ଟି.):** ଜମ୍ମୁ-କଶ୍ମୀରର ଚାନପୋରାସ୍ଥିତ ପୋଲିସ ପୋଷ୍ଟ ଉପରେ ଶୁକ୍ରବାର ହୋଇଥିବା ଆକ୍ରମଣ ଘଟଣାରେ ରବିବାର ୩ ଜେଇଏମ୍ ଆତଙ୍କବାଦୀଙ୍କୁ ବଡଗାମ୍ ଜିଲାର ବିଭିନ୍ନ ସ୍ଥାନରୁ ଗିରଫ କରାଯାଇଛି। ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀନଗର ଏସ୍‌ଏସ୍‌ପି ହାସିବ ମୁଗଲ ଏହା ପ୍ରକାଶ କରିଛନ୍ତି। ଗିରଫ ୩ ଆତଙ୍କବାଦୀମାନେ ହେଲେ ମୁସ୍ତାକ୍, ଜୁନୈଦ ଓ ଲତିଫ୍ ବୋଲି ସେ କହିଛନ୍ତି। ପ୍ରକାଶଥାଉ କି, ଶୁକ୍ରବାର ଏହି ପୋଲିସ ପୋଷ୍ଟ ଉପରେ ଆକ୍ରମଣ କରାଯିବାରୁ ଜଣେ ସୁରକ୍ଷା କର୍ମୀ ଆହତ ହୋଇଥିଲେ। ଆକ୍ରମଣ ପରେ ଡିଜିଟାଲ ଓ ଗୋଇନ୍ଦା ତଥ୍ୟ ସଂଗ୍ରହ କରାଯାଇଥିଲା। ଏହି ୩ ଆତଙ୍କବାଦୀ ମୋଟରସାଇକେଲରେ ଚାନପୋରା ଆସିବା ପରେ ଆକ୍ରମଣ ଯୋଜନା କରିଥିଲେ। ସୁରକ୍ଷା କର୍ମୀଙ୍କଠାରୁ ବନ୍ଧୁକ ଛଡ଼ାଇବାରେ ସେମାନେ ବ୍ୟର୍ଥ ହୋଇଥିଲେ। ପୋଲିସ ସେଠାରେ ପହଞ୍ଚି ଗୁଳିମାଡ଼ କରିବାରୁ ଏମାନେ ଛତ୍ରଭଙ୍ଗ ଦେଇଥିଲେ। ଏବେ ଗିରଫ ୩ ଜଣଙ୍କୁ ଜେରା କରାଯାଇ ଅଧିକ ତଥ୍ୟ ସଂଗ୍ରହ କରାଯାଇଥିବା ଜଣାପଡିଛି।

### ଇତିହାସର ଆଇନାରେ
### ଏପ୍ରିଲ ୨୯ର ପ୍ରମୁଖ ଘଟଣା

୧୯୭୦ ଏପ୍ରିଲ ୨୯ରେ ଭିଏତନାମ୍ ଯୁଦ୍ଧ ଆରମ୍ଭ ହୋଇଥିଲା। ଇଣ୍ଡୋ-ଚାଇନା ଯୁଦ୍ଧ ପରେ ଏହା ଥିଲା ଦ୍ୱିତୀୟ। ସରକାରୀ ଭାବେ ଉତ୍ତର ଭିଏତନାମ୍ ଏବଂ ଦକ୍ଷିଣ ଭିଏତନାମ ମଧ୍ୟରେ ଏହା ସଂଘଟିତ ହୋଇଥିଲା।

୨୦୧୩ ଏପ୍ରିଲ ୨୯ରେ ପ୍ରେଗ୍‌ର ଏକ ସରକାରୀ କୋଠାରେ ଶକ୍ତିଶାଳୀ ବିସ୍ଫୋରଣ ଯୋଗୁ ୪୩ ଲୋକ ଆହତ ହୋଇଥିଲେ। ପ୍ରେଗ୍ ହେଉଛି ଚେକ୍ ସାଧାରଣତନ୍ତ୍ରର ରାଜଧାନୀ ତଥା ବୃହତ୍ ନଗରୀ।

## ସିଜେଆଇଙ୍କ ବିରୋଧରେ ଯୌନଶୋଷଣ ମାମଲାର ଶୁଣାଣି
# ନିୟମ ଉଲ୍ଲଂଘନ କରିଛନ୍ତି ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୮।୪**

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କ ବିରୋଧରେ ଯୌନଶୋଷଣ ଅଭିଯୋଗ ପରେ ସୁପ୍ରିମକୋର୍ଟ ନିଜ ଆଡୁ ଏହାକୁ ଶୁଣାଣି ପାଇଁ ଗ୍ରହଣ କରିବା ଓ ଖଣ୍ଡପୀଠରେ ନିଜେ ସିଜେଆଇ ରହିବା ସର୍ବୋଚ୍ଚ ଅଦାଲତଙ୍କ ବିଚାର ପ୍ରକ୍ରିୟା ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ଆଇନଜୀବୀ ଉତ୍ସବ ବୈଁସ୍ ଦାଖଲ କରିଥିବା ସତ୍ୟପାଠକୁ ଗୁରୁତ୍ୱର ସହ ନେଇ ତାଙ୍କ ଅଭିଯୋଗ ଉପରେ ନ୍ୟାୟିକ ତଦନ୍ତ ନିର୍ଦ୍ଦେଶ ଦିଆଯିବା ସହ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଅନଙ୍ଗ କୁମାର ପଟ୍ଟନାୟକଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ଏଭଳି ଶୁଣାଣି ଦ୍ୱାରା ସୁପ୍ରିମକୋର୍ଟ ନିଜ ପ୍ରକ୍ରିୟା ଓ ନିୟମାବଳୀର ଉଲ୍ଲଂଘନ କରିଥିବା କୁହାଯାଉଛି।

ନିଜ ବିରୋଧରେ ଆସିଥିବା ମାମଲାର ଶୁଣାଣି ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠରେ ହେବାକୁ ନେଇ ସର୍ବସାଧାରଣରେ ବିରୋଧାଭାସ ସୃଷ୍ଟି


ରଞ୍ଜନ ଗୋଗୋଇ

ହୋଇଛି। ସୁପ୍ରିମକୋର୍ଟର ପୂର୍ବତନ ମହିଳା କର୍ମଚାରୀ ସିଜେଆଇଙ୍କ ବିରୋଧରେ ଯୌନଶୋଷଣ ଅଭିଯୋଗ ଆଣିଥିଲେ। ଗତ ୨୦ ତାରିଖ ଶନିବାର ଏହା ଉପରେ ଶୁଣାଣି ହୋଇଥିଲା। ଏହା ସୁପ୍ରିମକୋର୍ଟଙ୍କ ଦ୍ୱାରା ପ୍ରସ୍ତୁତ ଶୁଣାଣି ପ୍ରକ୍ରିୟାର ଉଲ୍ଲଂଘନ ବୋଲି ସର୍ବୋଚ୍ଚ ଅଦାଲତ ବାର୍ ଆସୋସିଏଶନ (ଏସ୍‌ସିବିଏ) ପକ୍ଷରୁ କୁହାଯାଇଛି।

ସୁପ୍ରିମକୋର୍ଟରେ ମାମଲା ଦାଏର ଓ ଶୁଣାଣି ପ୍ରକ୍ରିୟା ସର୍ବୋଚ୍ଚ ଅଦାଲତଙ୍କ ନିୟମାବଳୀ, ୨୦୧୩ ଦ୍ୱାରା ପରିଚାଳିତ ହୋଇଥାଏ। ସାଧାରଣତଃ ଅଫିସିଆଲ ଗେଜେଟ୍‌ରେ ପ୍ରକାଶିତ ଛୁଟିଦିନ ଏବଂ ଶନିବାର ଶୁଣାଣି ହୁଏ ନାହିଁ। ତେବେ କୌଣସି ଅସାଧାରଣ ଘଟଣାରେ ଶନିବାର ଶୁଣାଣି କରାଯିବାର ନିୟମ ରହିଛି। ତେବେ ଏଭଳି ଶୁଣାଣି ସମ୍ପର୍କରେ କିଏ ନିଷ୍ପତ୍ତି ନେବେ ତାହା ନିୟମାବଳୀରେ ଉଲ୍ଲେଖ ନ ଥିବାରୁ ଏହା ମାଷ୍ଟର ଅଫ୍ ରୋଷ୍ଟର ପ୍ରଧାନ ବିଚାରପତିଙ୍କ ଉପରେ ଛାଡିଦିଆଯାଇଛି।

ଯୌନଶୋଷଣ ଅଭିଯୋଗର ଶୁଣାଣି ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠରେ ହୋଇଥିଲା ଯେଉଁଥିରେ ଜଷ୍ଟିସ୍ ଅରୁଣ ମିଶ୍ର ଏବଂ ସଞ୍ଜୀବ ଖାନ୍ନା ରହିଥିଲେ। ତେବେ ଖଣ୍ଡପୀଠଙ୍କ ନିର୍ଦ୍ଦେଶନାମା ସୁପ୍ରିମକୋର୍ଟ ୱେବ୍‌ସାଇଟରେ ଅପ୍‌ଲୋଡ ହେଲାବେଳେ ଆଶ୍ଚର୍ଯ୍ୟଜନକ ଭାବେ ସେଥିରୁ ସିଜେଆଇଙ୍କ ନାଁକୁ ବାଦ୍ ଦିଆଯାଇଥିଲା। ଖଣ୍ଡପୀଠରେ ସିଜେଆଇ ଥିବାରୁ କୌଣସି ନିର୍ଦ୍ଦେଶନାମା ଜାରି ହେବ ନାହିଁ ବୋଲି ଶୁଣାଣି ବେଳେ କୁହାଯାଇଥିଲା। ଏଭଳି କ୍ଷେତ୍ରରେ ସମ୍ପୃକ୍ତ ବିଚାରପତି ଶୁଣାଣିଠାରୁ ନିଜକୁ ଦୂରେଇ ରଖିବା କଥା ଏବଂ ତାହା ମଧ୍ୟ ରେକର୍ଡ ହେବା ଆବଶ୍ୟକ। ୨୦ ତାରିଖ ଶୁଣାଣି ବେଳେ ତାହା ଅନୁସରଣ କରାଯାଇ ନ ଥିଲା। ସେହିପରି ୨୩ ତାରିଖ ପାଇଁ କଜ୍‌ଲିଷ୍ଟରେ ମାମଲା ତାଲିକାଭୁକ୍ତ ହେବା ବେଳେ ଖଣ୍ଡପୀଠରେ ପରିବର୍ତ୍ତନ କରାଯାଇଥିଲା। ଜଷ୍ଟିସ୍ ଅରୁଣ ମିଶ୍ର, ରୋହିଙ୍ଗଟନ୍ ନରିମାନ ଏବଂ ଦୀପକ ଗୁପ୍ତାଙ୍କୁ ନେଇ କ'ଣ ପାଇଁ ନୂଆ ଖଣ୍ଡପୀଠ ଗଢ଼ାଗଲା ତାହା ମଧ୍ୟ ଅସ୍ପଷ୍ଟ ରହିଛି।

ଅନ୍ୟପକ୍ଷରେ ମାମଲାର ପକ୍ଷ ନ ଥାଇ ଉତ୍ସବ ବୈଁସ୍‌ଙ୍କ ସତ୍ୟପାଠ ଦାଖଲ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି କାରଣରୁ ମାମଲାର ପ୍ରକୃତ ପକ୍ଷ କିଏ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ। ଉତ୍ସବଙ୍କ ସତ୍ୟପାଠକୁ ଶୁଣାଣି ପାଇଁ ଗ୍ରହଣ କରାଯିବା ସୁପ୍ରିମକୋର୍ଟଙ୍କ ଶୁଣାଣି ପ୍ରକ୍ରିୟାର ଆଉ ଏକ ଅନିୟମିତତା ବୋଲି କୁହାଯାଉଛି। ଉତ୍ସବଙ୍କ ସତ୍ୟପାଠ ରେଜିଷ୍ଟ୍ରିଙ୍କ ଦ୍ୱାରା କିପରି ତାଲିକାଭୁକ୍ତ ହେଲା ତାହା ଜଣାପଡିନି। ଯଦି ମାମଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯେ କେହି ସତ୍ୟପାଠ ଦାଏର କଲେ ତାହାକୁ ଶୁଣାଣି ପାଇଁ ଗ୍ରହଣ କରାଯାଇପାରିବ କି ବୋଲି ପ୍ରଶ୍ନ ଉଠିଛି।

# ଆଜି ୭୧ ଆସନରେ ଭୋଟ

**ନୂଆଦିଲ୍ଲୀ,୨୮।୪**



ଚତୁର୍ଥ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ଲାଗି ସୋମବାର ମତଦାନ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ଭୋଟଗ୍ରହଣ ହେବାକୁ ଥିବା ୯ଟି ରାଜ୍ୟର ୭୧ ଆସନ ମଧ୍ୟରେ ରହିଛି ବିହାରର ୫ ଆସନ, ଝାଡଖଣ୍ଡର ୩, ମଧ୍ୟପ୍ରଦେଶର ୬, ମହାରାଷ୍ଟ୍ରର ୧୭, ଓଡିଶାର ୬, ରାଜସ୍ଥାନର ୧୩, ଉତ୍ତରପ୍ରଦେଶର ୧୩, ଜମ୍ମୁ-କଶ୍ମୀରର ଗୋଟିଏ ଏବଂ ପଶ୍ଚିମବଙ୍ଗର ୮ ଆସନ। ମତଦାନ ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପୋଲିଂ କର୍ମଚାରୀ ଇଭିଏମ୍ ଏବଂ ଭିଭିପିଏଟି ସହ ବିଭିନ୍ନ ବୁଥ୍‌ରେ ପହଞ୍ଚି ସାରିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷାଲାଗି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ପର୍ଯ୍ୟାୟରେ ୯୪୩ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର। ଏହି ପର୍ଯ୍ୟାୟରେ ଚର୍ଚ୍ଚିତ ପ୍ରାର୍ଥୀଙ୍କ ମଧ୍ୟରେ ରହିଛନ୍ତି କନ୍ହେୟା କୁମାର, ଗିରିରାଜ ସିଂ, ଏସ୍.ଏସ୍. ଆଲୁୱାଲିଆ, ବାବୁଲ ସୁପ୍ରିୟୋ, ଗଜେନ୍ଦ୍ର ସିଂ ଶେଖାୱତ୍, ପି.ପି. ଚୌଧୁରୀ, ଡ. ସୁଭାଷ ଭାମ୍ରେ, ସୁଦର୍ଶନ ଭଗତ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ସ୍ତ୍ରୀ ଡିମ୍ପଲ,ସଲମାନ ଖୁର୍ସିଦ, ମୁନ୍‌ମୁନ୍ ସେନ୍, ଉପେନ୍ଦ୍ର କୁଶୱାହା, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଳନାଥଙ୍କ ପୁଅ ନକୁଳ, ଅର୍ଜୁନ ସିଂଙ୍କ ପୁଅ ଅଜୟ ସିଂ, ରାକେଶ ସିଂ, ପୁନମ ମହାଜନ, ପ୍ରିୟା ଦତ୍ତ, ମିଲିନ୍ଦ୍ ଦେଓରା, ଉର୍ମିଳା ମାତୋଣ୍ଡକର ପ୍ରମୁଖ। ଜମ୍ମୁ-କଶ୍ମୀରର ଅନନ୍ତନାଗ ଲୋକ ସଭା ଆସନରେ ସୋମବାର ଭୋଟଗ୍ରହଣ ହେବାକୁ ଥିବାବେଳେ ସେଠାରେ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି, ରାଜ୍ୟ କଂଗ୍ରେସ ସଭାପତି ଜି.ଏ. ମିର୍ ଏବଂ ନ୍ୟାଶନାଲ୍ କନ୍‌ଫରେନ୍ସ (ଏନ୍‌ସି)ର ହସନୈନ୍ ମାସୁଦି।

ଏହାବ୍ୟତୀତ ଓଡିଶାର ୪୨ ବିଧାନସଭା ଆସନ, ମଧ୍ୟପ୍ରଦେଶର ଛିନ୍ଦ୍‌ୱାଡା , ଉତ୍ତରପ୍ରଦେଶର ନିଘାସନ ଏବଂ ପଶ୍ଚିମବଙ୍ଗର କ୍ରିଷ୍ଣଗଞ୍ଜ ବିଧାନସଭା ଆସନରେ ଉପନିର୍ବାଚନ ସୋମବାର ଅନୁଷ୍ଠିତ ହେବ।

## ୨୦୧୯ ଭୋଟ ଲାଗି ସର୍ବାଧିକ ଫୋର୍ସ
# ୨.୭ ଲକ୍ଷ ଯବାନ, ୨୦ ଲକ୍ଷ ପୋଲିସ ମୁତୟନ

**ନୂଆଦିଲ୍ଲୀ,୨୮।୪(ପି.ଟି.)**




ଭାରତରେ ୭ ପର୍ଯ୍ୟାୟବିଶିଷ୍ଟ ଲୋକ ସଭା ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ଶେଷକରିବା ଲାଗି ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଏଥିଲାଗି ଦେଶବ୍ୟାପୀ ମୋଟ ୨.୭ ଲକ୍ଷ ପାରାମିଲିଟାରୀ ଫୋର୍ସ, ୨୦ ଲକ୍ଷରୁ ଊର୍ଦ୍ଧ୍ୱ ରାଜ୍ୟ ପୋଲିସ ଓ ହୋମ୍‌ଗାର୍ଡମାନଙ୍କୁ ନିୟୋଜିତ କରାଯାଇଛି। ୨୦୧୯ ନିର୍ବାଚନରେ ପୂର୍ବାପେକ୍ଷା ସର୍ବାଧିକ ଫୋର୍ସ ମୁତୟନ କରାଯାଇଥିବା କୁହାଯାଇଛି।

ନିର୍ବାଚନ କମିଶନଙ୍କ ସୁପାରିସ୍‌ରେ ୨,୭୧୦ କମ୍ପାନୀ ପାରାମିଲିଟାରୀ ଫୋର୍ସ ଲୋକ ସଭା ନିର୍ବାଚନ ଲାଗି ମୁତୟନ କରାଯାଇଛି ବୋଲି ଗୃହ ମନ୍ତ୍ରଣାଳୟର ଅଧିକାରୀ କହିଛନ୍ତି। ଏଥିସହ ପ୍ରତ୍ୟେକ ରାଜ୍ୟର ପୋଲିସ ଫୋର୍ସ ଓ ହୋମ୍‌ଗାର୍ଡଙ୍କୁ ନେଇ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ସୁରକ୍ଷା କର୍ମୀଙ୍କୁ ବିଭିନ୍ନ ମତଦାନ କେନ୍ଦ୍ର, ନିର୍ବାଚନ ଅଧିକାରୀଙ୍କ ପରିବହନ, ଇଭିଏମ ଥିବା ଷ୍ଟ୍ରଙ୍ଗରୁମର ସୁରକ୍ଷା ଆଦି କାର୍ଯ୍ୟରେ ନିୟୋଜିତ କରାଯାଇଛି। ଗୋଟିଏ ପର୍ଯ୍ୟାୟ ଭୋଟ ଶେଷହେବା ପରେ ପାରାମିଲିଟାରୀ ଫୋର୍ସ ପରବର୍ତ୍ତୀ ପର୍ଯ୍ୟାୟ ଲାଗି ଅନ୍ୟ ରାଜ୍ୟକୁ ଯାଉଥିବା ଅଧିକାରୀ ପ୍ରକାଶ କରିଛନ୍ତି। ଏଥିଲାଗି ଟ୍ରକ, ରେଲୱେ କୋଚ୍, ହେଲିକପ୍ଟରର ବ୍ୟବସ୍ଥା କରାଯାଇଥିବା ସେ କହିଛନ୍ତି। ପ୍ରକାଶଥାଉକି, ଏପ୍ରିଲ ୧୧ ତାରିଖରୁ ଲୋକ ସଭା ନିର୍ବାଚନ ଆରମ୍ଭ ହୋଇଥିଲାବେଳେ ମେ ୧୯ ତାରିଖରେ ଏହି ପର୍ବ ଶେଷ ହେବ। ମେ ୨୩ ତାରିଖରେ ଭୋଟ ଗଣତି କରାଯିବ।

## ଭାରତ-ପାକିସ୍ତାନ ସମ୍ପର୍କରେ ସୁଧାର ଆଣନ୍ତୁ: ଜିନ୍‌ପିଙ୍ଗ

**ବେଜିଂ,୨୮।୪(ଆଇଏଏନ୍‌ଏସ୍)**

ଭାରତ-ପାକିସ୍ତାନ ସମ୍ପର୍କରେ ସୁଧାର ଆଣିବା ଲାଗି ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ ଦୁଇଦେଶକୁ ଆହ୍ୱାନ ଦେଇଛନ୍ତି। ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ତିକ୍ତତା ଦେଖାଦେଇଛି। ଚାଇନା ଗସ୍ତରେ ଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁଙ୍କ ସହ ଦକ୍ଷିଣଏସିଆ ପ୍ରସଙ୍ଗରେ ଆଲୋଚନା ଅବସରରେ ଜିନ୍‌ପିଙ୍ଗ ଏହା କହିଛନ୍ତି। ସବୁ ମନୋମାଳିନ୍ୟ ଭୁଲି ଦ୍ୱିପାକ୍ଷିକ ଆଲୋଚନା କରିବା ଓ ସମ୍ପର୍କରେ ସୁଧାର ଆଣିବା ଲାଗି ସେ ପରାମର୍ଶ ଦେଇଛନ୍ତି। ବେଲ୍ଟ ଆଣ୍ଡ ରୋଡ୍ ସମ୍ମିଳନୀରେ ଯୋଗଦେବା ଲାଗି ଇମ୍ରାନ ଚାଇନା ଗସ୍ତ କରିଛନ୍ତି। କରିଡରକୁ ବିରୋଧ କରି ଭାରତ ଦ୍ୱିତୀୟ ଥର ଲାଗି ଏହି ସମ୍ମିଳନୀରୁ ଦୂରେଇ ରହିଛି।



# ୨୭୨ ନିର୍ବାଚନ କର୍ମଚାରୀ ମୃତ, ୧,୮୭୮ ଅସୁସ୍ଥ

**ଜାକର୍ତ୍ତା,୨୮।୪**

**ଇଣ୍ଡୋନେସିଆ ନିର୍ବାଚନ**

ଇଣ୍ଡୋନେସିଆ ନିର୍ବାଚନ ଭୋଟ ଗଣତିବେଳେ କାର୍ଯ୍ୟ ଚାପରେ ୨୭୨ ଜଣଙ୍କ ମୃତ୍ୟୁ ହୋଇଛି। ଏକ ସଙ୍ଗେ ରାଷ୍ଟ୍ରପତି ନିର୍ବାଚନ ସହ ଜାତୀୟ ପାର୍ଲାମେଣ୍ଟ ଓ ଆଞ୍ଚଳିକ ପାର୍ଲାମେଣ୍ଟ ଲାଗି ନିର୍ବାଚନ ହୋଇଥିଲା। ଦୀର୍ଘ ସମୟ ଧରି ଭୋଟ୍ ଗଣତିରେ କର୍ମଚାରୀମାନେ କ୍ଲାନ୍ତ ହୋଇପଡିଥିଲେ। ଶନିବାର ରାତି ସୁଦ୍ଧା ୨୭୨ ନିର୍ବାଚନ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବାବେଳେ ୧,୮୭୮ ଜଣ ଅସୁସ୍ଥ ହୋଇପଡ଼ିଛନ୍ତି। ହାତରେ ବହୁ ଘଣ୍ଟାଧରି କୋଟି କୋଟି ବାଲଟ୍‌ପେପର୍ ଗଣିବାରୁ ସେମାନେ ଥକିପଡିବା ସହ ଅସୁସ୍ଥ ହୋଇପଡ଼ିଥିଲେ ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

ଗତ ଏପ୍ରିଲ ୧୭ ତାରିଖରେ ୨୬ କୋଟି ଲୋକଙ୍କ ପାଇଁ ପ୍ରଥମ ଥର ଲାଗି ଇଣ୍ଡୋନେସିଆର ରାଷ୍ଟ୍ରପତି ନିର୍ବାଚନ, ସଂସଦୀୟ ନିର୍ବାଚନ ଓ ବିଧାନସଭା ନିର୍ବାଚନ ଏକକାଳୀନ ଗୋଟିଏ ଦିନରେ କରାଯାଇଥିଲା। ଅଧିକ ବ୍ୟୟ ରୋକିବା ଲାଗି ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିଲା। ଭୋଟଗ୍ରହଣ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଥିଲାବେଳେ ପ୍ରାୟ ୮୦ ପ୍ରତିଶତ ମତଦାନ କରାଯାଇଥିଲା। ପ୍ରାୟ ୧୯.୩ ନିୟୁତ ଭୋଟର ଏଥିରେ ଅଂଶଗ୍ରହଣ କରିଥିଲେ। ନିର୍ବାଚନ କର୍ମଚାରୀମାନେ ଭୋଟ୍‌ଲାଗି ଦୂରଦୂରାନ୍ତକୁ ଯିବା ଓ ଦୀର୍ଘ ସମୟଧରି ବିଶ୍ରାମ ନ ପାଇ ବାଲଟ୍‌ପେପର୍ ଗଣିବା ଯୋଗୁଁ ଅସୁସ୍ଥ ହୋଇପଡ଼ିଥିଲେ ବୋଲି ନିର୍ବାଚନ କମିଶନଙ୍କ ମୁଖପାତ୍ର ଆରିଫ ପ୍ରିୟୋ ସୁଶାନ୍ତୋ ପ୍ରକାଶ କରିଛନ୍ତି। ଗତ ୨୩ ତାରିଖରେ ସ୍ୱାସ୍ଥ୍ୟମନ୍ତ୍ରୀ ନିର୍ବାଚନରେ ନିୟୋଜିତ କର୍ମଚାରୀଙ୍କୁ ସମସ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ସର୍କୁଲାର ଜାରି କରିଥିଲେ। ଅର୍ଥ ମନ୍ତ୍ରଣାଳୟ ତରଫରୁ ମୃତ୍ୟୁବରଣ କରିଥିବା ନିର୍ବାଚନ କର୍ମଚାରୀଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବା ଲାଗି ପ୍ରୟାସ କରାଯାଉଥିବା ସୁଶାନ୍ତୋ କହିଛନ୍ତି।

## ମୋଦିଙ୍କୁ ଭେଟିଲେ ସନ୍ନି ଦେଓଲ

**ନୂଆଦିଲ୍ଲୀ,୨୮।୪(ପି.ଟି):** ପଞ୍ଜାବର ଗୁରଦାସପୁର ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ଅଭିନେତା ସନ୍ନି ଦେଓଲ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି। ଅପରପକ୍ଷରେ ମୋଦି ଏକ ଉନ୍ନତ ଭାରତ ପାଇଁ ଦେଓଲଙ୍କ ଗଭୀର ଭାବାବେଗକୁ ପ୍ରଶଂସା କରିଛନ୍ତି। ମୋଦି ଅଭିନେତାଙ୍କ ସହିତ ଏକ ଅଭିନେତା ସନ୍ନି ଦେଓଲ ଏପ୍ରିଲ ୨୨ରେ ଭାଜପାରେ ଯୋଗଦେବା ପରେ ତାଙ୍କୁ ଗୁରଦାସପୁର ଆସନରୁ ଲୋକ ସଭା ପ୍ରାର୍ଥୀ କରାଯାଇଥିଲା। ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି କଂଗ୍ରେସ ନେତା ସୁନୀଲ ଝାକର, ଆମ୍ ଆଦ୍‌ମୀ ପାର୍ଟିର ପିଟର ମାସି ଏବଂ ପଞ୍ଜାବ ଡେମୋକ୍ରାଟିକ୍ ଆଲିଆନ୍ସ ପ୍ରାର୍ଥୀ ଲାଲ୍ ଚାନ୍ଦ। ଫଟୋଗ୍ରାଫ୍ ସୋସିଆଲ ମିଡିଆରେ ପୋଷ୍ଟ କରି ଟୁଇଟ୍ କରିଛନ୍ତି। ଗୁରଦାସପୁରରେ ଦେଓଲଙ୍କ ବିଜୟ ହେବ ଏବଂ ଭାରତର ସମୃଦ୍ଧି ଜାରି ରହିବ ବୋଲି ମୋଦି ଟୁଇଟର ପୃଷ୍ଠାରେ ଉଲ୍ଲେଖ କରିଛନ୍ତି।




## ପଣଜୀ ଉପନିର୍ବାଚନ ପାରିକରଙ୍କ ପୁଅଙ୍କୁ ଟିକେଟ୍ ଦେଲାନି ଭାଜପା

**ପଣଜୀ,୨୮।୪**

ଗୋଆର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ପୁଅ ଉତ୍ପଳଙ୍କୁ ପଣଜୀ ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ନ କରି ପୂର୍ବତନ ବିଧାୟକ ସିଦ୍ଧାର୍ଥ କୁଙ୍କାଲିଏନ୍‌କର୍‌ଙ୍କୁ ପୁଣି ଥରେ ସୁଯୋଗ ଦେଇଛି । ପ୍ରାର୍ଥିତ୍ୱକୁ ନେଇ ଦଳରେ ସହମତି ହୋଇ ନ ପାରିବାରୁ ପ୍ରଦେଶ ଭାଜପା ପକ୍ଷରୁ ୨ ଜଣଙ୍କ ନାମ ବିଚାରକୁ ନିଆଯାଇଥିଲା। ମେ ୧୯ରେ ପଣଜୀରେ ଉପନିର୍ବାଚନ ହେବ। ଏଠାରେ ଉଲ୍ଲେଖଯୋଗ୍ୟ କି, ୧୯୯୪ରୁ ମନୋହର ପାରିକର ପଣଜୀ ଆସନରୁ ନିର୍ବାଚିତ ହୋଇଆସୁଥିଲେ।

# ଲଣ୍ଡନ ମାରାଥନ୍‌ରେ ଦୌଡ଼ିଲେ ୪୦ହଜାର

**ଲଣ୍ଡନ, ୨୮।୪**



ରବିବାର ବିଶ୍ୱପ୍ରସିଦ୍ଧ ୩୯ତମ ଲଣ୍ଡନ ମାରାଥନ୍‌ରେ ୪୦ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ଭାଗନେଇଥିଲେ। ଅଧିକାଂଶ ଦୌଡାଳି ଗିନିଜ୍ ବିଶ୍ୱରେକର୍ଡ ହାସଲ କରିବାକୁ ଲକ୍ଷ୍ୟ ରଖିଥିଲେ। ସେମାନେ ଦୌଡିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଚଳିତବର୍ଷ ବିଶିଷ୍ଟ ଟେନିସ ଖେଳାଳି ଆଣ୍ଡି ମୁରେ ବନ୍ଧୁକରୁ ଗୁଳି ଫୁଟାଇ ଏହାର ଶୁଭାରମ୍ଭ କରିଥିଲେ। ୧୯୮୧ରେ ଲଣ୍ଡନ ମାରାଥନ୍ ଆରମ୍ଭ ହେବା ପରଠାରୁ ଏହା ୧୦୦କୋଟି ପାଉଣ୍ଡ ପାଣ୍ଠି ଉଠାଣ କରିସାରିଲାଣି ବୋଲି ଦୌଡ ଆୟୋଜକ ଭର୍ଜିନ ମନି ପକ୍ଷରୁ ପ୍ରକାଶ ପାଇଛି। ଇଭେଣ୍ଟ ନିର୍ଦ୍ଦେଶକ ହୁଗ୍ ବ୍ରାଶରଙ୍କ କହିବାନୁଯାୟୀ, ବିଶ୍ୱରେ ଅନ୍ୟ କୌଣସି ମାରାଥନ୍‌ରେ ଏତେସଂଖ୍ୟକ ବ୍ୟକ୍ତି ଅଂଶଗ୍ରହଣ କରନ୍ତି ନାହିଁ। ଏଥିପାଇଁ ପ୍ରତ୍ୟେକ ଦୌଡାଳି, ସମର୍ଥକ, ଦାତା, ଦାତବ୍ୟ ସଂସ୍ଥା, ସ୍ୱେଚ୍ଛାସେବୀ, ଆୟୋଜକ, ଦର୍ଶକ ଏବଂ ଷ୍ଟାଫ୍ ମେମ୍ବରଙ୍କୁ ସେ ଧନ୍ୟବାଦ ଦେଇଥିଲେ। କଲ୍ୟାଣମୂଳକ କାର୍ଯ୍ୟ ପାଇଁ ପାଣ୍ଠି ଉଠାଣ ବିଷୟରେ ଉଦ୍‌ବୋଧନ ଦେଇ ଲଣ୍ଡନ ମେୟର ସାଦିକ ଖାନ୍ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ପାଣ୍ଠି ଉଠାଣକାରୀ ଏହି ବିଶ୍ୱପ୍ରସିଦ୍ଧ ଲଣ୍ଡନ ମାରାଥନ୍ ୩୮ବର୍ଷ ମଧ୍ୟରେ ଲକ୍ଷାଧିକ ଲୋକଙ୍କୁ ସହାୟତା କରିଥିବା ସେ ପ୍ରକାଶ କରିଥିଲେ।

ଧରିତ୍ରୀ
DHARITRI
ଢେଙ୍କାନାଳ, ସୋମବାର,ଏପ୍ରିଲ ୨୯/୨୦୧୯ | Dhenkanal, Monday, April 29 / 2019 | ( ପୃଷ୍ଠା-୧)



## ମାଧୁରୀଙ୍କ ସ୍ୱତନ୍ତ୍ର ନୃତ୍ୟ କାର୍ଯ୍ୟକ୍ରମ


ବଲିଉଡ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଅନ୍ତର୍ଜାତୀୟ ନୃତ୍ୟ ଦିବସରେ ଫ୍ୟାନ୍‌ମାନଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି।

୦୬

୧୩

## ହରପ୍ରୀତଙ୍କୁ ରୌପ୍ୟ

ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ର ଅନ୍ତିମ ଦିବସରେ ହରପ୍ରୀତ ସିଂ ଗ୍ରୀକୋ-ରୋମାନ ୮୨କେଜି ବିଭାଗରେ ରୌପ୍ୟ ପଦକ ହାସଲ କରିଛନ୍ତି।



# କେନ୍ଦ୍ରାପଡ଼ାରୁ ହଟୁ ନାହାନ୍ତି ବିଜେଡି ନେତା: ଭାଜପା

ଭୁବନେଶ୍ୱର, ୨୮।୪(ବ୍ୟୁରୋ)

ଚତୁର୍ଥ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ସମସ୍ତ ୬ ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ଏହାର ଅନ୍ତର୍ଗତ ୪୨ବିଧାନସଭା କ୍ଷେତ୍ରରେ ବିଜେଡିର ୯୭ଜଣ ବାହୁବଳୀ ମନ୍ତ୍ରୀ ଓ ବିଧାୟକ ଆସ୍ଥାନ ପକାଇ ନିର୍ବାଚନ ପ୍ରଚାରରେ ମାତିଛନ୍ତି। ଦେଶର ଆଦର୍ଶ ନିର୍ବାଚନ ଆଚରଣ ନିୟମ ବିଧି ଭାଗ ୮ ଅନୁଯାୟୀ, ନିର୍ବାଚନର ୪୮ଘଣ୍ଟା ପୂର୍ବରୁ ଯେଉଁମାନେ ଏହି ନିର୍ବାଚନମଣ୍ଡଳୀର ଭୋଟର ନୁହନ୍ତି ସେମାନେ ତୁରନ୍ତ ସେହି ଅଞ୍ଚଳକୁ ଛାଡ଼ିବା କଥା। ଏନେଇ ଗତ ଶନିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭାଜପାର ଏକ ପ୍ରତିନିଧି ଟିମ୍ ଭେଟି ଅବଗତ କରାଇଥିଲେ। ହେଲେ ମୁଖ୍ୟ ନିର୍ବାଚନ ଅଧିକାରୀ କିଛି ପଦକ୍ଷେପ ନେଉନାହାନ୍ତି । ବିଶେଷଭାବେ କେନ୍ଦ୍ରାପଡା ନିର୍ବାଚନମଣ୍ଡଳୀର ପ୍ରତି ବିଧାନସଭା କ୍ଷେତ୍ରରେ ବିଜେଡିର ବାହୁବଳୀ ଓ କଳାଟଙ୍କାରେ ଧନୀ ବଳିୟାନ ନେତାମାନେ ପୂରା ପ୍ରଚାର ଦାୟିତ୍ୱ ନେଉଛନ୍ତି ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରି ଭୟଭିତ କରାଇବା ସହ ଟଙ୍କା ବାଣ୍ଟିବା ଭଳି ବେନିୟମ କାମ କରି ଭୋଟରଙ୍କୁ ପ୍ରଭାବିତ କରାଯାଉଛି। ଏହି ବିଜେଡି ଦଳର ନେତା ଓ କର୍ମୀମାନଙ୍କୁ କାଢିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ କେଉଁ ଅଧିକାରୀମାନଙ୍କୁ କେଉଁଠି ଦାୟିତ୍ୱ ଦେଇଛନ୍ତି ସେହି ତାଲିକା ପୂର୍ବରୁ ଦିଅନ୍ତୁ ବୋଲି କୁହାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ତାହା ପ୍ରସ୍ତୁତ କରାଯାଇନାହିଁ। ତୁରନ୍ତ ବିଜେଡିର ବାହୁବଳୀ ମନ୍ତ୍ରୀ, ବିଧାୟକ, ବିଜୁ ଯୁବ ବାହିନୀ କର୍ମୀଙ୍କୁ କେନ୍ଦ୍ରାପଡା ନିର୍ବାଚନମଣ୍ଡଳୀରୁ ବାହାର କରାଯାଉ ବୋଲି ଭାଜପା ରାଜ୍ୟ ଉପ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବି କରିଛନ୍ତି । ଏନେଇ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ନିର୍ବାଚନ ଅଧିକାରୀ ଏବଂ ପୋଲିସ ପ୍ରଶାସନ ନୀରବଦ୍ରଷ୍ଟା ସାଜି ଶାସକ ଦଳକୁ ସୁହାଇଲା ଭଳି କାର୍ଯ୍ୟ କରୁଛନ୍ତି। ଏହି ଘଟଣା ନେଇ ଭାରତୀୟ ନିର୍ବାଚନ ଆୟୋଗଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ବୋଲି ସମୀର କହିଛନ୍ତି।

# ୨୩% ପ୍ରାର୍ଥୀଙ୍କ ନାଁରେ ସଙ୍ଗିନ ମାମଲା

ଭୁବନେଶ୍ୱର, ୨୮।୪(ବ୍ୟୁରୋ)

ଏଡିଆର ରିପୋର୍ଟ
- ଭାଜପାରେ ଆପରାଧିକ ମାମଲା ଥିବା ପ୍ରାର୍ଥୀ ଅଧିକ
- ବିଜେଡିରେ ସବୁଠୁ ଅଧିକ କୋଟିପତି
- ନବୀନଙ୍କଠାରୁ ବବି ଧନୀ



ଏଥର ଓଡ଼ିଶାର ବିଧାନସଭା ନିର୍ବାଚନରେ ଆପରାଧିକ ମାମଲା ଥିବା ବହୁସଂଖ୍ୟକ ବ୍ୟକ୍ତିଙ୍କୁ ବିଭିନ୍ନ ଦଳ ପକ୍ଷରୁ ପ୍ରାର୍ଥୀ କରାଯାଇଛି। ୨୦୧୯ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୧୧୨୧ ପ୍ରାର୍ଥୀଙ୍କ ମଧ୍ୟରୁ ୩୦ ପ୍ରତିଶତ ଅର୍ଥାତ୍ ୩୩୨ଜଣଙ୍କ ନାମରେ ଆପରାଧିକ ମାମଲା ରହିଛି। ସେହିପରି ୨୩ ପ୍ରତିଶତ ଅର୍ଥାତ୍ ୨୫୭ଜଣଙ୍କ ନାମରେ ବଳାତ୍କାର, ହତ୍ୟା, ହତ୍ୟା ଉଦ୍ୟମ, ଅପହରଣ, ମହିଳାଙ୍କ ଉପରେ ହିଂସା ଭଳି ସଙ୍ଗିନ ଆପରାଧିକ ମାମଲା ରହିଛି। ୨୦୦୯ ବିଧାନସଭା ନିର୍ବାଚନରେ ୧୨୬୧ ପ୍ରାର୍ଥୀଙ୍କ ମଧ୍ୟରୁ ୨୯୨(୨୩%)ଜଣ ଏବଂ ୨୦୧୪ ନିର୍ବାଚନରେ ୧୪୨୦ ପ୍ରାର୍ଥୀଙ୍କ ମଧ୍ୟରୁ ୩୩୩(୨୩%)ଜଣଙ୍କ ନାମରେ ଆପରାଧିକ ମାମଲା ଥିଲା। ୨୦୧୯ରେ ଏହା ୭% ବୃଦ୍ଧି ପାଇଁ ୩୦% ହୋଇଛି। ପ୍ରାର୍ଥୀମାନେ ଦାଖଲ କରିଥିବା ସତ୍ୟପାଠ ଆଧାରରେ ଓଡ଼ିଶା ଇଲେକ୍ସନ ୱାଚ୍ ଏବଂ ଆସୋସିଏଶନ ଫର ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର) ପକ୍ଷରୁ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇ ଏହି ତଥ୍ୟ ପ୍ରକାଶ କରାଯାଇଛି। ୨୦୧୯ ବିଧାନସଭା ନିର୍ବାଚନରେ ସମୁଦାୟ ୧୧୩୭ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏଥିରୁ ୧୧୨୧ ପ୍ରାର୍ଥୀଙ୍କ ସତ୍ୟପାଠକୁ ହିସାବକୁ ନିଆଯାଇଛି। ଏମାନଙ୍କ ମଧ୍ୟରୁ ୧୬ଜଣ ପ୍ରାର୍ଥୀଙ୍କ ସତ୍ୟପାଠରୁ ସ୍ପଷ୍ଟଚିତ୍ର ମିଳିପାରି ନାହିଁ।

ଏଡିଆର ରିପୋର୍ଟ ଅନୁଯାୟୀ ଏଥର ରାଜ୍ୟରେ ଭାଜପାରେ ଆପରାଧିକ ମାମଲା ଥିବା ପ୍ରାର୍ଥୀଙ୍କ ସଂଖ୍ୟା ଅନ୍ୟ ଦଳ ତୁଳନାରେ ଅଧିକ। ଭାଜପାର ମୋଟ ୧୪୫ ବିଧାୟକ ପ୍ରାର୍ଥୀଙ୍କ ମଧ୍ୟରୁ ୮୬(୫୯%)ଜଣଙ୍କ ନାଁରେ ଆପରାଧିକ ମାମଲା ଥିବାବେଳେ ବିଜେଡିର ୧୪୬ ବିଧାୟକ ପ୍ରାର୍ଥୀଙ୍କ ମଧ୍ୟରୁ ୫୮(୪୦%)ଜଣ, କଂଗ୍ରେସର ୧୩୯ ବିଧାୟକ ପ୍ରାର୍ଥୀଙ୍କ ମଧ୍ୟରୁ ୬୪(୪୬%)ଜଣଙ୍କ ନାମରେ ଆପରାଧିକ ମାମଲା ରହିଛି। ସଙ୍ଗିନ ଆପରାଧିକ ମାମଲା ଥିବା ପ୍ରାର୍ଥୀମାନଙ୍କୁ ଦେଖିଲେ ଭାଜପାରେ ୬୭(୪୬%)ଜଣ, ବିଜେଡିରେ ୪୦(୨୭%)ଜଣ, କଂଗ୍ରେସରେ ୪୮(୩୫%)ଜଣ ରହିଛନ୍ତି। ସେହିପରି ମୋଟ ୨୯୮ଜଣ ସ୍ୱାଧୀନ ବିଧାୟକ ପ୍ରାର୍ଥୀଙ୍କ ମଧ୍ୟରୁ ୬୭(୨୩%)ଜଣଙ୍କ ଆପରାଧିକ ମାମଲା ଏବଂ ୫୫(୧୯%)ଙ୍କ ନାମରେ ସଙ୍ଗିନ ଆପରାଧିକ ମାମଲା ରହିଛି। ସାମଗ୍ରିକ ଭାବେ ଦେଖିଲେ ୫୯ ବିଧାନସଭା ନିର୍ବାଚନମଣ୍ଡଳୀରେ ୩ କିମ୍ବା ତାଠାରୁ ଅଧିକ ସଂଖ୍ୟକ ପ୍ରାର୍ଥୀଙ୍କ ନାମରେ ଆପରାଧିକ ମାମଲା ଅଛି। ୭ଜଣ ପ୍ରାର୍ଥୀ ଆପରାଧିକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ୯ ପ୍ରାର୍ଥୀଙ୍କ ନାଁରେ ହତ୍ୟା ମାମଲା ରହିଛି। ମହିଳା ବିରୋଧୀ ଅପରାଧ ମାମଲା ଥିବା ପ୍ରାର୍ଥୀଙ୍କ ସଂଖ୍ୟା ହେଉଛି ୪୯। ସେଥିମଧ୍ୟରୁ ୨ଜଣଙ୍କ ନାମରେ ବଳାତ୍କାର ମାମଲା ରହିଛି। ସେହିପରି ୧୭ଜଣ ପ୍ରାର୍ଥୀଙ୍କ ବିରୋଧରେ ଅପହରଣ ମାମଲା ଅଛି।

ଅନ୍ୟପକ୍ଷରେ ଗତଥର ଅପେକ୍ଷା ଏଥର ନିର୍ବାଚନରେ ବହୁ କୋଟିପତି ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣାପଡିଛି। ୨୦୦୯ ବିଧାନସଭା ନିର୍ବାଚନରେ କୋଟିପତି ପ୍ରାର୍ଥୀଙ୍କ ସଂଖ୍ୟା ୭% (୧୨୬୧ଜଣଙ୍କ ମଧ୍ୟରୁ ୯୪ଜଣ) ଥିଲା। ୨୦୧୪ ନିର୍ବାଚନରେ ଏହି ସଂଖ୍ୟାରେ ୧୦% ବୃଦ୍ଧି ଘଟି ୧୭%(୧୪୨୦ଜଣଙ୍କ ମଧ୍ୟରୁ ୨୪୪ଜଣ) ହୋଇଥିଲା। ୨୦୧୯ରେ ୨୭% ପ୍ରାର୍ଥୀ(୧୧୨୧ ଜଣଙ୍କ ମଧ୍ୟରୁ ୩୦୪ଜଣ) କୋଟିପତିଙ୍କ ତାଲିକାରେ ଅଛନ୍ତି। ଶାସକ ବିଜେଡିରୁ ସର୍ବାଧିକ ୯୭(୬୬%), ଭାଜପାରୁ ୭୫(୫୨%), କଂଗ୍ରେସରୁ ୭୩(୫୩%)ଜଣ ଏବଂ ୪୧ଜଣ ସ୍ୱାଧୀନ ପ୍ରାର୍ଥୀ(୧୪%) ହେଉଛନ୍ତି କୋଟିପତି। ୫କୋଟି ଟଙ୍କାରୁ ଅଧିକ ସମ୍ପତ୍ତି ଥିବା ପ୍ରାର୍ଥୀଙ୍କ ତାଲିକାରେ ୬୯ ଜଣ ଅଛନ୍ତି। ଏମାନଙ୍କ ସଂଖ୍ୟା ୬% ଅଟେ। ୨କୋଟିରୁ ୫କୋଟି ଟଙ୍କାର ସମ୍ପତ୍ତି ଥିବା ପ୍ରାର୍ଥୀଙ୍କ ସଂଖ୍ୟା ହେଲା ୧୧୧(୧୦%)ଜଣ। ୨୨% ଅର୍ଥାତ୍ ୨୪୬ଜଣଙ୍କ ପାଖରେ ୫୦ଲକ୍ଷରୁ ୨କୋଟି ଟଙ୍କାର ☞ପୃଷ୍ଠା–୬

## ଆଜିର ସମ୍ପାଦକୀୟ

କମ୍ପାନୀ ହାତରେ ଚାଷ

## ଆଜିର ମନ୍ତବ୍ୟ

“ ଭାଜପା ନେତା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଚ୍ଚାରଣକୁ ନେଇ ନିର୍ବାଚନ କମିଶନ ନୀରବ ଦର୍ଶକ ସାଜିଛନ୍ତି।

–ପି. ଚିଦାମ୍ବରମ, ବରିଷ୍ଠ କଂଗ୍ରେସ ନେତା

NECC NATIONAL EGG CO-ORDINATION COMMITTEE 28.04.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 112 | 174 | 184 |
| CTC | 112 | 174 | 184 |
| DKL | 112 | 174 | 184 |
| BDK | 112 | 174 | 184 |
| BLS | 112 | 174 | 184 |
| ANG | 112 | 174 | 184 |

*Conditions Apply
Eggs Retail Price- 37/-Dozen
Issued in the Interest of Consumers

# ଆଜି ଚତୁର୍ଥ ପର୍ଯ୍ୟାୟ ଭୋଟ

ଭୁବନେଶ୍ୱର,୨୮।୪(ବ୍ୟୁରୋ)

- ୬ ଲୋକ ସଭା, ୪୧ ବିଧାନସଭା ପାଇଁ ଭୋଟ
- ମତ ସାବ୍ୟସ୍ତ କରିବେ ୯୫ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟର
- ୩୦୯୨ ବୁଥ୍ ସମ୍ବେଦନଶୀଳ
- ୭୨, ୩୬୩ ପୋଲିଂ କର୍ମଚାରୀ ନିୟୋଜିତ
- କେନ୍ଦ୍ରାପଡ଼ାକୁ ସ୍ୱତନ୍ତ୍ର ଗୁରୁତ୍ୱ

ରାଜ୍ୟରେ ସୋମବାର ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟ ଭୋଟ ଗ୍ରହଣ କରାଯିବ। ୮ ଜିଲାର ୬ ଲୋକ ସଭା ଏବଂ ୪୧ ବିଧାନସଭା ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ। ଓଡ଼ିଶାର ପ୍ରାୟ ୯୫ ଲକ୍ଷ ୬୫୩ ଜଣ ଭୋଟର ମତଦାନ କରିବେ। ଏମାନଙ୍କ ମଧ୍ୟରେ ୪୯ ଲକ୍ଷ ୧୦୭୯ ପୁରୁଷ , ୪୫ ଲକ୍ଷ ୯୮ ହଜାର ୯୭୯ ମହିଳା ଏବଂ ୫୯୫ ଅନ୍ୟାନ୍ୟ ଭୋଟର ରହିଛନ୍ତି। କେବଳ କେନ୍ଦ୍ରାପଡ଼ା ଲୋକ ସଭା ଅନ୍ତର୍ଗତ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ ହେବନାହିଁ। ଏହି ସ୍ଥାନରେ ବିଜେଡି ବିଧାୟକ ପ୍ରାର୍ଥୀ ହୋଇଥିବା ବେଦପ୍ରକାଶ ଅଗ୍ରୱାଲଙ୍କ ପରଲୋକ ହୋଇଥିବାରୁ ନିର୍ବାଚନ ସ୍ଥଗିତ ରହିଛି। ଆସନ୍ତା ମେ’ ୧୯ରେ ପାଟକୁରା ବିଧାନସଭା ଆସନ ଲାଗି ଭୋଟ ଗ୍ରହଣ ହେବ। ସୋମବାର ପାଟକୁରାବାସୀ କେବଳ ଏମ୍‌ପି ପାଇଁ ମତଦାନ କରିବେ। ଏହି ପର୍ଯ୍ୟାୟ ମତଦାନକୁ ଶାନ୍ତିଶୃଙ୍ଖଳା ସହ କରିବା ପାଇଁ ପ୍ରଶାସନ ସମସ୍ତ ପଦକ୍ଷେପ ନେଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର କହିଛନ୍ତି। ସୁରେନ୍ଦ୍ର କୁମାର କହିଛନ୍ତି ଯେ, ଅବାଧ ଓ ମୁକ୍ତ ନିର୍ବାଚନ କରିବା ଲାଗି ପ୍ରଶାସନ ସମସ୍ତ ଉଦ୍ୟମ ଜାରି ରଖିଛି। ଚତୁର୍ଥ ପର୍ଯ୍ୟାୟରେ ୯୦୭୦ଟି ଅଞ୍ଚଳର ୧୦, ୭୯୨ ବୁଥ୍‌ରେ ଭୋଟ ଗ୍ରହଣ କରାଯିବ। ତନ୍ମଧ୍ୟରୁ ୩,୦୯୨କୁ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଛି। ଏହିସବୁ ସ୍ଥାନରେ ଅଧିକ ପୋଲିସ ଫୋର୍ସ ମୁତୟନ କରାଯିବ। ସେହିପରି କେନ୍ଦ୍ରାପଡ଼ା ଲୋକ ସଭା କ୍ଷେତ୍ରକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯିବ। ଭୋଟର ତାଲିକାରେ ନାଁ ନ ଥିବା ଲୋକ ନିର୍ବାଚନମଣ୍ଡଳୀ ଛାଡ଼ିବା ପାଇଁ ବାଧ୍ୟ। ବାହାର ଲୋକଙ୍କ ଗତିବିଧି ଉପରେ କଡ଼ା ନଜର ରଖାଯିବ। ଯେଉଁ ବ୍ୟକ୍ତିବିଶେଷ ଆଇନର ବିରୁଦ୍ଧାଚରଣ କରିବେ, ସେମାନଙ୍କ ବିରୋଧରେ ତତ୍‌କ୍ଷଣାତ କାର୍ଯ୍ୟାନୁଷ୍ଠାନ ନିଆଯିବ। ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ କରାଯିବ। ସମସ୍ତ ନିର୍ବାଚନ ପ୍ରକ୍ରିୟାକୁ ସମ୍ପାଦନ କରିବା ପାଇଁ ୭୨,୩୬୩ ପୋଲିଂ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ୫୫୪ଟି ବୁଥ୍‌ରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଛି। ବିଶେଷକରି ୫୯୫ ମାଇକ୍ରୋ ଅବ୍‌ଜର୍ଭର ନିର୍ବାଚନ ପ୍ରକ୍ରିୟାକୁ ପରିଚାଳନା ☞ପୃଷ୍ଠା–୬

# ହେଭିୱେଟ୍‌ଙ୍କ ଭାଗ୍ୟ ପରୀକ୍ଷା

ଭୁବନେଶ୍ୱର,୨୮।୪(ବ୍ୟୁରୋ)

- ମଇଦାନରେ ଅର୍ଥମନ୍ତ୍ରୀ, ପିସିସି ସଭାପତି
- ଦାମ ଭାଜପାରୁ, ପୁତ୍ର ସମ୍ବିତ ବିଜେଡିରୁ
- ବାଲେଶ୍ୱର ଲୋକ ସଭା ନେଇ ମଧ ଉତ୍କଣ୍ଠା
- ବୈଜୟନ୍ତ, ଅନୁଭବ, ଧରଣୀ ଚର୍ଚ୍ଚାରେ

ରାଜ୍ୟରେ ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ସୋମବାର ଗ୍ରହଣ ହେବ। ଏହି ପର୍ଯ୍ୟାୟରେ ୬ ଲୋକ ସଭା ଏବଂ ୪୧ ବିଧାନସଭା କ୍ଷେତ୍ର ନିମନ୍ତେ ଭୋଟ ଗ୍ରହଣ କରାଯିବ। ବରିଷ୍ଠ ବିଜେଡି ନେତା ବେଦପ୍ରକାଶ ଅଗ୍ରୱାଲଙ୍କ ପରଲୋକ ଯୋଗୁ ପାଟକୁରା ବିଧାନସଭା ଲାଗି ଭୋଟ ହେଉନାହିଁ। ସମସ୍ତ ଆସନ ମଧ୍ୟରୁ କେନ୍ଦ୍ରାପଡ଼ା ଲୋକ ସଭା ନେଇ ସାଧାରଣରେ ସର୍ବାଧିକ ଚର୍ଚ୍ଚା ରହିଛି। ଏହି ଆସନର ଫଳାଫଳ ଉପରେ ମଧ ସମସ୍ତଙ୍କ ନଜର ରହିବ। ପୂର୍ବରୁ ବିଜେଡି ଟିକେଟରେ ଏହି ଆସନରୁ ବୈଜୟନ୍ତ ପଣ୍ଡା ବିଜୟୀ ହୋଇଥିଲେ। ଚଳିତଥର ସେ ଭାଜପା ପକ୍ଷରୁ ପ୍ରାର୍ଥୀ ହୋଇଛନ୍ତି। ବିଜେଡି ଅଭିନେତା ତଥା ରାଜ୍ୟ ସଭା ସଦସ୍ୟ ଅନୁଭବ ମହାନ୍ତିଙ୍କୁ ପ୍ରାର୍ଥୀ କରିଛି। କଂଗ୍ରେସ ପକ୍ଷରୁ ପୂର୍ବଭଳି ଆଇନଜୀବୀ ଧରଣୀଧର ନାୟକ ପ୍ରାର୍ଥୀ ହୋଇଛନ୍ତି। ବିଜେଡି ତାହାର ସମସ୍ତ ବଳ ପ୍ରୟୋଗ କରି ଏହି ଆସନକୁ ☞ପୃଷ୍ଠା–୬

# ତାଳଚେରରେ ରେକର୍ଡ ଭାଙ୍ଗିଲା ତାତି

- ୪୦ ଡିଗ୍ରୀ ଟପିଲା ୧୪ ଜିଲା
- ୫ ଜିଲାକୁ ହିଟ୍ ୱେଭ୍ ଜାରି



ଭୁବନେଶ୍ୱର,୨୮।୪(ବ୍ୟୁରୋ)

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ପ୍ରଚଣ୍ଡ ଖରା ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଉପକୂଳ ହେଉ କି ପଶ୍ଚିମ ଓଡ଼ିଶା, ସବୁଠି ତାତି ଅସହ୍ୟ ହେଉଛି। କ୍ରମାଗତ ଭାବେ ତାପମାତ୍ରା ବଢୁଛି। ରବିବାର ତାଳଚେରରେ ତାତି ରେକର୍ଡ ଭାଙ୍ଗିଛି। ଏଠାରେ ତାପମାତ୍ରା ୪୬.୩ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ରବିବାର ରାଜ୍ୟର ୧୪ ସହରର ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି। ଟିଟିଲାଗଡ଼ରେ ୪୪.୫, ଝାରସୁଗୁଡ଼ା ୪୩.୨, ଅନୁଗୋଳ ୪୩.୧, ସମ୍ବଲପୁର ଓ ବଲାଙ୍ଗୀର ୪୩, ଭବାନୀପାଟଣା ୪୨.୫, ହୀରାକୁଦ ୪୧.୯, ଫୁଲବାଣୀ ୪୧.୮, ସୋନପୁର ୪୧.୬, ମାଲକାନଗିରି ୪୧.୫, ସୁନ୍ଦରଗଡ଼ ୪୧, କେନ୍ଦୁଝର ୪୦.୬ ଓ ଚାନ୍ଦବାଲିରେ ୪୦.୫ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ସେହିଭଳି ଭୁବନେଶ୍ୱରର ତାପମାତ୍ରା ୩୮.୮ ଡିଗ୍ରୀ ରହିଥିବା ବେଳେ କଟକର ୩୯ ଡିଗ୍ରୀ ରେକର୍ଡ କରାଯାଇଥିଲା। ଆହୁରି ୩ଦିନ ଯାଏ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ପୂର୍ବ, ପଶ୍ଚିମ ଓ ଉତ୍ତର ଓଡ଼ିଶାରେ ମେ ୨ ଯାଏ ତାତିର ପ୍ରକୋପ ଅନୁଭୂତ ହେବ। ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ଆଭ୍ୟନ୍ତରୀଣ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପରେ ପରେ ପାଗ ମେଘୁଆ ରହିବ। ☞ପୃଷ୍ଠା–୬

## ଅଂଶୁଘାତରେ ଜୀବନ ଗଲା

ତାଳଚେର,୨୮।୪(ନି.ପ୍ର.)

ତାଳଚେର ବ୍ଲକ ଜନ୍ଦାବାହାଳ ଗ୍ରାମର ସୁଭଦ୍ରା ଭୁକ୍ତା (୩୫)ଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେ ଅପରାହ୍ନରେ ବାହାରକୁ ଯାଇଥିବା ବେଳେ ବେହୋସ ହୋଇଯାଇଥିଲେ। ତୁରନ୍ତ ତାଙ୍କୁ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଂଶୁଘାତ ଯୋଗୁ ସୁଭଦ୍ରାଙ୍କ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ ହେବାପରେ ପୋଲିସ ଓ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯାଉଛି।


# ଶକ୍ତିଶାଳୀ ହେଉଛି ‘ଫନୀ’

ଭୁବନେଶ୍ୱର,୨୮।୪(ବ୍ୟୁରୋ)

- ୨ରୁ ଦକ୍ଷିଣ ଓଡ଼ିଶାରେ ବର୍ଷା
- ସତର୍କ ରହିବାକୁ ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶ

ଦକ୍ଷିଣ–ପୂର୍ବ ବଙ୍ଗୋପସାଗର ଶ୍ରୀଲଙ୍କା ଉପକୂଳରେ ସୃଷ୍ଟ ବାତ୍ୟା ‘ଫନୀ’ ଧୀରେ ଧୀରେ ଶକ୍ତିଶାଳୀ ହେବାରେ ଲାଗିଛି। ୩୦ତାରିଖ ସୁଦ୍ଧା ‘ଫନୀ’ ଅତି ପ୍ରବଳ ବାତ୍ୟାର ରୂପ ନେବ। ଏହାର ପ୍ରଭାବରେ ଓଡ଼ିଶାର ଦକ୍ଷିଣ ଉପକୂଳରେ ଆସନ୍ତା ୨ରୁ ୩ତାରିଖ ଯାଏ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ୨ ଓ ୩ତାରିଖରେ ରାୟଗଡ଼ା, ଗଜପତି, ଗଞ୍ଜାମ ଓ କୋରାପୁଟ ଜିଲାରେ ବର୍ଷା ହୋଇପାରେ। ସେହିଭଳି ୩ତାରିଖରେ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ମଧ୍ୟ ପ୍ରବଳ ବର୍ଷା ସମ୍ଭାବନା ରହିଛି। ତେଣୁ ସମୁଦ୍ରରେ ଆନ୍ଧ୍ର ଉପକୂଳ ଯାଏ ନ ଯିବାକୁ ମତ୍ସ୍ୟଜୀବୀମାନଙ୍କୁ ସତର୍କ ଜାରି କରାଯାଇଛି। ‘ଫନୀ’କୁ ଦୃଷ୍ଟିରେ ରଖି ସଜାଗ ରହିବାକୁ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି) ବିଷ୍ଣୁପଦ ସେଠୀ ଚିଠି ଲେଖିଛନ୍ତି। ସ୍ଥିତି ଉପରେ ନଜର ରଖିବା ସହିତ ସତର୍କ ରହିବାକୁ ସେ କହିଛନ୍ତି। ଏଥିସହିତ ସମସ୍ତ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ସହ ଯୋଗାଯୋଗ ବ୍ୟବସ୍ଥାକୁ ଯାଞ୍ଚ କରି ପ୍ରସ୍ତୁତ ରହିବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

ରବିବାର ଅପରାହ୍ନ ସାଢ଼େ ୨ଟା ସୁଦ୍ଧା ‘ଫନୀ’ ଚେନ୍ନାଇଠାରୁ ୧୦୮୦ କିଲୋମିଟର ଏବଂ ମଚ୍ଛିଲିପଟ୍ଟନମ୍ ଉପକୂଳରୁ ୧୨୬୫ କିଲୋମିଟର ଦୂରରେ ରହିଥିଲା। ଘଣ୍ଟାକୁ ଏହା ୩ କିଲୋମିଟର ବେଗରେ ଗତି କରୁଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଭୟଙ୍କର ସାମୁଦ୍ରିକ ଝଡ଼ରେ ପରିଣତ ହେବ। ତା’ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଅତି ଭୟଙ୍କର ସାମୁଦ୍ରିକ ଝଡ଼(ଭେରି ସିଭିୟର ସାଇକ୍ଲୋନିକ ଷ୍ଟର୍ମ)ରେ ପରିଣତ ହେବ। ୩୦ତାରିଖ ପର୍ଯ୍ୟନ୍ତ ‘ଫନୀ’ ଉତ୍ତର–ପଶ୍ଚିମ ଦିଗକୁ ଗତି କରିବ ଏବଂ ତା’ ପରେ ଉତ୍ତର–ପୂର୍ବ ଆଡ଼କୁ ମୁହାଁଇବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୧ ଓ ୨ତାରିଖରେ ଘଣ୍ଟା ପ୍ରତି ୧୪୫ରୁ ୧୫୫ କିଲୋମିଟର ବେଗରେ ପବନ ବହିପାରେ। ତେବେ ଓଡ଼ିଶାରେ ଏହାର ବିଶେଷ ପ୍ରଭାବ ରହିବ ନାହିଁ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।




## ଆଇଏନ୍‌ସିଓଆଇଏସ୍‌ର ପୂର୍ବାନୁମାନ

# ଛତ୍ରପୁର ନିକଟରେ ସ୍ଥଳଭାଗ ଛୁଇଁବ

‘ଫନୀ’ ଆସନ୍ତା ୧ତାରିଖରେ ଓଡ଼ିଶା ଆଡ଼କୁ ମୁହାଁଇବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) କହୁଥିବା ବେଳେ ଇଣ୍ଡିଆନ୍ ନ୍ୟାଶନାଲ ସେଣ୍ଟର ଅଫ୍ ଓସେନ୍ ଇନ୍‌ଫର୍‌ମେଶନ ସର୍ଭିସେସ୍(ଆଇଏନ୍‌ସିଓଆଇଏସ୍) ଆଉ ଏକ ତଥ୍ୟ ଦେଇଛି। ୩ତାରିଖ ସନ୍ଧ୍ୟାରେ ଏହା କଳିଙ୍ଗପାଟଣାମ୍ ଓ ପୁରୀ ମଧ୍ୟରେ ଛୁଇଁବ। ବିଶେଷକରି ଓଡ଼ିଶାର ଛତ୍ରପୁର ନିକଟରେ ‘ଫନୀ’ ସ୍ଥଳଭାଗ ଛୁଇଁବ ବୋଲି ଆଇଏନ୍‌ସିଓଆଇଏସ୍ ପୂର୍ବାନୁମାନ କରିଛି। ସେପଟେ ୩ତାରିଖ ଦିନ ଘଣ୍ଟା ପ୍ରତି ୧୩୦ରୁ ୧୪୦ ☞ପୃଷ୍ଠା–୬

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ସୋନାଲି ପରିବାରବର୍ଗ


ସୁପ୍ରିୟା ପରିବାରବର୍ଗ


ପମୋଦ ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## କିଛି ତଥ୍ୟ

ଚଳିତ ବର୍ଷ ଏପ୍ରିଲ୍‌ରେ ଦେଶର ପୁଞ୍ଜି ବଜାରରେ ବିଦେଶୀ ନିବେଶକମାନେ ୧୭,୨୧୯ କୋଟି ଟଙ୍କାର ପୁଞ୍ଜି ନିବେଶ କରିଛନ୍ତି।

– ଷ୍ଟକ ବଜାର ଡିପୋଜିଟୋରୀ ଡାଟା

## ଅଂଶୁଘାତ ପ୍ରତିକାର ସଚେତନତା

ରାଇଘର,୨୮।୪(ଡି.ଏନ.ଏ): ସନାତନ ସ୍ମୃତି ତଥା ଅର୍ପଣ ସାହିତ୍ୟ ସଂସଦ ତରଫରୁ ଅଂଶୁଘାତ ପ୍ରତିକାର ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୃଦ୍ଧାବୃଦ୍ଧମାନଙ୍କୁ ଗ୍ରୀଷ୍ମଦାଉରୁ ରକ୍ଷା ପାଇବା ପାଇଁ ଛତା ବଣ୍ଟନ କରାଯିବା ସହ ପଥଚାରୀଙ୍କୁ ଥଣ୍ଡା ପାନୀୟ ବଣ୍ଟନ କରାଯାଇଥିଲା। ଏଥିସହିତ ଜନସାଧାରଣଙ୍କୁ ସଚେତନ କରାଯିବା ଉଦ୍ଦେଶ୍ୟରେ ଜଳର ଆବଶ୍ୟକତା ଓ ଅଂଶୁଘାତର ପ୍ରତିକାର ନିମନ୍ତେ ଲିଫଲେଟ ବଣ୍ଟନ କରାଯାଇଥିଲା।

## ସଂକ୍ଷେପରେ

### ୧୨୭ନମ୍ବର ବୁଥ୍‌ରେ ପୁନଃ ଭୋଟିଂ ନେଇ ପ୍ରଶ୍ନ ଉଠାଇଲା ଭାଜପା

ଭୁବନେଶ୍ୱର, ୨୮।୪(ବ୍ୟୁରୋ): ଶାସକ ଦଳ ପ୍ରରୋଚନାରେ ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀର ୧୨୭ନମ୍ବର ବୁଥ୍‌ରେ ଭୋଟିଂ କରିବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ସେହି ବୁଥରେ ବିଜେଡିର ଭୋଟିଂ କମ୍ ହୋଇଛି। ତେଣୁ ଏହି ବୁଥ୍‌ର ପୁଣିଥରେ ଭୋଟିଂ କରାଯାଉଛି ବୋଲି ଭାଜପା ଅଭିଯୋଗ କରିଛି। ବିଜେଡି ବାହୁବଳ ଓ ଅର୍ଥବଳ ଲଗାଇ ଭୋଟ ହାତେଇବା ପାଇଁ ଷଡଯନ୍ତ୍ର ରଚିଛି। ଏଥିପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସାହାଯ୍ୟ କରୁଛନ୍ତି। କୌଣସି ଦଳର ପ୍ରାର୍ଥୀମାନଙ୍କ ବିନା ଅଭିଯୋଗରେ ଏହି ବୁଥରେ ପୁନଃ ଭୋଟ କାହିଁକି କରାଯାଉଛି ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି ରବିବାର ସିଇଓଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# କଂଗ୍ରେସ ମୁଖପାତ୍ର ଆର୍ଯ୍ୟଙ୍କ ଗାଡ଼ି ଉପରେ ଆକ୍ରମଣ

ଭଦ୍ରକ ଅଫିସ, ୨୮।୪


ଭଙ୍ଗାଯାଇଥିବା ଗାଡ଼ି

### ଭଦ୍ରକରେ ନିର୍ବାଚନୀ ହିଂସା

- ଭିଡିଓ, ସିସିଟିଭି ଫୁଟେଜ୍‌କୁ ନେଇ ପୋଲିସର ତଦନ୍ତ
- ଭଙ୍ଗାରୁଜା ହୋଇଥିବା ଗାଡ଼ି ଯାଞ୍ଚ କରିବାକୁ ଯାଇ ଖାଲି ହାତରେ ଫେରିଲା ଫ୍ଲାଇଂ ସ୍କ୍ୱାଡ୍
- ପୋଲିସ ମାମଲା ରୁଜୁ କରି ନ ଥିବାରୁ ପିସିସି ସଭାପତିଙ୍କ ଉଦ୍‌ବେଗ

ଭଦ୍ରକ ସହର ବନ୍ତ ଛକ ନିକଟରେ ରାଜ୍ୟ କଂଗ୍ରେସ ମୁଖପାତ୍ର ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଗାଡି ଉପରେ ରବିବାର ଏକ ନିର୍ଦ୍ଦିଷ୍ଟ ଦଳର କର୍ମୀ ଆକ୍ରମଣ କରି ତାଙ୍କୁ ମାରଧର କରିବା ସହ ଗାଡି ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଜ୍ଞାନେନ୍ଦ୍ରଙ୍କଠାରୁ ଫୋନ ଯୋଗେ ଖବର ପାଇ ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପରେ ଗାଡିର ଡ୍ରାଇଭର ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରିପୋର୍ଟ ଲେଖା ସୁଦ୍ଧା ପୋଲିସ ପକ୍ଷରୁ କୌଣସି ମାମଲା ରୁଜୁ ହୋଇ ନାହିଁ। ଘଣାସ୍ଥଳରେ ଲୋକଙ୍କ ଦ୍ୱାରା ରେକର୍ଡିଂ ହୋଇଥିବା ଭିଡିଓ ଫୁଟେଜ୍ ଏବଂ ନିକଟସ୍ଥ ଏକ ଦୋକାନର ସିସିଟିଭିକୁ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି ବୋଲି ଟାଉନ ଥାନାଧିକାରୀ ସରୋଜିନୀ ସିଂ କହିଛନ୍ତି। ଅପରାହ୍ନରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଭଦ୍ରକ ଆସି ଏକ ଖବରଦାତା ସମ୍ମିଳନୀରେ ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ରାଜନୈତିକ ଚାପରେ ପଡି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଏ ଦିଗରେ ଉଚିତ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ଦିନରେ ଏସପି ଅଫିସ ଘେରାଉ କରାଯିବ ବୋଲି ସେ କହିଛନ୍ତି।

ଡ୍ରାଇଭର ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି ଯେ, ରବିବାର ପୂର୍ବାହ୍ନ ସାଢେ ୧୧ଟା ବେଳେ କଂଗ୍ରେସ ମୁଖପାତ୍ର ଆର୍ଯ୍ୟକୁମାର ଏହି ଗାଡିରେ ସ୍ଥାନୀୟ ଏକ ହୋଟେଲକୁ ଯାଉଥିଲେ। ବନ୍ତ ଛକ ନିକଟରେ ଗାଡି ପହଞ୍ଚିବା ବେଳେ ୪୦ରୁ ଊର୍ଦ୍ଧ୍ୱ ଲୋକ ସେମାନଙ୍କୁ ଅଟକାଇ ଆର୍ଯ୍ୟକୁମାରଙ୍କୁ ପଦାକୁ ଘୋଷାରି ଆଣିଥିଲେ। ସେମାନେ ତାଙ୍କଠାରୁ ୪ ହଜାର ଟଙ୍କା ଓ ପିନ୍ଧିଥିବା ସୁନାଚେନ୍ ଝାମ୍ପି ନେଇ ପଳାଇଥିଲେ। ଯିବା ବେଳେ ସେମାନେ ତୁରନ୍ତ ଭୁବନେଶ୍ୱର ଫେରିଯାଅ ବୋଲି ଆର୍ଯ୍ୟକୁମାରଙ୍କୁ ଧମକ ଦେଇଯାଇଥିଲେ। ଉଲ୍ଲେଖନୀୟ ଯେ, ନିର୍ବାଚନ ପରିପ୍ରେକ୍ଷୀରେ ପିସିସି ମୁଖ୍ୟ ନିରଞ୍ଜନ ପଟ୍ଟନାୟକଙ୍କର ଏକ ଟିମ୍ ଭଦ୍ରକର ଏକ ହୋଟେଲରେ ରହୁଥିବାରୁ ଜ୍ଞାନେନ୍ଦ୍ର ସେଠାକୁ ଆସୁଥିଲେ। ଭଙ୍ଗାରୁଜା ହୋଇଥିବା ଗାଡି ଜଣେ ଘରୋଇ ବ୍ୟକ୍ତିଙ୍କର ହୋଇଥିବା ବେଳେ ସେଥିରେ 'ଗର୍ଭଣ୍ମେଣ୍ଟ ଅଫ ଇଣ୍ଡିଆ' ବୋଲି ଏକ ନମ୍ବର ପ୍ଲେଟ ମରାଯାଇଥିବା ନେଇ ଚର୍ଚ୍ଚା ହେଉଛି। କୌଣସି ସୂତ୍ରରୁ ଏସଂକ୍ରାନ୍ତରେ ସୂଚନା ପାଇ ୨ଟି ଫ୍ଲାଇଂ ସ୍କ୍ୱାଡର ଅଧିକାରୀ ଓ ପୋଲିସ ସମ୍ପୃକ୍ତ ହୋଟେଲରେ ପହଞ୍ଚି ଗାଡି ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସମୟରେ ଡ୍ରାଇଭର ହୋଟେଲ ସାମ୍ନାରେ ଥିବା ଗାଡିକୁ ନେଇ ଅନ୍ୟତ୍ର ଚାଲି ଯାଇଥିଲେ। ସ୍କ୍ୱାର୍ଡ ଅଧିକାରୀମାନେ ଉପସ୍ଥିତ କଂଗ୍ରେସ କର୍ମୀଙ୍କୁ ପଚାରିବାରୁ ଗାଡି ମରାମତି ହେବାକୁ ଯାଇଛି ବୋଲି କହିଥିଲେ। ଫଳରେ ଫ୍ଲାଇଂ ସ୍କ୍ୱାର୍ଡର ଅଧିକାରୀମାନେ ଖାଲି ହାତରେ ଫେରିଥିଲେ। ଏ ସମ୍ପର୍କରେ ଫ୍ଲାଇଂ ସ୍କ୍ୱାର୍ଡ ମୁଖ୍ୟ ତଥା ଭଦ୍ରକ ତହସିଲଦାର ପ୍ରଦୀପ ସାହୁଙ୍କୁ ପଚାରିବାରୁ କହିଛନ୍ତି, ଭଙ୍ଗାରୁଜା ହୋଇଥିବା ଗାଡି ଯାଞ୍ଚ ପରିସରକୁ ଆସି ନ ଥିବାରୁ ଏହାର ନମ୍ବର ପ୍ଲେଟ ସମ୍ପର୍କରେ କୌଣସି ସୂଚନା ମିଳି ନାହି। ତେବେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏ ନେଇ ଥାନାରେ ଟାଉନ ଥାନାରେ ଶୀଘ୍ର ଏକ ଏତଲା ଦିଆଯାଉଥିବା ବୋଲି ସେ କହିଛନ୍ତି।

# ଏନ୍‌କାଉଣ୍ଟରରେ ମାଷ୍ଟରମାଇଣ୍ଡଙ୍କ ବାପା, ୨ ଭାଇ ନିହତ

କଲମ୍ବୋ,୨୮।୪

### ତାମିଲଭାଷୀ ଶିକ୍ଷକଙ୍କ ସମେତ ୧୦୬ ଗିରଫ

**ଶ୍ରୀଲଙ୍କା ବିସ୍ଫୋରଣ**

ଶ୍ରୀଲଙ୍କା ଆତ୍ମଘାତୀ ବିସ୍ଫୋରଣର ମାଷ୍ଟରମାଇଣ୍ଡଙ୍କ ବାପା ଓ ଦୁଇଭାଇ ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। ସେମାନେ ରହୁଥିବା ଘର ଉପରେ ଶୁକ୍ରବାର ସୁରକ୍ଷା ବଳ ଚଢ଼ାଉ କରିଥିଲା। ଏହି ଏନ୍‌କାଉଣ୍ଟର ବେଳେ ୬ ଶିଶୁଙ୍କ ସମେତ ୧୫ ଜଣ ନିହତ ହୋଇଥିଲେ। ଅବିଶ୍ୱାସୀଙ୍କ ବିରୋଧରେ ଜିହାଦ ପାଇଁ ଆହ୍ୱାନ ଦେଉଥିବା ମାଷ୍ଟରମାଇଣ୍ଡଙ୍କ ଦୁଇଭାଇ ଜୈନି ହାଶିମ୍, ରିଲୱାନ ହାଶିମ୍ ଏବଂ ବାପା ମହମ୍ମଦ ହାଶିମ୍‌ଙ୍କ ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହୋଇଛି। ଇଷ୍ଟର ରବିବାରରେ ବିଭିନ୍ନ ଚର୍ଚ୍ଚ ଏବଂ ହୋଟେଲରେ ଆତ୍ମଘାତୀ ବିସ୍ଫୋରଣ ଘଟାଇ ୨୫୩ ଜଣଙ୍କ ଜୀବନ ନେଇଥିବା ଆତଙ୍କବାଦୀ ଆକ୍ରମଣର ରିଙ୍ଗ୍ ଲିଡର ଜହରନ୍ ହାଶିମ୍‌ର ଭିଣୋଇ ନିୟାଜ ଶରିଫ୍ ବୋଲି ସନ୍ଦେହ କରାଯାଉଛି।

ଏହି ଆକ୍ରମଣ ଘଟଣାରେ ବର୍ତ୍ତମାନ ସୁଦ୍ଧା ୧୦୬ ଜଣଙ୍କୁ ଶ୍ରୀଲଙ୍କା ପୋଲିସ ଗିରଫ କଲାଣି। ସେମାନଙ୍କ ମଧ୍ୟରେ ଜଣେ ତାମିଲ ମିଡିୟମ ସ୍କୁଲ୍‌ର ଶିକ୍ଷକ ଅଛନ୍ତି। ତାଙ୍କ ପାଖରୁ ୫୦ଟି ସିମ୍‌କାର୍ଡ ଏବଂ ଅନ୍ୟ ଆପରାଧିକ ସାମଗ୍ରୀ ଜବତ ହୋଇଛି। ଅପରାଧ ତଦନ୍ତ ବିଭାଗ ଶିକ୍ଷକ ତଥା ଅନ୍ୟମାନଙ୍କୁ ଜେରା କରୁଛି। ଅନ୍ୟ ସନ୍ଦିଗ୍ଧଙ୍କ ମଧ୍ୟରେ ଜଣେ ଡାକ୍ତର ଓ ଜଣେ ପ୍ରିନ୍ସିପାଲ ଥିବା ଜଣାପଡିଛି। ସେମାନେ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ଶ୍ରୀଲଙ୍କା ସରକାର ଏନଟିଜେ ଏବଂ ଆଇଏସ ସହ ସମ୍ପୃକ୍ତ ଅନ୍ୟ ଏକ ସଂଗଠନକୁ ବେଆଇନ ଘୋଷଣା କରିଛନ୍ତି। ଶୁକ୍ରବାର ଚଢ଼ାଉ ବେଳେ ନିଜକୁ ବିସ୍ଫୋରଣରେ ଉଡାଇ ଦେଇଥିବା ୩ ଆତଙ୍କବାଦୀ ଆଇଏସ୍‌ର ସଦସ୍ୟ ବୋଲି ଉକ୍ତ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଆକ୍ରମଣକୁ ଗୋଟିଏ ସପ୍ତାହ ବିତିଯାଇଥିଲାବେଳେ ଏହା ପଛରେ ଥିବା ସ୍ଥାନୀୟ ଆତଙ୍କବାଦୀ ସଂଗଠନ ନ୍ୟାଶନାଲ୍ ଥୋହିଡ଼ତ ଜମାତ୍ (ଏନ୍‌ଟିଜେ) ସଦସ୍ୟଙ୍କୁ ଗିରଫ କରିବା ଲାଗି ପୋଲିସ ଓ ସୁରକ୍ଷାବଳ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଅବ୍ୟାହତ ରହିଛି। ଆତ୍ମଘାତୀ ବିସ୍ଫୋରଣ ପରେ ଶ୍ରୀଲଙ୍କା ପର୍ଯ୍ୟଟନ ଶିଳ୍ପ କ୍ଷତିଗ୍ରସ୍ତ ହୋଇଛି। ୧୫ଟି ଦେଶରୁ ଶ୍ରୀଲଙ୍କାରେ ରହିଥିବା ବିଭିନ୍ନ ଧର୍ମର ପାଖାପାଖି ୧୬୦୦ ଶରଣାର୍ଥୀଙ୍କ ପ୍ରତି ବିପଦ ଦେଖାଦେଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ପାକିସ୍ତାନୀ ଖ୍ରୀଷ୍ଟିଆନ।

# ପ୍ରାକ୍ ମୌସୁମୀ ବର୍ଷା ୨୭% ହ୍ରାସ

ନୂଆଦିଲ୍ଲୀ,୨୮।୪(ପି.ଟି.)

### ବଢୁଛି ତାପମାତ୍ରା

ମାର୍ଚ୍ଚ-ଏପ୍ରିଲ୍ ଦୁଇ ମାସରେ ପ୍ରାକ୍ ମୌସୁମୀ ବର୍ଷା ୨୭ ପ୍ରତିଶତ ହ୍ରାସ ପାଇଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କୁହାଯାଇଛି। ତାପମାତ୍ରା କମାଇବାରେ ପ୍ରାକ୍ ମୌସୁମୀ ବର୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। କମ୍ ବର୍ଷା ଫଳରେ ଦେଶର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ଏହି ବର୍ଷା କେତେକ ଅଞ୍ଚଳରେ କୃଷି ପାଇଁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ମାର୍ଚ୍ଚ ୧ରୁ ଏପ୍ରିଲ ୨୪ ମଧ୍ୟରେ ସାରା ଦେଶରେ ୪୩.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି, ଯାହାକି ଦୀର୍ଘମିଆଦୀ ହାରାହାରି (ଏଲ୍‌ପିଏ)ଠାରୁ ୨୭ ପ୍ରତିଶତ କମ୍। ଏହି ସମୟ ମଧ୍ୟରେ ସ୍ୱାଭାବିକ ବୃଷ୍ଟିପାତ ୫୯.୬ ମିଲିମିଟର ରହିବା କଥା। ଉତ୍ତରପ୍ରଦେଶ, ଦିଲ୍ଲୀ, ପଞ୍ଜାବ, ହରିୟାଣା, ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ ଓ ହିମାଚଳପ୍ରଦେଶରେ ସର୍ବାଧିକ ୩୮ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଥିବାବେଳେ ଏହା ପଛକୁ ରହିଛି ଦକ୍ଷିଣ ଭାରତର ୫ ରାଜ୍ୟ। ସେଠାରେ ସ୍ୱାଭାବିକଠାରୁ ୩୧ ପ୍ରତିଶତ କମ୍ ବର୍ଷା ହୋଇଥିବା ଆଇଏମ୍‌ଡି ପକ୍ଷରୁ କୁହାଯାଇଛି। ସେହିପରି ପୂର୍ବ ଏବଂ ଉତ୍ତରପୂର୍ବାଞ୍ଚଳରେ ୨୩ ପ୍ରତିଶତ କମ୍ ବର୍ଷା ହୋଇଥିବାବେଳେ କେନ୍ଦ୍ରୀୟ ଭାରତରେ ସ୍ୱାଭାବିକ୍‌ଠାରୁ ୫ ପ୍ରତିଶତ ଅଧିକ ବୃଷ୍ଟିପାତ ହୋଇଛି। ପ୍ରାକ୍ ମୌସୁମୀ ବର୍ଷା ଓ ବଜ୍ରପାତରେ ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ ଓ ରାଜସ୍ଥାନରେ ଗୋଟିଏ ମାସରେ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି ଘଟିଛି।

ମାର୍ଚ୍ଚରୁ ଜୁନ୍ ମଧ୍ୟରେ ଅତ୍ୟଧିକ ତାପମାତ୍ରା ବୃଦ୍ଧି ପ୍ରାକ୍ ମୌସୁମୀ ବର୍ଷା କରାଇଥାଏ। ଆରବସାଗର ଏବଂ ବଙ୍ଗୋପସାଗରର ଜଳୀୟବାଷ୍ପପୂର୍ଣ୍ଣ ବାୟୁ କାଳବୈଶାଖୀ ବର୍ଷା କରାଇଥାଏ ବୋଲି ଆଇଏମ୍‌ଡିର ଅତିରିକ୍ତ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ଏହି ବର୍ଷା ବିଭିନ୍ନ ଅଞ୍ଚଳରେ ଆଖୁ, କପା ଓ ଉଦ୍ୟାନକୃଷି ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଓଡିଶାରେ ଜମି ହଳ କରିବାରେ ଏହି ବର୍ଷା ସହାୟକ ହୋଇଥାଏ ବୋଲି ଆଇଏମ୍‌ଡିର ପୂର୍ବତନ ମହାନିର୍ଦ୍ଦେଶକ ଲକ୍ଷ୍ମଣ ସିଂ ରାଠୋର କହିଛନ୍ତି।

## classifieds Everyday

0674-2580101, 2549302

**automobile**

**HIRE**

ଡେଲିଭରି ନିମନ୍ତେ ଅଟୋ ଏବଂ ମ୍ୟାଜିକ୍ (ଡ୍ରାଇଭର ସହ) ଭଡ଼ାରେ ଆବଶ୍ୟକ। Contact: 8018172594, 9078000108. D-66507

**real estate**

**SALE**

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

କଟକ- ଭୁବନେଶ୍ୱର Twincity ମଧ୍ୟରେ ନିର୍ମିତ ବୃହତ୍ତମ (Grand bazar) ସମ୍ମୁଖରେ ଘରବାରି ବାସୋପଯୋଗୀ plot ଶସ୍ତାରେ ମିଳୁଅଛି। Pramod: 9124321519. D-66355

ଭୁବନେଶ୍ୱର ରେତଙ୍ଗ ଷ୍ଟେସନ ପାଖରେ ଘରବାରି ପ୍ଲଟ କିଣି ଘର କରନ୍ତୁ। 9938066403. D-66358

Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332. D-66366

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

SC gharabari plot for sale just 1.9km. from NH-5 Hanspal- Puri Canal, sqft. 1250. 8763499150. D-12286

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66360

Gharabari plot sale Bhubaneswar, Sundarpada 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66367

**astrology**

କାଳୀ ଓ ବଙ୍ଗାଳୀ ଶକ୍ତିରେ ନିପୁଣ। ଯନ୍ତ୍ର-ମନ୍ତ୍ର-ତନ୍ତ୍ର ଦ୍ୱାରା ସମସ୍ୟାଗୁଡ଼ିକ ମୂଳରୁ ସମାପ୍ତ 100% ବଶୀକରଣ, ଋଣ ମୁକ୍ତି। 9779988848. D-12380

### ବୋଲେରୋରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ

କାକଟପୁର, ୨୮।୪(ଡି.ଏନ୍.ଏ.)

ପୁରୀ ଜିଲା ଅସ୍ତରଙ୍ଗ- କାକଟପୁର ମୁଖ୍ୟରାସ୍ତାର ସିନେମାହଲ ଛକଠାରେ ଶନିବାର ବିଳମ୍ବିତ ରାତିରେ ଫ୍ଲାଇଂ ସ୍କ୍ୱାଡ୍-୩ ଗାଡ଼ିମୋଟର ଯାଞ୍ଚ କରୁଥିବାବେଳେ ଏକ ବୋଲେରୋ (ଓଆର୍୦୨ବିଏମ୍-୨୪୨୭)ରୁ ୩ ଲକ୍ଷ ୨ ହଜାର ୭୭୦ ଟଙ୍କା ଜବତ କରିଥିଲେ। ଅସ୍ତରଙ୍ଗ ଥାନା ଆଇଆଇସି ରଞ୍ଜନ କୁମାର ମଲ୍ଲିକ, ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅସ୍ତରଙ୍ଗ ବ୍ଲକ ଅତିରିକ୍ତ ବିଡିଓ ମନୋଜ ବେହେରାଙ୍କ ତତ୍ତ୍ୱାବଧାନରେ ପୋଲିସ ଗାଡ଼ିଟିକୁ ଥାନାରେ ରଖି ଅଧିକ ତଦନ୍ତ ଜାରି ରଖିଛି। କୋଣାର୍କ ଅଞ୍ଚଳର ଜଣେ ଯୁବକ ଏହି ଟଙ୍କା ନିଜ ଭଉଣୀ ବାହାଘର ପାଇଁ ନେଇ ଯାଉଥିବା କହିଥିବାବେଳେ ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ମଲ୍ଲିକ କହିଛନ୍ତି। ଜଗତ୍‌ସିଂହପୁର ଲୋକ ସଭା ଅନ୍ତର୍ଗତ କାକଟପୁର ବିଧାନସଭା ଆସନ ପାଇଁ ସୋମବାର ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନକୁ ଅବାଧ, ନିରପେକ୍ଷ ତଥା ଶାନ୍ତିପୂର୍ଣ୍ଣ ଭାବେ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। କାକଟପୁର ବିଧାନସଭା ମଣ୍ଡଳୀର ବିଭିନ୍ନ ସ୍ଥାନରେ ଫ୍ଲାଇଂ ସ୍କ୍ୱାଡ୍ ଓ ପୋଲିସର ମିଳିତ ସର୍ଚ୍ଚ ଅପରେଶନ ଜାରି ରହିଛି।

# ଗର୍ଭବତୀ ସ୍ତ୍ରୀଙ୍କ ଗଳାକାଟି ସ୍ୱାମୀଙ୍କ ଆତ୍ମହତ୍ୟା ଉଦ୍ୟମ

ସୋର, ୨୮।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ପାରମହଲା ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଭୋର ସମୟରେ ଜଣେ ଯୁବକ ତାଙ୍କର ଗର୍ଭବତୀ ସ୍ତ୍ରୀଙ୍କ ଗଳାକୁ ଏକ ଧାରୁଆ ଛୁରିରେ କାଟିବା ପରେ ନିଜେ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଘଟଣାସ୍ଥଳରେ ଉକ୍ତ ମହିଳାଙ୍କ ମୃତ୍ୟୁ ଘଟିଛି। ସମ୍ପୃକ୍ତ ଯୁବକଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୋଲିସ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ପାରମହଲା ଗ୍ରାମରେ ସେକ ସାହାଜାନ (୩୦), ସ୍ତ୍ରୀ ବେବି ଖାତୁନ (୨୨) ଓ ତାଙ୍କ ମା' ନସବିନ ବିବି ରୁହନ୍ତି। ସାହାଜାନ ଓ ବେବି ଗୋଟିଏ ଘରେ ଶୋଇଥିବା ବେଳେ ମା' ନସବିନ ଅନ୍ୟ ଏକ ଘରେ ଶୋଇଥିଲେ। ହଠାତ୍ ଭୋର୍ ସମୟରେ ସ୍ୱାମୀ ସେକ ସ୍ତ୍ରୀଙ୍କ ବେକକୁ ଏକ ଧାରୁଆ ଛୁରିରେ କାଟି ଦେଇଥିଲେ। ସେ ଛଟପଟ ହେଉଥିବା ବେଳେ ପଡୋଶୀମାନେ ଦେଖି ସୋର ଥାନାକୁ ଜଣାଇଥିଲେ। ସୋର ଥାନା ଅଧିକାରୀ କ୍ଷମାସାଗର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ସ୍ୱାମୀ ସାହାଜାନଙ୍କୁ କାବୁ କରିବା ପାଇଁ ଉଦ୍ୟମ କରିଥିଲେ। ହେଲେ ସେ ଦୌଡ଼ି ପଳାଇଯାଇ ପୀରଙ୍କ ଆସ୍ଥାନ ମଧ୍ୟକୁ ପଶିଯାଇଥିଲେ। ଏହି ସମୟରେ ପୋଲିସ ତାଙ୍କ ପିଛା କରିବାରୁ ସେ ଧାରୁଆ ଛୁରିରେ ପୋଲିସକୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏଥିରେ ସଫଳ ନ ହେବାରୁ ମସ୍‌ଜିଦ ପରିସରରେ ଛୁରିରେ ନିଜ ବେକ ଓ ଦେହର ବିଭିନ୍ନ ସ୍ଥାନକୁ କାଟି ପକାଇଥିଲେ। ସୋର ଥାନା ଅଧିକାରୀ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଗୁରୁତର ଅବସ୍ଥାରେ ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସାଇଣ୍ଟିଫିକ୍ ଟିମ୍ ସୋର ପୋଲିସ ସହାୟତାରେ ଶୋଇବା ଘରୁ ବେବିଙ୍କ ମୃତଦେହକୁ ଉଦ୍ଧାର କରିଛି। ସୋର ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇଛି। ଏ ନେଇ ସୋର ଥାନାରେ ମାମଲା (ନଂ. ୧୮୫/୨୦୧୯) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଉଲ୍ଲେଖଯୋଗ୍ୟ, ସାହାଜାନ ଗତ ୬ମାସ ତଳେ ସୋର ମ୍ୟୁନିସିପାଲିଟି ଅଧୀନ ମୋହନପୁର ଗ୍ରାମର ସେକ କାଲାଙ୍କ ଝିଅ ବେବିଙ୍କୁ ବିବାହ କରିଥିଲେ। ସେ ୩ ମାସର ଗର୍ଭବତୀ ଥିବା ଜଣାପଡ଼ିଛି। ତେବେ କେଉଁ କାରଣରୁ ସେକ୍ ସ୍ତ୍ରୀଙ୍କ ଗଳାକାଟି ହତ୍ୟା କଲେ ତାହା ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ତଦନ୍ତ ପରେ ହତ୍ୟାର ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**: ଆଜିର ଏକାଦଶସ୍ଥ ଚନ୍ଦ୍ର ଆପଣଙ୍କ ପାରିବାରିକ ଜୀବନକୁ ଶାନ୍ତିପ୍ରଦ ରଖିବ। କର୍ମକ୍ଷେତ୍ରରେ ସହକର୍ମୀମାନେ ଯଥାସାଧ୍ୟ ସାହାଯ୍ୟ କରି ଶ୍ରମ ଲାଘବ କରିବେ। ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଶିଥିଳତା ପରିଲକ୍ଷିତ ହେଲେ ମଧ୍ୟ ଲାଭ କିଛିଊଣା ହେବନି। ସଭାସମିତି, ଗୃହ ନିର୍ମାଣ, ଜମିଜମା କାରବାର, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭୃତିରେ ସଫଳତା ହାସଲ କରିପାରିବେ।

**ବୃଷ**: ସପ୍ତମାଧିପତି ରାଶିରେ ଅବସ୍ଥାନ କରୁଥିବାରୁ ପ୍ରତିଦ୍ୱନ୍ଦ୍ୱୀହିଁ ଆପଣଙ୍କୁ ବୁଝାମଣା ଭିତ୍ତିରେ ସମାଧାନର ମାର୍ଗ ବତାଇ ପାରନ୍ତି। ସ୍ତ୍ରୀଙ୍କ ପରାମର୍ଶ ମାନି କାମ କଲେ ନିଶ୍ଚିତ ଉପକୃତ ହେବେ। ଆଜି ହାତକୁ ନେଇଥିବା କାମଗୁଡିକ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। କଳାତ୍ମକ ଦିଗରୁ ପ୍ରଶଂସିତ ହେବେ ଓ ସଭାସମିତିରେ ସମ୍ମାନିତ ହେବେ।

**ମିଥୁନ**: ଚନ୍ଦ୍ର କେନ୍ଦ୍ରସ୍ଥ ବୃହସ୍ପତି ଶୁଭ ଯୋଗ ସୃଷ୍ଟି କରୁଥିବାରୁ କୌଣସି କାମ ଅଟକି ରହିବ ନାହିଁ। ନିଜର ଅନ୍ତରଙ୍ଗ ବନ୍ଧୁମାନଙ୍କ ସହ ଭ୍ରମଣ ସୁଯୋଗ ଲାଭ କରିବେ। କୌଣସି କ୍ଷେତ୍ରରେ ଦ୍ୱିଧାବୋଧ ନ କରି ମନର ଭାବକୁ ପ୍ରକାଶ କରିପାରିଲେ କାମ ହାସଲରେ ସମର୍ଥ ହେବେ। ଦୀର୍ଘ ଦିନରୁ ଲାଗି ରହିଥିବା ପରୋକ୍ଷ ଶତ୍ରୁତା ସାମାନ୍ୟ ବ୍ୟତିକ୍ରମ ସୃଷ୍ଟି କରିପାରେ।

**କର୍କଟ**: ଚନ୍ଦ୍ର ଅଷ୍ଟମ ଭାବସ୍ଥ ଯୋଗୁଁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ୍ୟ ପୂର୍ଣ୍ଣ ଆରୋଗ୍ୟ ଲାଭ ହୋଇନପାରେ। ଗତକାଲିଠାରୁ ଅଟକି ରହିଥିବା କାମଟି ଆଜିହିଁ ପୂର୍ଣ୍ଣାଙ୍ଗ ହୋଇଯିବ। ବହୁ ଦିନରୁ ବାକି ପଡିଥିବା ଅର୍ଥ ଲାଭ ଅବଶ୍ୟମ୍ଭାବୀ। ଶିଳ୍ପ, ବାଣିଜ୍ୟ, ଯାତ୍ରା, ରାଜନୀତି, ପ୍ରଶାସନ, କ୍ଷେତ୍ରରେ ସମସ୍ୟାକୁ ସୁଧାରି ନେବା ପାଇଁ ପ୍ରୟତ୍ନ କରିବେ।

**ସିଂହ**: ରବି ଉଚ୍ଚସ୍ଥ ରହିଥିବାରୁ ସମସ୍ତ ସମସ୍ୟାକୁ ପ୍ରତିହତ କରି କର୍ମକ୍ଷେତ୍ରରେ ଅବତୀର୍ଣ୍ଣ ହେବେ। ଆବଶ୍ୟକ ଅର୍ଥ ଲାଭର ଯୋଜନା ଫଳପ୍ରଦ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ପ୍ରିୟଜନମାନଙ୍କୁ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। କିନ୍ତୁ ସାମାଜିକ ସ୍ତରରେ ଲୋକାଚାରକୁ ଭୟ କରି କୌଣସି କାର୍ଯ୍ୟରେ ଆଗକୁ ବଢ଼ିପାରିବେ।

**କନ୍ୟା**: ରାଶିର ତୃତୀୟସ୍ଥ ବୃହସ୍ପତି ଭାଗ୍ୟସ୍ଥାନକୁ ଦେଖୁଥିବାରୁ କୌଣସି ନୂତନ କର୍ମାରମ୍ଭ ସକାଶେ ମନ ବଳାଇ ପାରନ୍ତି। ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ, କିନ୍ତୁ ସମସ୍ୟା ସମାଧାନର ରାସ୍ତା ମଧ୍ୟ ଖୋଜି ପାଇବେ। ଆନୁଷ୍ଠାନିକ କାମରେ ବ୍ୟସ୍ତତା ବୃଦ୍ଧି ପାଇବା ସାଙ୍ଗକୁ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ତୁଳା**: ଷଷ୍ଠସ୍ଥ ଶୁକ୍ର ଉଚ୍ଚାବସ୍ଥାନ ଯୋଗୁଁ ଶୁଭଫଳ ସ୍ୱରୂପ ହସ, ଖୁସିରେ ସମୟ ଅତିବାହିତ କରିପାରନ୍ତି। ଆଜିର ସକାଳୁଆ ଯାତ୍ରା, ବନ୍ଧୁମାନଙ୍କ ସହ ଆଲୋଚନା, ସଭାସମିତି, ଚୁକ୍ତିପତ୍ର, ପ୍ରେସ୍ ଓ ପବ୍ଲିକେଶନର ସ୍ଥିତି ପ୍ରାୟତଃ ଠିକ୍ ରହିବ। ଆଶା କରୁଥିବା ଦିଗରୁ ଅର୍ଥ ପାଇବେ, କିନ୍ତୁ ଏଥିପାଇଁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ।

**ବିଛା**: ସମୟର ଅନୁକୂଳତା ଆପଣଙ୍କୁ ନୂତନ କର୍ମର ଯୋଜନା ମାଧ୍ୟମରେ ବିଶ୍ରାମହୀନ କାର୍ଯ୍ୟ କରାଇପାରେ। ନିଜର ମନେ କରୁଥିବା ବ୍ୟକ୍ତି ଛଳନାତ୍ମକ କଥା କହି ଫାଇଦା ହାସଲର ଚିନ୍ତା କରିପାରେ। କାମଗୁଡିକ ସହଜ ମନେହେବ ଏବଂ ବହୁତ ଦିନରୁ ରହି ଆସିଥିବା ଅପୂରଣୀୟ ଅଭିଳାଷ ପୂରଣ ହୋଇପାରେ। ପାରିବାରିକ ସୁସ୍ଥତା ଫେରିପାଇବାରୁ ମନ ଖୁସି ହୋଇଯିବ।

**ଧନୁ**: ଆଜିର ଗ୍ରହସ୍ଥିତିର କୁପ୍ରଭାବରେ କୌଣସି ବନ୍ଧୁ କିମ୍ବା ପଡ଼ୋଶୀଙ୍କ କଥାରେ ପ୍ରଭାବିତ ହୋଇ ପାରିବାରିକ ଅଶାନ୍ତି ଉପୁଜିଲା ଭଳି କାମ କରିବେ। କର୍ମକ୍ଷେତ୍ରରେ ନିଜର ପ୍ରାଧାନ୍ୟତା ବିସ୍ତାର କରି କାମ ହାସଲରେ ସମର୍ଥ ହେବେ। ଆକସ୍ମିକ ଭାବରେ ଅର୍ଥ ସମ୍ପର୍କ, ବିବାଦୀୟ ଘଟଣା, ଫ୍ଲାଟ କାରବାର, ଧାତୁ, ଅଳଙ୍କାରାଦି କ୍ଷେତ୍ରରେ କୌଣସି ସମସ୍ୟା ଉପୁଜିବ।

**ମକର**: ଦ୍ୱିତୀୟସ୍ଥ ଚନ୍ଦ୍ର ପ୍ରଭାବରେ ଆପଣ ମନ ଖୁସି ହେତୁ ସହୃଦୟତାର ସହ କାମ କରିବା ସକାଶେ ମନ ବଳାଇବେ। ତଥାପି ଭୁଲ୍ ବୁଝାମଣା କାରଣରୁ ଅତି ଭଲ ସମ୍ପର୍କ ଥିବା ବ୍ୟକ୍ତିମାନେ ପରୋକ୍ଷ ଭାବରେ ଶତ୍ରୁତା ଆଚରଣ କରିପାରନ୍ତି। ଆର୍ଥିକ ସ୍ଥିତି ମଧ୍ୟ ମନ୍ଦ ହେବନି। ବ୍ୟବସାୟୀମାନେ ପ୍ରାଧାନ୍ୟ ବିସ୍ତାର କରି ବନ୍ଧୁଙ୍କ ସମସ୍ୟାକୁ ସୁଧାରି ନେବେ।

**କୁମ୍ଭ**: କର୍ମାଧିପତି କର୍ମସ୍ଥାନକୁ ଅବଲୋକନ କରୁଥିବାରୁ ଗତକାଲିଠାରୁ ସ୍ଥଗିତ କାମକୁ ଆଜି ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେବେ। କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ପରିବାର ଭିତରେ ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ। ଶିଳ୍ପ, ବ୍ୟବସାୟ, ପରିବହନ, ନିର୍ମାଣ, କଚେରି ମାମଲା ଓ ସଭାସମିତିରେ ସୁଫଳ ପାଇବେ।

**ମୀନ**: ଚତୁର୍ଥ କେନ୍ଦ୍ରରେ ବଳବାନ୍ ରାହୁ ଆପଣଙ୍କ କର୍ମକ୍ଷେତ୍ର ଓ ପାରିବାରିକ ଜୀବନରେ ସମସ୍ୟା ସୃଷ୍ଟି କରିପାରେ। ଯାହା କିଛି ସାଧାରଣ ସମସ୍ୟା ରହିଛି, ସେଥିରେ ବିଶେଷ କିଛି ଅସୁବିଧା ହେବ ନାହିଁ। ବ୍ୟବସାୟ ଓ ପରିବହନ ପ୍ରଭୃତି ବିଭିନ୍ନ ଦିଗରୁ ଲାଭବାନ୍ ହେବେ। ସାମାଜିକ କ୍ଷେତ୍ରରେ, ରାଜନୈତିକ, ସାଙ୍ଗଠନିକ ସ୍ଥିତିରେ ବନ୍ଧୁମିଳନରୁ ଆନନ୍ଦିତ ହେବେ।

ଆଜି ବୈଶାଖ କୃଷ୍ଣ ଦଶମୀ ସୋମବାର, ଏପ୍ରିଲ ୨୯ ତାରିଖ, ବିଶ୍ୱ ନୃତ୍ୟ ଦିବସ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମିଥୁନ ରାଶିର ଘାତବାର, ଅଦ୍ୟ ଗୃହପ୍ରବେଶ ପାଇଁ ପ୍ରଶସ୍ତ ଦିନ। ଦିବା ଘ୬।୫୨ମି. ମଧ୍ୟେ ଘ୧।୨୨ମି. ଗତେ, ଘ୨।୫୭ମି. ମଧ୍ୟେ ଘ୪।୩୨ମି. ଗତେ, ଘ୬।୦୭ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୭ମି. ଗତେ ଘ୧୦।୦୩ମି. ମଧ୍ୟେ ରାହୁକାଳ।




## କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଚଢ଼ାଉ

# ୩୨ କେଜି ଗଞ୍ଜେଇ, କାର ଜବତ: ୩ ଗିରଫ

**କଟକ ଅଫିସ, ୨୮।୪:** କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ରବିବାର କଟକ ଲିଙ୍କ୍‌ରୋଡ ନିକଟରେ ଚଢ଼ାଉ କରାଯାଇ ଏକ କାର୍ (ନଂ. ଓଡି୦୨ଏୱାଇ-୬୮୩୦) ସହ ୩୨ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଗଞ୍ଜେଇ କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କନ୍ଧମାଳ ଅଞ୍ଚଳର ଆଶିଷ ଦିଗଲ୍(୩୧), ମନୋମାଲିଆ ଦିଗଲ୍(୩୨) ଓ ରଞ୍ଜନ ଦିଗଲ୍(୨୬)। ସେମାନେ ଏକ ଇଞ୍ଜିନିୟରିଂ କଲେଜର ଛାତ୍ର ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ କନ୍ଧମାଳ ଅଞ୍ଚଳରୁ ଏକ କାରରେ ଗଞ୍ଜେଇ ନେଇ ବାଲେଶ୍ୱର ଯାଉଥିବା ଅବକାରୀ ବିଭାଗ ସୂଚନା ପାଇଥିଲା। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଉକ୍ତ ବିଭାଗର ଇନ୍ସପେକ୍ଟର ଜଗଦୀଶ ଚନ୍ଦ୍ର ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ଲିଙ୍କ୍‌ରୋଡ ଛକରେ ଜଗି ରହିଥିଲା। ସକାଳେ ସେମାନେ କାର୍‌ରେ ଗଞ୍ଜେଇ ନେଇ ସେହିବାଟେ ଯାଉଥିବାବେଳେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ସେମାନଙ୍କୁ ଗିରଫ କରାଯାଇଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

# ମଧୁସୂଦନଙ୍କୁ ମରଣୋତ୍ତର ଭାରତରତ୍ନ ଦାବି

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ମରଣୋତ୍ତର ‘ଭାରତରତ୍ନ’ ପ୍ରଦାନ କରିବାକୁ ଦାବି କରିଛନ୍ତି ଓଡ଼ିଶାର ସମସ୍ତ ଓକିଲ ସଂଘ। ମଧୁବାବୁଙ୍କ ୧୭୧ତମ ଜୟନ୍ତୀ ଅବସରରେ ରାଜ୍ୟରେ ଥିବା ସମସ୍ତ ଛୋଟବଡ଼ ଓକିଲ ସଂଘ ପକ୍ଷରୁ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବା ସହ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ମଧୁବାବୁଙ୍କୁ ମରଣୋତ୍ତର ଭାରତରତ୍ନ ଦାବିରେ ଲୟର୍ସ ଗ୍ରୁପ୍ ପକ୍ଷରୁ ମଧୁବାବୁଙ୍କ ପ୍ରଥମ କର୍ମକ୍ଷେତ୍ର କୋଲକାତାରୁ ଦସ୍ତଖତ ଅଭିଯାନ ଆରମ୍ଭ ହେବା ପରେ ଆଣ୍ଡାମାନ, କର୍ଣ୍ଣାଟକ ସମେତ ବିଭିନ୍ନ ରାଜ୍ୟ ଏବଂ ଓଡ଼ିଶାର ବିଭିନ୍ନ ଜିଲାରେ ଏହି ଅଭିଯାନ କରାଯାଇଛି।

ଅନ୍ୟପକ୍ଷରେ ଭୁବନେଶ୍ୱର ବାର୍ ଆସୋସିଏଶନ ପକ୍ଷରୁ ରବିବାର ବାର୍ ଆସୋସିଏଶନ କାର୍ଯ୍ୟାଳୟରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଡ. ଗଣେଶୀ ଲାଲ୍ ଯୋଗଦେଇଥିଲେ। ମଧୁବାବୁ କେବଳ ଓଡ଼ିଶା ନୁହେଁ, ସମଗ୍ର ବିଶ୍ୱର ଅସ୍ମିତାର ପ୍ରତୀକ। ତାଙ୍କ କୃତିତ୍ୱ, ଅବଦାନ ପାଇଁ ସେ ଭାରତରତ୍ନ ନୁହେଁ, ବରଂ ବିଶ୍ୱରତ୍ନ ପାଇବାର ଯୋଗ୍ୟ। ଯଦି ସେଭଳି ସମ୍ମାନ ଥାଆନ୍ତା, ତା’ ହେଲେ ତାହା ବି ତାଙ୍କ ପାଇଁ ଛୋଟ ହୋଇଥାଆନ୍ତା ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ହାଇକୋର୍ଟ ମୁଖ୍ୟ ବିଚାରପତି କଳ୍ପେଶ ସତ୍ୟେନ୍ଦ୍ର ଜାଭେରୀ ଯୋଗଦେଇ ମଧୁବାବୁଙ୍କର ଓଡ଼ିଶା ପ୍ରତି ରହିଥିବା ଅବଦାନ ସମ୍ପର୍କରେ କହିଥିଲେ। ଏହି ଅବସରରେ ଚଳିତବର୍ଷ ଲାଗି ଜଷ୍ଟିସ୍ ପ୍ରମଥ ପଟ୍ଟନାୟକଙ୍କୁ ‘ମଧୁସୂଦନ ଦାସ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ମହାତ୍ମା ଗାନ୍ଧୀଙ୍କ ଭଳି ଓଡ଼ିଶାର ସବୁ କୋର୍ଟରେ ମଧୁସୂଦନ ଦାସଙ୍କ ଫଟୋ ସ୍ଥାନିତ କରିବାକୁ ଭୁବନେଶ୍ୱର ବାର୍ ଆସୋସିଏଶନ ଉପସଭାପତି ଶୀଳଭଦ୍ର ଶାସ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆସୋସିଏଶନ ସଭାପତି ବୀରେନ୍ଦ୍ର କୁମାର ପଟ୍ଟନାୟକ ଓ ସମ୍ପାଦକ ବିଶ୍ୱନାରାୟଣ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଉପସ୍ଥିତ ଆଇନଜୀବୀମାନେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ।



ଭୁବନେଶ୍ୱର ବାର୍ ଆସୋସିଏଶନ ପକ୍ଷରୁ ଆୟୋଜିତ ମଧୁବାବୁଙ୍କ ୧୭୧ତମ ଜୟନ୍ତୀ ଉତ୍ସବ।

# ଏକାଧିକ ପ୍ରସଙ୍ଗ ନେଇ ସିଇଓଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ଏକ ନିର୍ଦ୍ଦିଷ୍ଟ ଫୋନ୍ ନମ୍ବରରୁ କେନ୍ଦ୍ରାପଡ଼ା ଲୋକ ସଭାର ଭାଜପା ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କୁ ଭୋଟ ଦେବା ପାଇଁ କଲ୍ ଆସୁଛି। ପ୍ରଚାର ସରିବା ପରେ ଏପରି କଲ୍ ଆସିବା ଆଇନର ବିରୁଦ୍ଧାଚରଣ ବୋଲି ବିଜେଡି ପକ୍ଷରୁ କୁହାଯାଉଛି। ଏହିପରି କଲ୍ ସେବା ଯୋଗାଇ ଦେଉଥିବା ସଂସ୍ଥାକୁ ତୁରନ୍ତ ବନ୍ଦ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ପଦକ୍ଷେପ ନିଅନ୍ତୁ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏ ନେଇ ରବିବାର ବିଜେଡିର ଏକ ପ୍ରତିନିଧି ଦଳ ସିଇଓ ସୁରେନ୍ଦ୍ର କୁମାରଙ୍କୁ ଭେଟି ଅଭିଯୋଗ କରିଛି। ସୋମବାର ନିର୍ବାଚନ ଥିବାରୁ ସିଇଓ ତୁରନ୍ତ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଦଳର ମୁଖପାତ୍ର ସସ୍ମିତ୍ ପାତ୍ର କହିଛନ୍ତି। ସେହିପରି ଓଟିଭିର ଏକାଧିକ ଟିମ୍ କେନ୍ଦ୍ରାପଡ଼ା ଅଞ୍ଚଳରେ ରହିଥିବା ବିଜେଡି ଅଭିଯୋଗ କରିଛି। ଓଟିଭିର କିଛି କର୍ମଚାରୀ ସେହି ଲୋକ ସଭା ନିର୍ବାଚନମଣ୍ଡଳୀରେ ଅର୍ଥ ବାଣ୍ଟୁଥିବା ନେଇ ଅଭିଯୋଗ କରାଯାଇଛି। ଏ ନେଇ ଶନିବାର ଅଭିଯୋଗ କରାଯାଇଥିଲେ ହେଁ ସିଇଓଙ୍କ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ବିଜେଡି ପକ୍ଷରୁ କୁହାଯାଇଛି। ତେଣୁ ଉପରୋକ୍ତ ଦୁଇ ପ୍ରସଙ୍ଗରେ ସିଇଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ବିଜେଡି ମୁଖପାତ୍ର ସୁଲତା ଦେଓ କହିଛନ୍ତି।

# କ୍ଷମତାର ଅହଂକାର କେତେକଙ୍କୁ ଏକଚ୍ଛତ୍ରବାଦୀ କରାଇଛି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୮।୪(ବ୍ୟୁରୋ)



ଦୀର୍ଘଦିନ କ୍ଷମତାର ଅହଙ୍କାର କିଛି ଲୋକଙ୍କୁ ଏକଚ୍ଛତ୍ରବାଦୀ ମାନସିକତାରେ ପହଞ୍ଚାଇଛି ବୋଲି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସାମାଜିକ ଗଣମାଧ୍ୟମ ଜରିଆରେ ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, ମଧୁସୂଦନ ଦାସ ଆଧୁନିକ ଓଡିଶାର ପରିଚୟ, ସ୍ୱପ୍ନ ଓ କଳ୍ପନା ଦେଖିଥିବା ଏବଂ ଓଡିଶାକୁ ବିଶ୍ୱ ଦରବାରରେ ଏକ ବଡ ପରିଚୟ ଦେଇଥିବା ବ୍ୟକ୍ତି ଅଟନ୍ତି। ଓଡିଶା ଏକ ସାଂସ୍କୃତିକ ପ୍ରଦେଶ ହୋଇଥିବା ବେଳେ ଏଠାରେ ଭାଷା ଆଧାରିତ ରାଜ୍ୟର କଳ୍ପନା ମଧୁବାବୁ ଓ ତାଙ୍କ ସମସାମୟିକ ନେତୃତ୍ୱରେ କରାଯାଇଥିଲା ବୋଲି ଧର୍ମେନ୍ଦ୍ର କହିଛନ୍ତି। ସେ ଆହୁରି କହିଛନ୍ତି ଯେ, କେବଳ ବ୍ୟବସାୟ ନୁହେଁ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ଛାପ ଆଦି ସମ୍ପୂର୍ଣ୍ଣ ଦକ୍ଷିଣ ପୂର୍ବ ଏସିଆରେ ଓଡିଶାର ସାଧବ ପୁଅମାନଙ୍କ ଯୋଗୁ ହିଁ ଦେଖାଯାଉଛି । ସେମାନେ ହିଁ ବିଶ୍ୱ ଦରବାରରେ ଓଡିଶାକୁ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି। ବାଲେଶ୍ୱର, ଭଦ୍ରକ, ଯାଜପୁର, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡାର ଯୁବକ ଓଡିଶାରୁ ଶ୍ରୀଲଙ୍କା ଯାଇ ବୌଦ୍ଧ ସଂସ୍କୃତିର ପ୍ରଚାର କରିଥିଲେ। ଶ୍ରୀଲଙ୍କାରେ ଏକ ସଂସ୍କୃତି ପ୍ରତିଷ୍ଠା କରିଥିବା ଏହି ଓଡିଆ ଯୁବକମାନେ କ’ଣ ଓଡିଶାର ପରିଚୟ ନୁହନ୍ତି। ଯେଉଁମାନେ ପ୍ରଜାତନ୍ତ୍ରରେ ଭାବନ୍ତି ଆମେ ଏକଚାଟିଆ ମନୋଭାବ ଦେଖାଇ ନିଜେ ଗୋଟିଏ ବିଚାର ବା କାଳଖଣ୍ଡକୁ ହାତରେ କରିନେବୁ,ଏହି ମାନସିକତା ଭୁଲ୍ ବୋଲି ପ୍ରମାଣିତ ହେବ। ଇତିହାସରେ ଏହାର ଅନେକ ନଜିର ଦେଖାଯାଇଥିବା ଧର୍ମେନ୍ଦ୍ର କହିଛନ୍ତି।

# ବାଇକ୍-ବୋଲେରୋ ଧକ୍କା, ୩ ଛାତ୍ର ମୃତ

ରାମନାଗୁଡ଼ା,୨୮।୪(ଡ଼ି.ଏନ.ଏ)-

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ସୁଣ୍ଡିଆସୁଣୀ ପଞ୍ଚାୟତର ରଙ୍ଗମାଟି ଗ୍ରାମ ନିକଟରେ ରବିବାର ବୋଲେରୋ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଫଳରେ ୩ ଛାତ୍ରଙ୍କ ମୃତ୍ୟୁ ହୋଇଛି । ମୃତକମାନେ ହେଲେ ନାଗେଶ୍ୱର କୁମ୍ଭିରିକା(୧୪),ମହେଶ୍ୱର କୁମ୍ଭିରିକା(୧୩) ଓ ବାଇକ ଚାଳକ ଗୋବିନ୍ଦ କୁମ୍ଭିରିକା(୧୭) । କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ବିଷମକଟକ ତାଣ୍ଡିକଣା ରାସ୍ତା ଅବରୋଧ କରିଛନ୍ତି । ଉକ୍ତ ୩ ଜଣ ତାଣ୍ଡିକଣା ଗ୍ରାମରୁ ଭୋଜିଖାଇ ବାଇକ(ଓଡ଼ି୧୮ଡ଼ି ୦୧୭୨)ରେ ବିଷମକଟ ବ୍ଲକ ଦୁର୍ଗୀ ପଞ୍ଚାୟତ କଣ୍ଡମପଦର ଗ୍ରାମକୁ ଫେରୁଥିଲେ । ରଙ୍ଗମାଟି ଗ୍ରାମ ନିକଟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ବୋଲେରୋ(ଓଆର୧୮ ବି ୨୮୧୫) ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ନାଗେଶ୍ୱର ଓ ମହେଶ୍ୱରଙ୍କ ମୃତ୍ୟୁ ହୋଇଥିଲା । ଗୁରୁତର ଥିବା ଗୋବିନ୍ଦଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି । ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ବିଷମକଟକ-ତାଣ୍ଡିକଣା ରାସ୍ତା ଅବରୋଧ କରିଥିଲେ । ଖବରପାଇ ରାମନାଗୁଡ଼ା ଫାଣ୍ଡି ଅଧିକାରୀ ଏବଂ ଗୁଣପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ମିଳିନାହିଁ । ଖବର ଲେଖାଯିବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରି ରହିଛି ।

# ରହସ୍ୟଘେରରେ ଆଦିତ୍ୟଙ୍କ ମୃତ୍ୟୁ

ବାରିପଦା ଅଫିସ,୨୮।୪

ବାରିପଦା ସହର ୨୫ ନମ୍ବର ୱାର୍ଡ ଛାଞ୍ଚ ଅଞ୍ଚଳର ଆଦିତ୍ୟ ନାରାୟଣ ପଣ୍ଡା ନାମକ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପା ହରିଶ୍ଚନ୍ଦ୍ର ପଣ୍ଡା ରବିବାର ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ମୃତ ଆଦିତ୍ୟଙ୍କ ପତ୍ନୀ ହତ୍ୟା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ତାଙ୍କ ସ୍ୱାମୀ ରାତିରେ ନିଃଶ୍ୱାସ ନେଇ ନ ପାରି ତଳେ ପଡି ଯାଇଥିଲେ। ତାଙ୍କୁ ଡାକ୍ତରଖାନା ନିଆଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ପରିପ୍ରେକ୍ଷୀରେ ଉକ୍ତ ଘଟଣା ଏବେ ରହସ୍ୟଘେରରେ ରହିଛି। ଟାଉନ ଥାନା ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁ କଥା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ବର୍ତ୍ତମାନ ସୁଦ୍ଧା କାହାକୁ ଗିରଫ କରାଯାଇ ନାହିଁ। ପୋଲିସ ସୂଚନା ଅନୁଯାୟୀ ଆଦିତ୍ୟ ପୋଷ୍ଟାଲ ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ୨୦୧୧ରେ ସେ ପ୍ରେମ ବିବାହ କରିଥିଲେ। ତାଙ୍କ ସ୍ତ୍ରୀ ଅନ୍ୟ ଜାତିର ହୋଇଥିବାରୁ ଘରେ ଅଶାନ୍ତି ଲାଗି ରହୁଥିଲା। ଆଦିତ୍ୟ ଓ ତାଙ୍କ ବାପା ହରିଶ୍ଚନ୍ଦ୍ର ଏକାଠି ରହୁ ନ ଥିଲେ। ଘର ଛାଡି ନିକଟସ୍ଥ ଅନ୍ୟ ଏକ ଘରେ ହରିଶ୍ଚନ୍ଦ୍ର ଭଡାରେ ରହୁଥିଲେ। ଶନିବାର ରାତିରେ ପୁଅର ଚିତ୍କାର ଶୁଣି ସେଠାକୁ ଯାଇ ତାଙ୍କ ତଣ୍ଟି ଓ ନାକରୁ ରକ୍ତ ବାହାରୁଥିବା ଦେଖି ଏକ ଅଟୋ ଯୋଗେ ବାରିପଦା ମେଡିକାଲକୁ ନେଇ ଆସିଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ଏହା ଏକ ହତ୍ୟାକାଣ୍ଡ ବୋଲି ସେ ଦର୍ଶାଇଥିବା ବେଳେ ଆଦିତ୍ୟଙ୍କ ସ୍ତ୍ରୀ ଏହାକୁ ଅସ୍ୱୀକାର କରିବା ଘଟଣାକୁ ରହସ୍ୟାବୃତ କରିଛି।

## ପୋଖରୀରେ ବୁଡ଼ି ଶିଶୁ ମୃତ

ଚମ୍ପୁଆ, ୨୮।୪(ଡ଼ି.ଏନ.ଏ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଭୋଦପଶି ଗ୍ରାମର ଜଣେ ୫ବର୍ଷର ଶିଶୁ ପୋଖରୀରେ ବୁଡି ମୃତ୍ୟୁବରଣ କରିଛି। ବାରିଆ ଥାନା ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତମଣି ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଭୋଦପଶି ଗ୍ରାମର ବିଭୁତି ମହାନ୍ତଙ୍କ ପୁତ୍ର କ୍ରିସ୍ ରବିବାର ସକାଳେ ଗାଧୋଇବାକୁ ଯାଇ ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଆଣୁଥିବା ବେଳେ ବାଟରେ ମୃତ୍ୟୁ ହୋଇଥିଲା ।

## ଛାତରୁ ପଡ଼ି ମହିଳାଙ୍କ ମୃତ୍ୟୁ

ଢେଙ୍କିକୋଟ, ୨୮।୪(ଡ଼ି.ଏନ.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ପିପିଲିଆ ପଞ୍ଚାୟତ ଚାନ୍ଦପଶି ଗ୍ରାମରେ ଛାତରୁ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ହେଲେ ଚାନ୍ଦପଶି ଗ୍ରାମର ବୁଦୁନି ମୁଣ୍ଡା। ଗତ ୨୬ ତାରିଖରେ ବୁଦୁନି ଧାନ ଶୁଖାଇବାକୁ ଯାଇ କାଠସିଡ଼ି ଭାଙ୍ଗିଯିବାରୁ ସେ ତଳକୁ ଖସିପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସିତ ଅବସ୍ଥାରେ ଗତକାଲି ମୃତ୍ୟୁ ଘଟିଛି।

# ଆତଙ୍କ ଖେଳାଇଛନ୍ତି କୁଲଡ଼ିହା ହାତୀ

## ଜଣଙ୍କୁ କଚାଡ଼ି ମାରିଲେ

ନୀଳଗିରି/ସଜନାଗଡ଼, ୨୮।୪(ଡି.ଏନ.ଏ.)

କିଛିମାସ ହେଲା ନୀଳଗିରି ବ୍ଲକ ଅଧୀନ କୁଲଡ଼ିହା ଅଭୟାରଣ୍ୟର ହାତୀପଲ ବନାଞ୍ଚଳ ନିକଟସ୍ଥ ଗ୍ରାମରେ ପଶି ବହୁ ଘର, ବିଭିନ୍ନ ପ୍ରକାର ଫସଲ ନଷ୍ଟ କରିଆସୁଛନ୍ତି। ଏଥିପ୍ରତି ବନବିଭାଗର ଚେତା ପଶୁନି। ରବିବାର ଏକ ହାତୀ ଜଣେ ବ୍ୟକ୍ତିଙ୍କୁ କଚାଡ଼ି ମାରି ଦେଇଥିବା ଜଣାପଡ଼ିଛି।

ବରହମପୁର ଥାନା ଜାମୁନା ଗ୍ରାମର ରାମଚନ୍ଦ୍ର ସାମମଲ୍ (୫୫) ପୂର୍ବାହ୍ନରେ ଜାଳେଣି କାଠ ସଂଗ୍ରହ ସହିତ ଚାରକୋଳି ତୋଳିବା ପାଇଁ କୁଲଡ଼ିହା ଅଭୟାରଣ୍ୟର କଇମହୁଡ଼ି ଜଙ୍ଗଲକୁ ଯାଇଥିଲେ। ସେଠାରେ ଏକ ହାତୀ ହଠାତ୍ ଆକ୍ରମଣ କରି ତାଙ୍କୁ କଚାଡ଼ି ଗୋଡରେ ଦଳି ଚକଟି ମାରି ଦେଇଛି। ରାମଚନ୍ଦ୍ରଙ୍କ ସହିତ ଯାଇଥିବା ଅନ୍ୟ ୨ଜଣ ଭୟଭୀତ ହୋଇ ଘଟଣାସ୍ଥଳରୁ ପଳାଇଆସି ବନବିଭାଗ ଏବଂ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବରପାଇ ଅପରାହ୍ନରେ ବନକ୍ଷେତ୍ରାଧିକାରୀ ଲକ୍ଷ୍ମଣ କୁମାର ପ୍ରଧାନଙ୍କ ସମେତ ବରହମପୁର ଥାନା ଅଧିକାରୀ ଅଜୟ ମୁର୍ମୁ ଟିମ୍ ସହ ପହଞ୍ଚିଥିଲେ। ପୋଲିସ୍ ପକ୍ଷରୁ ମୃତଦେହକୁ ତନଖି କରାଯାଇ ବ୍ୟବଚ୍ଛେଦ ପାଇଁ ନୀଳଗିରି ମେଡ଼ିକାଲ ଅଣାଯାଇଛି। ତେବେ ମୃତକଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।



> ପ୍ରକୃତ ଗୁଣବାନ ଓ ବୁଦ୍ଧିମାନ ମଣିଷଟିଏ– ଅଥବା ସଭ୍ୟ ଓ ମାର୍ଜିତ ମଣିଷଟିଏ ତା' ନିଜର ମନଟିକୁ ଏପରି ଭାବେ ସଂଗଠିତ କରିଥାଏ ଯେ, ସେ ଯେଉଁ ପରିସ୍ଥିତିରେ ବାସକରେ, ସେହି ପରିସ୍ଥିତିରେ ମହାନ୍ ଆଦର୍ଶ ସଙ୍ଗେ ସେ ନିଜର ସଙ୍ଗତି ରକ୍ଷା କରି ଚଳିପାରିବାର ଦକ୍ଷତା ଅର୍ଜନ କରିଥାଏ।
> –ଶ୍ରୀମା

# କମ୍ପାନୀ ହାତରେ ଚାଷ

ଭାରତରେ ଏବେ ସାଧାରଣ ନିର୍ବାଚନ ଚାଲିଥିବାରୁ ଦେଶର ପ୍ରତ୍ୟେକ ରାଜନୈତିକ ଦଳ କୃଷକଙ୍କ ପାଇଁ ଦରଦ ଦେଖାଉଛନ୍ତି। ରଣଛାଡ଼ଠାରୁ ଆରମ୍ଭ କରି ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇବାର ବ୍ୟବସ୍ଥା କରାଯାଉଛି। କିନ୍ତୁ କୃଷକ ତା' କାର୍ଯ୍ୟ ମାଧ୍ୟମରେ କିଭଳି ସଶକ୍ତ ହୋଇପାରିବ ସେହି ଦିଗରେ ଦୀର୍ଘମିଆଦୀ ପଦକ୍ଷେପ ନିଆଯାଉ ନାହିଁ। ଜଳସେଚନ, ବିହନ ଓ ଶୀତଳଭଣ୍ଡାରର ଅଭାବ, ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ଆଦି ସମସ୍ୟାକୁ ନେଇ ଚାଷୀ ଆନ୍ଦୋଳନ ଚାଲୁଥିବା ବେଳେ ଏବେ ଖାଦ୍ୟ ଓ ପାନୀୟ ନିର୍ମାତା ପେପ୍ସିକୋ କୃଷକଙ୍କ ସକାଶେ ଅଡୁଆ ସୃଷ୍ଟି କରିଛି। ପେପ୍ସିକୋ କହିଛି ଯେ, କମ୍ପାନୀ ବ୍ୟବହାର କରୁଥିବା ସ୍ୱତନ୍ତ୍ର କିସମର ଆଳୁ ଗୁଜରାଟର ସବରକଣ୍ଠା ଓ ଆରାବଲିର କେତେକ କୃଷକ ଚାଷ କରୁଛନ୍ତି। ଏହାକୁ ଚାଷ କରିବା ପାଇଁ ସ୍ୱତନ୍ତ୍ର ଅଧିକାର ସେମାନେ ପାଇ ନ ଥିବାରୁ ୯ ଜଣ ଚାଷୀଙ୍କ ବିରୋଧରେ ପେପ୍ସିକୋ ମାମଲା ରୁଜୁ କରିବା ସହ ସେମାନଙ୍କଠାରୁ ୧ କୋଟି ଟଙ୍କା ଲେଖାଏ କ୍ଷତିପୂରଣ ଦାବି କରିଛି।

ଆଳୁର ଏଫ୍ସି୫ କିସମ ଚିପ୍ସ ପାଇଁ ଉତ୍ତମ ବିହନ ହୋଇଥିବାରୁ ପେପ୍ସିକୋ ନିର୍ଦ୍ଦିଷ୍ଟ କେତେକ ଚାଷୀ ସହ ଚୁକ୍ତି କରିଛି। ଉତ୍ପାଦକୁ ନିଜେ କିଣି ତା' କାରଖାନାରେ ଆଳୁ ଚିପ୍ସ ତିଆରି କରୁଛି। ପ୍ରଶ୍ନ ଉଠୁଛି ଏକଚାଟିଆ ଅଧିକାର ହାସଲ କରିଥିବା କମ୍ପାନୀ ଆଳୁର ଏହି ସ୍ୱତନ୍ତ୍ର କିସମ ବିହନ ଖୋଲା ବଜାରକୁ ଆସିଲା କିଭଳି। ଦ୍ୱିତୀୟତଃ ପେପ୍ସିକୋ ଏହି କିସମ ଆଳୁ ବିହନର ଅଧିକାର ପାଇବା ନେଇ ଖୋଲତାଡ଼ ହେବା ଦରକାର। ଭାରତରେ ଅଧିକାଂଶ କୃଷକଙ୍କ ଆର୍ଥିକ ସ୍ଥିତି ସାଧାରଣରେ ସ୍ୱଚ୍ଛଳ ନୁହେଁ। ଆମେରିକୀୟ କମ୍ପାନୀ ପେପ୍ସିକୋ ଆଳୁ ଉପରେ ଏକଚାଟିଆ ଅଧିକାର ସାବ୍ୟସ୍ତ କରି ଭାରତୀୟ ଚାଷୀଙ୍କଠାରୁ କ୍ଷତିପୂରଣ ଦାବି କରିବା ଯୁକ୍ତିଯୁକ୍ତ ନୁହେଁ ବୋଲି ଚାଷୀ ସଙ୍ଗଠନ ମୁହଁ ଖୋଲିଲେଣି। ବିଗତ ବର୍ଷଗୁଡ଼ିକରେ ଦେଖାଦେଇଛି ଯେ, ବହୁରାଷ୍ଟ୍ରୀୟ କମ୍ପାନୀ (ଏମ୍ଏନ୍ସି)ଗୁଡ଼ିକ ଭାରତରେ ବୃହତ୍ ବଜାର ଥିବାରୁ କୃଷି ଖେତ ଉପରେ ନଜର ପକାଇ ଆସିଛନ୍ତି। ଜେନେଟିକାଲି ମୋଡିଫାଏଡ୍ (ଜିଏମ୍) ମଞ୍ଜିକୁ ଏମ୍ଏନ୍ସିଗୁଡ଼ିକ ଏଠାରେ ପ୍ରୟୋଗ କରିଚାଲିଛନ୍ତି। ଫଳରେ ପାରମ୍ପରିକ ବିହନ କ୍ଷତିର ସମ୍ମୁଖୀନ ହେଉଛି। ଏମିତି ଦେଖିଲେ ଭାରତରେ ଉପଲବ୍ଧ ପାରମ୍ପରିକ ଓ ଜିଏମ୍ ବିହନର କିସମକୁ ନେଇ କୌଣସି ସ୍ପଷ୍ଟତା ନାହିଁ। ଭାରତ ସରକାରଙ୍କ ପାଖରେ ଏଗୁଡ଼ିକର ବିଭାଗୀକରଣ ନେଇ ସ୍ୱତନ୍ତ୍ର ତଥ୍ୟ ସାଧାରଣରେ ମିଳେ ନାହିଁ। ଏସବୁ କାରଣରୁ ସାଧାରଣ ଚାଷୀ ସକାଶେ ବିହନର କିସମ ଓ ପେଟେଣ୍ଟ ବିଷୟରେ ଭଲ ଭାବେ ଜାଣି ଚାଷ କରିବା ଏକ ଦୁରୂହ ବ୍ୟାପାର। ଏପରି କ୍ଷେତ୍ରରେ ପେପ୍ସିକୋର ପେଟେଣ୍ଟ ଭଳି ବିବାଦ ଭାରତରେ ବଢ଼ିଚାଲିବ। ସବୁଠାରୁ ବଡ଼ କଥା ହେଲା ଏ ଦେଶରେ କର୍ପୋରେଟ୍ ସଂସ୍ଥାଗୁଡ଼ିକ ବୁଝିଗଲେଣି ଯେ ସାଧାରଣ ଭାରତୀୟ ଚାଷୀ ସୁଯୋଗ ପାଇଲେ ଯେକୌଣସି ଉତ୍ପାଦ କରିପାରିବ। ପେପ୍ସିକୋ ଉକ୍ତ ଚାଷୀଙ୍କ ଉପରେ ମକଦ୍ଦମା ଦାଏର କରିବା ପଛରେ ସେହିଭଳି ଏକ ମନ୍ଦ ଉଦ୍ଦେଶ୍ୟ ଜନ୍ମ ସଂକେତ। ଏହା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଏଥିରୁ ବୁଝିବାକୁ ହେବ ଯେ ଚାଷୀଙ୍କୁ ଦମନ କରିବା ଲାଗି ସବୁ ଫନ୍ଦିଫିକର କରାଯାଉଛି। ଚାଷୀ କେଉଁ ଧାନ, ଗହମ, ମକା ବା ପନିପରିବା ଚାଷ କରିବ ତାହାର ପେଟେଣ୍ଟ କର୍ପୋରେଟ ସଂସ୍ଥା ହାତରେ ରହିଗଲେ କୃଷକଙ୍କୁ ନିୟନ୍ତ୍ରଣ କରିବା ସହଜ ହୋଇଯିବ। ଏମିତି ଦେଖିଲେ ନିକଟରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିବାଠାରୁ ଆରମ୍ଭ କରି ନ୍ୟାୟିକ ବ୍ୟବସ୍ଥା ସର୍ବନିମ୍ନ ସ୍ତରରେ ଥିବା ଚାଷୀ ଦମନ କାର୍ଯ୍ୟକ୍ରମରେ ଲିପ୍ତ ହୋଇଗଲାଣି।

ପେପ୍ସିକୋ ଘଟଣାରେ ଅଦ୍ୟାବଧି ଉକ୍ତ ଚାଷୀଙ୍କ ସପକ୍ଷରେ କେନ୍ଦ୍ର ସରକାର ମୁହଁ ଖୋଲି ନ ଥିବା ଦେଖିବାକୁ ମିଳିଛି। ବିରୋଧୀଦଳଗୁଡ଼ିକ କେବଳ ସୋସିଆଲ ମିଡିଆ ମାଧ୍ୟମରେ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି। ଇତିମଧ୍ୟରେ ଗୁଜରାଟ ସରକାର ଚାଷୀଙ୍କ ସମର୍ଥନରେ ବାହାରିବା ଏବଂ କେତେକ ଚାଷୀ ସଙ୍ଗଠନ ପେପ୍ସିକୋ ନିଷ୍ପତ୍ତିକୁ ବିରୋଧ କରିବାରୁ କମ୍ପାନୀ ସାମାନ୍ୟ ନରମଭାବ ପ୍ରଦର୍ଶନ କରିଛି। ସବରକଣ୍ଠାର ୪ ଜଣ ଚାଷୀଙ୍କୁ କମ୍ପାନୀ ଦ୍ୱାରା ପଞ୍ଜୀକୃତ ସ୍ୱତନ୍ତ୍ର କିସମ ଆଳୁ ଚାଷ କରିବା ପରେ ତାହାକୁ କେବଳ ପେପ୍ସିକୋକୁ ବିକ୍ରି କରିବାକୁ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରକାରର ଉପରଠାଉରିଆ ଅନୁକମ୍ପା ଦେଖାଇ ପେପ୍ସିକୋ ଚାଷୀଙ୍କୁ ନିୟନ୍ତ୍ରଣ କରିବାକୁ ଆଗେଇ ଆସିଛି। ଆଗକୁ ଏଭଳି ଅନେକ କର୍ପୋରେଟ ସଂସ୍ଥା କୃଷି ଖେତକୁ ମାଡ଼ିବସିବେ।

## ଚିରନ୍ତନୀ

ସେ ବାରତା ନ ଆସୁ ଏ ବିଜନ ପ୍ରବାସେ,
ସେ ସ୍ମୃତି ନ ଭାସୁ ଆଜି ଆଲୋକ ଆକାଶେ,
ଆଣିଛି ଯେ ସ୍ମୃତି ଧରି
ଯାଉ ସବୁ ଏଥି ମରି
ନିଭୃତ ଏ ଶୂନ୍ୟ କୋଣେ ତମସ ତରାସେ
ଆଲୋକର ରଶ୍ମି ଉଠୁ ପୁଣି ନବ ହାସେ।

(ବନ୍ଦୀର ବିଳାପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | C | A | | 9 | | | | | 4 | | D | | 3 | 6 |
| | | | | 8 | | | | | A | | | | | |
| | | | | | A | E | | | 9 | C | B | | | |
| | 9 | 6 | | | 5 | 0 | | | | | 2 | 4 | | 1 |
| 3 | E | | | 1 | | | B | | | | | | | |
| 5 | A | | | 6 | 1 | D | | | | | 0 | | 7 | |
| 9 | | | | | | | E | | | | | 3 | | |
| | 3 | | | | | | 6 | 0 | 8 | E | | | | C |
| | | 4 | 5 | | | | | 7 | | B | | | | |
| | 8 | 7 | | 4 | | C | | B | 1 | 5 | | | | A |
| | | 3 | 8 | | | | D | | C | | 1 | | | 7 |
| 1 | 7 | | | | 6 | | | 5 | B | | 3 | | | |
| A | | 0 | | | 2 | | | 8 | | | E | C | | |
| | | | | D | 4 | A | | 2 | 6 | | | | | B |
| E | | | 3 | | | | 4 | | | | | | D | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | B | 2 | 3 | D | A | 9 | 1 | 0 | 8 | E | 5 | 6 | 4 | 7 |
| A | 5 | 4 | 0 | E | 1 | 3 | 8 | B | D | 7 | 6 | 2 | 9 | C |
| 8 | 9 | 0 | 7 | B | 6 | 4 | A | C | 2 | 3 | 1 | 5 | E | D |
| 6 | 3 | 7 | 2 | 8 | 4 | 5 | D | E | A | 9 | C | 0 | B | 1 |
| D | 1 | E | 5 | 9 | C | 7 | 6 | 2 | 4 | B | 0 | A | 3 | 8 |
| 5 | 7 | 9 | 8 | A | 3 | 2 | 0 | D | C | 6 | B | 4 | 1 | E |
| 0 | A | 1 | B | C | 2 | 6 | 9 | 7 | E | D | 4 | 8 | 5 | 3 |
| 2 | D | 3 | E | 1 | 5 | B | 4 | 8 | 7 | A | 9 | C | 6 | 0 |
| B | 6 | C | 4 | 0 | 9 | A | E | 5 | 3 | 1 | 8 | 7 | D | 2 |
| E | 4 | 8 | D | 6 | 7 | 1 | C | 3 | 5 | 0 | 2 | B | A | 9 |
| 1 | 8 | B | A | 7 | 0 | E | 2 | 6 | 9 | 5 | 3 | D | C | 4 |
| 9 | 0 | 5 | C | 2 | 8 | D | 3 | A | 6 | 4 | E | 1 | 7 | B |
| 4 | 2 | 6 | 1 | 3 | D | C | 7 | 9 | B | 8 | A | E | 0 | 5 |
| 7 | E | A | 9 | 4 | B | 8 | 5 | 1 | 0 | C | D | 3 | 2 | 6 |
| 3 | C | D | 6 | 5 | E | 0 | B | 4 | 1 | 2 | 7 | 9 | 8 | A |

ଗତକାଲିର ଉତ୍ତର

# ଜନସେବାର ପରିଭାଷା



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ସମ୍ପ୍ରତି ବିଧାୟକ ବା ସାଂସଦ ହେବାକୁ ଚାହୁଁଥିବା ପ୍ରାର୍ଥୀମାନେ କହୁଛନ୍ତି, ସେମାନେ ନିର୍ବାଚନରେ ଜିତିଲେ ଜନସେବା କରିବେ। ମାତ୍ର ସେମାନେ ଭୁଲିଯିବା ଉଚିତ ନୁହେଁ ଯେ ସେବା ହେଉଛି ଏକ ନିଷ୍କାମ କର୍ମ। ସେବା ପ୍ରତିଦାନର ଆଶା ରଖେ ନାହିଁ। ଯେଉଁମାନେ ବିଜୟୀ ହେବା ପରେ ଉଚ୍ଚ ଦରମା, ଭତ୍ତା ଓ ପେନସନ ସହ ବିଭିନ୍ନ ପ୍ରକାର ରିହାତି ସୁବିଧା ପାଇବେ ସେମାନଙ୍କ କର୍ମକୁ ସେବା କୁହାଯିବ କିପରି? ଆଜି ବିଧାୟକ ବା ସାଂସଦ ପଦବୀ କୌଣସି ଦୃଷ୍ଟିରୁ ସରକାରୀ ଚାକିରିଠାରୁ ଭିନ୍ନ ନୁହେଁ। ଜନସେବକ ହେବାକୁ ଚାହିଁଲେ ହେବାକୁ ପଡିବ ଜଣେ ନିଷ୍କାମ କର୍ମଯୋଗୀ। ଭଗବଦ୍ ଗୀତା ଅନୁସାରେ ତାଙ୍କର ସମସ୍ତ କର୍ମ, ସଂକଳ୍ପ ଓ କାମନାରହିତ (ଯସ୍ୟ ସର୍ବେ ସମାରମ୍ଭାଃ କାମସଂକଳ୍ପବର୍ଜିତାଃ– ୧୯/୪)। ମାତ୍ର ରାଜନୈତିକ ନେତାମାନଙ୍କ ତଥାକଥିତ ସେବା କର୍ମ ଅନ୍ତରାଳରେ ଥାଏ ସ୍ୱାର୍ଥ, ବଡିମା ପ୍ରଦର୍ଶନ ଓ ପ୍ରଶଂସାପ୍ରାପ୍ତିର ଲାଳସା। ସରକାରୀ ଅର୍ଥ (ଯାହା ଜନସାଧାରଣଙ୍କ ପାଖରୁ ସଂଗୃହୀତ)ରେ ନିର୍ମିତ ପୋଲ, ସ୍କୁଲ ଘର ଇତ୍ୟାଦିରେ ଲାଗେ ସେମାନଙ୍କର ନାମଖୋଦିତ ଫଳକ। ପ୍ରଦର୍ଶିତ ହୁଏ ସେମାନଙ୍କ ଅହଂକାର। ମାତ୍ର ଅହଂକାର ଘୋଷଣା କରୁଥିବା କର୍ମ ସେବା ପଦବାଚ୍ୟ ନୁହେଁ।

ସେବା ବା ପରୋପକାର ଏକ ଉଦ୍ଦେଶ୍ୟଜନିତ କର୍ମ ନ ହୋଇ ସ୍ୱତଃସ୍ଫୂର୍ତ୍ତ ବା ସ୍ୱଭାବଜନିତ ହେବା ଆଶା କରାଯାଏ। ଭଗବଦ୍ ଗୀତାରେ ଶ୍ରୀକୃଷ୍ଣ କର୍ମର ଏହି ଦିଗ ଉପରେ ଗୁରୁତ୍ୱ ଆରୋପ କରିବାକୁ ଯାଇ ବିକର୍ମ ଓ ଅକର୍ମର ବ୍ୟାଖ୍ୟା କରିଛନ୍ତି। ଯେତେବେଳେ ମଣିଷ ନିଃସ୍ୱାର୍ଥ ଭାବେ ପରୋପକାର କରେ ସେତେବେଳେ ତାହା ନିଷ୍କାମ କର୍ମଯୋଗରେ ପରିଣତ ହୁଏ। ତାହା ହୁଏ ସ୍ୱଭାବଗତ କର୍ମ। ପରୋପକାର ଏକ ଲକ୍ଷ୍ୟ ପ୍ରାପ୍ତି ପାଇଁ ମାଧ୍ୟମ ନ ହୋଇ ସ୍ୱୟଂ ଲକ୍ଷ୍ୟ ହୋଇଯାଏ। କର୍ମ ବିକର୍ମ ସହ ମିଶି ଅକର୍ମ ହୋଇଯାଏ। କର୍ମ, ବିକର୍ମ ଓ ଅକର୍ମ ସମ୍ପର୍କରେ ଟୀକାକାରମାନେ ବିଭିନ୍ନ ବ୍ୟାଖ୍ୟା କରିଥିଲେ ମଧ୍ୟ ସନ୍ଥ ବିନୋବାଙ୍କ ବ୍ୟାଖ୍ୟା ସରଳ ଓ ସୁନ୍ଦର ମନେହୁଏ। ବାହ୍ୟ ସ୍ଥୂଳ କର୍ମରେ ଚିତ୍ତ ନିୟୋଜନ କରିବା ହେଉଛି ବିକର୍ମ। କର୍ମ ସହ ବିକର୍ମ ମିଶିଗଲେ ତାହା ଅକର୍ମ ଅବସ୍ଥାକୁ ପ୍ରାପ୍ତ ହୁଏ, ଅର୍ଥାତ୍ କର୍ମ କରାଯାଇଛି ବୋଲି ଜଣା ପଡେ ନାହିଁ। ଉଦାହରଣ ସ୍ୱରୂପ ସାନ ପିଲା ପ୍ରଥମେ ଚାଲି ଶିଖେ। ସେତେବେଳେ ତାକୁ କଷ୍ଟ ହୁଏ। କ୍ରମେ ଚାଲିବା ଅଭ୍ୟାସରେ ପରିଣତ ହୁଏ। ତା' ପରେ ସେ କଥା କହେ। କଥା କହିବା ବେଳେ ଆଉ ଚାଲିବା ପ୍ରତି ଲକ୍ଷ୍ୟ ରହେ ନାହିଁ। ସେ ଚାଲୁଛି ବୋଲି ଜାଣିପାରେ ନାହିଁ। କର୍ମ ବିକର୍ମ ସହ ମିଶି ଅକର୍ମ ଅବସ୍ଥାକୁ ପ୍ରାପ୍ତ ହୁଏ। କଥାରେ ଅଛି "ପାଗଲ ନଙ୍ଗା ହୈ ୟା ପହନେ, ଇସ୍‌କୋ ଲୋଗ ଦେଖ କର ଜାନେ।" ଅର୍ଥାତ୍ ପାଗଳ ଲଙ୍ଗଳା ହୋଇଛି କି ଲୁଗା ପିନ୍ଧିଛି ସେ ଜାଣିପାରେ ନାହିଁ। କିନ୍ତୁ ଲୋକେ ଜାଣିପାରନ୍ତି। ଠିକ୍ ସେଭଳି ନିଷ୍କାମ କର୍ମଯୋଗୀ ପରୋପକାର କରୁଛି ବୋଲି ସେ ଜାଣେ ନାହିଁ। କାରଣ ତା'ର କର୍ମ ସ୍ୱଭାବଗତ ହୋଇଯାଏ। ଅନ୍ୟମାନେ ଜାଣନ୍ତି ସେ ପରୋପକାର କରୁଛି। ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି, "ତ୍ୟକ୍ତ୍ୱା କର୍ମଫଳାସଙ୍ଗମ୍ ନିତ୍ୟତୃପ୍ତୋ ନିରାଶ୍ରୟଃ/ କର୍ମଣ୍ୟଭିପ୍ରବୃତ୍ତୋଽପି ନୈବ କିଞ୍ଚିତ୍ କରୋତି ସଃ।" ଅର୍ଥାତ୍ କର୍ମଫଳ ପ୍ରତି ଆସକ୍ତି ତ୍ୟାଗ କରି ନିତ୍ୟ ତୃପ୍ତ ଥାଇ କାହାରି ଉପରେ ନିର୍ଭର କରୁ ନ ଥିବା ବ୍ୟକ୍ତି କର୍ମରେ ପ୍ରବୃତ୍ତ ହେଲେ ମଧ୍ୟ ସେ ବାସ୍ତବରେ କିଛି କରନ୍ତି ନାହିଁ। ଅର୍ଥାତ୍ କର୍ମର କ୍ଳେଶ ଅନୁଭବ କରନ୍ତି ନାହିଁ। ଏହା ଜଣେ ନିଷ୍କାମ ସେବକର ଅନୁଭବ। ସୂର୍ଯ୍ୟ ଆଲୋକ ଦିଏ, ମାତ୍ର ସେ ଆଲୋକ ଦେଉଛି ବୋଲି କହେ ନାହିଁ। କାରଣ ଏହା ସୂର୍ଯ୍ୟର ସହଜାତ କର୍ମ ବା ସ୍ୱଧର୍ମ। ଆମେ ଯଦି ସୂର୍ଯ୍ୟଙ୍କୁ କହିବା ଆପଣ ଅନ୍ଧକାର ଦୂର କରି ଜଗତର ଉପକାର କରୁଛନ୍ତି, ସେ କହନ୍ତେ ଟିକିଏ ଅନ୍ଧାର ଆଣି ମୋତେ ଦେଖାଅ। ଯଦି ମୁଁ ତାହା ଦୂର କରିପାରିବି, ତେବେ ଜାଣିବି ଯେ ମୁଁ ଅନ୍ଧକାର ଦୂର କରିଛି। ଅନ୍ଧକାରକୁ କ'ଣ ସୂର୍ଯ୍ୟଙ୍କ ପାଖକୁ ଆଣି ହେବ। ଆଲୋକ ଦେବା ହେଉଛି ସୂର୍ଯ୍ୟଙ୍କ ସହଜାତ କର୍ମ। ତାଙ୍କର ଅସ୍ତିତ୍ୱ ହେଉଛି ଆଲୋକ। ସେ ଜଗତକୁ ଆଲୋକିତ କରୁଛନ୍ତି ବୋଲି ତାଙ୍କୁ ପ୍ରତୀତ ହୁଏ ନାହିଁ। ସେଥିପାଇଁ ଗୀତାର ଚତୁର୍ଥ ଅଧ୍ୟାୟରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି ମୁଁ ଏହି କର୍ମଯୋଗ ପ୍ରଥମେ ସୂର୍ଯ୍ୟଙ୍କୁ ଶିଖାଇଥିଲି। ତା' ପରେ ସୂର୍ଯ୍ୟଙ୍କଠାରୁ ଶିଖିଲେ ମନୁ। ସୂର୍ଯ୍ୟ ହେଉଛନ୍ତି ନିଷ୍କାମ କର୍ମଯୋଗ ବା ସେବାର ପ୍ରତୀକ। ସେ ସମଗ୍ର ଜଗତକୁ ଆଲୋକିତ କରନ୍ତି। ତାଙ୍କର ଏହି ସହଜାତ କର୍ମ ପଛରେ କୌଣସି ସ୍ୱାର୍ଥ ନ ଥାଏ। ଆଶା କରାଯାଏ ଆଜି ଯେଉଁ ରାଜନେତାମାନେ ଜନସେବା କରୁଛନ୍ତି ବୋଲି ସର୍ବ ସମ୍ମୁଖରେ ଘୋଷଣା କରୁଛନ୍ତି ସେମାନଙ୍କ କର୍ମ ସ୍ୱଭାବଗତ ହେଉ। ନିଷ୍କାମ ହେଉ ଓ ସ୍ୱଧର୍ମ ହେଉ। ଏହି ପ୍ରସଙ୍ଗରେ ମନେପଡେ ଏକ କାହାଣୀ।

ଗୋଟିଏ ପର୍ବତର ପାଦଦେଶ ଓ ଶିଖରର ମଧ୍ୟବର୍ତ୍ତୀ ଅଞ୍ଚଳରେ ରହୁଥିଲେ ଜଣେ ସାଧକ। ପର୍ବତର ଶିଖର ଦେଶରେ ରହୁଥିବା ଜଣେ ଋଷିଙ୍କୁ ସାକ୍ଷାତ୍ କରିବାକୁ ଯାଉଥିଲେ ଦୁଇଜଣ ଯୁବକ। ସେମାନଙ୍କ ଆଗେଆଗେ ଯାଉଥିଲେ ଜଣେ ବୃଦ୍ଧ ଓ କେତୋଟି ମେଷ ଓ ଘୁଷୁରି ସହ ଜଣେ ମେଷପାଳକ। ବାଟରେ ଗୋଟିଏ ଛୋଟା ଘୁଷୁରି ଛୁଆ ଅନ୍ୟ ମେଷଗୁଡିକ ସହ ତାଳଦେଇ ଚାଲିପାରୁ ନ ଥିବାରୁ ସେ ମେଷପାଳକଠାରୁ ପ୍ରଚଣ୍ଡ ବେତ୍ରାଘାତ ପାଉଥାଏ। ମେଷପାଳକଟି ମଧ୍ୟ ହଇରାଣ ହେଉଥାଏ। ଘୁଷୁରି ଛୁଆର ଯନ୍ତ୍ରଣାକୁ ଅନୁଭବ କରିପାରୁଥିଲେ ସେହି ବୃଦ୍ଧ। ସେ ମେଷପାଳକକୁ କହିଲେ, ବାବୁ, ତୁମର ଯଦି କିଛି ଆପତ୍ତି ନ ଥାଏ ମୁଁ ସେହି ଘୁଷୁରି ଛୁଆଟିକୁ ବୋହି ନେଇ ତୁମ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଦେବି। ମେଷ ପାଳକ ବୃଦ୍ଧଜଣକୁ ନିର୍ବୋଧ ଭାବି ସମ୍ମତି ଦିଅନ୍ତେ ବୃଦ୍ଧ ଘୁଷୁରିଟିକୁ ବୋହି ନେଇ ତା'ର ଲକ୍ଷ୍ୟସ୍ଥଳରେ ପହଞ୍ଚାଇଦେଲେ ଓ ତା'ପରେ ପର୍ବତ ଶିଖରସ୍ଥ ନିଜ କୁଟୀରକୁ ଚାଲିଗଲେ। ପ୍ରଥମୋକ୍ତ ଦୁଇ ଯୁବକ ପର୍ବତର ପାଦଦେଶ ଓ ଶିଖରର ମଧ୍ୟଭାଗରେ ରହୁଥିବା ସାଧକଙ୍କୁ ସାକ୍ଷାତ୍ କରି ସେହି ବୃଦ୍ଧଙ୍କ କର୍ମ ସମ୍ପର୍କରେ ଆଲୋଚନା କଲେ। ସେମାନେ କହୁଥିଲେ ଘୁଷୁରି ଛୁଆର କଷ୍ଟ ଲାଘବ କରିବାକୁ ଯାଇ ବୃଦ୍ଧ ଜଣକ ନିଜେ କଷ୍ଟ ଭୋଗ କଲେ କାହିଁକି? ଘୁଷୁରି ତ ଏକ ପଶୁ। ସେ କ'ଣ ସେଥିପାଇଁ ବୃଦ୍ଧଙ୍କ ନିକଟରେ କୃତଜ୍ଞ ରହିବ? ଅପରପକ୍ଷରେ ବୃଦ୍ଧ ମେଷପାଳକର ଉପହାସର ପାତ୍ର ହେଲେ। ମାତ୍ର ସାଧକ କହିଲେ, ଶୁଣ ସେହି ବୃଦ୍ଧ ଯଦି ଘୁଷୁରି ଛୁଆଟିକୁ ବୋହି ନ ଥାନ୍ତେ, ପରେ ସେ ତା'ର ଯନ୍ତ୍ରଣା ଲାଘବ କରିପାରିଲେ ନାହିଁ ବୋଲି ନିଜେ ଯନ୍ତ୍ରଣା ଭୋଗିଥାନ୍ତେ। ତେଣୁ ସେ ତାକୁ ବୋହିଲେ। ଏହାପରେ ଯୁବକ ଦୁଇଜଣ ସାଧକଙ୍କ ସହ ପର୍ବତ ଶିଖରକୁ ଗଲେ ଋଷିଙ୍କୁ ସାକ୍ଷାତ୍ କରିବା ପାଇଁ। ସେମାନେ ସେହି ଋଷିଙ୍କୁ କେବେ ଦେଖି ନ ଥିଲେ। କିନ୍ତୁ ସେଠି ପହଞ୍ଚିଲା ପରେ ସେମାନେ ଜାଣିଲେ ଯେ ସେହି ବୃଦ୍ଧ ଜଣକ ହେଉଛନ୍ତି ସେମାନେ ଦର୍ଶନ କରିବାକୁ ଚାହିଁଥିବା ସେହି ଋଷି। ସାକ୍ଷାତ୍ ଅନ୍ତେ ଯୁବକ ଦୁଇଜଣ ସେମାନଙ୍କ ସନ୍ଦେହ ମୋଚନ ପାଇଁ ଋଷିଙ୍କୁ ପଚାରିଲେ– ମହାଭାଗ! ଆପଣ ସେ ଘୁଷୁରି ଛୁଆକୁ ବହନ କରିବାର ପ୍ରେରଣା କ'ଣ ଥିଲା? ପଶୁଟିର କଷ୍ଟ ଦେଖି ନା ମେଷ ପାଳକ ହଇରାଣ ହେଉଥିବା ଯୋଗୁ ଆପଣ ସେୟା କଲେ, ନା ଭବିଷ୍ୟତରେ ନିଜ ବିବେକର ଦଂଶନରୁ ରକ୍ଷା ପାଇବା ପାଇଁ ତାହା କଲେ? ମାତ୍ର ଋଷି ଅନାଇ ରହିଲେ। ଘୁଷୁରି ଛୁଆକୁ ବହନ କରିଥିବା କଥା ସେ ମନେପକାଇ ପାରି ନ ଥିଲେ, ଜଣେ ନିଃଶ୍ୱାସପ୍ରଶ୍ୱାସ ଗ୍ରହଣ କରିବା କଥା ଯେମିତି ମନେ ରଖେ ନାହିଁ। ତାହା ଏକ ସ୍ୱାଭାବିକ କ୍ରିୟା। ଠିକ୍ ସେପରି ଋଷିଙ୍କ ଆଚରଣ ଥିଲା ସ୍ୱତଃସ୍ଫୂର୍ତ୍ତ। ଏକ ସ୍ୱାଭାବିକ ପ୍ରକ୍ରିୟା। କର୍ମ ସହ ବିକର୍ମ ମିଶି ତାହା ଅକର୍ମ ଅବସ୍ଥାକୁ ପ୍ରାପ୍ତ ହୋଇଥିଲା (ଉପକଥା ଶତକ, ମନୋଜ ଦାସ)। ସେହି କର୍ମ ପଛରେ ଅହଂକାର ନ ଥିଲା କି ପ୍ରଶଂସା ପ୍ରାପ୍ତିର ଉଦ୍ଦେଶ୍ୟ ନ ଥିଲା। ଠିକ୍ ସେପରି ଆଜି ଯେଉଁ ନେତାମାନେ ଜନସେବା ପାଇଁ ସେମାନଙ୍କ ଜୀବନ ସମର୍ପିତ ବୋଲି ଘୋଷଣା କରୁଛନ୍ତି, ସେମାନଙ୍କ କର୍ମ ସ୍ୱଭାବଗତ, ସ୍ୱତଃସ୍ଫୂର୍ତ୍ତ, ନିଷ୍କାମ ଓ ଅହଂକାରଶୂନ୍ୟ ତ?

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ,
ମୋ–୯୪୩୭୩୨୯୨୬୩

# ଭାରତୀୟତା ଓ ଓଡ଼ିଶା



ଇଂ. ହାଡ଼ିବନ୍ଧୁ ଖଣ୍ଡୁଆଳ

ମୁଁ ରୁର୍କୀ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟର ଏକ ଘଟଣା। ଆମ ଇଞ୍ଜିନିୟରିଂ ବିଭାଗର ସ୍ନାତକୋତ୍ତର ଶ୍ରେଣୀରେ ସିଟ୍ ଥାଏ ୧୫ଟି। ଆମେ ଯେଉଁ ୧୫ ଜଣ ଛାତ୍ର ଅଧ୍ୟୟନ ପାଇଁ ବଛାଯାଇଥିଲୁ, ସମସ୍ତେ ୮ଟି ରାଜ୍ୟରୁ ଆସିଥିଲୁ। ରାଜ୍ୟଗୁଡ଼ିକ ଥିଲା– କେରଳ, ତାମିଲନାଡୁ, ଆନ୍ଧ୍ର, ଓଡ଼ିଶା, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ପଞ୍ଜାବ ଓ ଉତ୍ତରପ୍ରଦେଶ। ପ୍ରଥମ ପରିଚୟ କ୍ଲାସ୍‌ରେ ପ୍ରଫେସର ଜାଣିବାକୁ ଚାହିଁଥିଲେ ବିଭିନ୍ନ ରାଜ୍ୟ ବିଷୟରେ। ବିଭିନ୍ନ ରାଜ୍ୟର ପର୍ଯ୍ୟଟନସ୍ଥଳ, ପର୍ବପର୍ବାଣି, ଭାଷା, ସଂସ୍କୃତି ଇତ୍ୟାଦି ବିଷୟରେ ଛାତ୍ରମାନଙ୍କୁ ପଚାରି ବୁଝୁଥିବା ସ୍ଥଳେ ପ୍ରଫେସର ମୋଠାରୁ ଜାଣିବାକୁ ଚାହିଁଥିଲେ, ଓଡ଼ିଶା ଲୋକଙ୍କ ମିଲ୍ ବା ଭୋଜନ, ଟିଫିନ୍ ବା ଜଳଖିଆ, ସୁଇଟ୍ସ ବା ମିଠା ଓ ଚା କଫି ପାନୀୟ ବିଷୟରେ। ତାଙ୍କ ପ୍ରତି ପ୍ରଶ୍ନର ଉତ୍ତର ମୁଁ ନିମ୍ନମତେ ଦେଇଥିଲି।

ଓଡ଼ିଶାର ଅଧିକାଂଶ ଲୋକ ଉଷୁନା ଭାତ ଖାଆନ୍ତି ଓ କମ୍ ଲୋକ ଅରୁଆ ଖାଆନ୍ତି। ଭାତ ସହ ଡାଲି ବା ଡାଲମା ବା ସମ୍ବର ଖାଆନ୍ତି। କେହି କେହି କାଞ୍ଜି ଖାଆନ୍ତି। ଗୋଟି ଗୋଟିକିଆ ପରିବା ଭଜା ଯଥା ଆଳୁ, ବାଇଗଣ, କଦଳୀ, ଭେଣ୍ଡି, ଶିମ୍ବ, ବିନ୍, କୋବି ଖାଆନ୍ତି। ବିଭିନ୍ନ ପରିବାମିଶା ଘାଣ୍ଟ ପ୍ରାୟତଃ ଅଧିକାଂଶ ଖାଆନ୍ତି। ରାଜ୍ୟରେ ଶାକାହାରୀ ଓ ଆମିଷାହାରୀ ଉଭୟ ଅଛନ୍ତି। ସୋରିଷ ଓ ବାଦାମ ତେଲ ମୁଖ୍ୟତଃ ରୋଷେଇରେ ବ୍ୟବହାର କରାଯାଏ। ଉପକୂଳ ଅଞ୍ଚଳରେ ପ୍ରଚୁର ନଡ଼ିଆ ମିଳୁଥିଲେ ବି ନଡ଼ିଆ ତେଲକୁ କେହି ଖାଇବାରେ ବ୍ୟବହାର କରନ୍ତି ନାହିଁ। ଏହାକୁ ମୁଣ୍ଡ ଓ ଦେହରେ ଲଗାନ୍ତି। ଜଳଖିଆରେ ମୁଢ଼ି, ଚୁଡ଼ା, ଖଇ ସାଙ୍ଗକୁ ବିଭିନ୍ନ ପ୍ରକାର ପିଠା ଖାଆନ୍ତି। କିଛି ଲୋକ ବରା, ସିଙ୍ଗଡ଼ା, କଚୋଡି ଓ ଆଉ କିଛି ଲୋକ ଇଡ୍‌ଲି, ଦୋସା, ସମ୍ବର ଖାଆନ୍ତି। ରସଗୋଲା, ଲଡୁ, ଜିଲାପି, ପେଡ଼ା, ସନ୍ଦେଶ, କାକରା, ଆରିସା ପରି ଅନେକ ପ୍ରକାର ମିଠା ବଜାରରେ ମିଳେ। ଅଧିକାଂଶ ଲୋକ ଚା ପିଉଥିବା ବେଳେ କମ୍ ଲୋକ କଫି ପିଅନ୍ତି।

ପ୍ରଫେସର କ୍ଲାସ୍‌ରୁ ଗଲା ପରେ ସମସ୍ତ ଛାତ୍ରଙ୍କ ମଧ୍ୟରେ ଆଲୋଚନା ହେଲା। ଜଣାଗଲା– ପ୍ରଫେସର ଜାଣିବାକୁ ଚାହୁଁଥିଲେ ଓଡ଼ିଶା ଲୋକଙ୍କ ଖାଦ୍ୟପେୟ ଦକ୍ଷିଣ ନା ଉତ୍ତର ଭାରତୀୟଙ୍କ ପରି। ମୁଁ ଯେତିକି କହିଲି ସେଥିରୁ ସମସ୍ତେ ଅନୁମାନ କଲେ ଯେ, ଦକ୍ଷିଣ ଭାରତୀୟ ଓ ଉତ୍ତର ଭାରତୀୟଙ୍କ ମିଳନ ସ୍ଥଳ ଓଡ଼ିଶା।

ପୁରାଣ ଓ ଇତିହାସରେ କୁହାଯାଇଛି, ଭାରତର ଉତ୍ତରରେ ଆର୍ଯ୍ୟ ଓ ଦକ୍ଷିଣରେ ଦ୍ରାବିଡ଼ ସମାଜ ଗଢ଼ିଉଠିଥିଲା। ଓଡ଼ିଶା ସମେତ ଉତ୍ତରକୁ ଥିବା ରାଜ୍ୟର ଲୋକେ ଆର୍ଯ୍ୟଙ୍କ ଉତ୍ତରପିଢ଼ି ବା ବଂଶଧର ଓ ଓଡ଼ିଶାର ଦକ୍ଷିଣକୁ ଥିବା ରାଜ୍ୟର ଲୋକେ ଦ୍ରାବିଡ଼ଙ୍କ ବଂଶଧର। ଆର୍ଯ୍ୟଙ୍କ ବଂଶଧରମାନେ ଗୌରବର୍ଣ୍ଣ ଓ ଶାବନା ହୋଇଥିଲା ବେଳେ ଦ୍ରାବିଡଙ୍କ ବଂଶଧର ଶାବନା ଓ କଳା। ଏ ଦକ୍ଷିଣାଞ୍ଚଳ ଓ ଉତ୍ତରାଞ୍ଚଳ ଲୋକଙ୍କ ଖାଦ୍ୟପେୟ, କଥିତ ଭାଷା, କଥୋପକଥନ ଶୈଳୀ, ଦେବଦେବୀ ଆରାଧନା, ପରିଧାନ ଇତ୍ୟାଦିରେ ଫରକ ବାରି ହୋଇପଡେ। ଓଡ଼ିଶାର ଦକ୍ଷିଣରେ ଥିବା ତେଲୁଗୁ, ତାମିଲ ଓ ଉତ୍ତରରେ ଥିବା ବଙ୍ଗାଳୀ, ଆସାମୀଙ୍କ ସହ ତୁଳନା କଲେ ଏ ଫରକ ବେଶ୍ ବୁଝାଯାଏ।

ଦକ୍ଷିଣ ଭାରତର ଲୋକେ ଭୋଜନରେ ଅରୁଆ ଅନ୍ନ, ସମ୍ବର, ରସମ୍ ମୋଅର (ଚହ୍ଲା) ଓ ଗୋଟି ଗୋଟିକିଆ ଭଜା ଖାଉଥିବା ବେଳେ ଉତ୍ତର ଭାରତରେ ଉଷୁନା ଭାତ, ବିଭିନ୍ନ ଡାଲି ସାଙ୍ଗକୁ ପରିବା ଘାଣ୍ଟ ଖାଆନ୍ତି। ଅବଶ୍ୟ କମ୍ ଲୋକ ଗୋଟି ଗୋଟିକିଆ ପରିବା ଭଜା ଖାଆନ୍ତି। ଦକ୍ଷିଣ ଭାରତରେ ଜଳଖିଆ ମୁଖ୍ୟତଃ ଇଡ୍‌ଲି, ଦୋସା, ବରା, ସମ୍ବର, ହାଲୱା, ମହୀଶୂର ପାଶ୍, ସନ୍ଦେଶ ହୋଇଥିଲା ବେଳେ ଉତ୍ତର ଭାରତରେ ସିଙ୍ଗଡା, ବରା, ଉପମା, ପୁରି, କଚୋଡି ସାଙ୍ଗକୁ ହରଡ଼ ଡାଲି ଖାଆନ୍ତି। ମିଠା ଭାବେ ଲଡୁ, ରସଗୋଲା, ଗୋଲାପଜାମୁ, ସନ୍ଦେଶ ବହୁଳ ଭାବେ ବିକ୍ରି କରାଯାଏ। ଦକ୍ଷିଣ ଭାରତରେ ନଡ଼ିଆ ଓ ରାଶି ତେଲ ରୋଷେଇରେ ବ୍ୟବହାର କରାଯାଉଥିଲା ବେଳେ ଉତ୍ତର ଭାରତରେ ସୋରିଷ ଓ ରିଫାଇନ୍ ତେଲ ବ୍ୟବହାର କରାଯାଏ। ଦକ୍ଷିଣ ଭାରତରେ କଫିର ବହୁଳ ବ୍ୟବହାର ସ୍ଥଳେ ଉତ୍ତର ଭାରତରେ ଚା'ର ବହୁଳ ବ୍ୟବହାର ହୁଏ। ଉତ୍ତର ଭାରତରେ ସମସ୍ତେ ଅଳ୍ପ ବହୁତେ ହିନ୍ଦୀ ଭାଷା ବୁଝିପାରୁଥିବା ସ୍ଥଳେ ଦକ୍ଷିଣରେ ଅନେକ ଲୋକ ହିନ୍ଦୀ ବୁଝିପାରନ୍ତି ନାହିଁ। ଦୁଇଜଣ ତେଲୁଗୁ ଲୋକ ବନ୍ଧୁତ୍ୱପୂର୍ଣ୍ଣ କଥାବାର୍ତ୍ତା ହେଉଥିଲେ ମଧ୍ୟ ଅଣତେଲୁଗୁ ଲୋକ ତାହା ଶୁଣି ଭାବିବ ଯେ, ଉଭୟେ କଳି କରୁଛନ୍ତି। ଦୁଇଜଣ ବଙ୍ଗାଳୀ କଳି କରୁଥିଲେ ମଧ୍ୟ ଜଣେ ଅଣବଙ୍ଗାଳି ଲୋକ ଶୁଣି ଭାବିବ ଯେ ସେ ଦୁହେଁ ବନ୍ଧୁତ୍ୱପୂର୍ଣ୍ଣ କଥାବାର୍ତ୍ତା ହେଉଛନ୍ତି। ଦକ୍ଷିଣ ଭାରତରେ ଦେବ (ଶିବ, ଗଣେଶ, ତିରୁପତି ପ୍ରଭୃତି)ଙ୍କୁ ବହୁଳ ଭାବେ ଆରାଧନା କରୁଥିବା ବେଳେ ଉତ୍ତର ଭାରତରେ ଦେବୀ (ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ, କାଳୀ, ଚଣ୍ଡୀ)ଙ୍କ ପୂଜା ବହୁଳଭାବେ କରାଯାଏ। ଦକ୍ଷିଣ ଭାରତରେ ଗଣେଶ ପୂଜା ଧୁମ୍‌ଧାମ୍‌ରେ ପାଳିତ ହେଉଥିବା ବେଳେ ସରସ୍ୱତୀ ପୂଜା କ୍ୱଚିତ୍ ଦେଖିବାକୁ ମିଳେ। ଉତ୍ତର ଭାରତରେ ସରସ୍ୱତୀ ପୂଜା ଓ ଗଣେଶ ପୂଜା ଉଭୟ କରାଯାଏ। ତାମିଲମାନେ ଲୁଗାକୁ ଲୁଙ୍ଗିପରି ପିନ୍ଧି ହାଟ ବଜାର, ସଭାସମିତି ଓ ସ୍କୁଲକଲେଜକୁ ଯାଆନ୍ତି। ଓଡ଼ିଶା ସମେତ ବଙ୍ଗଳାର ଲୋକମାନେ ବାହାରକୁ ବାହାରିଲେ ଧୋତିକୁ କଚ୍ଛା ମାରି ପିନ୍ଧନ୍ତି। ଦାକ୍ଷିଣାତ୍ୟରେ ଶୀତଦିନେ ତାପମାତ୍ରା ୨୦ ଡିଗ୍ରୀ ସେଲ୍‌ସିୟସ୍‌କୁ ଖସୁଥିବା ବେଳେ ଉତ୍ତର ଭାରତରେ ଶୀତଦିନେ ତାପମାତ୍ରା ଖସି ବରଫ ପଡ଼େ। ଦକ୍ଷିଣାଞ୍ଚଳରେ ଖରାଦିନେ ଜଳାଭାବ ଉତ୍କଟ ଆକାର ଧାରଣ କରେ। ଲୋକମାନେ ସ୍ୱଳ୍ପଜଳରେ ଚଳିବାରେ ଅଭ୍ୟସ୍ତ। ଉତ୍ତରାଞ୍ଚଳର ଲୋକମାନେ ଜଳର ପ୍ରାଚୁର୍ଯ୍ୟ ମଧ୍ୟରେ ଥାଇ ଜଳର ଅପଚୟ କରନ୍ତି।

ନଇକେ ବାଙ୍କ୍, ଦେଶ୍‌କେ ଫାଙ୍କ୍ ପରି ଭାରତରେ ଅନେକ ଜାତି, ଧର୍ମ, ବର୍ଣ୍ଣ, ଭାଷାଭାଷୀ ଲୋକ ଥିଲେ ମଧ୍ୟ ସମସ୍ତେ ଏକତ୍ର ବାନ୍ଧି ହୋଇଥାନ୍ତି ଗୋଟିଏ ତ୍ରିରଙ୍ଗା ପତାକା ତଳେ। ସମସ୍ତେ ନିଜକୁ ଭାରତୀୟ ପରିଚୟ ଦେଇ ଗର୍ବ ଅନୁଭବ କରନ୍ତି।

ମୋ–୭୦୦୮୮୪୬୨୭୨

## ଏଇ ଭାରତରେ

ମଣିଷର ଆଦିମ ସାଥୀ ହେଉଛି କୁକୁର। ଏହା ବିଶ୍ୱସ୍ତ ଭୃତ୍ୟ ପରି କାର୍ଯ୍ୟ କରିଥାଏ। ଅଧୁନା ମଣିଷ ବିଶ୍ୱାସଘାତକ ସାଜୁଥିବା ବେଳେ ଏହି ଇତର ପ୍ରାଣୀଟି ଯାହାର ଲୁଣ ଖାଏ ତାହାର ଗୁଣ ଗାଏ। ତାମିଲନାଡୁର ତାଞ୍ଜାଭୁରଠାରେ ଏକ ପୋଷା କୁକୁର ଗୋଟିଏ ବିଷଧର ସାପଠାରୁ ମାଲିକକୁ ବଞ୍ଚାଇବାକୁ ଯାଇ ନିଜେ ଦଂଶନର ଶିକାର ହୋଇ ମୃତ୍ୟୁବରଣ କରିଛି। ଭେଙ୍ଗରାୟାନ୍‌କୁଡିକାଡୁ ଗାଁର ଚାଷୀ ନଟରାଜନ୍ (୫୦) ତାଙ୍କ ପୋଷା କୁକୁରକୁ ନେଇ ଶନିବାର କୃଷିକ୍ଷେତ୍ରକୁ ଯାଉଥିବା ବେଳେ ଘରଠାରୁ ଅଳ୍ପକିଛି ଦୂରରେ ଏକ ବିଷଧର ସାପ ଫଣା ଟେକି କାମୁଡିବାକୁ ଉଦ୍ୟତ ହେଉଥିଲା। ଏହି ସମୟରେ 'ପପି' ନାମକ ଏହି କୁକୁରଟି ଏହାର ପ୍ରତିରୋଧ କରିଥିଲା। କୁକୁର ଓ ସାପ ମୁହାଁମୁହିଁ ହୋଇଥିବାବେଳେ ସାପକୁ ବାଡେଇବା ପାଇଁ ନଟରାଜନ୍ ଏକ ବାଡ଼ି ଆଣିବା ପାଇଁ ଘରକୁ ଦୌଡ଼ିଥିଲେ। ଘରୁ ଫେରିଆସି ଦେଖନ୍ତି ତ ପପି ସାପଟିକୁ ମାରିଦେଇଛି। ଅଥଚ ମାରିବା ପୂର୍ବରୁ ସାପଠାରୁ ଚୋଟ ଖାଇ ଲଢ଼େଇ ଜାରି ରଖିଥିଲା। ସାପ ଓ କୁକୁର ଲଢ଼େଇ ବିଷୟ ଜାଣିବା ପରେ ଆଖପାଖ ଗାଁର ଲୋକେ ଘଟଣାସ୍ଥଳରେ ଠୁଳ ହୋଇଯାଇଥିଲେ। ନଟରାଜନ୍ ପୋଷା କୁକୁରକୁ ହରାଇ ମ୍ରିୟମାଣ ହୋଇପଡ଼ିବା ସହିତ କିଛି ସମୟ ନିଜ ଛାତିରେ ତାକୁ ଚାପି ଧରିଥିଲେ। ଏହାପରେ କାନ୍ଦିକାନ୍ଦି ନିଜ ଘର ନିକଟରେ କୁକୁରକୁ ସମାଧି ଦେଇଥିଲେ। ଏହି କରୁଣ ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଏପ୍ରିଲ ୧୯୯୪

- ଦକ୍ଷିଣ ଆଫ୍ରିକାର ନୂତନ ପତାକାକୁ ଜାତିସଂଘର ମୁଖ୍ୟ ଦପ୍ତରରେ ଉତ୍ତୋଳିତ କରାଗଲା। ବର୍ଣ୍ଣବୈଷମ୍ୟବାଦ ନୀତି ଯୋଗୁ ୧୯୭୪ ମସିହାରୁ ଦକ୍ଷିଣ ଆଫ୍ରିକାକୁ ଜାତିସଂଘ ସାଧାରଣ ପରିଷଦର ସଦସ୍ୟତାରୁ ସସ୍‌ପେଣ୍ଡ କରାଯାଇଥିଲା।
- ମଧ୍ୟପ୍ରଦେଶ ହାଇକୋର୍ଟର ପୂର୍ବତନ ବିଚାରପତି ନ୍ୟାୟମୂର୍ତ୍ତି କନ୍ହେୟାଲାଲ ଇସରାନିଙ୍କ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଶପଥ ଗ୍ରହଣ।

## ସାପ୍ତାହିକ ପଞ୍ଜିକା

ଏପ୍ରିଲ ୨୧– ଲିବ୍ୟାରେ ସେନା ଓ ବିଦ୍ରୋହୀଙ୍କ ମଧ୍ୟରେ ଦୁଇ ସପ୍ତାହ ଧରି ଲାଗି ରହିଥିବା ସଂଘର୍ଷରେ ଏପର୍ଯ୍ୟନ୍ତ ୨୨୦ ଜଣଙ୍କ ମୃତ୍ୟୁ ଘଟିଲାଣି।

୨୨– ଶ୍ରୀଲଙ୍କାରେ ରବିବାର ହୋଇଥିବା ସିରିଜ ବିସ୍ଫୋରଣରେ ମୃତ୍ୟୁସଂଖ୍ୟା ୨୯୦କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରେ ୮ ଭାରତୀୟ ଅଛନ୍ତି।

୨୩– ଅଭିନେତା ସନ୍ନି ଦେଓଲ ଭାଜପାରେ ଯୋଗଦେଲେ।

୨୪– ବେଆଇନ ଗ୍ରାନାଇଟ ଖନନ ମାମଲାରେ ନିଲମ୍ବିତ ଡିଏମ୍‌କେ ନେତା ଏମ୍.କେ. ଆଲାଗିରିଙ୍କ ପୁଅ ଆଲାଗିରି ଦୟାନିଧିଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଫିସରମାନେ ଚଢ଼ାଉ କରି ୨୫ଟି ସ୍ଥାବର ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତ କରିଛନ୍ତି, ଯାହାର ମୂଲ୍ୟ ୪୦.୩୪ କୋଟି ଟଙ୍କା ହେବ।

୨୫– ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ଏକ ବୁଥ୍‌ରେ ଇଭିଏମ୍ ଭଙ୍ଗାରୁଜା ଓ ପୋଲିଂ ଅଧିକାରୀଙ୍କୁ ଆକ୍ରମଣ ଅଭିଯୋଗରେ ଭାଜପା ପ୍ରାର୍ଥୀ ଓମ୍‌ପ୍ରକାଶଙ୍କୁ ଲୁକ୍‌ଆଉଟ୍ ନୋଟିସ ଜାରି।

୨୬– ନିର୍ବାଚନ ଚାଲୁଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାୟୋପିକ୍‌ମେ ୧୯ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ନିର୍ବାଚନ ଆୟୋଗ ଯେଉଁ ନିର୍ଦ୍ଦେଶ ଦେଇଥିଲେ, ସୁପ୍ରିମ୍‌କୋର୍ଟ ସେଥିରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି।

## ଆମ ସମସ୍ୟା

### ବ୍ୟାଙ୍କରେ ବରିଷ୍ଠ ନାଗରିକ ହଇରାଣ

ମହାଶୟ,

ପ୍ରାୟ ବର୍ଷେ ହେବ ପୁରୀ ଏସ୍‌ବିଆଇ ମୁଖ୍ୟ ଶାଖାରେ ବରିଷ୍ଠ ନାଗରିକମାନେ ଟଙ୍କା ଦେଣନେଣରେ ହଇରାଣ ହେଉଥିବା ଲକ୍ଷ୍ୟ କରାଯାଉଛି। ବିଶେଷତଃ ମାସର ପ୍ରଥମ ସପ୍ତାହରେ ପେନ୍‌ସନଧାରୀମାନେ କାଉଣ୍ଟରରେ ଘଣ୍ଟା ଘଣ୍ଟା ଧରି ଠିଆହୋଇ ବିରକ୍ତି ପ୍ରକାଶ କରୁଛନ୍ତି। ପୂର୍ବରୁ ଏହି ବ୍ୟାଙ୍କରେ ସୂଚନାବୋର୍ଡରେ କ୍ରମିକ ନଂ. ପ୍ରଦର୍ଶନ କରାଯାଉଥିଲା। ତେଣୁ କାଉଣ୍ଟରରେ ଛିଡା ହେବାର ଆବଶ୍ୟକତା ନ ଥିଲା। ଏହି ଡିଭାଇସଟି ବର୍ଷେ ହେଲା ଅଚଳ ହୋଇପଡିଛି, ଯାହା କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ମରାମତି ହେଇପାରୁନାହିଁ। ଫଳରେ ଗ୍ରାହକମାନଙ୍କୁ ଧାଡିରେ ଛିଡା ହେବା ପାଇଁ ବାଧ୍ୟ କରାଯାଉଛି। ଏପଟେ ବ୍ୟାଙ୍କରେ ଗ୍ରାହକ ମାତ୍ର ୧୫ ମିନିଟ ମଧ୍ୟରେ ନିଜର କାର୍ଯ୍ୟ ସମ୍ପାଦନ କରିପାରିବେ ବୋଲି ସୂଚନାଫଳକରେ ଦର୍ଶାଇଯାଇଛି। ଠିଆହୋଇ ପାରୁ ନ ଥିବା ବୟୋଜ୍ୟେଷ୍ଠମାନେ କିପରି କାଉଣ୍ଟରରେ ଏତେ ସମୟ ଛିଡା ହେବେ ତାହା ବିଚାରକୁ ନିଆଯାଉ ନାହିଁ।

ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

### ଚିକିତ୍ସା ଭତ୍ତା ଗଲା କୁଆଡ଼େ

ଗତ ଜାନୁୟାରୀରେ ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀମାନେ ଚିକିତ୍ସା ଭତ୍ତା ଦାବିକରି ବିଧାନସଭା ସମ୍ମୁଖରେ ଧାରଣା ଦେଇଥିଲେ। ଅର୍ଥମନ୍ତ୍ରୀ କର୍ମଚାରୀ ସଂଘର ଦାବିକୁ ବିଚାର କରି ମନ୍ତ୍ରିସ୍ତରୀୟ କମିଟି ୧ମାସ ମଧ୍ୟରେ ନିଷ୍ପତ୍ତି ନେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ରାଜ୍ୟ ସରକାର ଏଯାବତ୍ ଅବସରପ୍ରାପ୍ତ କର୍ମଚାରୀଙ୍କ ମୁଖ୍ୟ ଦାବିକୁ ଗ୍ରହଣ ନ କରିବା କ୍ଷୋଭର ବିଷୟ।

ମୁରାରି ପ୍ରସାଦ ମହାନ୍ତି, ୟୁନିଟ୍–୯, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆଜି କ'ଣ କେଉଁଠି

**ପରଜଙ୍ଗ**

■୩୩ତମ ବାର୍ଷିକ ଉତ୍ସବ
ସ୍ଥାନ: ଜବାହର ନବୋଦୟ ବିଦ୍ୟାଳୟ, ସରାଙ୍ଗ
ସମୟ: ପୂର୍ବାହ୍ନ ୯ଟା।

## ସଂକ୍ଷେପରେ

### ନଳକୂଅ ଅଚଳ, ମରାମତି ହେଉନି

ବଇଣ୍ଡା,୨୮।୪(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ମଇମୁରା ପଞ୍ଚାୟତ ବିପ୍ରଡ଼ିହ ଗ୍ରାମରେ ୨ଟି ନଳକୂଅ ଦୀର୍ଘଦିନ ହେବ ଅଚଳ ହୋଇପଡ଼ିଛି। ଫଳରେ ପାଣି ପାଇଁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଗ୍ରାମରେ ୧୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବାବେଳେ ମାତ୍ର ୩ଟି ନଳକୂଅ ରହିଛି। ସରକାରଙ୍କ ପକ୍ଷରୁ ଏଯାଏ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇନାହିଁ। ପଞ୍ଚାୟତଠାରୁ ୧୫ କିମି ଦୂର ଜଙ୍ଗଲ ଅଧୁଷିତ ଏହି ଗ୍ରାମରେ ମାଓବାଦୀ ଚଳପ୍ରଚଳ କରୁଥିବାରୁ ପ୍ରଶାସନିକ ଅଧିକାରୀମାନେ ଗ୍ରାମକୁ ଯାଉନାହାନ୍ତି। ପ୍ରବଳ ଖରା ଯୋଗୁ ଜଳସ୍ତର ହ୍ରାସ ପାଉଥିବାରୁ ଅନ୍ୟ ନଳକୂଅରୁ ପାଣି ବାହାରୁ ନାହିଁ। ନଳକୂପ ମରାମତି ପାଇଁ ବହୁବାର ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟଠାରେ ଅଭିଯୋଗ କଲେ ମଧ କେହି ଶୁଣୁନାହାନ୍ତି। ତୁରନ୍ତ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

### ମାଙ୍କଡ଼ ଉପଦ୍ରବ, ଚିନ୍ତାରେ ଚାଷୀ

ବଇଣ୍ଡା,୨୮।୪(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ଅନ୍ତର୍ଗତ ମଇମୁରା, କଂସାବ, କୋରାବ, ଝାଟିକିବାହାଳ ଆଦି ଗ୍ରାମରେ କିଛିଦିନ ହେବ ମାଙ୍କଡ଼ ଉପଦ୍ରବ ଲାଗି ରହିଛି। ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଯୋଗୁ ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ବିଶେଷକରି ନିକଟସ୍ଥ ଜଙ୍ଗଲରୁ ମାଙ୍କଡ଼ମାନେ ଗ୍ରାମାଭିମୁଖୀ ହୋଇ ଟମାଟୋ, ଭେଣ୍ଡି, ବାଇଗଣ ଆଦି ଫସଲ ଖାଇବା ସହ ନଷ୍ଟ କରୁଛନ୍ତି। ଏ ନେଇ ଧଣ୍ଡାତୋପା ରେଞ୍ଜ କାର୍ଯ୍ୟାଳୟଠାରେ ଚାଷୀମାନେ ଅଭିଯୋଗ କଲେ ମଧ କେହି ଶୁଣୁନାହାନ୍ତି। ତୁରନ୍ତ ଏଥିପ୍ରତ ଦୃଷ୍ଟି ଦେବାକୁ ଦାବି ହୋଇଛି।

### ବିଦ୍ୟୁତ୍ ତାର ଛିଣ୍ଡି ୩ ମଇଁଷି ମୃତ



ଛେଣ୍ଡପଦା,୨୮।୪(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ବସନ୍ତପୁର ପଞ୍ଚାୟତ ଡେଉଁରିଆଝରଣ ଗ୍ରାମରେ ରବିବାର ଅପରାହ୍ନରେ ବିଦ୍ୟୁତ୍ ଆଘାତରେ ୩ ମଇଁଷିଙ୍କ ମୃତ୍ୟୁ ଘଟିଛି। ଡେଉଁରିଆଝରଣ ଗ୍ରାମର ପ୍ରଶ୍ନ ସାହୁ ଓ ପାଣ୍ଡବ ଦେହୁରୀ ମଇଁଷି ଚରେଇବାକୁ ଗ୍ରାମ ନିକଟ ପଡିଆକୁ ନେଇଥିଲେ। ଏହି ସମୟରେ ୧୧ କେଭି ବିଦ୍ୟୁତ୍ ତାର ଛିଣ୍ଡି ମଇଁଷିମାନଙ୍କ ଉପରେ ପଡିଥିଲା। ଘଟଣାସ୍ଥଳରେ ୩ ମଇଁଷିଙ୍କ ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ଦାବିରେ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି।

### ବାଣ ନିଆଁରୁ ଅଗ୍ନିକାଣ୍ଡ




କଣିହାଁ,୨୮।୪(ଡି.ଏନ.ଏ) କଣିହାଁ ବ୍ଲକ ବଡ଼ହୀରା ଗ୍ରାମରେ ରବିବାର ରାତିରେ ଏକ ବିବାହ ପଟୁଆର ବାଣ ନିଆଁ ଲାଗି ଘାସି ମହାପାତ୍ରଙ୍କ ଏକ ବଖରା ଚାଳଘର ଜଳିଯାଇଛି। ପରେ ଗ୍ରାମବାସୀ ଗରା, ବାଲଟିରେ ପାଣି ଆଣି ନିଆଁକୁ ଲିଭାଇ ଥିଲେ। କ୍ଷତିପୂରଣ ଦାବିରେ ଗ୍ରାମରେ ଉତ୍ତେଜନା ଲାଗି ରହିଥିଲା। ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

### ହାତୀ ଆକ୍ରମଣରେ ଜଣେ ଗୁରୁତର

ବନ୍ତଳା,୨୮।୪(ଡି.ଏନ.ଏ)- ଅନୁଗୋଳ ବନଖଣ୍ଡ ବନ୍ତଳା ରେଞ୍ଜ ବାରଗୌଣିଆ ପଞ୍ଚାୟତ ମାଗୁରାଖାଲ ଗ୍ରାମରେ ରବିବାର ରାତିରେ ହାତୀ ଆକ୍ରମଣରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଆମ୍ବତଇଳା ସାହିର କବିରାଜ ସାହୁ(୪୫)। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଓ ବନ୍ତଳା ରେଞ୍ଜ କର୍ମଚାରୀଙ୍କୁ ଜଣାଇଥିଲେ ମଧ ଖବରଲେଖା ସୁଦ୍ଧା କାହାର ଦେଖାନାହିଁ। ଫଳରେ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି।

■କାର୍ଯ୍ୟକ୍ଷମ ହୋଇନି ନାଲ୍କୋ ସୋକାଷ୍ଟିଙ୍ଗ ପ୍ଲାଣ୍ଟ

# ପାଣିରେ ପଡ଼ିଲା ୧୦୦ କୋଟି



ନାଲ୍କୋ ସ୍ମେଲଟରରେ ଥିବା ସୋକାଷ୍ଟିଙ୍ଗ ମେଶିନ୍ ଫର୍ନେସ୍।

**ବଁଅରପାଳ, ୨୮।୪ (ଡି.ଏନ୍.ଏ.)**

ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍କୋ ସ୍ମେଲଟର ପ୍ଲାଣ୍ଟ କାଷ୍ଟହାଉସ ବି ପରିସରରେ ଥିବା ଡାଇରେକ୍ଟ ସୋକାଷ୍ଟିଙ୍ଗ ପ୍ଲାଣ୍ଟ ଉଦ୍‌ଘାଟନ ହେବାର ୬ ବର୍ଷ ପରେ ବି କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଫଳରେ ନିର୍ମାଣରେ ଖର୍ଚ୍ଚ ହୋଇଥିବା ପ୍ରାୟ ଶହେ କୋଟି ଟଙ୍କା ପାଣିରେ ପଡ଼ିଥିବା କର୍ମଚାରୀ ମହଲରେ ଆଲୋଚନା ହେଉଛି।

୨୦୧୩ରେ ନାଲ୍କୋର ତତ୍କାଳୀନ ପରିଚାଳନା ନିର୍ଦ୍ଦେଶକ ଅଂଶୁମାନ ଦାସଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନ ବେଳେ ବ୍ଲାଷ୍ଟ ହେବାରୁ ସିଏମ୍‌ଡି ଦାସଙ୍କ ସହ ୨ ଜଣ ଶ୍ରମିକ ଆହତ ହୋଇଥିଲେ। ସେବେଠାରୁ ଏହା ବନ୍ଦ ପଡ଼ିଥିବାରୁ ପ୍ଲାଣ୍ଟ ନିର୍ମାଣର ଉଦ୍ଦେଶ୍ୟ ସାଧିତ ହୋଇପାରି ନାହିଁ। ଏପରି କି ନାଲ୍କୋ କର୍ତ୍ତୃପକ୍ଷ ମଧ ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ ପାଇଁ ଉଦ୍ୟମ କରୁ ନ ଥିବାରୁ କର୍ମଚାରୀ ମହଲରେ ଅସନ୍ତୋଷ ଦେଖା ଦେଇଥିବା ଚର୍ଚ୍ଚା ହେଉଛି। ଉଚ୍ଚ ଅଧିକାରୀଙ୍କ ଆନ୍ତରିକତା ଓ ଅବହେଳା ଏଥିପାଇଁ ପାଇଁ ଦାୟୀ ବୋଲି କେତେଜଣ ଶ୍ରମିକ ନେତା ପ୍ରକାଶ କରିଛନ୍ତି।

■୬ ବର୍ଷ ତଳେ ହୋଇଥିଲା ଉଦ୍‌ଘାଟନ
■ନଷ୍ଟ ହେବାକୁ ବସିଲାଣି ଯନ୍ତ୍ରାଂଶ
■ମ୍ୟାନ ପାୱାର ନ ଥିବା ସଫେଇ

ତରଳ ଆଲୁମିନିୟମରୁ ବିଭିନ୍ନ ଆକାରର ମେଟାଲ ଉତ୍ପାଦନ ନିମନ୍ତେ କେତେକ ଛୋଟ ଛୋଟ ପ୍ଲାଣ୍ଟ ନିର୍ମିତ ହୋଇଛି। ସେଥିମଧ୍ୟରୁ ଡାଇରେକ୍ଟ ସୋକାଷ୍ଟିଙ୍ଗ ଓ ଟିକାଷ୍ଟିଙ୍ଗ ପ୍ଲାଣ୍ଟ ଅନ୍ୟତମ। ସ୍ମେଲଟର ପଟଲାଇନ୍‌ରୁ ଗରମ ତରଳ ଆଲୁମିନିୟମ କାଷ୍ଟ ହାଉସ ବିଭାଗକୁ ଆସିଥାଏ। ସେଠାରେ ଫର୍ନେସରେ ଏହି ତରଳ ଆଲୁମିନିୟମ ଢଳାଯିବା ପରେ ଛାଞ୍ଚ ଦ୍ୱାରା ବିଭିନ୍ନ ଆକାରର ଆଲୁମିନିୟମ ତିଆରି ହୋଇଥାଏ। ଡାଇରେକ୍ଟ ସୋକାଷ୍ଟିଙ୍ଗ ପ୍ଲାଣ୍ଟରୁ ମଧ ଏକ ପ୍ରକାର ଆଲୁମିନିୟମ ଇନ୍‌ଗଡ୍ ବାହାରିବା କଥା। ମାତ୍ର ଏପର୍ଯ୍ୟନ୍ତ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଫଳରେ ଏହାର ବହୁ ଯନ୍ତ୍ରାଂଶ ନଷ୍ଟ ହେବାକୁ ବସିଲାଣି। ନାଲ୍କୋ କର୍ତ୍ତୃପକ୍ଷ ଏ ପ୍ରୋଜେକ୍ଟ ବାବଦକୁ ଏତେ ଟଙ୍କା ଖର୍ଚ୍ଚ କରିଥିଲେ ମଧ କାହିଁକି ଚାଲୁ କରାଯାଇ ନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ କାଷ୍ଟାସ ହାଉସ ବିଭାଗ ଡିଜିଏମ୍ ପି.କେ. ହଲଧର କହିଛନ୍ତି, ବର୍ତ୍ତମାନ ମ୍ୟାନ୍ ପାୱାର କମ୍ ରହିଛି। ଏହାକୁ ଚାଲୁ କରିବା ପାଇଁ ଯୋଜନା ହେଉଛି। ମ୍ୟାନ୍ ପାୱାର ବୃଦ୍ଧି ପାଇଲେ ନିଶ୍ଚିତ ଭାବେ ପ୍ଲାଣ୍ଟକୁ ଚାଲୁ କରାଯିବ ବୋଲି ହଲଧର କହିଥିଲେ।



ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଛନ୍ତି।

# ଟ୍ରକ୍ ଧକ୍କାରେ ମହିଳା ମୃତ, ରାସ୍ତାରୋକୋ

**ବଁଅରପାଳ,୨୮।୪(ଡି.ଏନ.ଏ.)**

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ବଁଅରପାଳ ବୁଢ଼ାପଙ୍କ ଛକ ନିକଟରେ ଏକ ଟ୍ରକ୍ ଧକ୍କାରେ ରଞ୍ଜିତା ଦାସ(୩୫) ନାମକ ଜଣେ ମହିଳା ଠିକା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ଭୂଷଣ ପ୍ଲାଣ୍ଟର ଲକି ମିନିରାଲ ଠାରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ରବିବାର ଅପରାହ୍ନରେ ସେ କାମ ସାରି ଲିଫ୍ଟରେ ବାଇକ୍‌ରେ ବସି ଭୂଷଣରୁ ବଁଅରପାଳ ଆଡ଼କୁ ଆସୁଥିବାବେଳେ ପଛପଟୁ ଟ୍ରକ୍ ଧକ୍କା ଦେଇଥିଲା। ରଞ୍ଜିତା ବାଇକ୍‌ରୁ ଖସିପଡ଼ିବାରୁ ତାଙ୍କ ଉପରେ ଟ୍ରକ୍‌ଟି ଚଢ଼ିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ଦେଖା ଦେବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଥିଲା। କ୍ଷତିପୂରଣ ବାବଦକୁ ୩ ଲକ୍ଷ ଟଙ୍କା, ମୃତ ମହିଳାଙ୍କ ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି ଓ ପେନସନ୍ ସ୍କିମ୍ ଲାଗୁ କରାଯିବା ଆଦି ଦାବିରେ ସ୍ଥାନୀୟ ଲୋକେ ଆନ୍ଦୋଳନ କରିଥିଲେ। ଭୂଷଣ ଶ୍ରମିକ କଂଗ୍ରେସର କାର୍ଯ୍ୟକାରୀ ସଭାପତି ଦିଲୀପ ରାଉତ ପହଞ୍ଚି ତୁରନ୍ତ କ୍ଷତିପୂରଣ ପ୍ରଦାନ ଓ ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି ପାଇଁ ଦାବି କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରୁଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍ (ନଂ. ଓଡି-୩୫-୨୯୨୭)କୁ ପୋଲିସ ଥାନାରେ ଅଟକ ରଖିଛି।

# ଶିଶୁ ଉଦ୍ୟାନରେ ମଧୁ ଜୟନ୍ତୀ

**ଅନୁଗୋଳ ଅଫିସ, ୨୮।୪**

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଅନୁଗୋଳ ମ୍ୟୁନିସିପାଲିଟିର ପୂର୍ବତନ ଚେୟାରମ୍ୟାନ ଅକ୍ଷୟ କୁମାର ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲା ଓକିଲ ସଂଘ ସାଧାରଣ ସମ୍ପାଦକ ରବିନ୍ଦ୍ର ପ୍ରସାଦ ପଟ୍ଟନାୟକ ଓ ପୂର୍ବତନ ନଗରପାଳ ସୁକାନ୍ତି ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ରାଜକିଶୋର ମହାରଣା, ଅନୁଗୋଳ ନାଗରିକ ମଞ୍ଚର ଯୁଗ୍ମ ସମ୍ପାଦକ ଦୀନେଶ ନାରାୟଣ ମିଶ୍ର, ବରିଷ୍ଠ ନାଗରିକ ନାରାୟଣ ପ୍ରସାଦ ମିଶ୍ର, ସାମାଜିକ କର୍ମୀ ରାଜଶ୍ରୀ ମହାନ୍ତି ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ଅନୁଗୋଳରେ ଅବସ୍ଥିତ ଏହି ଶିଶୁ ଉଦ୍ୟାନକୁ ମଧୁବାବୁଙ୍କ ନାମରେ ନାମିତ କରାଯିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା।

# ବିଦ୍ୟୁତ୍ ବିଭ୍ରାଟ ନେଇ ଅସନ୍ତୋଷ

**ବଁଅରପାଳ, ୨୮।୪ (ଡି.ଏନ୍.ଏ.)**

ବଁଅରପାଳ ଓ ନାଲ୍କୋ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଦେଖାଦେଉଥିବାରୁ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦିନକୁ ପ୍ରାୟ ୧୦ରୁ ୧୨ ଥର ବିଦ୍ୟୁତ୍ କାଟ ହେଉଥିବାରୁ ଲୋକମାନେ ପ୍ରବଳ ଗରମ ଓ ଗୁଳୁଗୁଳିରେ ଛଟପଟ ହେଉଛନ୍ତି। ରାତିରେ ପିଲାମାନଙ୍କ ପାଠପଢ଼ାରେ ଅସୁବିଧା ହେଉଛି। କେତେକ ଅଞ୍ଚଳରେ ଲୋ ଭୋଲଟେଜ୍ ସମସ୍ୟା ମଧ ଦେଖା ଦେଉଛି। ବଳରାମପ୍ରସାଦ, କୁଲାଡ଼, କାଣ୍ଡସର, ନାଲ୍କୋ, ଭୋଗବେରେଣୀ, ଗୋଡମରା, ନୂଆହତା, ବୁଢ଼ାପଙ୍କ, ତଳମୂଳ, ମହୀଧରପୁର, ବଉଳିଗଡ଼, ଗଡ଼ସନ୍ତ୍ରୀ ଆଦି ବିଭିନ୍ନ ଅଞ୍ଚଳରେ ସାମାନ୍ୟ ବର୍ଷା କିମ୍ବା ପବନ ହେଲେ ଲାଇନ କାଟି ଦିଆଯାଉଛି। ସେହିପରି କେତେକ ସ୍ଥାନରେ ବିପଦପୂର୍ଣ୍ଣ ଭାବେ ବିଦ୍ୟୁତ୍ ଖୁଣ୍ଟ ଗୁଡ଼ିକ ରହିଥିଲେ ମଧ ତାହାକୁ ବଦଳା ଯାଉନାହିଁ। ୨୫ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ତାରଗୁଡ଼ିକୁ ବଦଳା ଯାଉନାହିଁ। କୌଣସି ସ୍ଥାନରୁ ତାର ଛିଣ୍ଡିଗଲେ ସେହି ପୁରୁଣା ତାରକୁ ଯୋଡ଼ାଯାଇ କାମ ଚଳାଇ ଦିଆଯାଉଛି। ତେଣୁ ଉଚ୍ଚ କକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

■ଅଂଶୁଘାତ ୱାର୍ଡରେ କେକ୍ କାଟିଲେ ଦିଦି

# ଦେଢ଼ଘଣ୍ଟାର ନୃତ୍ୟ, ଗୀତ ନେଇ ଅସନ୍ତୋଷ

**ଅନୁଗୋଳ ଅଫିସ, ୨୮।୪**



ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ଭାବେ ଖୋଲାଯାଇଛି ଅଂଶୁଘାତ ୱାର୍ଡ। ଆକ୍ରାନ୍ତମାନଙ୍କୁ ଜରୁରୀ ଚିକିତ୍ସା ଯୋଗାଇ ଦେବାକୁ ଶୀତତାପ ନିୟନ୍ତ୍ରିତ ଏହି କକ୍ଷରେ ସମସ୍ତ ବ୍ୟବସ୍ଥା କରାଯାଇଛି। ହେଲେ ଶନିବାର ରାତିରେ ଏହି ସ୍ୱତନ୍ତ୍ର କକ୍ଷର ପୁରୁଷ ୱାର୍ଡରେ କେକ୍‌କାଟି ଜନ୍ମଦିନ ପାଳନ କରିଛନ୍ତି ଜଣୈକା ଷ୍ଟାଫ୍ ନର୍ସ। ଦେଢ଼ଘଣ୍ଟା ଧରି ଗୀତ ବଜାଇବା ସହ ନୃତ୍ୟ କରି ସମ୍ପୃକ୍ତା ଦିଦିଙ୍କ ସହ ଅନ୍ୟ କେତେଜଣ ଦିଦି ଜନ୍ମଦିବସର ମଜା ଉଠାଇଛନ୍ତି। ମେଡିକାଲ ମଧ୍ୟରେ ନୀରବତା ରକ୍ଷା କରିବା ପରିବର୍ତ୍ତେ ଦିଦିମାନଙ୍କ ଏପରି କୋଳାହଳମୟ ଜନ୍ମଦିନ ପାଳନ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଶନିବାର ଜଣୈକା ଷ୍ଟାଫ ନର୍ସଙ୍କ ଜନ୍ମ ଦିନ ଥିଲା। ସକାଳେ ସହକର୍ମୀମାନେ ଏଥିପାଇଁ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ହେଲେ ସନ୍ଧ୍ୟାରେ ଭିନ୍ନ ଧରଣର ଆୟୋଜନ କରାଯାଇଥିଲା। ଡ୍ୟୁଟି ସରିବା ମାତ୍ରେ ସମ୍ପୃକ୍ତା ଦିଦିଙ୍କ ସହ ଅନ୍ୟମାନେ ଅଂଶୁଘାତ ୱାର୍ଡର ପୁରୁଷ ବିଭାଗକୁ ଦଖଲ କରିନେଇଥିଲେ। ପରେ କେକ୍ କଟାଯାଇ ସେଠାରେ ଜନ୍ମଦିନ ପାଳନ କରାଯାଇଥିଲା। ଦେଢ଼ ଘଣ୍ଟା ଧରି ଦିଦିମାନେ ନାଚ ଗୀତ ଚଳାଇ ପରିବେଶକୁ ପୂରା ଉତ୍ସବମୟ କରିଦେଇଥିଲେ। ଏହି ସମୟରେ ମେଡିକାଲକୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଅଂଶୁଘାତ ୱାର୍ଡରେ ଏପରି କୋଳାହଳକୁ ନେଇ ସନ୍ଦେହରେ ପଡ଼ିଥିଲେ। କେତେଜଣ ସମ୍ପର୍କୀୟ ସନ୍ଦେହ ଦୂର ପାଇଁ ଉକ୍ତ ୱାର୍ଡ ମଧ୍ୟକୁ ପ୍ରବେଶ କରିବା ପରେ ସେଠାରେ ଜନ୍ମଦିନ ପାଳନ ହେଉଥିବା ସମ୍ପର୍କରେ ଅବଗତ ହୋଇଥିଲେ। ମେଡିକାଲ ମଧ୍ୟରେ ଦିଦିମାନଙ୍କ ଏପରି କାର୍ଯ୍ୟ ସେମାନଙ୍କୁ ଯେତିକି ଆଶ୍ଚର୍ଯ୍ୟଚକିତ କରିଥିଲା, ସେତିକି ଅସନ୍ତୋଷ ମଧ ସୃଷ୍ଟି କରିଥିଲା। ଦିଦିମାନେ ଚାହିଁଥିଲେ ଅଧିକ ସମୟ ରୋଗୀ ସେବା କରି ଜନ୍ମଦିବସକୁ ଅଧିକ ସ୍ୱତନ୍ତ୍ର କରିପାରିଥାନ୍ତେ। ସେବିକା ଭାବେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରି ଥାନ୍ତେ। କିନ୍ତୁ ତାହା ନ କରି ଚିକିତ୍ସାଳୟ ମଧ୍ୟରେ ଏପରି ନୃତ୍ୟଗୀତ କରିବା କେତେଦୂର ଗ୍ରହଣଯୋଗ୍ୟ ବୋଲି ମେଡିକାଲ ପରିସରରେ ଆଲୋଚନା ହେଉଛି।

ଘଟଣା ସମ୍ପର୍କରେ ଏଡିଏମ୍‌ଓ ଲକ୍ଷ୍ମୀ ନାରାୟଣ ବିଶୋଇ କହିଛନ୍ତି, ଏପରି କିଛି ହୋଇଥିବା ସୂଚନା ପାଇନାହିଁ। ତଥାପି ଘଟଣା ସମ୍ପର୍କରେ ଅନୁଧ୍ୟାନ କରିବି ବୋଲି ସେ ପ୍ରକାଶ କରିଛନ୍ତି।

■କୋର୍ଟ ପରିସରରେ ମଧୁବାବୁଙ୍କ ଜୟନ୍ତୀ

# ଶ୍ରଦ୍ଧାସୁମନ ଅର୍ପଣ କଲେ ବିଚାରପତି, ଓକିଲ

**ଅନୁଗୋଳ ଅଫିସ, ୨୮।୪**

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ପୁରୋଧା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉତ୍ସବ ରବିବାର ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ବିଶ୍ୱନାଥ ରଥ ଯୋଗଦେଇ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ବିଚାରପତି ଭିଜିଲାନ୍ସ ରୂପଶ୍ରୀ ଚୌଧୁରୀ, ଫାମିଲି କୋର୍ଟ ବିଚାରପତି ସୌମେନ୍ଦ୍ର ରାଜଗୁରୁ, ଅତିରିକ୍ତ ଜିଲା ଦୌରାଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ, ସିଜେଏମ୍ ସୌମେକ ପାତ୍ର, ସିଭିଲି କୋର୍ଟ ରେଜିଷ୍ଟ୍ରାର ପ୍ରଣତି ପଟ୍ଟନାୟକ, ସିଭିଲ ଜଜ୍ ସିନିୟର ଡିଭିଜନ ଲିଲିପ୍ସା ପଶାୟତ, ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଅଭିନନ୍ଦିତା ପଣ୍ଡା, ଜେଏମ୍‌ଏଫ୍‌ସି ନିଲୋଫର, ସିଭିଲ ଜଜ୍(ପ୍ରୋବେସନ୍) ସଞ୍ଜୀବ ପଣ୍ଡା ଓ ଶ୍ରୁତି ସ୍ୱରୂପା ସାହୁ, କୋର୍ଟ ମ୍ୟାନେଜର(ସିଭିଲକୋର୍ଟ) ସୁମନ କୁମାର ଆଚାର୍ଯ୍ୟ, ବାର ଆସୋସିଏଶନ ସଭାପତି ଜିତେନ୍ଦ୍ର କୁମାର ସାହୁ, ସମ୍ପାଦକ ହିମାଂଶୁ ସାମଲ, ଉପସଭାପତି ଦିଲୀପ କୁମାର ସାହୁ ଓ ବାର ଆସୋସିଏଶନ୍‌ର ପୂର୍ବତନ ସଭାପତି ଦିଲୀପ କୁମାର ଦାସଙ୍କ ସମେତ ବାର ଆସୋସିଏଶନ୍ ଓ କୋର୍ଟର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସେହିପରି ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ପାଳନ କରାଯାଇଥିଲା।



ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟ ପରିସରରେ ଶ୍ରଦ୍ଧାସୁମନ ଅର୍ପଣ ଅବସରରେ ବିଚାରପତି ଏବଂ ଓକିଲମାନେ।

# ରାଜନୈତିକ ଗଣ୍ଡଗୋଳ, ଜଣେ ଆହତ

**କଣିହାଁ,୨୮।୪(ଡି.ଏନ.ଏ)**

କଣିହାଁ ଥାନା ତାଳଚେର ବ୍ଲକ କୁମୁଣ୍ଡା ଗ୍ରାମରେ ରାଜନୈତିକ ଅକ୍ରୋଶକୁ ନେଇ ଶୁକ୍ରବାର ରାତିରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ଭାଜପା ସମର୍ଥକଙ୍କ ମାଡ଼ରେ ଜଣେ ବିଜେଡି କର୍ମୀ ଆହତ ହୋଇଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ନଂ. ୭୩/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନାରୁ ଜଣାଯାଏ, ଗ୍ରାମର ରାକେଶ ସାହୁ ଭାଜପା ପାଇଁ ଏବଂ ଓମ୍ ପ୍ରକାଶ ପ୍ରଧାନ ବିଜେଡି ପାଇଁ ପ୍ରଚାର କାର୍ଯ୍ୟରେ ସହଯୋଗ କରିଥିଲେ। ଭୋଟଗ୍ରହଣର ଗୋଟିଏ ଦିନ ପୂର୍ବରୁ ଭାଜପା ଛାଡ଼ିବିଜେଡିପାଇଁକାମ କରିବାକୁ ରାକେଶଙ୍କୁ ଓମ୍‌ପ୍ରକାଶ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଶୁକ୍ରବାର ଗ୍ରାମ ନିକଟ ଗୋପାଳପ୍ରସାଦଠାରେ ମା' ହିଙ୍ଗୁଳାଙ୍କ ଉଦ୍‌ଯାପନୀ ଯାତ୍ରା ଅବସରରେ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ରାକେଶ ନିଜ ସମର୍ଥକଙ୍କ ସହିତ ଓମ୍‌ପ୍ରକାଶଙ୍କୁ ମାଡ଼ ମାରିଥିଲେ। ଏ ନେଇ ଓମପ୍ରକାଶ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଚଳାଇଛି।



## ହେଭିୱେଟ୍‌ଙ୍କ...

ହାତେଇବାକୁ ଚେଷ୍ଟା କରୁଛି। ଭାଜପା ମଧ୍ୟ ବିଜେଡିକୁ କଡ଼ା ଟକ୍କର ଦେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ କେନ୍ଦ୍ରାପଡ଼ାରେ ସଭା କରିଥିଲେ। ସେହି ସଭାରେ ମୋଦି ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସିଧାସଳଖ ସମାଲୋଚନା କରିଥିଲେ। ପୂର୍ବ ନିର୍ବାଚନଗୁଡିକରେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହି ଆସୁଥିଲା, ହେଲେ ଚଳିତଥର ମୁଖ୍ୟ ଲଢ଼େଇ ବିଜେଡି-ଭାଜପା ମଧ୍ୟରେ ହେବ ବୋଲି ଆଲୋଚନା ହେଉଛି। ରାଜ୍ୟ ରାଜନୀତିର ପ୍ରମୁଖ ଚେହେରା ବିଜୟ ମହାପାତ୍ର ମଧ୍ୟ ବୈଜୟନ୍ତଙ୍କ ପାଇଁ ପ୍ରଚାରକୁ ଜୋର୍ କରିଛନ୍ତି। ଏହି ଲୋକ ସଭା ଅଧୀନରେ ଆସୁଥିବା କେନ୍ଦ୍ରାପଡ଼ା, ରାଜନଗର ଏବଂ ଆଳି ବିଧାନସଭା କ୍ଷେତ୍ରରେ କଂଗ୍ରେସ-ବିଜେଡି ମଧ୍ୟରେ ଲଢ଼େଇ ହେଉଛି। ତେଣୁ ୩ ପ୍ରମୁଖ ଦଳର ଉପସ୍ଥିତି ରହିଥିଲେ ହେଁ କିଏ ବାଜି ମାରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିବ। ଦୁଇଦିନ ତଳେ ଏହି ଆସନର ସମସ୍ତ ବୁଥ୍‌ରେ କେନ୍ଦ୍ରୀୟ ଫୋର୍ସ ମୁତୟନ ପାଇଁ ବୈଜୟନ୍ତ ସିଇଓଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ। ବିଜେଡି ମଧ୍ୟ କେତେକ ବୁଥ୍‌ରେ ସିସିଟିଭି ଲଗାଇବା ନେଇ ଅନୁରୋଧ କରିଛି। ବାଲେଶ୍ୱର ଆସନକୁ ନେଇ ମଧ୍ୟ ରାଜନୀତି ଚଳଚଞ୍ଚଳ ହୋଇଛି। ବିଜେଡି ଏମ୍‌ପି ପ୍ରାର୍ଥୀ ରବୀନ୍ଦ୍ର ଜେନାଙ୍କ ସହ ଭାଜପାର ବରିଷ୍ଠ ନେତା ପ୍ରତାପ ଷଡ଼ଙ୍ଗୀ ନିର୍ବାଚନ ଲଢୁଛନ୍ତି। ଏହି ଆସନରୁ ପିସିସି ସଭାପତିଙ୍କ ପୁଅ ନବଜ୍ୟୋତି ପଟ୍ଟନାୟକ ମଧ୍ୟ ପ୍ରଥମଥର ପାଇଁ ନିର୍ବାଚନ ଲଢୁଛନ୍ତି। ରେମୁଣା, ନୀଳଗିରି, ବଡ଼ସାହି ଏବଂ ବାଲେଶ୍ୱର ସଦର ବିଧାନସଭା କ୍ଷେତ୍ରର ଭୋଟକୁ ପାଥେୟ କରି ଭାଜପା ବିଜୟୀ ହେବାନେଇ ଆଶାବାଦୀ ରହିଛି। ସେହିପରି ବିଜେଡି ପ୍ରାର୍ଥୀ ରବୀନ୍ଦ୍ର ମଧ୍ୟ ପୂର୍ବ ଫଳାଫଳ ଦୋହରାଇବା ନେଇ ମତପ୍ରକାଶ କରିଛନ୍ତି। ସେହିପରି କଂଗ୍ରେସ ମଧ୍ୟ ଏଠାରୁ ଭଲ ଭୋଟ ନେଇପାରେ ବୋଲି ଆଲୋଚନା ହେଉଛି। ମୟୂରଭଞ୍ଜ ଆସନରେ ବିଜେଡି-ଭାଜପା-ଜେଏମ୍‌ଏମ୍ ମଧ୍ୟରେ କଡ଼ା ମୁକାବିଲା ହେବ ବୋଲି କୁହାଯାଉଛି। ଏଠାରେ ଡ. ଦେବାଶିଷ ମାର୍ଣ୍ଡିଙ୍କୁ ବିଜେଡି ପ୍ରାର୍ଥୀ କରିଥିବା ବେଳେ ଭାଜପା ବିଶ୍ୱେଶ୍ୱର ଟୁଡୁଙ୍କୁ ଟିକେଟ ଦେଇଛି। ଅପରପକ୍ଷରେ କଂଗ୍ରେସ-ଜେଏମ୍‌ଏମ୍ ପକ୍ଷରୁ ଅଞ୍ଜଳି ସୋରେନ୍‌ଙ୍କୁ ପ୍ରାର୍ଥୀ କରାଯାଇଛି। ଭଦ୍ରକ ଲୋକ ସଭା ଆସନରେ ଭାଜପା ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ସେଠୀଙ୍କ ପୁଅ ଅଭିମନ୍ୟୁ ସେଠୀଙ୍କୁ ପ୍ରାର୍ଥୀ କରାଯାଇଛି। ଅପରପକ୍ଷରେ ବିଜେଡି ପକ୍ଷରୁ ନବାଗତା ମଞ୍ଜୁଲତା ମଣ୍ଡଳ ଏବଂ କଂଗ୍ରେସ ପକ୍ଷରୁ ମଧୁସ୍ମିତା ସେଠୀ ପ୍ରାର୍ଥୀ ହୋଇଛନ୍ତି। ଜଗତ୍‌ସିଂହପୁର ଲୋକ ସଭାରେ ବିଜେଡି ପକ୍ଷରୁ ରାଜଶ୍ରୀ ମଲିକଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ଭାଜପା ବିଭୁ ତରାଇଙ୍କୁ ଟିକେଟ ଦେଇଛି। କଂଗ୍ରେସ ଏହି ଆସନ ଲାଗି ପ୍ରତିମା ମଲିକଙ୍କୁ ପ୍ରାର୍ଥୀ କରିଛି। ଯାଜପୁର ଲୋକ ସଭା ଆସନରେ ବିଜେଡି ଶର୍ମିଷ୍ଠା ସେଠୀଙ୍କୁ ପ୍ରାର୍ଥୀ କରିଛି। ସେହିପରି ସେହି ଆସନରେ ଭାଜପା ପକ୍ଷରୁ ଅମିୟ ମଲ୍ଲିକ ଏବଂ କଂଗ୍ରେସ ପକ୍ଷରୁ ମାନସ ଜେନା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

ଏହି ପର୍ଯ୍ୟାୟରେ କେତେକ ବିଧାନସଭା ଆସନ ଉପରେ ସ୍ୱତନ୍ତ୍ର ନଜର ରହିବ। ଜଗତ୍‌ସିଂହପୁର ଜିଲାର ପାରାଦୀପରେ ବିଜେଡିର ସମ୍ବିତ ରାଉତରାୟ ଏବଂ କଂଗ୍ରେସର ବାପି ସର୍ଖେଲଙ୍କ ମଧ୍ୟରେ ଲଢ଼େଇ ହେଉଛି। ସେହିପରି ବାଲିକୁଦା-ଏରସମାରେ ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଭାଜପା ଟିକେଟରେ ଲଢୁଛନ୍ତି। ତାଙ୍କ ବିରୋଧରେ ବିଜେଡି ରଘୁନନ୍ଦନ ଦାସଙ୍କୁ ପ୍ରାର୍ଥୀ କରିଛି। ତେଣୁ ଜଗତ୍‌ସିଂହପୁର ଜିଲାର ଏହି ଆସନ ଉପରେ ସମସ୍ତଙ୍କ ନଜର ରହିଛି। କେନ୍ଦ୍ରାପଡ଼ା ବିଧାନସଭା ଆସନରେ ବିଜେଡି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କୁ ପ୍ରାର୍ଥୀ କରିଛି। ସେଠାରେ କଂଗ୍ରେସ ପକ୍ଷରୁ ବରିଷ୍ଠ ନେତା ଗଣେଶ୍ୱର ବେହେରାଙ୍କୁ ପ୍ରାର୍ଥୀ କରାଯାଇଛି। ତେଣୁ କେନ୍ଦ୍ରାପଡ଼ା ବିଧାନସଭା ଫଳାଫଳ ରାଜନୀତିକୁ ଉଷ୍ମ କରିବ ବୋଲି କୁହାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଭଣ୍ଡାରିପୋଖରୀରୁ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏବଂ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଚାନ୍ଦବାଲିରୁ ମନମୋହନ ସାମଲ, ଧାମନଗରରୁ ବିଷ୍ଣୁ ସେଠୀ, ବସ୍ତାରୁ ରଘୁ ମହାନ୍ତି, ସୋରରୁ ସୁରେନ୍ଦ୍ର ପ୍ରାମାଣିକ, ଯାଜପୁରରୁ ପ୍ରଣବ ପ୍ରକାଶ ଦାସ, ଧର୍ମଶାଳାରୁ ପ୍ରଣବ ବଳବନ୍ତରାୟ, ବଡ଼ଚଣାରୁ ଅମର ଶତପଥୀ, ମାହାଙ୍ଗାରୁ ପ୍ରତାପ ଜେନା ଏବଂ ସିମୁଳିଆରୁ ଅନନ୍ତ ସେଠୀଙ୍କ ଭଳି ପ୍ରମୁଖ ହେଭିୱେଟ୍ ନିର୍ବାଚନ ଲଢୁଛନ୍ତି।

## ୨୩% ପ୍ରାର୍ଥୀଙ୍କ...

ସମ୍ପତ୍ତି ରହିଛି। ୧୦ଲକ୍ଷରୁ ୫ଲକ୍ଷ ଟଙ୍କାର ସମ୍ପତ୍ତି ଥିବା ପ୍ରାର୍ଥୀଙ୍କ ସଂଖ୍ୟା ହେଲା ୨୭୭( ୨୫%)। ସେହିପରି ୧୦ଲକ୍ଷ ଟଙ୍କାରୁ କମ୍ ସମ୍ପତ୍ତି ଥିବା ତାଲିକାରେ ୪୧୮ଜଣ ପ୍ରାର୍ଥୀ(୩୭%) ଅଛନ୍ତି।

ପ୍ରଥମ ପୃଷ୍ଠାରୁ...

ରାଜ୍ୟର ବିଧାୟକ ପ୍ରାର୍ଥୀମାନଙ୍କୁ ଦେଖିଲେ, ସବୁଠାରୁ ଧନୀ ହେଉଛନ୍ତି କଂଗ୍ରେସ ନେତା ବବି ମହାନ୍ତି। ବବି ଏଥର କଟକ ଜିଲା ବଡ଼ମ୍ବା ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ନାଁରେ ୧୦୬କୋଟିରୁ ଅଧିକ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି। ଦ୍ୱିତୀୟରେ ଅଛନ୍ତି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀଙ୍କ ନାମରେ ୬୩ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି। ତୃତୀୟରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନାମ ରହିଛି। ନିରଞ୍ଜନଙ୍କ ନାମରେ ୬୦କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି।

ସବୁ ପ୍ରାର୍ଥୀଙ୍କଠାରୁ ଝାରସୁଗୁଡ଼ା ଆସନର ବିଜେଡି ପ୍ରାର୍ଥୀ ନବ କିଶୋର ଦାସଙ୍କ ଉପରେ ସବୁଠୁ ଅଧିକ ଅର୍ଥାତ୍ ୨୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଋଣଭାର ରହିଛି। ତାଙ୍କ ପଛକୁ ଭଦ୍ରକ ଆସନର ବିଜେଡି ପ୍ରାର୍ଥୀ ସଞ୍ଜୀବ କୁମାର ମଲ୍ଲିକଙ୍କ ଉପରେ ୭ କୋଟିରୁ ଊର୍ଦ୍ଧ୍ୱ ଓ ନୟାଗଡ଼ ଆସନର ଭାଜପା ପ୍ରାର୍ଥୀନୀ ଇରାନୀ ରାୟଙ୍କ ଉପରେ ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଋଣଭାର ରହିଛି।

ସେହିଭଳି ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ମଧ୍ୟ ତଥ୍ୟ ପ୍ରକାଶ ପାଇଛି। ୫ମରୁ ଦ୍ୱାଦଶ ପାସ୍ କରିଥିବା ମୋଟ ୪୭୨(୪୨%) ଜଣ ପ୍ରାର୍ଥୀ ଏଥର ନିର୍ବାଚନ ଲଢୁଛନ୍ତି। ୫୨୮(୫୧%) ଜଣ ପ୍ରାର୍ଥୀ ସ୍ନାତକ ଓ ତା'ଠାରୁ ଅଧିକ ଶିକ୍ଷାଗତ ଯୋଗ୍ୟତା ରହିଥିବା ଦର୍ଶାଇଛନ୍ତି। ସେହିପରି ୮ଜଣ ପ୍ରାର୍ଥୀ କେବଳ ସାକ୍ଷର ବୋଲି ଦର୍ଶାଇଛନ୍ତି। ଅନ୍ୟପଟେ ୨୫ରୁ ୫୦ବର୍ଷ ବୟସର ୭୧୦(୬୩%) ଜଣ ପ୍ରାର୍ଥୀ ଏଥର ନିର୍ବାଚନ ଲଢୁଛନ୍ତି। ୪୦୯ଜଣ ପ୍ରାର୍ଥୀ ସେମାନଙ୍କ ବୟସ ୫୧ରୁ ୮୦ବର୍ଷ ମଧ୍ୟରେ ଦର୍ଶାଇଛନ୍ତି। ଜଣେ ପ୍ରାର୍ଥୀ ନିଜ ବୟସ ୮୦ବର୍ଷ ବୋଲି ଦର୍ଶାଇଛନ୍ତି। ସେଭଳି ଜଣେ ପ୍ରାର୍ଥୀ ସତ୍ୟପାଠରେ ନିଜ ବୟସର କୌଣସି ତଥ୍ୟ ରଖିନାହାନ୍ତି। ଏଥର ନିର୍ବାଚନରେ ୧୧୨୧ ପ୍ରାର୍ଥୀଙ୍କ ମଧ୍ୟରୁ ୧୧୨(୧୦%) ଜଣ ମହିଳା ଅଛନ୍ତି। ୨୦୧୪ ନିର୍ବାଚନରେ ୧୧୭(୮%) ଜଣ ମହିଳା ପ୍ରାର୍ଥୀ ନିର୍ବାଚନ ଲଢ଼ିଥିଲେ।

## ଆଜି ଚତୁର୍ଥ...

କରିବେ ବୋଲି ସୁରେନ୍ଦ୍ର କହିଛନ୍ତି। ବିଭିନ୍ନ ସ୍ଥାନରେ ମଡେଲ ଏବଂ ମହିଳା ବୁଥ୍‌ର ବ୍ୟବସ୍ଥା କରାଯାଇଛି। ଖରାଦିନ ହୋଇଥିବାରୁ ଛାଇ ପାଇଁ ଶେଡ୍ ଏବଂ ପାନୀୟଜଳ ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି। ୧୦୫ଟି ବୁଥ୍‌ରେ କେବଳ ମହିଳା କର୍ମଚାରୀ ନିର୍ବାଚନ କାର୍ଯ୍ୟ ପରିଚାଳନା କରିବେ। ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କ ଦ୍ୱାରା ୪ଟି ବୁଥ୍ ପରିଚାଳନା କରାଯିବା ନେଇ ସିଇଓ ସୂଚନା ଦେଇଛନ୍ତି। ଭୋଟଦାନ ପ୍ରକ୍ରିୟାକୁ ବରିଷ୍ଠ ଏବଂ ଭିନ୍ନକ୍ଷମଙ୍କ ପାଇଁ ସହଜ କରିବା ଲାଗି ସ୍ୱେଚ୍ଛାସେବୀଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି। ଏହି ପର୍ଯ୍ୟାୟ ନିମନ୍ତେ ପ୍ରାୟ ୨୧, ୪୨୮ ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିରେ ୬ ଲୋକ ସଭା ପାଇଁ ୫୨ ଏବଂ ୪୧ ବିଧାନସଭା କ୍ଷେତ୍ର ଲାଗି ୩୩୬ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ଜଗତ୍‌ସିଂହପୁର ଲୋକ ସଭା ଅନ୍ତର୍ଗତ ନିମାପଡ଼ା ଏବଂ କାକଟପୁର, କଟକ ଲୋକ ସଭାର ମାହାଙ୍ଗା ଏବଂ ସାଲେପୁରରେ ମଧ୍ୟ ଭୋଟ ଗ୍ରହଣ ହେବ। ତେଣୁ ପୁରୀ, କଟକ, ଜଗତ୍‌ସିଂହପୁର, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର ଏବଂ କେନ୍ଦ୍ରାପଡ଼ା ଜିଲାରେ ଭୋଟ ଗ୍ରହଣ କରାଯିବ ବୋଲି ସୁରେନ୍ଦ୍ର ସୂଚନା ଦେଇଛନ୍ତି।

## ଛତ୍ରପୁର...

କିଲୋମିଟର ବେଗରେ ପବନ ବହିବ ବୋଲି ଆଇଏମ୍‌ଡି କହିଥିବା ବେଳେ ଜଏଣ୍ଟ ଟାଇଫନ୍ ୱାର୍ନିଂ ସେଣ୍ଟର ଘଣ୍ଟାକୁ ୧୮୫ କିଲୋମିଟର ବେଗରେ ପବନ ବହିପାରେ ବୋଲି କହିଛି। ତେଣୁ ଏଥିରୁ ଜଣାପଡୁଛି, 'ଫନୀ' ପ୍ରଭାବରେ ଓଡ଼ିଶାରେ କେବଳ ବର୍ଷା ହେବ ନାହିଁ, ବରଂ ବହୁ କ୍ଷୟକ୍ଷତି ହୋଇପାରେ। ଯଦି ଆଇଏମ୍‌ଡିଆଇଏସ୍‌ର ପୂର୍ବାନୁମାନ ଠିକ୍ ହୁଏ, ତେବେ ଓଡ଼ିଶା ୪୦ବର୍ଷ ପରେ ପ୍ରଥମଥର ପାଇଁ ମେ ମାସରେ ବାତ୍ୟାର ସମ୍ମୁଖୀନ ହେବ। ସାଧାରଣତଃ ଓଡ଼ିଶାରେ ଅକ୍ଟୋବରରେ ବାତ୍ୟା ଓ ମହାବାତ୍ୟା ହୋଇଥିବା ପ୍ରମାଣ ରହିଛି।

## ତାଳଚେରରେ ରେକର୍ଡ ...

ସହିତ ତାତି କମିବା ସମ୍ଭାବନା ରହିଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ଫନୀ' ଯୋଗୁ ରାଜ୍ୟରେ ଆର୍ଦ୍ରତା ବଢ଼ିଯାଇଛି। ଫଳରେ ତାତି ସହ ଗୁଳୁଗୁଳିରେ ଲୋକେ ସିଝୁଛନ୍ତି। ପାଣିପାଗ କେନ୍ଦ୍ର ପକ୍ଷରୁ ୫ ଜିଲାକୁ ହିଟ୍ ୱେଭ୍ ୟେଲୋ ୱାର୍ନିଂ ଦିଆଯାଇଛି। ନବରଙ୍ଗପୁର, ବଲାଙ୍ଗୀର, ବୌଦ୍ଧ, ସୁବର୍ଣ୍ଣପୁର ଓ ବରଗଡ଼ ଜିଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି।

# ପାଣି ପିଇବାକୁ ଯାଇ ଫସିଲେ ମା'ହାତୀ, ଶାବକ



ସମ୍ବଲପୁର,୨୮।୪(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡର ସଦର ରେଞ୍ଜ ଅଧୀନ ହାତୀବାରୀ ଗ୍ରାମର ଏକ ଗାଡ଼ିଆକୁ ପାଣି ପିଇବାକୁ ଯାଇ ରବିବାର ସକାଳୁ ମା'ହାତୀ ଓ ୪ ବର୍ଷର ଛୁଆ ଫସି ଯାଇଥିଲେ। ଗାଡ଼ିଆରୁ ବାହାରି ନ ପାରିବାରୁ ସେମାନେ ଗର୍ଜନ କରି ସମଗ୍ର ଅଞ୍ଚଳ କମ୍ପାଇ ଦେଇଥିଲେ। ଚିତ୍କାର ଶୁଣି ହାତୀ ଟ୍ରାକିଂ ଟିମ୍ ଓ ବନ ବିଭାଗ କର୍ମଚାରୀ ସେଠାରେ ପହଞ୍ଚିଥିଲେ। ଶେଷରେ ଏକ ଜେସିବି ମେସିନ ଆଣିଯାଇ ଗାଡ଼ିଆ ଭିତରକୁ ରାସ୍ତା ଖୋଳାଯାଇଥିଲା। ଏହାପରେ ମା' ହାତୀ ଓ ଛୁଆ ବାହାରକୁ ବାହାରିଥିଲେ। ହେଲେ ବାହାରକୁ ବାହାରିବା ପରେ ସେଠାରେ ଭିଡ ଜମାଇଥିବା ଲୋକଙ୍କୁ ହାତୀ ଆକ୍ରମଣ ପାଇଁ ଗୋଡ଼ାଇଥିଲେ। ଏଣୁ ଲୋକେ ଏଣେତେଣେ ଧାଁଦୌଡ଼ କରିଥିଲେ। ସେଠାରେ ଥିବା ୫ଟି ସାଇକେଲ ଓ ଗୋଟିଏ ବାଇକକୁ ମା' ହାତୀ ଭାଙ୍ଗି ଦେଇଛି। ପରେ ନିକଟସ୍ଥ ଆମ୍ବଗୁଣ୍ଡା ଜଙ୍ଗଲରେ ରହୁଥିବା ହାତୀପଲ ପାଖକୁ ମା', ଛୁଆ ଚାଲି ଯାଇଥିଲେ।

ସୂଚନାଯୋଗ୍ୟ ସଦର ରେଞ୍ଜ ଅଧୀନ ବିଭିନ୍ନ ଅଞ୍ଚଳରେ ପ୍ରାୟ ୨୪ଟି ହାତୀ ବୁଲୁଛନ୍ତି। ଏମାନେ ଲୋକଙ୍କ ଘରଦ୍ୱାର ଭାଙ୍ଗି ଦେଉଛନ୍ତି। ବନ ବିଭାଗ କହିଛି ଯେ, ରବିବାର ସକାଳେ ହାତୀବାରୀ ଗାଁ ପାଖରେ ଏହି ହାତୀପଲ ପହଞ୍ଚି ଜାତୀୟ ରାଜପଥ ପାର ହେବାକୁ ଚେଷ୍ଟା କରୁଥିଲେ। ହେଲେ ଉପସ୍ଥିତ ଥିବା ହାତୀ ଟ୍ରାକର ଓ ବନ ବିଭାଗ କର୍ମଚାରୀ ଜଙ୍ଗଲ ପଟକୁ ଘଉଡାଇ ଦେଇଥିଲେ। ଏହି ସମୟରେ ପାଖରେ ଥିବା ଗାଡ଼ିଆକୁ ମା' ଓ ଛୁଆ ହାତୀ ପାଣି ପିଇବାକୁ ଓହ୍ଲାଇଥିଲେ। ପାଣି ପିଇବା ପରେ ମା' ହାତୀ ଉପରକୁ ଆସିଥିଲା। ହେଲେ ଛୁଆ ହାତୀ ଗାଡ଼ିଆରେ ରହିଯାଇଥିଲା। ପାଣି ସହ ଅଧିକ ପଙ୍କ ଥିବାରୁ ଆଉ ବାହାରି ପାରି ନ ଥିଲା। ମା' ହାତୀ ପୁଣି ଗାଡ଼ିଆ ଭିତରକୁ ଯାଇ ଛୁଆକୁ ବାହାରକୁ ଆଣିବା ଲାଗି ଉଦ୍ୟମ କରିଥିଲା। ହେଲେ ସଫଳ ନ ହେବାରୁ ଗର୍ଜନ କରିଥିଲା। ଚିତ୍କାର ଶୁଣି ହାତୀ ଟ୍ରାକରମାନେ ସେଠାରେ ପହଞ୍ଚିଥିଲେ। ହାତୀ ଟ୍ରାକରମାନଙ୍କଠାରୁ ଏହି ଖବର ପାଇ ସଦର ରେଞ୍ଜର ଗୌରୀ ଦାସ, ବରିଆପାଲି ଫରେଷ୍ଟର ସୁନୀଲ ମହାପାତ୍ର, ଖଜଣାପାଲି ଫରେଷ୍ଟର କୁଳମଣି ପାଣିଗ୍ରାହୀ, ଗାର୍ଡ ସୁନୀଲ ମିର୍ଦ୍ଧା ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାମ ହେଲାବେଳେ ବିଧି**
**ନ ଦିଶଇ କିଛି ବୁଦ୍ଧି।**

ଭାଗ୍ୟ ଯେତେବେଳେ ବାମ ହୁଏ, ସେତେବେଳେ ହାତରେ ଧରିଥିବା ସୁନା ମଧ୍ୟ ମାଟି ପାଲଟି ଯାଇଥାଏ। ଦୁର୍ଭାଗ୍ୟ ପଡ଼ିଲେ ମଣିଷ ଚାରିଆଡ଼ୁ ନିରାଶ ହେବା ସହ ସବୁ କ୍ଷେତ୍ରରେ ଅସଫଳ ହେବାକୁ ବାଧ୍ୟ ହୋଇଥାଏ। କର୍ମ ସହିତ ଭାଗ୍ୟ ଓ ଭଗବାନ ଅନୁକୂଳ ନ ରହିଲେ ମଣିଷ ଆଗକୁ ବଢ଼ିପାରେ ନାହିଁ। ଭାଗ୍ୟ ସାଥ୍ ନ ଦେଲେ ମଣିଷ ହତାଶ ହୋଇଯିବା ସାର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାଉଁଶ ମାଇଲା କଣି**
**ତୁମେ ଯହିଁପାଇଁ ଠାରେ ଠୁରୁ**
**ଆମେ ତାହା ଜାଣି।**

ପାଖେ ପାଖେ ଘୁରୁଥିବା ଲୋକର ଭିତିରି ଉଦ୍ଦେଶ୍ୟ ବା ମନର କଥା ଅତି ସହଜରେ ବୁଝା ପଡ଼ିଯାଇଥାଏ। ମନୁଷ୍ୟର ଚାଲିଚଳନ ତଥା ଆଦବକାଇଦାରୁ ତା'ର ଅଭିପ୍ରାୟ ଜଣାପଡ଼ିଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ପ୍ରେଷକ ପଣ୍ଡିତ

# ଅନ୍ତର୍ଜାତୀୟ ନୃତ୍ୟ ଦିବସରେ ମାଧୁରୀଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ



ମୁମ୍ବାଇ, ବଲିଉଡ ଅଭିନେତ୍ରୀ ତଥା ନୃତ୍ୟ ପ୍ରବୀଣା ମାଧୁରୀ ଦୀକ୍ଷିତ ଏପ୍ରିଲ ୨୯ ଅନ୍ତର୍ଜାତୀୟ ନୃତ୍ୟ ଦିବସରେ ତାଙ୍କ ଫ୍ୟାନମାନଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି। ସେ ଏକ ଡିଜିଟାଲ ପ୍ଲାଟଫର୍ମର ମିଳିତ ସହଯୋଗରେ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରୁଛନ୍ତି। ଏଥିରେ ଉତ୍ସାହୀ ନୃତ୍ୟଶିକ୍ଷାର୍ଥୀମାନେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ପାଇପାରିବେ।

ମାଧୁରୀଙ୍କ ଅନ୍‌ଲାଇନ୍ ଡ୍ୟାନ୍ସ ଏକାଡେମୀ 'ଡ୍ୟାନ୍ସ ଉଇଥ୍ ମାଧୁରୀ' (ଡିଡବ୍ଲ୍ୟୁଏମ୍) ଏବଂ ୟୁଏଫ୍‌ଓ ମୁଭିଜ୍ ମିଳିତ ଭାବେ ଡିଜିଟାଲ୍ ଡ୍ୟାନ୍ସ ପ୍ରତିଯୋଗିତା ଆୟୋଜନ କରୁଛନ୍ତି। 'କଲଙ୍କ'ରେ ନିଜର ନୃତ୍ୟଦକ୍ଷତା ପ୍ରଦର୍ଶନ କରିଥିବା ମାଧୁରୀ କହନ୍ତି, ତାଙ୍କ ନୃତ୍ୟ ଏକାଡେମୀ ପ୍ରତ୍ୟେକ ଆଗ୍ରହୀ କଳାକାରଙ୍କ ପାଇଁ ସୁଯୋଗ ସୃଷ୍ଟି କରିବ। ୟୁଏଫ୍‌ଓ ମୁଭିଜ୍ ସହଯୋଗରେ ହେଉଥିବା କାର୍ଯ୍ୟକ୍ରମ ଦ୍ୱାରା ଲକ୍ଷାଧିକ ବ୍ୟକ୍ତି ନୃତ୍ୟଶିକ୍ଷାର ସୁଯୋଗ ପାଇପାରିବେ। ବର୍ତ୍ତମାନ ତାଙ୍କର ଡ୍ୟାନ୍ସ ଏକାଡେମୀ ପ୍ରତି ଜନସାଧାରଣଙ୍କ ଭଲପାଇବା ବୃଦ୍ଧିପାଇଛି। ତେଣୁ ସେ ନୃତ୍ୟରେ ନିଜ ସ୍ୱତନ୍ତ୍ରତା ଦେଖାଇବାକୁ ପ୍ରୟାସ କରିଛନ୍ତି। ଏହି ପ୍ରତିଯୋଗିତାରେ ଭାଗନେବାକୁ ଚାହୁଁଥିବା ଆଗ୍ରହୀ କଳାକାରମାନେ ମାଧୁରୀଙ୍କ ସଂଗୀତ ତାଳରେ ସେମାନଙ୍କର ସବୁଠୁ ଭଲ ନୃତ୍ୟର ଭିଡିଓ ଅପ୍‌ଲୋଡ କରିପାରିବେ। ନବାଗତା ନୃତ୍ୟଶିଳ୍ପୀଙ୍କ ପାଇଁ ଏହା ସୁବର୍ଣ୍ଣ ସୁଯୋଗ ସୃଷ୍ଟିକରିବ ବୋଲି ୟୁଏଫ୍‌ଓ ମୁଭିଜ୍‌ର ମୁଖ୍ୟ ମାର୍କେଟିଂ ଅଫିସର ସିଦ୍ଧାର୍ଥ ଭରଦ୍ୱାଜ ପ୍ରକାଶ କରିଛନ୍ତି।

## ରମାଦେବୀ ବିଶ୍ୱବିଦ୍ୟାଳୟ ହଷ୍ଟେଲ ଛାତ୍ରୀଙ୍କ ଧାରଣା

ଭୁବନେଶ୍ୱର,୨୮।୪(ବ୍ୟୁରୋ)- ରମାଦେବୀ ବିଶ୍ୱବିଦ୍ୟାଳୟ ହଷ୍ଟେଲ ସହକାରୀ ଅଧୀକ୍ଷକଙ୍କ ବଦଳି ଦାବିରେ ରବିବାର ଅନ୍ତେବାସିନୀମାନେ ଇନ୍ଦିରା ଗାନ୍ଧୀ ଆଦିବାସୀ ଛାତ୍ରୀ ନିବାସ ଆଗରେ ଧାରଣାରେ ବସିଥିଲେ। ହଷ୍ଟେଲ ସହକାରୀ ଅଧୀକ୍ଷକ ବିଶ୍ୱମୋହିନୀ ପତି ଛାତ୍ରୀମାନଙ୍କୁ ବାହାରକୁ ଛାଡୁ ନ ଥିବା ଏବଂ ଅଭିଭାବକଙ୍କୁ ଦୁର୍ବ୍ୟବହାର କରୁଥିବା ଛାତ୍ରୀମାନେ ଅଭିଯୋଗ କରିଥିଲେ। ଏ ନେଇ ଜଣେ ଛାତ୍ରୀ କହିଥିଲେ, ସହକାରୀ ଅଧୀକ୍ଷକ ଆମ ଅଭିଭାବକଙ୍କ ସହ ଖରାପ ବ୍ୟବହାର କରୁଛନ୍ତି। ଛୋଟ ଛୋଟ କଥାରେ ବାହାର କରିବା ପାଇଁ ଧମକ ମଧ୍ୟ ଦେଉଛନ୍ତି। ଏଭଳି ବ୍ୟବହାରରେ ଆମେ ନିଗୃହୀତ ହୋଇଆସୁଛୁ। ତେଣୁ ତାଙ୍କର ବଦଳି ପାଇଁ ଆମେ ଦାବି କରୁଛୁ। ସେପଟେ ଛାତ୍ରୀଙ୍କ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି ବିଶ୍ୱମୋହିନୀ ପତି। ଛାତ୍ରୀମାନେ ଆଣିଥିବା ଅଭିଯୋଗ ମିଛ ଏବଂ ଛାତ୍ରୀଙ୍କ ସୁରକ୍ଷା ପାଇଁ ନିୟମ କଡ଼ାକଡ଼ି ପାଳନ ହେଉଛି ବୋଲି ସେ କହିଛନ୍ତି।

## ନିଖୋଜ ନାବାଳକ ଉଦ୍ଧାର

କଟକ ଅଫିସ,୨୮।୪- ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ କୈବଲ୍ୟ ବିହାର ଅଞ୍ଚଳରୁ ନିଖୋଜ ହୋଇଥିବା ସୂର୍ଯ୍ୟପ୍ରକାଶ ନାମକ ଜଣେ ୧୫ ବର୍ଷର ନାବାଳକକୁ ରବିବାର ପୋଲିସ ଓଏମ୍‌ପି ଅଞ୍ଚଳରୁ ଉଦ୍ଧାର କରିଛି। ସେ ଘରେ ନ କହି ଓଏମ୍‌ପି ଅଞ୍ଚଳରେ ରହୁଥିବା ତାଙ୍କର ଜଣେ ସାଙ୍ଗଙ୍କ ଘରକୁ ପଳାଇ ଯାଇଥିଲେ ବୋଲି ପୋଲିସ ସୂଚନା ଦେଇଛି।


CLASSIFIED DISPLAY
MORE SPACE • SAME PRICE
TARIFF

| For Single Day | | For 7 Days | | For 15 days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
FREE Mobile + Laptop + Bike + 20000/-
Ph- 7739216167
9973805993

ASTROLOGY

FINANCE

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କେଟ୍, ପ୍ରପର୍ଟି, କୁକୁଡ଼ା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ ସୁଧ 1%
ADDRESS: C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଋଣ
ମହାଲକ୍ଷ୍ମୀ ଫାଇନାନ୍ସ
ଏଜୁକେସନ, ମାର୍କେଟ, ପ୍ରପର୍ଟି, ଏଗ୍ରିକଲ୍ଚର, ପଶୁପାଳନ, ବ୍ୟବସାୟ, ମତ୍ସ୍ୟପାଳନ, ବ୍ୟକ୍ତିଗତ ଋଣ
୩ ଲକ୍ଷରୁ ୫୦ ଲକ୍ଷ
ସୁଧ ହାର: ୪% ବାର୍ଷିକ
!! କୌଣସି ଫାଇଲ ଚାର୍ଜ ନାହିଁ !!
07052133043
08419077960
Add : - 41/14, Sec.1, Pushp Vihar, Delhi

BUSINESS

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ ଖାନ୍‌ଙ୍କ ଖୋଲା ଘୋଷଣା
A to Z ସମସ୍ୟାର ସମାଧାନ ଘରେ ବସି
ବାବା ଆମିଲ ସୁଫି
9540938429
9903852257

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କେଟ୍, ପ୍ରପର୍ଟି, ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
9899436770
8929606415
SCO- 106, Second Floor, Vishal Tower, Connaught Place, Delhi.

CAPITAL FINANCE PVT. LTD.
ମାର୍କେଟ୍, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% - ରିହାତି 40%
9499437218
House No.2, Ram Nagar, Narnol, Haryana

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦେଉନି ଚାହେଁଲେ ଆମ କମ୍ପାନୀ ଠାରୁ ମାର୍କେଟ, ଆଧାର କାର୍ଡ, କୃଷି ଓ ସମ୍ପତ୍ତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ଼। ଘରେ ବସି ପାଆନ୍ତୁ। ଠକଙ୍କ ପ୍ରତି ସାବଧାନ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ମହୁମାଛି ଚାଷ
ମହୁମାଛି ଚାଷ କରିବା ପାଇଁ ଆଗ୍ରହୀ ଫାର୍ମ ହାଉସ୍ ମାଲିକମାନଙ୍କ ପାଇଁ ଉଦ୍ଦିଷ୍ଟ, (ସରକାରୀ ପ୍ରୋତ୍ସାହନ ରିହାତି 40%)
ଯୋଗାଯୋଗ:
8763499150
OMM HONEY

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଟାୱାର ଲଗାଇ
70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣଙ୍କୁ ଚାକିରି ମିଳିବ।
Mysore, Karnataka 570001
Call or SMS Now
7895985440

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ
90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ। ଜଣଙ୍କୁ ଚାକିରି + ବାଇକ୍ ଫ୍ରୀ ମିଳିବ
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ମହିଳା ଗୁରୁତର

ନୂଆପଡ଼ା ଅଫିସ,୨୮।୪

ନୂଆପଡ଼ା ଜିଲା ସଦର ବ୍ଲକର ବୁଏରଭାଡି ଗାଁର କୋନ୍ଦିବାଇ ପାଣ୍ଡେ (୫୦) ନାମ୍ନୀ ଜନୈକା ମହିଳା ଭାଲୁ ଆକ୍ରମଣରେ ଗୁରୁତର ଭାବେ ଆହତ ହୋଇଛନ୍ତି । ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି । କୋନ୍ଦିବାଇ ବଡି ଭୋରରୁ ନିଜର କ୍ଷେତରେ ଥିବା ମହୁଲ ଗଛରୁ ଫୁଲ ସଂଗ୍ରହ କରୁଥିବା ସମୟରେ ହଠାତ ଏକ ଭାଲୁ ଆକ୍ରମଣ କରିଥିଲା। ଚିତ୍କାର କରିବାକୁ ପଡୋଶୀ ଚାଷୀମାନେ ଦୌଡି ଆସି ତାଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଗରିବ ପରିବାରର ମହିଳାଙ୍କ ଆର୍ଥିକ ସ୍ଥିତି ଦୁର୍ବଳ । ତେଣୁ ତାଙ୍କୁ ତୁରନ୍ତ ସରକାରୀ ସୁବିଧା ସହ ସହାୟତା ରାଶି ପ୍ରଦାନ କରାଯିବାକୁ ଦାବି ହୋଇଛି ।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି କର୍ମଚାରୀଙ୍କ ମୃତ୍ୟୁ

ନୂଆପଡା ଅଫିସ/ବୋଡେନ,୨୮।୪- ନୂଆପଡ଼ା ଜିଲା ବୋଡେନ ବ୍ଲକ ସଦର ବିଦ୍ୟୁତ୍ କାର୍ଯ୍ୟାଳୟ ଷ୍ଟ୍ରକ୍ଚରରେ କାମ କରୁଥିବା ଜଣେ କମଚାରୀ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବାରୁ ତାଙ୍କର ମୃତ୍ୟୁ ହୋଇଛି । ତାଙ୍କ ନାମ ନାରାୟଣ ମହାପାତ୍ର (୩୫) । ମହାପାତ୍ର ଷ୍ଟ୍ରକ୍ଚରରେ କାମ କରୁଥିବାବେଳେ ହଠାତ କରି ବିଜୁଳି ଚାର୍ଜ ହୋଇଯାଇଥିଲା। ତାର ସଂସ୍ପର୍ଶରେ ଆସିଯିବାରୁ ଛିଟିକି ପଡିଥିଲେ । ତାଙ୍କୁ ଗୁରୁତର ଭାବେ ଉଦ୍ଧାର କରି ଖଡିଆଳ ମିଶନ ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

### କର୍ମସ୍ଥଳ ସୁରକ୍ଷା, ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା

ଟେନ୍‌ସା, ୨୮।୪(ଡି.ଏନ୍.ଏ.)- ରବିବାର ଏସ୍.ଆର୍ ରୁଙ୍ଗଟା ଗ୍ରୁପ ପକ୍ଷରୁ ବିଶ୍ୱ କର୍ମସ୍ଥଳ ସୁରକ୍ଷା ଓ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା କୋଇଡାଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କର୍ମଶାଳାରେ ତେଜେରୋଇ ଖଣିର ପରିଚାଳକ ବିମଲେଶ ଶ୍ରୀବାସ୍ତବ, କନ୍ଥର କୋଇଡା ମାଙ୍ଗାନିଜ ଖଣିର ଆଶିଷ କୁମାର ବେହେରା, ସାରକୁଣ୍ଡା ଖଣିର ରଞ୍ଜନ ସିଂ, କମଣ୍ଡୋ ଖଣିର ରାକେଶ କୁମାର, କୁସୁମୁଡିହି ଖଣିର ଅଭିନନ୍ଦନ ପ୍ରସାଦ, ତେହେରାଇ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ପ୍ରଦୀପ୍ତ ଭାନୁ ପଟ୍ଟନାୟକ ଯୋଗଦେଇ ସଚେତନତା ଉପରେ ଲୋକଙ୍କୁ ବିସ୍ତୃତ ଭାବରେ ବୁଝାଇଥିଲେ । ତେହେରେଇ ଖଣିର ପ୍ରଶାସନ ବିଭାଗର ଅଜୟ କୁମାର କର, ସିଏସ୍ଆର ବିଭାଗର ପରିଚାଳକ ଗୌରୀଶଙ୍କର ଆଚାରି ପରିଚାଳନା କରିଥିଲେ । ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ବଢିଚାଲିଛି। ବିଶେଷକରି କୋଇଡା ଖଣି ଅଞ୍ଚଳର ତାପମାତ୍ରା ଏତେ ବଢିଯାଇଛି ଯେ, ଦିନ ୧୦ଟା ପରଠାରୁ ଲୋକେ ଘରୁ ବାହାରିପାରୁ ନାହାନ୍ତି। ଖରାରେ ଗଲାବେଳେ କିଭଳି ସାବଧାନତା ଅବଲମ୍ବନ କରିବେ। ଯେପରି ଅଂଶୁଘାତ ହେବ ନାହିଁ । ଏହାକୁ ନେଇ ରୁଙ୍ଗଟା ଗ୍ରୁପ ପକ୍ଷରୁ ବିଶ୍ୱ କର୍ମସ୍ଥଳ ସୁରକ୍ଷା ଓ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା ହୋଇଥିଲା। କର୍ମଶାଳାରେ ନିୟମ ପାଳନ କରିବା ପାଇଁ ଶପଥ ପାଠ କରାଇଥିଲେ।

### ପୁତୁରାର ଟାଙ୍ଗିଆ ଚୋଟରେ ଖୁଡ଼ୀ ମୃତ

ପାଟଣା/ଢେଙ୍କିକୋଟ, ୨୮।୪(ସ୍ୱ.ପ୍ର.) କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ବନ୍ଧ ସାହିରେ ଶନିବାର ବିଳମ୍ବିତ ରାତିରେ ପାରିବାରିକ କଳହରୁ ପୁତୁରାର ଟାଙ୍ଗିଆ ଚୋଟରେ ଖୁଡୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତ୍ରିନାଥ ଦାସଙ୍କ ସ୍ତ୍ରୀ ରୁଦେଇ(୫୨)। ଏ ନେଇ ଉକ୍ତ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି। ସୂଚନା ଅନୁଯାୟୀ, ରାତିରେ ପାରିବାରିକ କଳହରୁ ପୁତୁରା ସାଧୁ ଦାସ ଖୁଡି ରୁଦେଇଙ୍କ ମୁଣ୍ଡକୁ ଟାଙ୍ଗିଆରେ ହାଣି ଦେଇଥିଲେ। ଘଟଣାସ୍ଥଳରେ ହିଁ ରୁଦେଇଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଘଟଗାଁ ପୋଲିସ ପହଞ୍ଚି ମୃତଦେହ ଜବତ କରି ଏକ ମାମଲା (ନଂ.୪୬/୧୯) ରୁଜୁ କରିଥିଲା। ସାଧୁଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ଘଟଗାଁ ଥାନା ଅଧିକାରୀ ବନ୍ଦନା ପାତ୍ର କହିଛନ୍ତି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା।

# ଠିକାଦାରଙ୍କୁ ହତ୍ୟାକଲେ ମାଓବାଦୀ

## ■ଆତ୍ମସମର୍ପିତ ମାଓବାଦୀଙ୍କୁ ନେଇ ଏସ୍‌ପିଙ୍କ ବୟାନ ମିଛ

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୨୮।୪ (ଡି.ଏନ୍.ଏ.)-

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ସୁମରବନ୍ଧ ପଞ୍ଚାୟତରେ ପୁଣି ମାଓବାଦୀ ସେମାନଙ୍କ ସ୍ଥିତି ଜାହିର କରିଛନ୍ତି। ଶନିବାର ରାତିରେ କିଲରପଙ୍ଗାଠାରେ ଜଣେ ଯୁବ ଠିକାଦାରଙ୍କୁ ପୋଲିସ ଇନ୍‌ଫର୍ମର ସନ୍ଦେହରେ ହତ୍ୟା କରାଯାଇଛି। ସେ ହେଲେ ଡମାଙ୍ଗପଦରର କୈଳାସ ଦିଗାଲ। ହତ୍ୟାକାଣ୍ଡ ସ୍ଥାନରେ ମାଓବାଦୀମାନେ ଏକ ପୋଷ୍ଟର ଛାଡି ଯାଇଛନ୍ତି। ଏଥିରେ ଜେଲ୍ ଗଲେ ବେଲ୍ ମିଳିବ, ଚାଲାକି କଲେ ଗୁଳି ମିଳିବ ବୋଲି ଲେଖାଯାଇଛି। ସେହିପରି ବିଗତ ଦିନରେ ଆତ୍ମସମର୍ପଣ କରିଥିବା ଫିରିଙ୍ଗିଆ ବ୍ଲକ ସୁମରବନ୍ଧ ପଞ୍ଚାୟତ ଜାର୍ଗିସରୁ ଗ୍ରାମର ସିଜୁ କହଁର ଓରଫ ରିପୁ/ପିଙ୍କି ଏବଂ ଗୋଚ୍ଛାପଡା ଥାନା ପାହିରାଜୁ ପଞ୍ଚାୟତ ବରହଳା ଗ୍ରାମର ଭରତ କହଁର ଓରଫ ରାକେଶଙ୍କୁ ନେଇ କନ୍ଧମାଳ ଏସ୍‌ପି ଦେଇଥିବା ବୟାନ ମିଛ ବୋଲି ମଧ ପୋଷ୍ଟରରେ ଉଲ୍ଲେଖ ରହିଛି। କିଲରପଙ୍ଗା ଅତ୍ୟନ୍ତ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ସେଠାରେ ପୋଲିସ ପହଞ୍ଚି ପାରିନାହିଁ। ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତଦେହ ଆଣି ଫୁଲବାଣୀ ମେଡିକାଲରେ ବ୍ୟବଚ୍ଛେଦ କରାଇଛି। ୧୦ରୁ ୧୫ ଜଣ ମାଓବାଦୀ ଏହି ଘଟଣାରେ ସାମିଲ ଥିବା ମୃତ କୈଳାସଙ୍କ ସାନ ଭାଇ କାଶୀନାଥ ଫିରିଙ୍ଗିଆ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କୈଳାସ ଶନିବାର ଛେଳି ଚରାଇବାକୁ ଯାଇଥିଲେ। ସେଠାରୁ ତାଙ୍କୁ ମାଓବାଦୀମାନେ ଡାକି ନେଇ ଗୁଳିକରି ହତ୍ୟା କରିଥିଲେ। ରବିବାର ପୋଲିସ ଖବର ପାଇବା ପରେ ମୃତଦେହ ଆଣିବାକୁ ଏକ ଆମ୍ବୁଲାନ୍ସ ପଠାଇଥିଲା। ହେଲେ ଆମ୍ବୁଲାନ୍ସ ସାଡିଙ୍ଗିଆ ଯାଇ ନ ପାରି ଘଟଣାସ୍ଥଳଠାରୁ ୧୫କିମି ପୂର୍ବରୁ ଅଟକି ରହିଥିଲା। ପୋଲିସ ଚେଷ୍ଟା କରି ସ୍ଥାନୀୟ ଲୋକଙ୍କ ସହାୟତାରେ ଏକ ଅଟୋରେ ଘଟଣାସ୍ଥଳରୁ ମୃତଦେହ ଆଣିବାରେ ସକ୍ଷମ ହୋଇଥିଲା। ଏ ନେଇ ଥାନାରେ ନଂ.୩୯/୧୯ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଚଳିତ ସାଧାରଣ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ବେଳେ ମାଓବାଦୀମାନେ ଗତ ୧୭ ତାରିଖରେ ସୁମରବନ୍ଧ ପଞ୍ଚାୟତ ମିଙ୍ଗୁନୁପଦରଠାରେ ପୋଲିଂ ପାର୍ଟି ଗାଡି ଅଟକାଇ ପୋଡି ଦେଇଥିଲେ। ସେହିପରି ବାଲନ୍ଦାପଡା ଠାରୁ ୧୨ କିମି ଦୂର ବାରାହାଲାଠାରେ ପୋଲିଂ ଚେକିଂ ପାର୍ଟି ଯାଉଥିବା ବେଳେ ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟାଇଥିଲେ। ଗାଡି ଚାଳକ ପଛକୁ ଗାଡି ଫେରାଇ ଆଣୁଥିବାବେଳେ ମାଓବାଦୀ ଗୁଳି ଚଳାଇବାରୁ ଜିଆରଏସ ତଥା ମେସେଞ୍ଜର ସଂଯୁକ୍ତା ଦିଗାଲଙ୍କ ମୁଣ୍ଡରେ ଗୁଳି ବାଜିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।



ନ୍ୟାଶନାଲ ମ୍ୟୁଜିକ୍ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ୮ମ ଲକ୍ଷ୍ମଣ ଗଡ଼ନାୟକ ସ୍ମୃତି ଅନ୍ତର୍ଜାତୀୟ ନୃତ୍ୟ ସଙ୍ଗୀତ ସମାରୋହ ଉଦ୍‌ଯାପନୀ ସନ୍ଧ୍ୟାରେ ଜଣେ ନୃତ୍ୟଶିଳ୍ପୀ ଭାରତ ନାଟ୍ୟମ୍ ନୃତ୍ୟ ପରିବେଷଣ କରୁଛନ୍ତି।



ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ହାଇକୋର୍ଟ ପରିସରରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଏକାଠି ହୋଇଥିବା ଅତିଥିମାନେ।

### ଗୋଦାମ ଘରେ ନିଆଁ

କେନ୍ଦୁଝର, ୨୮।୪(ସ୍ୱ.ପ୍ର.)

ସ୍ଥାନୀୟ ବଡ଼ହଲ ନିକଟ ୪୯ ନମ୍ବର ଜାତୀୟ ରାଜପଥ କଡରେ ଥିବା ଏକ କବାଡିଆଖାନା (ଗୋଦାମ ଗୃହ)ରେ ରବିବାର ଅପରାହ୍ଣରେ ନିଆଁ ଲାଗିଯିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଖବର ପାଇ ଦମକଳ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। କବାଡ଼ିଆ ସାମଗ୍ରୀ ପୋଡ଼ି ଯାଇଥିବା ଜଣାପଡିଛି। ନିଆଁ ଲାଗିବାର କାରଣ ଜଣାପଡି ନ ଥିଲେ ହେଁ ପ୍ରବଳ ଖରା ଯୋଗୁଁ ଅସାବଧାନତାରୁ ନିଆଁ ଲାଗିଯାଇଥିବା କୁହାଯାଉଛି।

### ବାଣଫୁଟି ଜଳିଗଲା ୩ ବଖରା

■ ଲକ୍ଷାଧିକ ଟଙ୍କାର ଆସବାବପତ୍ର ଧ୍ୱଂସ

ବାହାନଗା, ୨୮।୪(ଡି.ଏନ୍.ଏ.)

ଖନ୍ତାପଡ଼ାଥାନାରେମୁଣାବ୍ଲକଚକଜଗନ୍ନାଥପୁରପଞ୍ଚାୟତରମହାଳିକସାହିରଜଣେ ବ୍ୟକ୍ତିଙ୍କ ଘର ଉପରେ ବିବାହ ଶୋଭାଯାତ୍ରା ବେଳେ ବାଣ ଫୁଟି ନିଆଁ ପଡ଼ିଯିବାରୁ ୩ ବଖରା ଜଳିଯାଇଛି। ଫଳରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ଧ୍ୱଂସ ହୋଇଯାଇଛି।

ରବିବାର ମଧ୍ୟାହ୍ନରେ ସୋର ବ୍ଲକ ଗୋଡ଼ ଅଞ୍ଚଳରୁ ଏକ ବରଯାତ୍ରୀ ଦଳ ସେହି ଗ୍ରାମର ଗୋପୀନାଥ ମହାଳିକଙ୍କ ଝିଅକୁ ବିବାହ କରିବାକୁ ଆସିଥିଲେ। ବରଯାତ୍ରୀ ଦଳ ଗ୍ରାମର ଏକ ପଡ଼ିଆରେ ବାଣ ଫୁଟାଉଥିବା ବେଳେ ବାଣର ନିଆଁ ଗ୍ରାମର ଦେବେନ୍ଦ୍ର ପାତ୍ରଙ୍କ ଚାଳ ଛପର ଉପରେ ଉଡି ପଡ଼ିଯାଇଥିଲା। ଫଳରେ ଦେବେନ୍ଦ୍ରଙ୍କ ୩ ବଖରା ଘର ବାଣ ନିଆଁରେ ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ଘର ଭିତରେ ଥିବା ସମସ୍ତ ଚାଉଳ, ଧାନ, ଆସବାବପତ୍ର, ଲୁଗାପଟା ଆଦି ପୋଡ଼ିଯାଇଛି। ଯାହାର ଆନୁମାନିକ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡିଛି। ବାଲେଶ୍ୱରରୁ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ■ କେବିକେ ମୁଖ୍ୟ ପ୍ରଶାସକଙ୍କ ଜିଲା ପ୍ରଶାସନକୁ ନିର୍ଦ୍ଦେଶ

# ଇନ୍ଦ୍ରାବତୀ ଜଳବନ୍ଦୀ ୧୬ ଗ୍ରାମ ପାଇଁ ସ୍ୱତନ୍ତ୍ର ଯୋଜନା କର

ଭବାନୀପାଟଣା,୨୮।୪ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଥୁ.ରାମପୁର ବ୍ଲକରେ ଇନ୍ଦ୍ରାବତୀ ଜଳ ଭଣ୍ଡାର ପାଇଁ ଜଳବନ୍ଦୀ ଭାବେ ରହିଥିବା ୧୬ଟି ଗ୍ରାମର ଜନସାଧାରଣଙ୍କ ପାଖରେ କିଭଳି ସରକାରୀ ଯୋଜନା ପହଞ୍ଚି ପାରିବ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ ଜଳବନ୍ଦୀ ଜନସାଧାରଣଙ୍କ ସମ୍ପୂର୍ଣ୍ଣ ତଥ୍ୟ ସର୍ଭେ କରି ଉପସ୍ଥାପନ କରିବା ପାଇଁ କେବିକେ ମୁଖ୍ୟ ପ୍ରଶାସକ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଜିଲା ଯୋଗାଣ ଅଧିକାରୀ, ବନବିଭାଗ, ଶ୍ରମ ବିଭାଗ, ଜିଲା ଶିକ୍ଷା ଅଧିକାରୀଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀଙ୍କୁ ଏହି ଜଳବନ୍ଦୀ ଅଞ୍ଚଳର ଗ୍ରାମବାସୀଙ୍କ ଉନ୍ନତି ପାଇଁ କ'ଣ କରାଯାଇ ପାରିବ ସର୍ଭେ କରି ତୁରନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଇନ୍ଦ୍ରାବତୀ ଜଳଭଣ୍ଡାର ଦ୍ୱାରା ଜଳବନ୍ଦୀ ଭାବେ ଥିବା ୧୬ଟି ଗ୍ରାମ ଲିଟିମସ୍କା, ପୋଡାପଦର, କାରୁଆଡି, ଟେମରା, ତଳଟେମରା, ତଳଗୁଞ୍ଜିମାଲି, ଉପରଗୁଞ୍ଜିମାଲି, ସରପାସ, କଲାଟି, ଉପରପୋଙ୍ଗା, କେ.ଚେପଟାଘାଟ, ତେନ୍ତୁଳିପଦର, ଭିତରପଙ୍ଗା, ଝରିଗାଁ, ଘୁଟୁଖାଲରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ ସର୍ଭେ କରି ଏହି ଗ୍ରାମବାସୀଙ୍କ କ'ଣ ସବୁ ଅସୁବିଧା ରହିଛି ଏବଂ ସେମାନଙ୍କ ପାଇଁ କ'ଣ କରାଯାଇ ପାରିବ ତାହାର ରିପୋର୍ଟ ତୁରନ୍ତ ପ୍ରଦାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ରିପୋର୍ଟ ଆସିବା ପରେ ଏହି ଜଳବନ୍ଦୀ ୧୬ଟି ଗ୍ରାମ ପାଇଁ ଏକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରାଯିବ ଏବଂ ଆବଶ୍ୟକ ଅନୁଦାନ ପାଇଁ କେବିକେ ପ୍ରଶାସକଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ସୂଚନାଯୋଗ୍ୟ ଯେ, କଳାହାଣ୍ଡି ଜିଲାରେ ଇନ୍ଦ୍ରାବତୀ ବହୁମୁଖି ପ୍ରକଳ୍ପ ଯୋଗୁ ଲକ୍ଷାଧିକ ହେକ୍ଟର ଜମିରେ ନିଶ୍ଚିତ ଜଳସେଚନ ସୁବିଧା ଉପଲବ୍ଧ ହେବା ଦ୍ୱାରା କଳାହାଣ୍ଡି ଗତ କିଛି ବର୍ଷ ହେଲା ରାଜ୍ୟର ଦ୍ୱିତୀୟ ବୃହତ୍ତମ ଧାନ ଉତ୍ପାଦନକାରୀ ଜିଲାର ମାନ୍ୟତା ପାଇଛି। ତେବେ ବୃହତ୍ତର ସ୍ୱାର୍ଥ ପାଇଁ ନିଜର ଭିଟାମାଟି ଓ ଚାଷଜମି ଛାଡିଦେଇ ଥିବା ବିସ୍ଥାପିତ ଏବଂ ଜଳବନ୍ଦୀ ଅଞ୍ଚଳର ୧୬ଟି ଗ୍ରାମର ପ୍ରାୟ ୧୫ ହଜାର ଅଧିବାସୀଙ୍କ ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା ସରକାରୀସ୍ତରରେ ହୋଇନାହିଁ। ବିଳମ୍ବରେ ହେଲେ ମଧ କେବିକେ ମୁଖ୍ୟ ପ୍ରଶାସକ ଏ ଦିଗରେ ବିର୍ଦ୍ଦେଶ ଦେବା ଏବଂ ଏହାକୁ ନେଇ ଜିଲା ପ୍ରଶାସନ ଚଳଚଞ୍ଚଳ ହେବା ଘଟଣାକୁ ସାଧାରଣରେ ସ୍ୱାଗତ କରାଯାଇଛି। ଅପରପକ୍ଷେ ଜିଲା ପ୍ରଶାସନ ପକ୍ଷରୁ ଏହି ସବୁ ଜଳବନ୍ଦୀ ୧୬ଟି ଗ୍ରାମ ସର୍ଭେ କରାଯାଇ ଠିକ୍ ଭାବରେ ସରକାରଙ୍କଠାରେ ପ୍ରସ୍ତାବ ଉପସ୍ଥାପନ କରିବା ପାଇଁ ବୁଡି ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି କେବିକେ ମୁଖ୍ୟ ପ୍ରଶାସକ ଓ ଜିଲାପାଳଙ୍କ ପଦକ୍ଷେପକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି। ଏହା କେବଳ ସରକାରୀ ନିର୍ଦ୍ଦେଶ ନାମାରେ ସିମିତ ନ ରହି ଜିଲାପ୍ରଶାସନର ଅଧିକାରୀମାନେ ଜଳବନ୍ଦୀ ଅଞ୍ଚଳର ୧୬ଟି ଗ୍ରାମକୁ ଯାଇ କ୍ଷେତ୍ର ପରିଦର୍ଶନ କରି ସେଠାକର ବାସ୍ତବ ଚିତ୍ର ଓ ରିପୋର୍ଟ ପ୍ରଦାନ କଲେ ଏହି ଅଞ୍ଚଳର ବିକାଶ ପାଇଁ ସରକାରୀସ୍ତରରେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହୋଇପାରିବ। ଜିଲାପାଳ ଏ ଦିଗରେ ଯତ୍ନବାନ୍ ହୋଇ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରକୃତ ତଥ୍ୟ ଉପସ୍ଥାପନ ନିମନ୍ତେ ତାଗିଦ୍ କରିବାର ଆବଶ୍ୟକତା ରହିଛି। ଅଞ୍ଚଳର ପ୍ରକୃତ ତଥ୍ୟ ସର୍ଭେ ଦ୍ୱାରା ପ୍ରତିଫଳିତ ହେଲେ ଏହି ବୁଡି ଅଞ୍ଚଳବାସୀଙ୍କ ବିକାଶ ନିମନ୍ତେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତିରେ ସହାୟକ ହୋଇ ପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

### ଅଚ୍ୟୁତ ସାମନ୍ତଙ୍କୁ 'ଲାୟନ୍ସ ଟଏସ୍ ହ୍ୟୁମାନିଟାରିଆନ୍ ସମ୍ମାନ'

ଭୁବନେଶ୍ୱର,୨୮।୪(ବ୍ୟୁରୋ)- କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ରାଜ୍ୟ ସଭା ସଦସ୍ୟ ଅଚ୍ୟୁତ ସାମନ୍ତଙ୍କୁ ଲାୟନ୍ସ ମୁମ୍ବାଇ ଟଏସ୍ ଫାଉଣ୍ଡେଶନ ପକ୍ଷରୁ ସମ୍ମାନଜନକ 'ଲାୟନ୍ସ ଟଏସ୍ ହ୍ୟୁମାନିଟାରିଆନ୍ ସମ୍ମାନ' ପ୍ରଦାନ କରାଯାଇଛି। ରବିବାର ମୁମ୍ବାଇଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ସାମନ୍ତଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କ ଅନୁପସ୍ଥିତିରେ ଡ. ବରୁଣ ସୂତ୍ର ଏହି ସମ୍ମାନ ଗ୍ରହଣ କରିଥିଲେ। ସମ୍ମାନ ବାବଦରେ ନଗଦ ୫ଲକ୍ଷ ଟଙ୍କା ଅର୍ଥରାଶି ସହ ମାନପତ୍ର ଦିଆଯାଇଛି। ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି।

## ■ ଶ୍ରୀମନ୍ଦିର ପ୍ରଶାସନର ସତ୍ୟପାଠକୁ ବିରୋଧ

# ପରିଚାଳନା କମିଟି ସେବାୟତ ସଦସ୍ୟଙ୍କ ଇସ୍ତଫା ଧମକ

ପୁରୀ ଅଫିସ, ୨୮।୪

ଶ୍ରୀମନ୍ଦିରକୁ ନେଇ ପୁଣି ଏକ ବଡ଼ ବିଭ୍ରାଟ ଉପୁଜିବା ସମ୍ଭାବନା ସୃଷ୍ଟି ହୋଇଛି। ସେବାୟତ ଓ ପ୍ରଶାସନ ମଧ୍ୟରେ ଚାଲିଥିବା ବିବାଦ କୋର୍ଟରେ ବିଚାରାଧୀନ ଥିବାବେଳେ ପ୍ରଶାସନର ଏକ ସତ୍ୟପାଠକୁ ନେଇ ଆଉ ଏକ ବିବାଦ ମୁଣ୍ଡ ଟେକିଛି। ସୁପ୍ରିମ୍‌କୋର୍ଟରେ ମନ୍ଦିର ପ୍ରଶାସନ ଦୈନିକ ୩୬ ଜଣ ସେବକ ମହାପ୍ରଭୁଙ୍କ ସେବାପୂଜା କରିପାରିବେ। ଏହାଛଡା ସ୍ୱତନ୍ତ୍ର ନୀତି ପାଇଁ ଆଉ ଅଳ୍ପ କିଛି ସେବକଙ୍କ ଆବଶ୍ୟକତା ପଡିଥାଏ ବୋଲି ଏକ ସତ୍ୟପାଠ ଦାଖଲ କରିଛି। ଯାହାକୁ ନେଇ ସେବାୟତ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପରିଚାଳନା କମିଟିରେ ଥିବା ସେବାୟତ ପ୍ରତିନିଧି ଏହାକୁ ଦୃଢ ବିରୋଧ କରିଥିବା ବେଳେ ଇସ୍ତଫା ଧମକ ଦେଇଛନ୍ତି। ବିଭିନ୍ନ ସେବାୟତ ନିଯୋଗ ମଧ ଏଭଳି ସତ୍ୟପାଠକୁ ନେଇ ପ୍ରତିବାଦ କରିଛନ୍ତି।

ସୁପ୍ରିମ୍‌କୋର୍ଟରେ ଶ୍ରୀମନ୍ଦିର ସଂସ୍କାର ମାମଲା ବିଚରାଧୀନ ରହିଛି। ଆସନ୍ତା ୩୦ରେ ମାମଲାର ପରବର୍ତ୍ତୀ ଶୁଣାଣି ରହିଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୁପ୍ରିମ୍‌କୋର୍ଟରେ ଦାଖଲ ସତ୍ୟପାଠକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ବିରୋଧ କରି ରବିବାର ପରିଚାଳନା କମିଟିରେ ସଦସ୍ୟ ଥିବା ସେବାୟତ ପ୍ରତିନିଧିଙ୍କ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସେବାୟତ ପ୍ରତିନିଧିମାନେ କହିଥିଲେ, ସତ୍ୟପାଠ ବିଷୟରେ ଆମକୁ କିଛି ପଚରା ଯାଇନାହିଁ। ପରିଚାଳନା କମିଟିରେ ମଧ ସେବାୟତଙ୍କ ସଂଖ୍ୟା ନେଇ କୌଣସି ଆଲୋଚନା ହୋଇନାହିଁ । ଦୈନିକ ୩୬ ଜଣ ମହାପ୍ରଭୁଙ୍କ ସେବା କରିବେ ବୋଲି ଯାହା ସତ୍ୟପାଠରେ ଦର୍ଶାଯାଇଛି ତାହା ହାସ୍ୟାସ୍ପଦ। ସ୍ୱତନ୍ତ୍ର ପର୍ବପର୍ବାଣି ଦିନକୁ ବାଦ୍ ଦେଲେ ସାଧାରଣ ଦିନରେ ୮୦ରୁ ୧୦୦ ପର୍ଯ୍ୟନ୍ତ ସେବକ ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପାଦନ କରିଥାନ୍ତି। କେଉଁ ଆଧାରରେ ମନ୍ଦିର ପ୍ରଶାସନ ୩୬ ଜଣ ସେବାୟତ ଉଲ୍ଲେଖ କରିଛନ୍ତି ତାହା ବୁଝା ପଡୁନାହିଁ। ୧୯୭୭ରୁ ୭୯ ମସିହା ମଧ୍ୟରେ ବି.ଡି. ଶର୍ମା କମିଶନ ସେବାୟତଙ୍କ ସଂଖ୍ୟା ନେଇ ଏକ ରିପୋର୍ଟ ପ୍ରସ୍ତୁତ କରିଥିଲେ। ଏଥିରେ ଦୈନିକ ୩୬ ଜଣ ସେବାୟତ ମହାପ୍ରଭୁଙ୍କ ସେବା କରିପାରିବେ ବୋଲି ଉଲ୍ଲେଖ କରିଥିଲେ। କିନ୍ତୁ ଏହାକୁ ସେତେବେଳେ ସରକାର ଗ୍ରହଣ କରି ନ ଥିଲେ। ହେଲେ ପରିଚାଳନା କମିଟିରେ ଥିବା ସେବକ ପ୍ରତିନିଧିଙ୍କୁ ନ ଜଣାଇ ସତ୍ୟପାଠରେ ବି.ଡି. ଶର୍ମା କମିଶନଙ୍କ ସେହି ୪୦ ବର୍ଷ ପୂର୍ବର ରିପୋର୍ଟ କାହିଁକି ଦିଆଯାଇଛି ବୋଲି ସେବାୟତ ପ୍ରତିନିଧି ପ୍ରଶ୍ନ ଉଠାଇଛନ୍ତି। ତେବେ ଶ୍ରୀମନ୍ଦିର ପ୍ରଶାସନ ଏଥିରେ ପରିବର୍ତ୍ତନ ନ ଆଣିଲେ ଆଗାମୀ ଦିନରେ ପରିଚାଳନା କମିଟିରୁ ସେମାନେ ସମୂହ ଇସ୍ତଫା ଦେବେ ବୋଲି ଧମକ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପରିଚାଳନା କମିଟି ସଦସ୍ୟ ତଲୁଛ ନୀଳକଣ୍ଠ ମହାପାତ୍ର, ମାଧବ ପୂଜାପଣ୍ଡା, ଅନନ୍ତ ତିଆଡି, ମାଧବ ଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ପରିଚାଳନା କମିଟିର ସେବାୟତ ପ୍ରତିନିଧି।

■ସେବାୟତ ନିଯୋଗଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

■ପୁଣି ସୃଷ୍ଟି ହୋଇପାରେ ବଡ଼ ବିଭ୍ରାଟ

ବରିଷ୍ଠ ଦଇତାପତି ସେବକ ବିନାୟକ ଦାସମହାପାତ୍ର କହିଛନ୍ତି, ସାଧାରଣ ଦିନରେ ଶ୍ରୀମନ୍ଦିରରେ ୮୦ରୁ ୧୦୦ ସେବକ ମହାପ୍ରଭୁଙ୍କ ସେବା କରିଥାନ୍ତି। ଏହାବ୍ୟତୀତ ଅନ୍ୟାନ୍ୟ ପର୍ବପର୍ବାଣି ଯେପରି କି ଗୁରୁବାର ମାଜଣା, ବନକଲାଗି, ଚନ୍ଦନ ଯାତ୍ରା, ଦୋଳଯାତ୍ରା, ଝୁଲଣ ଯାତ୍ରା, ଅମାବାସ୍ୟା ଦିଅଁଙ୍କ ସାଗର ବିଜେ, ଚିତାଲାଗି, ପଇତାଲାଗି, କାର୍ତ୍ତିକ ନୀତି, ଗୁପ୍ତ ଗୁଣ୍ଡିଚା, ଦେବସ୍ନାନ ପୂର୍ଣ୍ଣିମା ପ୍ରଭୃତି ସ୍ୱତନ୍ତ୍ର ନୀତି ପାଇଁ ଅଧିକ ସଂଖ୍ୟକ ସେବାୟତଙ୍କ ଆବଶ୍ୟକତା ପଡିଥାଏ। ସୁପ୍ରିମ୍‌କୋର୍ଟଙ୍କୁ ସେବାୟତଙ୍କ ସଂଖ୍ୟା ନେଇ ଭୁଲ୍ ତଥ୍ୟ ଦିଆଯାଇଛି। ନିଶ୍ଚିତ ଆମେ ଏ ବିଷୟରେ ସୁପ୍ରିମ୍‌କୋର୍ଟଙ୍କୁ ଜଣାଇବୁ। ସେବାୟତ ଜାତିଙ୍କୁ ବଦ୍‌ନାମ କରିବା ଏବଂ ତାଙ୍କ କ୍ଷମତାକୁ ଛଡାଇ ନେବା ଲାଗି ଏଭଳି ଅପଚେଷ୍ଟା ଚାଲିଛି ବୋଲି ଦାସମହାପାତ୍ର କହିଛନ୍ତି। ତେବେ ଏହି ବିବାଦ ଆଗକୁ ଆସୁଥିବା ଚନ୍ଦନ ଯାତ୍ରା, ସ୍ନାନ ପୂର୍ଣ୍ଣିମା ଏବଂ ରଥଯାତ୍ରାକୁ ପ୍ରଭାବିତ କରିପାରେ ବୋଲି ଚର୍ଚ୍ଚା ହେଉଛି।

ସୂଚନାଥାଉ କି, ଶ୍ରୀମନ୍ଦିର ସଂସ୍କାର ମାମଲାରେ ସୁପ୍ରିମ୍‌କୋର୍ଟ ଅନ୍ତରୀଣ ଶୁଣାଣିରେ ୧୨ଟି ସୁପାରିଶ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ବାଦବିବାଦ ଚାଲିଥିବା ବେଳେ ପ୍ରଥମ ଆମିକସ୍‌କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ବ୍ୟକ୍ତିଗତ କାରଣ ଦର୍ଶାଇ ଏହି ମାମଲାରୁ ଓହରି ଯାଇଛନ୍ତି। ଏହାପରେ ନୂତନ ଆମିକସ୍‌କ୍ୟୁରି ଭାବେ ରଣଜିତ୍ କୁମାର ନିଯୁକ୍ତ ହୋଇଛନ୍ତି। ସେ ମଧ ପୁରୀ ଆସି ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରି ସୁପ୍ରିମ୍‌କୋର୍ଟରେ ତାଙ୍କ ରିପୋର୍ଟ ଦାଖଲ କରିସାରିଛନ୍ତି। ଇତିମଧ୍ୟରେ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ ଦେବାକୁ ସୁପ୍ରିମ୍‌କୋର୍ଟ ପ୍ରସ୍ତାବ ଦେଇଛନ୍ତି।


ଧରିତ୍ରୀ
DHARITRI
ଢେଙ୍କାନାଳ, ସୋମବାର, ୨୯ ଏପ୍ରିଲ, ୨୦୧୯

## ସଂକ୍ଷେପରେ

### କୂଅରେ ପଡ଼ି ମହିଳା ମୃତ

ପରଜଙ୍ଗ,୨୮।୪(ଡି.ଏନ.ଏ.): ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅଧୀନ କଟାବାହାଳ ଗ୍ରାମର ଅଞ୍ଜନା ସାହୁ (୩୫) ରବିବାର ପ୍ରାତଃ ସମୟରେ କୂଅରେ ପଡ଼ି ପ୍ରାଣ ହରାଇଛନ୍ତି। ଅଞ୍ଜନା ମହାବିରୋଡ଼ ଫାଣ୍ଡି ଅଧୀନ ବାଘମୁଣ୍ଡା ଗ୍ରାମରେ ବିବାହ କରିଥିଲେ। ଦୁର୍ଘଟଣାରେ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ପୁଅସହ ବାପଘରେ ରହିଆସୁଥିଲେ। ଭୋର୍ ୪ଟାରେ ସେ ପାଣି କାଢୁଥିବାବେଳେ କୂଅ ଉପରେ ପଡ଼ିଥିବା କାଠ ଭାଙ୍ଗିଯାଇଥିଲା। ଫଳରେ ସେ କୂଅ ଭିତରେ ଖସିପଡ଼ିଥିଲେ। ପଡ଼ୋଶୀ ସନ୍ଧ୍ୟାରାଣୀ ପ୍ରଧାନ ଏହା ଦେଖି ପରିବାର ଲୋକଙ୍କୁ ଡାକ ପକାଇଥିଲେ। କିନ୍ତୁ କୂଅରେ ଅତ୍ୟଧିକ ପଙ୍କ ଥିବାରୁ ମହିଳାଙ୍କୁ ଉଦ୍ଧାର କରାଯାଇ ପାରି ନ ଥିଲା। ଏହାପରେ ପରିବାର ଲୋକେ ଅଗ୍ନିଶମ ବିଭାଗର ସହାୟତା ଲୋଡ଼ିଥିଲେ। ତେବେ ଉଦ୍ଧାରକାରୀ ଦଳ ପହଞ୍ଚିବା ପୂର୍ବରୁ ମହିଳାଙ୍କ ମୃତ୍ୟୁ ହୋଇସାରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ବାପଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ଟ୍ରକ୍ ପଛରେ ପିଟି ହେଲା ବସ୍, ୧୫ରୁ ଊର୍ଦ୍ଧ୍ୱ ଆହତ




ପରଜଙ୍ଗ, ୨୮।୪(ଡି.ଏନ.ଏ.): ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ୧୪୯ନଂ. ଜାତୀୟ ରାଜପଥର ଭୃତିଆ ପେଟ୍ରୋଲ ପମ୍ପ ସମ୍ମୁଖରେ ଶନିବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଛି। ଘରୋଇ ନାଇଟ୍ କୋଚ୍ ବସ୍ ଶ୍ରୀମା (ଓଡ଼ି ୧୪ ଏମ୍ ୪୫୯୫) ଏକ ଟ୍ରକ୍ ପଛକୁ ଧକ୍କା ଦେବାରୁ ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଉକ୍ତ ବସ୍ ପାରାଦୀପରୁ ରାଉରକେଲା ଯାଉଥିଲା। ପେଟ୍ରୋଲ ପମ୍ପ ଆଗରେ ଟ୍ରକ୍‌କୁ ଅତିକ୍ରମ କରିବାକୁ ଚେଷ୍ଟା କରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ ବସ୍‌ର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି। ଆହତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ତାଳଚେର ମଣ୍ଡାପାଳ ଏବଂ ପରଜଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଦଦରାଘାଟି ପୋଲିସ ପହଞ୍ଚି ବସ୍‌କୁ ଜବତ କରିଛି। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଟ୍ରକ୍ ଫେରାର ହୋଇଯାଇଛି।

### ଦୁର୍ଘଟଣାରେ ଜଣେ ମୃତ

ଢେଙ୍କାନାଳ ଅଫିସ, ୨୮।୪: ସଡ଼କ ଦୁର୍ଘଟଣାର ଶିକାର ହୋଇଥିବା ଗଁଦିଆ ଥାନା ଅନ୍ତର୍ଗତ ଆମ୍ବପଡ଼ା ଗ୍ରାମର ଶ୍ରୀନିବାସ ପାଣିଗ୍ରାହୀ (୫୫)ଙ୍କ ରବିବାର ମୃତ୍ୟୁ ଘଟିଛି। ଶ୍ରୀନିବାସ ଶନିବାର ବାଇକ୍ ଯୋଗେ ହାଟରୁ ଫେରୁଥିବାବେଳେ ଯୋରନ୍ଦା ଆମ୍ବତୋଟା ନିକଟରେ ଏକ ଗାଈ ସାମ୍ନାକୁ ଚାଲି ଆସିଥିଲା। ସେ ବାଇକ୍‌ରୁ ଭାରସାମ୍ୟ ହରାଇ ଖସିପଡ଼ିଥିଲେ। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ପ୍ରଥମେ ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ଶବର ସମାଜର ବାର୍ଷିକ ସମ୍ମିଳନୀ

ପରଜଙ୍ଗ, ୨୮।୪(ଡି.ଏନ.ଏ.): ପରଜଙ୍ଗ ବ୍ଲକ ଶବର ସମାଜର ୧୦ମ ବାର୍ଷିକ ସମ୍ମିଳନୀ ସରାଙ୍ଗସ୍ଥିତ ବଇଦ ଆମ୍ବତୋଟା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରୁ ୧୦୦୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗଦେଇ ଶବର ଜାତିର ଉନ୍ନତି ଚିନ୍ତା କରିଥିଲେ। ବ୍ଲକ ସମ୍ପାଦକ ଭୀମସେନ ଖଟୁଆଙ୍କ ଆବାହକତ୍ୱ ଏବଂ ବସନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୁବାସ ଚନ୍ଦ୍ର ଦେହୁରୀ, ମୁଖ୍ୟବକ୍ତା ସନାତନ ଦେହୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଶବର ପରିବାରକୁ ମୁଖ୍ୟସ୍ରୋତରେ ସାମିଲ କରାଇବା, ଶିକ୍ଷାରେ ଉନ୍ନତି, ନାରୀ ସଶକ୍ତୀକରଣ ଏବଂ ମଦମୁକ୍ତ ସମାଜ ଗଠନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

■୫୩ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ବଢ଼ାଇଛି ସମସ୍ୟା

# ପାଉଁଶଗୁଣ୍ଡରେ ଅଣନିଃଶ୍ୱାସୀ

■ପାଲ ନ ବାନ୍ଧି ବୁହାହେଉଛି

■ପବନରେ ଉଡ଼ୁଛି, ରାସ୍ତାରେ ପଡ଼ୁଛି

■ଆନ୍ଦୋଳନ ପାଇଁ ସଜବାଜ

ପରଜଙ୍ଗ, ୨୮।୪(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଦେଇ ଯାଇଥିବା ୫୩ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ବ୍ୟବହୃତ ପାଉଁଶଗୁଣ୍ଡ ଚିନ୍ତା ବଢ଼ାଇଛି। ରାସ୍ତା ନିର୍ମାଣକାରୀ ସଂସ୍ଥା ଆଇନକୁ ମାଡ଼ିମକଚି କାମ କରୁଥିବାବେଳେ ଉଡୁଥିବା ବିଷାକ୍ତ ପାଉଁଶରେ ଅଣନିଃଶ୍ୱାସୀ ହୋଇଗଲେଣି ଜନସାଧାରଣ। ପ୍ରଶାସନ ପକ୍ଷରୁ ଏହାର ପ୍ରତିକାର କରାଯାଉ ନ ଥିବାରୁ ପ୍ରଭାବିତ ଅଞ୍ଚଳବାସୀ ଏବଂ ବ୍ୟବସାୟୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ସଜବାଜ ହେଉଛନ୍ତି।

କୁନାଲ ଷ୍ଟ୍ରକ୍ଚର ପ୍ରାଇଭେଟ ଲିମିଟେଡ୍ ୫୩ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ କରୁଛି। ପାଉଁଶ ପରିବହନ ଲାଗି ମୁଖ୍ୟତଃ ହାଇୱା ବ୍ୟବହାର କରାଯାଉଛି। ପାଉଁଶ ଗୁଣ୍ଡ ପରିବହନ ବେଳେ ଅଧିକାଂଶ ଗାଡ଼ିରେ ପାଲ ବନ୍ଧାଯାଉନାହିଁ। ସାମାନ୍ୟ ପବନରେ ପାଉଁଶ ଗୁଣ୍ଡ ଉଡ଼ି ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଏଥିରେ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି ଯାତ୍ରୀ ଏବଂ ବାଇକ୍ ଆରୋହୀ। ସେହିପରି ବଜାର ମଧ୍ୟରେ ପାଉଁଶ ପଡୁଥିବାରୁ ବ୍ୟବସାୟୀମାନେ ବେପାର କରିପାରୁନାହାନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବଜାର ରାସ୍ତାରେ ପାଣି ସିଞ୍ଚନ କରାଯାଉନାହିଁ।



ପାଲ ବନ୍ଧା ନ ଯାଇ ହାଇୱାରେ ପାଉଁଶ ପରିବହନ କରାଯାଉଛି।

ରାସ୍ତା କାର୍ଯ୍ୟରେ ନିୟୋଜିତ ଅସାଧୁ କର୍ମଚାରୀଙ୍କୁ ହାତକରି କେତେଜଣ ହାଇୱା ଚାଳକ ଡିଜେଲ ବଞ୍ଚାଇବା ଉଦ୍ଦେଶ୍ୟରେ ଠିକଣା ସ୍ଥାନରେ ପାଉଁଶ ନ ପକାଇ ଅନ୍ୟ ସ୍ଥାନରେ ଅନ୍‌ଲୋଡ୍ କରୁଛନ୍ତି। ଡିହତୋଳ-ମହାବିରୋଡ଼ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ପାଉଁଶ ଗଦା କରାଯାଉଛି। କନ୍ତୋର ଗ୍ରାମ ନିକଟ ରେଙ୍ଗାଲି ବାମ କେନାଲ ହୁଡ଼ାରେ ବ୍ୟାପକ ପରିମାଣରେ ପାଉଁଶ ଜମା ହୋଇରହିଛି। ବର୍ଷା ହେଲେ ଉକ୍ତ ପାଉଁଶ କେନାଲରେ ପଶି ପାଣିକୁ ବିଷାକ୍ତ କରୁଛି। ଏଥିସହ କେନାଲ ପୋତି ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ଉଡ଼ନ୍ତା ପାଉଁଶ ଜନଜୀବନକୁ ଅତିଷ୍ଠ କରି ରଖିଥିବାବେଳେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବ୍ୟବସାୟୀ ସଂଘ। ପାଉଁଶ ପରିବହନ ବେଳେ ପାଣି ସିଞ୍ଚନ ନ କଲେ କିମ୍ବା ହାଇୱାରେ ପାଲ ନ ବାନ୍ଧିଲେ ଗାଡ଼ି ଛଡ଼ାଯିବନାହିଁ ବୋଲି ବ୍ୟବସାୟୀମାନେ ଚେତାବନୀ ଦେଇଛନ୍ତି।

ଏ ନେଇ ଜଣେ ହାଇୱା ଚାଳକ ନାମ ଗୋପନ ରଖି କୁହନ୍ତି, ନିର୍ଦ୍ଧାରିତ ସ୍ଥାନ ପରିବର୍ତ୍ତେ ନିକଟତମ ସ୍ଥାନରେ ପାଉଁଶ ପକାଇଲେ ତେଲ ଖର୍ଚ୍ଚ ବଞ୍ଚିଯାଉଛି। ଏଥିପାଇଁ ସୁପରଭାଇଜରଙ୍କୁ ଅର୍ଥ ଦେବାକୁ ପଡୁଛି। ବିଳମ୍ବ ହେବା ଆଶଙ୍କା ଥିବାରୁ ପାଲ ବାନ୍ଧୁ ନ ଥିବା ସେ କହିଛନ୍ତି। ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ମଲ୍ଲିକ କୁହନ୍ତି, କେନାଲ ପାର୍ଶ୍ୱରେ ପାଉଁଶ ଢଳାଯାଉଥିବା ସମ୍ପର୍କରେ କୌଣସି ସୂଚନା ନାହିଁ। କ୍ଷେତ୍ର ପରିଦର୍ଶନ କରି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

■ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ପକ୍ଷରୁ ରକ୍ତ ସଂଗ୍ରହ ଅଭିଯାନ

# ୧୫୦ ୟୁନିଟ୍ ରକ୍ତ ସଂଗୃହୀତ

ଢେଙ୍କାନାଳ ଅଫିସ, ୨୮।୪

ଢେଙ୍କାନାଳ ଜିଲାରେ ଦେଖାଦେଇଥିବା ରକ୍ତ ଅଭାବ ପୂରଣ କରିବାକୁ ଜିଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ପକ୍ଷରୁ ଆରମ୍ଭ ହୋଇଛି ରକ୍ତ ସଂଗ୍ରହ ଅଭିଯାନ। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ସ୍ଥାନୀୟ ଏକ ହୋଟେଲରେ ରବିବାର ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୧୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି।



ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

ରକ୍ତଦାତାଙ୍କୁ ଉତ୍ସାହିତ କରାଇବାକୁ ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠ, ସେଲ୍‌ଫି କର୍ନର ସମେତ ଗର୍ବିତ ରକ୍ତଦାତା ସ୍ମୃତିର ସ୍ମାରକୀ ବ୍ୟବସ୍ଥା କରାଯାଇଥିଲା। ସୁରପ୍ରତାପ ସ୍ମୃତିପୀଠ ପକ୍ଷରୁ ଯୁବରାଜ ଅମରଜ୍ୟୋତି ସିଂଦେଓ, ଶିଶୁ ସୁରକ୍ଷା ସମିତି ସଭ୍ୟ ନିରଞ୍ଜନ ମିଶ୍ର, ଆଇନ ମହାବିଦ୍ୟାଳୟ ପକ୍ଷରୁ ବିଜୟ ମହାପାତ୍ର, ଓକିଲ ସଂଘ ପକ୍ଷରୁ ପଦ୍ମଲୋଚନ ମହାପାତ୍ର, ପୂର୍ବତନ ଭିଜିଲାନ୍ସ ଏସ୍‌ପି ଅକ୍ଷୟ କୁମାର ସାହୁ, ରକ୍ତଦାତା ଅନୁପ୍ରେରକ ସଂଘ ପକ୍ଷରୁ ନାରାୟଣ ପୋଦ୍ଦାର, ସାରନାଥ ମିଶ୍ର, ମନୋଜ କୁମାର ପୃଷ୍ଟି, ବଜରଙ୍ଗ କ୍ଲବ ପକ୍ଷରୁ ସନ୍ଦୀପ ଷଡ଼ଙ୍ଗୀ, ଭାଗୀରଥି କ୍ଲବ ପକ୍ଷରୁ ସୌମ୍ୟବ୍ରତ ସାହୁ, ରାଇଜିଂ କ୍ଲବ ପକ୍ଷରୁ ରଶ୍ମିରଞ୍ଜନ ପାଢ଼ୀ, ସନାତନ ରାଉଳ, ମନୋଜ ଅଗ୍ରୱାଲ, ରୋଟାରି କ୍ଲବ ପକ୍ଷରୁ ବିନୋଦ ଅଗ୍ରୱାଲ, ନୀରଦାନନ୍ଦ ନନ୍ଦ, ଆଶିଷ ମିଶ୍ର, ଭରତ ଦାସ, ଶଙ୍କରଲାଲ ଖେମକା ଉପସ୍ଥିତ ଥିଲେ।

ପ୍ରାରମ୍ଭରେ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ସଭାପତି ଶରତ ଚନ୍ଦ୍ର ପାଢ଼ୀ, ସମ୍ପାଦକ ବିମଳ ପୋଦ୍ଦାର, ପ୍ରଦୀପ ପ୍ରଜ୍ଜ୍ୱଳନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ରକ୍ତଭଣ୍ଡାର ଅଧିକାରୀ ଡା. ଛାୟାକାନ୍ତ ପରିଡ଼ା, ଡା. ପ୍ରେମାନନ୍ଦ ସାହୁ, ବାସୁଦେବ ସାହୁ, ପରମାନନ୍ଦ ପଣ୍ଡା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଉପସଭାପତି ରାଜକିଶୋର ବେହେରା, ରାଜେନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ଦେବତା, ଶିବପ୍ରସାଦ ପଣ୍ଡା, ଦୁଷ୍ମନ୍ତ ରାଉତ, ଲୋକନାଥ ମହାପାତ୍ର, ପ୍ରମୋଦ ମହାପାତ୍ର, ସୁରେଶ ବର୍ମା, ଅଞ୍ଜନୀ କେଡିଆ, ସଞ୍ଜୀବ ରଥ, ବିଜୟ ଚଣ୍ଡକ, ଦିଲୀପ ଦାସ, ଶେଖ ସମୀର, ଲାଲପତ୍ ଏରୋରା, ଦୀନେଶ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରାଜସ୍ୱ ଅଧିକାରୀଙ୍କ ଭ୍ୟାନିଟରୁ ଟଙ୍କା ଚୋରି କରି ଜେଲ ଗଲେ ମହିଳା

କାମାକ୍ଷାନଗର, ୨୮।୪(ଡି.ଏନ.ଏ.)

କାମାକ୍ଷାନଗର ରାଜସ୍ୱ ଅଧିକାରୀ ଦୀପ୍ତିମୟୀ ବେହେରାଙ୍କ ଭ୍ୟାନିଟରୁ ପର୍ସ ଏବଂ ଟଙ୍କା ଚୋରି କରି ଜଣେ ମହିଳା ଜେଲ୍ ଯାଇଛନ୍ତି। ଅଭିଯୁକ୍ତା ହେଲେ ସୁଲୋଚନା ନାୟକ ଓରଫ ସୁଲି। ତାଙ୍କ ଘର ତୁମୁସିଙ୍ଗା ଥାନା କଣ୍ଟାପାଳ ଗ୍ରାମରେ ହୋଇଥିବାବେଳେ ସେ ସେ କିଛିଦିନ ହେଲା ଆମ୍ବଖୋଲ କାଟେଣୀ ଗ୍ରାମରେ ରହୁଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ଏପ୍ରିଲ ୯ରେ ରାଜସ୍ୱ ଅଧିକାରୀ ଅଫିସ୍‌ରେ ଭ୍ୟାନିଟି ରଖି କୌଣସି କାର୍ଯ୍ୟରେ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଉକ୍ତ ସମୟରେ ସୁଲୋଚନା ଭ୍ୟାନିଟ ଭିତରେ ଥିବା ପର୍ସ ନେଇ ପଳାଇଥିଲେ। ସେଥିରେ ନଗଦ ୪୦୦୦ ଟଙ୍କା, ଏଟିଏମ୍ କାର୍ଡ, ଆଧାର କାର୍ଡ ଥିଲା। ଏ ନେଇ ନଂ. ୭୭/୧୯ରେ ମାମଲା ରୁଜୁ କରାଯାଇଥିଲା। ଥାନାଧିକାରୀ ନିରଞ୍ଜନ ସେଠୀ, ଏଏସ୍‌ଆଇ ଅଞ୍ଜୁଲତା ନାୟକ ଏହାର ତଦନ୍ତ କରିଥିଲେ। କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ସୁଲୋଚନାଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ଏଟିଏମ୍ କାର୍ଡ, ଆଧାର କାର୍ଡ ଜବତ କରାଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

## ସେଲ୍‌ଫି କର୍ଣ୍ଣର



@ ସୋନୁ



@ ସୁବ୍ରତ



@ ସୁଶୀଲ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ**

dklselfie@gmail.com
(ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

### ଚୋରି ଅଭିଯୋଗରେ ଜଣେ ଗିରଫ

ବଇଣ୍ଡା,୨୮।୪(ଡି.ଏନ.ଏ.)

ହଣ୍ଡପା ଥାନା ଅଶ୍ରୁବାହାଳ ଗ୍ରାମର ରୀନା ପ୍ରଧାନଙ୍କଠାରୁ ଟଙ୍କା ଚୋରି କରିଥିବା ଅଭିଯୋଗରେ ଜାମୁନାଳୀ ଗ୍ରାମର ବରୁଣ ପ୍ରଧାନଙ୍କୁ ରବିବାର ବଇଣ୍ଡା ଫାଣ୍ଡି ପୋଲିସ ଗିରଫ କରିଛି। ତାଙ୍କଠାରୁ ୩୭୪୦ ଟଙ୍କା ଜବତ କରାଯାଇଛି। ସେ ରୀନାଙ୍କ ଘରୁ ଟଙ୍କା ଚୋରି କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା।

# ନିଜକୁ ଜାଣନ୍ତୁ ସମ୍ପର୍କିତ କର୍ମଶାଳା



ଜଣେ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ଢେଙ୍କାନାଳ ଅଫିସ, ୨୮।୪

ସାଂସ୍କୃତିକ ଅନୁଷ୍ଠାନ ନଟରାଜ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଏପ୍ରିଲ ୨୨ରୁ ଚାଲିଥିବା ‘ନିଜକୁ ଜାଣନ୍ତୁ’ ସମ୍ପର୍କିତ କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ୨୨ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷକ ଭାବେ ନାଟ୍ୟକାର ଦୀନେଶ ଦାସ, ସହ ପ୍ରଶିକ୍ଷକ ପ୍ରଳୟ ଦାସ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ।

ଉଦ୍‌ଯାପନୀ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ଆଇଆଇଏମ୍‌ସିର ଆଞ୍ଚଳିକ ନିର୍ଦ୍ଦେଶକ ଡା. ମୃଣାଳ ଚାଟାର୍ଜୀ, ସମ୍ମାନିତ ଅତିଥି ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

ସଭାପତି କୃଷ୍ଣକୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କର୍ମଶାଳାକୁ ସାଂସ୍କୃତିକ ସଂଯୋଜକ ମଧୁସୂଦନ ରାଉତ ପରିଚାଳନା କରିଥିଲେ। ସଦସ୍ୟ ଶତ୍ରୁଘ୍ନ ମାଟି, ଅନୁଷ୍ଠାନର ଛାତ୍ରୀଛାତ୍ର, ଅଭିଭାବକଙ୍କ ସମେତ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

■ମଧୁସୂଦନଙ୍କ ଜୟନ୍ତୀରେ ମତ

# ‘ସାମାଜିକ ପରିବର୍ତ୍ତନ ଆଣିପାରିବେ ଆଇନଜୀବୀ’

ଢେଙ୍କାନାଳ ଅଫିସ, ୨୮।୪

ସାମାଜିକ ପରିବର୍ତ୍ତନରେ ଆଇନଜୀବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଓକିଲମାନେ ସଙ୍ଗଠିତ ହୋଇ କାର୍ଯ୍ୟକଲେ ପ୍ରଚଳିତ ବିଧି ବ୍ୟବସ୍ଥାରେ ସଂସ୍କାର ଆସିପାରିବ। ଦଳିତ, ନିଷ୍ପେଷିତ ଲୋକେ ନ୍ୟାୟ ପାରିପାରିବେ ବୋଲି କହିଛନ୍ତି ଢେଙ୍କାନାଳ ଭିଜିଲାନ୍ସ ଅଦାଲତ ବିଚାରପତି କ୍ଷୀରୋଦ କୁମାର ଦାସ। ସ୍ଥାନୀୟ ଓକିଲ ସଂଘ କାର୍ଯ୍ୟାଳୟରେ ରବିବାର ଆୟୋଜିତ ଉତ୍କଳ ଗୌରବ ମଧୁସୂଦନ ଦାସ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଥିଲେ। ଏଥିସହ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ।

ମୁଖ୍ୟବକ୍ତା ଭାବେ ପରିବାର ଅଦାଲତ ବିଚାରପତି ପ୍ରତିମା ପଣ୍ଡା, ସମ୍ମାନିତ ଅତିଥି ଆଇନ ମହାବିଦ୍ୟାଳୟର ଅଧ୍ୟାପକ ଡ. ବିଜୟ କୁମାର ମହାପାତ୍ର, କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀର ପୂର୍ବତନ ଫାକଲ୍ଟି ମେମ୍ବର ଡ. ଶିଶିର କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଶା ସ୍ୱାଭିମାନର ପ୍ରତୀକ ହେଉଛନ୍ତି ମଧୁ ବାରିଷ୍ଟର। ଯୁବ ଆଇନଜୀବୀମାନେ ତାଙ୍କ ପଥ ଅନୁସରଣ କରିବା ଉଚିତ ବୋଲି ଅତିଥିମାନେ ଆହ୍ୱାନ ଦେଇଥିଲେ। ବରିଷ୍ଠ ଆଇନଜୀବୀ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ନବୀନଚନ୍ଦ୍ର ନାରାୟଣ ଦାସ, ନୃସିଂହ ଚରଣ ମହାନ୍ତି, ନିର୍ମଳା ମହାପାତ୍ର, ଅମ୍ଳାନ ଖଟୁଆ, ଅର୍ପିତା ମହାନ୍ତି, ଶୁଭଶ୍ରୀ ରାଉତ, ପବ୍ଲିକ ପ୍ରସିକ୍ୟୁଟର ଗଣେଶ କୁମାର ବେହେରା ପ୍ରମୁଖ ଆଲୋଚନାରେ ଭାଗନେଇ ଆଇନଜୀବୀ ଦିବସର ଆଭିମୁଖ୍ୟ, ମଧୁବାବୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ।



ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ସମବେତ ବିଚାରପତି ଏବଂ ଆଇନଜୀବୀମାନେ।

ସଂଘ ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ସମ୍ପାଦକ ଟଙ୍କଧର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ସିଭିଲକୋର୍ଟ ରେଜିଷ୍ଟ୍ରାର ସଞ୍ଜୀବ କୁମାର ବେହେରା, ମହିଳା ଅଦାଲତ ବିଚାରପତି ଗୀତାଞ୍ଜଳି ନନ୍ଦ, ଅତିରିକ୍ତ ସିଭିଲ ଜଜ୍ ସୁଜାତା ପ୍ରିୟମ୍ବଦା ସ୍ୱାଇଁ, କୋର୍ଟ ମ୍ୟାନେଜର ପ୍ରିୟଙ୍କା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ସରୋଜ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲେ। ଆଇନଜୀବୀ ଦିବସ ଉପଲକ୍ଷେ ପୂର୍ବାହ୍ନ ସାଢ଼େ ୮ଟାରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ସଂକ୍ଷେପରେ

### ୪ରୁ ଜିଲାସ୍ତରୀୟ ସ୍କୁଲ ଚେସ ଚାମ୍ପିୟନଶିପ୍

ଢେଙ୍କାନାଳ ଅଫିସ, ୨୮।୪-ଢେଙ୍କାନାଳ ଜିଲା ଚେସ୍ ସଂଘ ଆନୁକୂଲ୍ୟରେ ମେ ୪ରୁ ଦୁଇଦିନିଆ ଜିଲାସ୍ତରୀୟ ସ୍କୁଲ ଚେସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏ ନେଇ ଶନିବାର କୋରିଆଁସ୍ଥିତ ସଂଘ କାର୍ଯ୍ୟାଳୟରେ ସଭାପତି ନବୀନଚନ୍ଦ୍ର ନାରାୟଣ ଦାସଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ସମ୍ପାଦକ ଦେବବ୍ରତ ଭଞ୍ଜ କହିଲେ, ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପରିସରରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଶ୍ରେଷ୍ଠ ୫ ପ୍ରତିଯୋଗୀ ସମେତ ବାଳିକା ଏବଂ ବାଳକ ବର୍ଗରେ ବୟସ ଅନୁଯାୟୀ ୧୫ଟି ଟ୍ରଫି ପ୍ରଦାନ କରାଯିବ। ଜିଲାର ଚେସ୍ ପ୍ରତିଭାଙ୍କୁ ଉତ୍ସାହିତ କରିବାକୁ ମେ ମାସରୁ ପ୍ରତି ରବିବାର ସ୍ଥାନୀୟ ଭାଗୀରଥି ବିହାରରେ ପ୍ରଶିକ୍ଷଣ ଦିଆଯିବ ବୋଲି ସେ କହିଛନ୍ତି। ଅନୁଷ୍ଠାନର କର୍ମକର୍ତ୍ତା ସୁଶାନ୍ତ କୁମାର ଦାସ, ସନ୍ତୋଷ କୁମାର ବେହେରା, ସାଗରିକା ମିଶ୍ର, ବିଷ୍ଣୁଚରଣ ସ୍ୱାଇଁ, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲାସ୍ତରୀୟ ଲୋକ ଅଦାଲତ: ୧୪୨୨ ମାମଲାର ଫଇସଲା

**କେନ୍ଦୁଝର, ୨୮।୪(ଡି.ଏନ୍.ଏ.)-** କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲା ଜଜ୍ କୋର୍ଟ ସମେତ ଆନନ୍ଦପୁର ଓ ଚମ୍ପୁଆର ଅତିରିକ୍ତ ଜିଲାଜଜ୍ ଏବଂ ବଡବିଲ ପ୍ରଥମଶ୍ରେଣୀ କନିଷ୍ଠ ବିଚାରପତିଙ୍କ ତତ୍ତ୍ୱାବଧାନରେ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର ଅଧକ୍ଷ ତଥା ଜିଲା ଓ ଦୌରାଜଜ୍ ବିଜୟ କୁମାର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଭିନ୍ନ ୧୪୨୨ଟି ମାମଲାର ଫଇସଲା କରାଯାଇଥିଲା। ସେଥିମଧ୍ୟରୁ ୧୬ ଫୌଜଦାରି, ୧୯ ଦେୱାନୀ ଓ ୧୩୭୩ ରାଜସ୍ୱ ମାମଲା ସମେତ ଅନ୍ୟ ୧୪ଟି ମାମଲାର ଫଇସଲା କରାଯାଇ ସମୁଦାୟ ୧୧,୧୬,୮୮୨ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଜିଲା କୋର୍ଟ ପରିସରରେ ଅନୁଷ୍ଠିତ ଲୋକ ଅଦାଲତରେ ଜିଲା ଓ ଦୌରାଜଜ୍ ବିଜୟ କୁମାର ମିଶ୍ର, ସ୍ୱତନ୍ତ୍ର ବିଚାରପତି(ଭିଜିଲାନ୍ସ) ପ୍ରଦ୍ୟୁମ୍ନ କୁମାର ନାୟକ, ପରିବାର ଅଦାଲତ ବିଚାରପତି ମିନତି କୁମାରୀ ପଣ୍ଡା, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ଚିରଞ୍ଜନ ପାତ୍ର, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ଅଧକ୍ଷ ରାମନାଥ ପଣ୍ଡା, ଦେୱାନୀ ଜଜ୍ ନିରଞ୍ଜନ ପାତ୍ର, ପ୍ରଥମ ଶ୍ରେଣୀ କନିଷ୍ଠ ବିଚାରପତି ଶିଶିର କୁମାର ସାହୁ ବିଭିନ୍ନ ମାମଲାର ବିଚାର କରିଥିଲେ। ଆଇନସେବା ପ୍ରାଧିକରଣର ସଚିବ ବନାଲି ତ୍ରିପାଠୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋର୍ଟ କର୍ମଚାରୀ, ପାରା ଆଇନ ସ୍ୱେଚ୍ଛାସେବୀ ଅକ୍ଷୟ କୁମାର ଚକ୍ର, ପ୍ରାଧିକରଣ ସଦସ୍ୟ ଅଶୋକ କୁମାର ସାହୁ, ଦେବାନନ୍ଦ ବେହେରା, ଦେବବ୍ରତ କୁମାର ଦାସ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବିସ୍ତାପାଳରେ ନାମଯଜ୍ଞ

**କେନ୍ଦୁଝର, ୨୮।୪(ସ୍ୱ.ପ୍ର.):** ସଦର ବ୍ଲକ ବିସ୍ତାପାଳ ଗ୍ରାମରେ ରବିବାର ଶ୍ରୀଶ୍ରୀଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଅଖଣ୍ଡ ନାମଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ପୂଜକ ପ୍ରଭାକର ପଣ୍ଡା ମହାମନ୍ତ୍ର ନାମ ପାଠ କରିଥିଲେ। ଏହି ଅଖଣ୍ଡ ନାମଯଜ୍ଞରେ ଜଡିଚାତର, କାଲୁସୁଇ, ବଡତାଳପଦା, ବିଷ୍ଣୁପୁର, ବିସ୍ତାପାଳ ଆଦି ଗ୍ରାମରୁ ସଙ୍କୀର୍ତ୍ତନ ଦଳ ଯୋଗଦେଇ ହରିନାମ ଗାନ କରିଥିଲେ। ଆୟୋଜକ କମିଟିର ରଘୁମଣୀ ନାୟକ, ପ୍ରେମାନନ୍ଦ ସିଂ, ରାଜେନ୍ଦ୍ର ରାଉତ ଆଦି ଯଜ୍ଞ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୁକଦେବ ନାୟକ, ମହେଶ୍ୱର ନାୟକ, ତ୍ରିଲୋଚନ ନାୟକ, ପଥର ନାୟକ, ୱାର୍ଡ ମେମ୍ବର ଡାଲିମ୍ବ ନାୟକ, ଚିତ୍ତରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ହୋଇ ପରିଚାଳନା କରିଥିଲେ। ଯଜ୍ଞ ଓ କୀର୍ତ୍ତନ ଦେଖିବାକୁ ଆଖପାଖ ବୀରକିଶୋରପୁର, ଡିମିରିଡିହା, ନୂଆଗାଁ, ହାତୀକୁଚା, ରତନପୁର, କଣିରାପାଟଣା, ପଳାଶପଙ୍ଗା, ଜାମୁଦିହା, ନରସିଂହପୁର, କେନ୍ଦୁପୋଶୀ, କାଦଗଡ, ଭାଟୁଣିଆ ଗ୍ରାମାଞ୍ଚଳର ଭକ୍ତଙ୍କ ଭିଡ଼ ଜମୁଛି।

# ମୁକାବିଲା ପାଇଁ ପ୍ରସ୍ତୁତି ନାହିଁ

**୪୨ ଛୁଇଁଲା କାମାକ୍ଷାନଗର**
- ■ପାଣି ପାଇଁ ତହଲବିକଳ ପଥଚାରୀ
- ■ଅତିଷ୍ଠ କରୁଛି ଲୋ-ଭୋଲ୍ଟେଜ
- ■ଅଂଶୁଘାତ ଆକ୍ରାନ୍ତ ଛଟପଟ

**କାମାକ୍ଷାନଗର, ୨୮।୪(ଡି.ଏନ.ଏ.)**

କାମାକ୍ଷାନଗର ଅଞ୍ଚଳରେ ସପ୍ତାହେ ହେଲା ପାରଦ ଅସ୍ୱାଭାବିକ ଭାବେ ବଢ଼ିଚାଲିଛି। ରବିବାର ଏଠାକାର ତାପମାତ୍ରା ବେସରକାରୀ ଭାବେ ୪୨ ଡିଗ୍ରୀ ରେକର୍ଡ କରାଯାଇଛି। ଆଗାମୀ ଦିନରେ ଏହି ଧାରା ଜାରି ରହିବ ବୋଲି ଅନୁମାନ କରାଯାଉଛି। ଅନ୍ୟପଟେ ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ନିର୍ବାଚନରେ ବ୍ୟସ୍ତତା ଆଳ ଦେଖାଇ ହାତଗଣତି ସ୍ଥାନରେ ଜଳଛତ୍ର ଖୋଲିଦେଇ ଚୁପ୍ ବସିଛନ୍ତି ଏନ୍‌ଏସି କର୍ତ୍ତୃପକ୍ଷ। ଲୋ-ଭୋଲଟେଜ ସମସ୍ୟା ସହରବାସୀଙ୍କୁ ଅତିଷ୍ଠ କରି ପକାଇଥିବାବେଳେ ଡାକ୍ତରଖାନାରେ ଅଂଶୁଘାତ ଆକ୍ରାନ୍ତଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ମିଳୁନାହିଁ। ଏହାକୁ ନେଇ କ୍ଷୋଭ ବ୍ୟକ୍ତ କରିଛନ୍ତି ବୁଦ୍ଧିଜୀବୀ।

୫୨ନଂ. ଜାତୀୟ ରାଜପଥର ୪ ଲେନ୍ କାର୍ଯ୍ୟ, ଢେଙ୍କାନାଳ-କାମାକ୍ଷାନଗର ରାସ୍ତା ଦୋହରୀ କରଣ କାର୍ଯ୍ୟରେ ହଜାର ହଜାର ଗଛ କାଟି ଦିଆଯାଇଛି। ଏହା ତାପମାତ୍ରା ବୃଦ୍ଧିର ପ୍ରମୁଖ କାରଣ ବୋଲି ପରିବେଶବିତ୍‌ମାନେ କହିଛନ୍ତି। ପ୍ରବଳ ଗରମ ଓ ଗୁଳୁଗୁଳି ଯୋଗୁ ପୂର୍ବାହ୍ନ ୧୦ଟାରୁ ଘରୁ ବାହାରିବା କଷ୍ଟକର ହୋଇପଡୁଛି। କାଁ ଭାଁ ଦୋକାନକୁ ଛାଡ଼ିଦେଲେ ଅଧିକାଂଶ ବ୍ୟବସାୟିକ ପ୍ରତିଷ୍ଠାନ ମଧ୍ୟାହ୍ନ ୧୨ଟା ବେଳକୁ ବନ୍ଦ ହୋଇଯାଉଛି। ସନ୍ଧ୍ୟା ୫ଟା ଯାଏ ତାତି ପ୍ରଭାବ ଅନୁଭୂତ ହେଉଛି।



ଅବ୍ୟବସ୍ଥିତ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା।

ଏପରି ସମୟରେ ପ୍ରଶାସନ ପକ୍ଷରୁ ଗ୍ରୀଷ୍ମ ପ୍ରବାହର ମୁକାବିଲା ଲାଗି ସର୍ତକତାମୂଳକ ପଦକ୍ଷେପ ଗ୍ରହଣ କରିବା କଥା, ହେଲେ ଏହାକୁ ଅତି ହାଲ୍‌କା ଭାବେ ନେଉଛି ଉପଖଣ୍ଡ ପ୍ରଶାସନ। ଟାଣ ଖରାରେ ଶ୍ରମିକମାନଙ୍କୁ କାମରେ ନିୟୋଜିତ କରାଯାଉଛି। ସରକାରୀସ୍ତରରେ ଜାରି କରାଯାଉଥିବା କଟକଣା କେହି ମାନୁ ନ ଥିବାବେଳେ ଏ ଦିଗରେ ଠୋସ୍ ପଦକ୍ଷେପ ନିଆଯାଉନାହିଁ। ଏପରି କି ଗ୍ରୀଷ୍ମ ମୁକାବିଲା ଲାଗି ପ୍ରସ୍ତୁତି ବୈଠକ ମଧ୍ୟ ବସିନାହିଁ। ଏନ୍‌ଏସି ପକ୍ଷରୁ ପଥଚାରୀଙ୍କ ପାଇଁ ଗୋଟିଏ ଦୁଇଟି ସ୍ଥାନରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ହେଲେ କେଉଁଠି ଢାଙ୍କୁଣି ନ ଥିବାବେଳେ ଅନ୍ୟ କେଉଁଠି ଟ୍ୟାପ୍ ଭାଙ୍ଗି ଯାଇଥିବାରୁ ପାଣି ଆସୁନାହିଁ। ଜନଗହଳିପୂର୍ଣ୍ଣ ସ୍ଥାନରେ ପାନୀୟ ଜଳ ସୁବିଧା କରାଯାଉ ନ ଥିବାରୁ ଯାତ୍ରୀ ହିନସ୍ତା ହେଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଉପଖଣ୍ଡ ଚିକିତ୍ସାଳୟରେ ଅଂଶୁଘାତ ଆକ୍ରାନ୍ତମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଏଠାରେ ଅଂଶୁଘାତ ରୋଗୀଙ୍କ ପାଇଁ ଗୋଟିଏ ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠ କରାଯାଇଛି। ହେଲେ ଏହାକୁ ବିଭାଗୀୟ କର୍ମଚାରୀ କବ୍‌ଜା କରି ରଖିଛନ୍ତି। ମାତ୍ର ୨ଶଯ୍ୟା ଥିବାରୁ ଅଧିକ ରୋଗୀ ଆସିଲେ ସମସ୍ୟା ବଢୁଛି। ଶନିବାର ୫ଜଣ ଅଂଶୁଘାତ ଆକ୍ରାନ୍ତ ମେଡିକାଲକୁ ଆସିଥିବାବେଳ ଶଯ୍ୟା ଅଭାବରୁ ସେମାନଙ୍କୁ ବାରଣ୍ଡାରେ ରହି ଚିକିତ୍ସିତ ହେବାକୁ ପଡ଼ିଥିଲା।

ଏନ୍‌ଏସିରେ ଜଳଛତ୍ର ବ୍ୟବସ୍ଥା ସମ୍ପର୍କରେ ନିର୍ବାହୀ ଅଧିକାରୀ ଇଂ. ବିରଜା ପ୍ରସାଦ ରଥ କୁହନ୍ତି, ଏନ୍‌ଏସିରେ ୨ଟି ଜଳଛତ୍ର ଖୋଲାଯାଇଛି। ଜଳଛତ୍ରରେ ପାଣି ପିଇବାକୁ ଲୋକେ କୁଣ୍ଠାବୋଧ କରୁଛନ୍ତି। ମଝିରେ ବର୍ଷା ହୋଇଥିବାରୁ ତାପମାତ୍ରା କମିଥିଲା। ସେଥିପାଇଁ ଅଧିକ ଜଳଛତ୍ର ଖୋଲାଯାଇନାହିଁ। ଆବଶ୍ୟକ ସ୍ଥଳେ ଖୋଲାଯିବ ବୋଲି ସେ ସୂଚନା ଦେଇଛନ୍ତି। ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ କୁହନ୍ତି, ଗ୍ରୀଷ୍ମ ପ୍ରବାହର ମୁକାବିଲା ଲାଗି ପ୍ରଶାସନ ପ୍ରସ୍ତୁତ ରହିଛି। ସହର ଏବଂ ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ଜଳଛତ୍ର ଖୋଲାଯିବା ବ୍ୟବସ୍ଥା କରାଯାଉଥିବା ସେ କହିଛନ୍ତି।

ଉପଖଣ୍ଡ ଚିକିତ୍ସାଧିକାରୀ ଡା. ରତ୍ନାକର ସାମଲ କୁହନ୍ତି, ଅଂଶୁଘାତ ଚିକିତ୍ସା ପ୍ରକୋଷ୍ଠ ଫାଙ୍କା ରଖିବାକୁ କର୍ମଚାରୀଙ୍କୁ କୁହାଯାଇଛି। ସେଠାରେ ୨ଟି ଶଯ୍ୟା ପଡ଼ିଛି। ପ୍ରାଥମିକ ଚିକିତ୍ସା ପରେ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ରୋଗୀଙ୍କ ଚିକିତ୍ସାରେ କୌଣସି ସମସ୍ୟା ହେଉ ନ ଥିବା ସେ ସୂଚନା ଦେଇଛନ୍ତି।

# ସହାୟତା ଅପେକ୍ଷାରେ ପାନେଶ୍ୱରୀ

**ରାଇସୁଆଁ, ୨୮।୪(ଡି.ଏନ.ଏ.)**



ପାନେଶ୍ୱରୀ ମାଝୀ।

ସରକାର ଗରିବ ଅସହାୟ ପରିବାରର ସହାୟତା ପାଇଁ ଯୋଜନା ପରେ ଯୋଜନା କରିଚାଲିଛନ୍ତି। ମାତ୍ର କେନ୍ଦୁଝର ସଦର ଅଞ୍ଚଳରେ ଏହାର ବହୁ ବ୍ୟତିକ୍ରମ ଦେଖିବାକୁ ମିଳିଛି। ପ୍ରଶାସନିକସ୍ତରରେ ମାନସିକତାର ଅଭାବସହ ପଞ୍ଚାୟତସ୍ତରୀୟ ନେତାଙ୍କ ଅବହେଳା ଏବଂ ଦୁର୍ନୀତିଗ୍ରସ୍ତ ପାଇଁ ବହୁ ଅସହାୟ ପରିବାର ସରକାରଙ୍କ ବହୁ ଜନକଲ୍ୟାଣ ଯୋଜନାରୁ ବଞ୍ଚିତ ହେଉଛନ୍ତି। କେନ୍ଦୁଝର ଜିଲା ସଦର ବ୍ଲକର ମହାଦେଇଯୋଡା ପଞ୍ଚାୟତର କୁଡିଆଘେରା ଗ୍ରାମରେ ପାନେଶ୍ୱରୀ ମାଝୀ ବାସ କରନ୍ତି। ତାଙ୍କ ସ୍ୱାମୀ ରୋଗାଗ୍ରସ୍ତ ହୋଇ ଶଯ୍ୟାସାୟୀ ହେଇ ପଡିରହିଥିବା ବେଳେ ପାନେଶ୍ୱରୀ ମଧ୍ୟ ରୋଗାଗ୍ରସ୍ତ ହୋଇ ପଡିଛନ୍ତି। ଆଗରୁ କାମଧନ୍ଦା କରି ପରିବାର ଏବଂ ସ୍ୱାମୀଙ୍କ ଭରଣପୋଷଣ କରୁଥିବା ବେଳେ ଏବେ ଶାରୀରିକ ଦୁର୍ବଳତା ଯୋଗୁଁ ସେ କାମଧନ୍ଦା କରିପାରୁନାହାନ୍ତି। ପିଲାମାନଙ୍କ ବୟସ ବହୁତ କମ୍ ହୋଇଥିବାରୁ ସେ ରୋଗୀ ମାତାପିତାଙ୍କ ସେବା କରିବାକୁ ଅସମର୍ଥ। ତାଙ୍କ ପରିବାରକୁ କୌଣସି ସରକାରୀ ସହାୟତା ମିଳିପାରିନି। ଭତ୍ତା ଏବଂ ଖଣ୍ଡେ ମୁଣ୍ଡ ଗଞ୍ଜିବାକୁ ଘର ବହୁ ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟକୁ ଧାଇଁ ଧାଇଁ ନୟାନ୍ତ ହେଲେଣି ମାତ୍ର କେବଳ ତାଙ୍କୁ ପ୍ରତିଶ୍ରୁତି ମିଳିଛି ମାତ୍ର ସାହାୟତା ନୁହେଁ ବୋଲି ଖୁବ ଦୁଃଖର ସହ କହିଛନ୍ତି ପାନେଶ୍ୱରୀ। ଏଥି ପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ସହ ତୁରନ୍ତ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଜିଲାପ୍ରଶାସନ ନିକଟରେ ଦାବି କରିଛନ୍ତି।

# ରୋକା ଯାଇପାରୁନି ବାଲ୍ୟ ବିବାହ

**ରାଇସୁଆଁ, ୨୮।୪(ଡି.ଏନ.ଏ.)**

କେନ୍ଦୁଝର ଏକ ଆଦିବାସୀ ଅଧ୍ୟୁଷିତ ଜିଲା। ଖଣି ଖାଦାନ ପୂର୍ଣ୍ଣ ଜିଲାରେ ବହୁ ଟଙ୍କା ରାଜସ୍ୱ ଆକାରରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ପାଉଛନ୍ତି। କେନ୍ଦୁଝର ଜିଲାକୁ ଉଭୟ ସରକାର ଅଣଦେଖା କରୁଛନ୍ତି ବୋଲି ଅଭିଯୋଗ ହେଉଛି। ସଚେତନତା ଅଭାବରୁ ବାଲ୍ୟ ବିବାହ ସାଙ୍ଗକୁ ଅନ୍ଧବିଶ୍ୱାସ ଭରିରହିଛି। ନାବାଳିକା ବିବାହ ବୃଦ୍ଧି ପାଉଛି। ନାବାଳିକାମାନେ ଅଳ୍ପ ବୟସରେ ବିବାହ ବନ୍ଧନରେ ବାନ୍ଧି ହେଉଛନ୍ତି। ଜିଲାରେ ବାଲ୍ୟ ବିବାହ ରୋକା ଯାଇପାରୁନି। କେନ୍ଦୁଝର ଜିଲାର ସଦର ଏବଂ ବାଂଶପାଳ ବ୍ଲକରେ ବହୁଳ ଭାବେ ନାବାଳିକା ବିବାହ ହେଉଥିବା ଅଭିଯୋଗ ହେଉଛି।

■ସମ୍ବଲପୁରରେ ଆଇନ ଦିବସ

# ଓକିଲଙ୍କ ମନରେ ରହିଛି ବ୍ୟବସ୍ଥା ବିରୋଧୀ ଭାବନା

**ସମ୍ବଲପୁର,୨୮।୪(ବ୍ୟୁରୋ)**

ଓକିଲମାନଙ୍କ ମନରେ ବ୍ୟବସ୍ଥା ବିରୋଧୀ ଭାବନା ରହିଛି। ଗରିବ, ନିରୀହ, ଖଟିଖିଆ ଲୋକଙ୍କ ପାଇଁ ଆଇନଜୀବୀମାନେ ଲଢେଇ କରନ୍ତି । ଜମିବାଡ଼ି, ଆଇନଗତ ସମସ୍ୟା ତଥା ବ୍ୟବସ୍ଥାରେ ପେଷି ହୋଇଥିବା ବ୍ୟକ୍ତିଙ୍କ ପାଇଁ ସେମାନେ କାମ କରନ୍ତି । ମନରେ ଭୟ ନ ଥିଲେ ସମ୍ମାନ ଆସେ ନାହିଁ। ଏଭଳି କାମ କରୁଥିବା ଯୋଗୁ ଦେଶ ଓ ଦେଶ ବାହାରେ ଆଇନଜୀବୀମାନଙ୍କୁ ସମ୍ମାନ ମିଳିଥାଏ । ସମ୍ବଲପୁର ଜିଲା ଓକିଲ ସଂଘ ପକ୍ଷରୁ ରବିବାର ସନ୍ଧ୍ୟାରେ ଆୟୋଜିତ ଆଇନ ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏହା କହିଛନ୍ତି।

ସଂଘ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସତପଥୀ ପ୍ରଥମେ ମାଁ ସମଲେଶ୍ୱରୀଙ୍କ ପାଖରେ ସମ୍ବଲପୁରବାସୀଙ୍କ ମଙ୍ଗଳ କାମନା କରି ବକ୍ତବ୍ୟ ଆରମ୍ଭ କରିଥିଲେ । ସେ କହିଥିଲେ, ଏବେ କେହି ନିଜସ୍ୱ ନିଷ୍ପତ୍ତି ନେଇ ପାରୁ ନାହାନ୍ତି । ସମସ୍ତେ ଜାତୀୟ ସ୍ରୋତରେ ଭାସି ଯାଉଛନ୍ତି । ପଲିସି କମ୍, ପ୍ରୋଗ୍ରାମ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଭାରତରେ ପୂର୍ବରୁ ହଜାର ବର୍ଷ ହେଲା ରାଜା, ମହାରାଜା ତଥା ଇଂରେଜମାନେ ଶାସନ କରି ଆସିଛନ୍ତି। ସାଧାରଣ ଲୋକଙ୍କ ଦକ୍ଷତା ଥିଲେ ମଧ ସେମାନେ ନିର୍ଭରଶୀଳ ହୋଇ ରହି ଆସିଛନ୍ତି । ଏବେ ଦକ୍ଷତାକୁ ସଦ୍ ଉପଯୋଗ କରିବାର ଆବଶ୍ୟକ ତା ରହିଛି। ସମାଜରେ ସେବା କରିବାକୁ ହେଲେ କେବଳ ରାଜନୀତି ଏକମାତ୍ର ମାଧ୍ୟମ ନୁହେଁ । ଅନ୍ୟ ଦିଗରେ ମଧ୍ୟ ସେବା କରି ହେବ । ସତପଥୀ କହିଥିଲେ, ବ୍ୟକ୍ତିଗତ ଜୀବନରେ ସେ ଅନେକ ଶିଳ୍ପପତି, ବ୍ୟବସାୟୀ, ରାଜନେତାଙ୍କୁ ଅତି ନିକଟରୁ ଦେଖିଛନ୍ତି। ତେଣୁ ଏବେ ସେହି ସ୍ରୋତରୁ ଦୂରେଇ ଆସିଛନ୍ତି। ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ରଞ୍ଜନ ଗୋଗେଇଙ୍କ ଉଦାହରଣ ଦେଇ କହିଥିଲେ ଯେ, ଜଣେ ମହିଳାଙ୍କ ଅଭିଯୋଗ ଉପରେ ତଦନ୍ତରେ ଶିଥିଳତା ଦେଖାଦେଇଛି । ଅନ୍ୟପକ୍ଷେ ଗୋଟିଏ ଫୋନ୍ କଲ୍‌ରେ ଦେଢ କୋଟି ଟଙ୍କା ଦେଇ ମିଥ୍ୟା ଅଭିଯୋଗ ହୋଇଥିବା ମାମଲାର ମଧ୍ୟ ତଦନ୍ତ କରାଯାଉଛି । ଅସଲ ଅଭିଯୋଗକୁ ଭୁଲି ଦିଆଯାଉଛି। ଭାରତ ବାହାରେ ଏମିତି ଅଭିଯୋଗ ଉପରେ ପୀଡିତା ମହିଳାଙ୍କ ସପକ୍ଷରେ ନ୍ୟାୟ ହୋଇ ତଦନ୍ତ ହୋଇଥିବା ଦୃଷ୍ଟାନ୍ତ ରହିଛି । ଏହି ଘଟଣାରେ କୌଣସି ଗଣମାଧ୍ୟମ ଗୁରୁତ୍ୱ ଦେଉନାହିଁ ବୋଲି ସତପଥୀ କହିଥିଲେ ।



ସମ୍ବଲପୁର ଜିଲା ଓକିଲ ସଂଘ ପକ୍ଷରୁ ରବିବାର ରାତିରେ ଆୟୋଜିତ ଆଇନ ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଓଡିଶା ପୋଷ୍ଟ ଓ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ସଂଘର ସଭାପତି ପ୍ରଧାନ କହିଥିଲେ ଯେ, ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ହୋଇଆସୁଛି । ଏଥିରେ ଜନସାଧାରଣଙ୍କ ସମର୍ଥନ ରହିଥିବା ସେ କହିଥିଲେ। ସାଧାରଣ ସମ୍ପାଦକ ପ୍ରବୀଣ ସିଂଦେଓ ବାର୍ଷିକ ବିବରଣୀ ପାଠ କରିଥିଲେ ।

# ଖଣି ଖନନ ପାଇଁ ହାତୀ ବାଟବଣା

**ଯୋଡ଼ା, ୨୮।୪(ଡି.ଏନ.ଏ.)**

ଯୋଡ଼ା ବନ ଅଞ୍ଚଳରେ ଖଣିଖନନ ପାଇଁ ହାତୀପଲ ବାଟବଣା ହେଉଛନ୍ତି। ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଯୋଡ଼ା ଓ ବାମେବାରୀ ବନାଞ୍ଚଳରେ ୨୩ ହାତୀ ବିଚରଣ କରୁଛନ୍ତି। ଯୋଡ଼ା ବନାଞ୍ଚଳର ବୈତରଣୀ ରିଜର୍ଭର ଖଣ୍ଡବନ୍ଧ ଜଙ୍ଗଲରେ ୧୭ ଏବଂ ବାମେବାରୀ ବନାଞ୍ଚଳର ପିଢ ପୋଖରୀ ଜଙ୍ଗଲରେ ୬ ହାତୀ ରହିଛନ୍ତି। ଖଣ୍ଡବନ୍ଧ ଜଙ୍ଗଲ ନିକଟରେ ଖଣିଜ ଉତ୍ତୋଳନ ଓ ପରିବହନ କାର୍ଯ୍ୟ, ହାଇମାଷ୍ଟ ଲାଇଟ ଓ ଉଚ୍ଚ ଶକ୍ତି ସମ୍ପନ୍ନ ବାରୁଦ ବିସ୍ଫୋରଣ ଯୋଗୁଁ ହାତୀ ଜଙ୍ଗଲରେ ସ୍ଥାୟୀ ଭାବେ ରହି ନ ପାରି ଏଣେତେଣେ ଜଙ୍ଗଲରେ ଘୁରି ବୁଲୁଛନ୍ତି ବୋଲି ଖଣ୍ଡବନ୍ଧ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଯୋଡ଼ା ବନପାଳ ପିଅନ ନାଏକଙ୍କୁ ପଚାରିବାରୁ ହାତୀପଲ ବିଭିନ୍ନ ସମୟରେ ଖଣିଜ ଖନନ ହେଉଥିବା ସ୍ଥାନକୁ ଚାଲିଆସୁଛନ୍ତି। ଏଥିପାଇଁ ବନବିଭାଗ ପକ୍ଷରୁ ଉକ୍ତ ଖଣି ଦ୍ୱୟକୁ ସତର୍କ ସୂଚନା ଦିଆଯାଇଛି। ହାତୀଙ୍କର ବିଚରଣ ସମୟରେ ଖଣିରେ ଉତ୍ତୋଳନ କାର୍ଯ୍ୟ, ବାରୁଦ ବିସ୍ଫୋରଣ ଓ ପରିବହନ କାର୍ଯ୍ୟ ବନ୍ଦ କରାଯିବାକୁ ମଧ୍ୟ କୁହାଯାଇଥିବା ସେ କହିଛନ୍ତି। କେତେକ ଖଣି କମ୍ପାନୀ କର୍ତ୍ତୃପକ୍ଷ ଏହି ନିର୍ଦ୍ଦେଶକୁ ଖାତିର ନ କରି ବାରୁଦ ବିସ୍ଫୋରଣ, ବଡ଼ ମେଶିନରେ ଉତ୍ତୋଳନ କାର୍ଯ୍ୟ କରୁଥିବା ଖଣ୍ଡବନ୍ଧ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଖଣ୍ଡବନ୍ଧ ଗ୍ରାମର ଅର୍ଜୁନ ମୁଣ୍ଡା, ସନାତନ ମୁଣ୍ଡା, ଟେରୁ ନାଏକ ପ୍ରମୁଖ ଅଭିଯୋଗ କରି କହିଛନ୍ତି ଯେ, ଖଣ୍ଡବନ୍ଧ ନିକଟରେ ଥିବା ଖଣି କମ୍ପାନୀ କର୍ତ୍ତୃପକ୍ଷ ଉଚ୍ଚ ଶକ୍ତି ସମ୍ପନ୍ନ ବାରୁଦ ବିସ୍ଫୋରଣ କରୁଛନ୍ତି। ବଡ ମେଶିନର ଶବ୍ଦ ହେତୁ ଜଙ୍ଗଲରେ ରହୁଥିବା ହାତୀପଲ ବିଭିନ୍ନ ସମୟରେ ଗାଁ ମୁହାଁ ହେଉଛନ୍ତି। ବାର ଚକିଆ ଟ୍ରକ୍‌ରେ ଲୁହାପଥର ପରିବହନ ହେଉଛି। ରାତିରେ ଉଜ୍ଜ୍ୱଳ ଆଲୋକ ସହ ମେଶିନର ଶବ୍ଦ ଯୋଗୁ ହାତୀପଲ ପଥଭ୍ରଷ୍ଟ ହେଉଛନ୍ତି। ଏ ନେଇ ସରକାରଙ୍କ ସ୍ୱଷ୍ଟ ଜଙ୍ଗଲ ନୀତି ହାତୀ କରିଡର ଥିବା ବେଳେ ଏଠାରେ ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖାଯାଉଛି। ହାତୀ ଚଲାପଥ ଥିବା ଅଞ୍ଚଳରେ ଖଣି ଖନନ ଯୋଗୁ ତାଙ୍କର ଚଲାପଥ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଉଛି। ବନ ବିଭାଗ କେବଳ ଖଣି କମ୍ପାନୀ ଗୁଡିକୁ ନିର୍ଦ୍ଦେଶ ଦେଇ ଚୁପ ହୋଇ ବସିଯାଉଛି।

# ପିକ୍‌ଅପ୍ ଭ୍ୟାନ୍ ଓଲଟି ୧୪ ଶ୍ରମିକ ଆହତ

**ଜଗନ୍ନାଥପ୍ରସାଦ/ଭଞ୍ଜନଗର, ୨୮।୪(ଡି.ଏନ.ଏ.)**

ଜଗନ୍ନାଥପ୍ରସାଦ ଥାନା ଚୋପ୍ରା ଗ୍ରାମ ନିକଟରେ ରବିବାର ସକାଳେ ଏକ ପିକ୍‌ଅପ୍ ଭ୍ୟାନ ରାସ୍ତା ଉପରେ ଓଲଟି ପଡିବାରୁ ଗାଡିରେ ଯାଉଥିବା ୧୪ଜଣ ଶ୍ରମିକଙ୍କ ସମେତ ଚାଳକ ଆହତ ହୋଇଛନ୍ତି। ଆହତମାନଙ୍କୁ ଭଞ୍ଜନଗର ଓ ଜଗନ୍ନାଥପ୍ରସାଦ ମେଡିକାଲରେ ଚିକିତ୍ସିତ କରାଯାଉଛି। ଆହତମାନେ ହେଲେ ତିଳିସିଙ୍ଗିର ପିଙ୍କି ନାୟକ, ବାସ୍ତୋରୀ ନାୟକ, ବାସନ୍ତୀ ନାୟକ, ସୁରେନ୍ଦ୍ର ନାୟକ, ଶାନ୍ତି ନାୟକ, କାଲୁ ନାୟକ, ସଜନୀ ନାୟକ, ବନ ନାୟକ, ପଙ୍କଜ ନାୟକ, ପୂର୍ଣ୍ଣ ନାୟକ, ପ୍ରତାପ ପ୍ରଧାନ ଓ ସୋରିଷମୂଳିର ଭଗବାନ ପାତ୍ର, ତନୁ ପଟ୍ଟନାୟକ। ସେଥିମଧ୍ୟରୁ କାଲୁ ଓ ଶାନ୍ତିଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ଡାଲା ଗାଡିରେ ବେନିୟମ ଭାବେ ଯାତ୍ରୀ (ବିଶେଷକରି ଶ୍ରମିକ) ନେବା ଆଣିବା କରାଯାଉଛି। ଫଳରେ ଦୁର୍ଘଟଣା ଘଟୁଛି। ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି।

ପ୍ରକାଶ ଯେ, ତାରସିଂ ଥାନା ତିଳିସିଙ୍ଗିର ୧୩ଜଣ ଶ୍ରମିକ ଏବଂ ଅନ୍ୟ ଜଣେ ମହିଳାଙ୍କୁ ନେଇ ପିକ୍ ଅପ୍ ଭ୍ୟାନଟି ଜଗନ୍ନାଥପ୍ରସାଦ ଅଭିମୁଖେ ରବିବାର ସକାଳେ ବାହାରିଥିଲା। ମହିଳାମାନେ ସେଠାରେ ଜଣେ ଠିକାଦାରଙ୍କ ରାସ୍ତା କାମ କରିଥାନ୍ତେ। ଜଗନ୍ନାଥପ୍ରସାଦର ୧ କି.ମି ପୂର୍ବରୁ ଚୋପ୍ରା ନିକଟରେ ହଠାତ୍ ଗାଡି ଆଗକୁ ଏକ ସାଇକେଲ ଚାଳକ ଚାଲି ଆସିଥିଲେ। ଗାଡିଚାଳକ ହଠାତ୍ ବ୍ରେକ୍ ଦେବାରୁ ରୋଡ ଉପରେ ଗାଡିଟି ଓଲଟି ପଡିଥିବା କୁହାଯାଉଛି। ସମସ୍ତ ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା।

# ବଢୁଛି ଖଣିଜ ଚୋରାଚାଲାଣ

- ■ଆଇଥ୍ରୀ ଏମ୍‌ଏସ୍ ଜିପିଏସ୍ ବ୍ୟବସ୍ଥାରେ ଦୁର୍ନୀତି
- ■ଗନ୍ତବ୍ୟସ୍ଥଳରେ ପହଞ୍ଚିପାରୁନି ଖଣିଜ ବୋଝେଇ ଭାରିଯାନ

**ବଡ଼ବିଲ, ୨୮।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଯୋଡ଼ା ଖଣି ସର୍କଲରେ ଖଣିଜ ଚୋରା କାରବାର ରୋକିବାକୁ ସରକାରଙ୍କ ସମସ୍ତ ବ୍ୟବସ୍ଥା ଫେଲ ମାରିଛି। ଖଣିରୁ ଖଣିଜ ପଥର ବୋଝେଇ କରି ଭାରିଯାନଗୁଡିକ ରାଜ୍ୟ ବାହାରକୁ ଚୋରାଚାଲାଣ ହେଉଛି। ଖଣିଜ ବୋଝେଇ ଭାରିଯାନର ଚଳାଚଳ ଉପରେ ନଜର ରଖିବାକୁ ଥିବା ଆଇଥ୍ରୀ ଏମ୍‌ଏସ୍ ଜିପିଏସ୍ ବ୍ୟବସ୍ଥା ଫେଲ ମାରୁଛି। ଖଣିଜ ବୋଝେଇ ଗାଡି ଗନ୍ତବ୍ୟ ପଥ ବଦଳାଇଲେ ଖଣି ବିଭାଗ ପାଖରେ ଖବର ରହିବାର ବ୍ୟବସ୍ଥା ଥିଲେ ହେଁ ସେ ନେଇ ତଦାରଖ କରାଯାଉନି। ଜିପିଏସ୍ ମେଶିନ କେବଳ ଖଣିଜ ଲୋଡିଂ ପର୍ଯ୍ୟନ୍ତ ସୀମିତ ରହୁଛି। ଜିପିଏସ ବ୍ୟବସ୍ଥା ନିମନ୍ତେ ଏକ ବଡଧରଣର ଦୁର୍ନୀତିର ଗନ୍ଧ ବାରି ହୋଇପଡୁଛି। ଏ ନେଇ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବଡ ଧରଣର ଦୁର୍ନୀତର ପର୍ଦ୍ଦାଫାଶ ହୋଇପାରନ୍ତ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଅତ୍ୟାଧୁନିକ ଆଇଥ୍ରୀଏମ୍‌ଏସ୍ ଜିପିଏସ୍ ବ୍ୟବସ୍ଥା ନିର୍ଦ୍ଦିଷ୍ଟ କାର୍ଯ୍ୟରେ ଲାଗୁ ନ ଥିବାରୁ ଖଣିଜ ବୋଝେଇ କରି ଭାରୀଯାନ ଗୁଡିକ ଅନାୟାସରେ ଗନ୍ତବ୍ୟସ୍ଥଳ ପଥ ପରିବର୍ତ୍ତନ କରି ଅନ୍ୟ ପଥରେ ଯାଇ ଝାଡଖଣ୍ଡକୁ ଚୋରାଚାଲାଣ କରୁଥିବା ଗତ ୨୪ ତାରିଖ ବଡବିଲ ଥାନା ପୋଲିସ ଜବତ କରିଥିବା ଦୁଇଟି ଲୁହାପଥର ବୋଝେଇ ଭାରିଯାନରୁ ସ୍ୱଷ୍ଟ ହୋଇଛି।

ବଡବିଲ ଥାନାରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୨୪ ତାରିଖ ବୁଧବାର ରାତିରେ ରୁଗୁଡି ଥାନା ଅନ୍ତର୍ଗତ ଗୁଆଲିସ୍ଥିତ ଆରପି ସାଓ ଖଣିରୁ ଓଆର୦୯ଏଚ୯୫୧୫ ନମ୍ବର ବିଶିଷ୍ଟ ଡମ୍ପର ଯୋଗେ ୧୦.୨୬୦ ମେଟ୍ରିକ ଟନ୍ ଲୁହାପଥର ଏବଂ ଓଆର୦୯କେ୮୦୩୧ନମ୍ବର ବିଶିଷ୍ଟ ଡମ୍ପର ଯୋଗେ ୧୦.୧୯୦ ମେଟ୍ରିକ ଟନ ଲୁହାପଥର ବୋଝେଇ କରି ବଡବିଲ ରେଳ ସାଇଡିଂ ଅଭିମୁଖେ ବାହାରିଥିଲେ ହେଁ ପହଞ୍ଚି ନ ଥିଲା। ୨୫ ତାରିଖରେ ଖଣି କମ୍ପାନୀ ବଦଳରେ କମ୍ପାନୀରେ ନିୟୋଜିତ ଯୋଡା ଥାନା ବନେକଳା ଅଞ୍ଚଳର ପରିବହନକାରୀ ସଂସ୍ଥା ଏସଏସ ଆର୍ଥ ମୁଭର୍ସ ଏଣ୍ଡ ଲଜିଷ୍ଟିକ୍ସ ପକ୍ଷରୁ ବଡବିଲ ଥନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ୨୪ ତାରିଖରେ ବଡ଼ବିଲ ପୋଲିସ ଉକ୍ତ ଭାରିଯାନ ଦ୍ୱୟକୁ ବଡବିଲ-ନାଲଦା ରାସ୍ତାର ବେଲକୁଣ୍ଡି ନିକଟରୁ ଜବତ କରି ଅନ୍ୟ ଏକ ମାମଲା ରୁଜୁ କରିଥିଲା। ସେଥିରୁ ଜଣାପଡ଼ିଥିଲା ଯେ, ଲୁହାପଥରକୁ ଅପରାଧୀମାନେ ଝାଡ଼ଖଣ୍ଡକୁ ଖଣିଜ ଚୋରାଚାଲାଣ କରୁଛନ୍ତି। ଏହିଭଳି ଅନେକ ଲୁହାପଥର ବୋଝେଇ ଭାରୀଯାନ ଦୈନିକ ଝାଡଖଣ୍ଡକୁ ଚୋରାଚାଲାଣ ହେଉଥିବା ଆଶଙ୍କା କରାଯାଇଥିଲେ ହେଁ ଖଣି ବିଭାଗ ପକ୍ଷରୁ କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଥିସହ ଖଣିଜ ଚୋରାଚାଲାଣ ନିମନ୍ତେ କାର୍ଯ୍ୟକରୁଥିବା ଏକ ରାକେଟର ପର୍ଦ୍ଦାଫାଶ ନିମନ୍ତେ ସମ୍ପୃକ୍ତ ପରିବହନକାରୀ ସଂସ୍ଥା, ଖଣି ବିଭାଗୀୟ ଅଧିକାରୀ, ସମ୍ପୃକ୍ତ ଖଣି ଲିଜଧାରୀଙ୍କୁ ପଚରାଉଚରା କରାଗଲେ ଅନେକ ତଥ୍ୟ ସାମ୍ନାକୁ ଆସି ପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

**ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ- ୭୮୯୪୪୬୨୯୧୨, ବଣ୍ଟରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ଆଣ୍ଟିବାୟୋଟିକ୍ ଖାଉଥିଲେ..

ରୋଗର ଅବସ୍ଥା ଦେଖି ଡାକ୍ତର ରୋଗୀଙ୍କୁ ଆଣ୍ଟିବାୟୋଟିକ୍ ଖାଇବାକୁ ପରାମର୍ଶ ଦେଇଥାଆନ୍ତି। ହେଲେ ଏ ନେଇ କେତେକ ବିଷୟରେ ଆମେ ଅବଗତ ହେବା ନିହାତି ଜରୁରୀ। ପ୍ରଥମ କଥା ହେଲା ଯଦି ଆପଣ କୌଣସି ରୋଗରେ ପୀଡ଼ିତ ତେବେ ପ୍ରଥମେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ପ୍ରତ୍ୟେକ ରୋଗ ପାଇଁ ଭିନ୍ନ ଭିନ୍ନ ଆଣ୍ଟିବାୟୋଟିକ୍ ଖାଇବାକୁ ପଡ଼ିଥାଏ। ତେଣୁ ଏ ବିଷୟରେ ଡାକ୍ତରଙ୍କ ନିକଟରୁ ଭଲ ଭାବରେ ବୁଝି ନିଅନ୍ତୁ। ସବୁଠାରୁ ବଡ଼ କଥା ହେଲା ଡାକ୍ତରଙ୍କ ବିନା ପରାମର୍ଶରେ ଆଣ୍ଟିବାୟୋଟିକ୍ ଖାଆନ୍ତୁ



ନାହିଁ। କେତେକ ଲୋକ ରୋଗରୁ ଆରୋଗ୍ୟ ଲାଭ କରିବା ପରେ ଔଷଧ ଖାଇବା ବନ୍ଦ କରିଦିଅନ୍ତି। ହେଲେ କେତେକ କ୍ଷେତ୍ରରେ ଆଉ କିଛିଦିନ ଔଷଧ ଖାଇବାକୁ ପଡ଼େ। ତେଣୁ ଏହି ସମୟରେ ଡାକ୍ତରଙ୍କ ପରାମର୍ଶକୁ ଅନୁସରଣ କରନ୍ତୁ। ଡାକ୍ତରଙ୍କ ପରାମର୍ଶ ବିନା ଛୋଟ ପିଲାଙ୍କୁ କଦାପି ଆଣ୍ଟିବାୟୋଟିକ୍ ଦିଅନ୍ତୁ ନାହିଁ। କୌଣସି ଔଷଧ ଲେଖିବା ପୂର୍ବରୁ ଆପଣଙ୍କର ଆଲର୍ଜିଜନିତ କିଛି ସମସ୍ୟା ଅଛି କି ନାହିଁ ତାହା ଡାକ୍ତରଙ୍କୁ କୁହନ୍ତୁ। କାରଣ ସେହି ଅନୁସାରେ ଡାକ୍ତର ଔଷଧ ଖାଇବାକୁ ପରାମର୍ଶ ଦେଇଥାଆନ୍ତି। ଔଷଧ ଖାଇବାକୁ ନେଇ ମନରେ କିଛି ଦ୍ୱନ୍ଦ୍ୱ ଥିଲେ ତାହା ଡାକ୍ତରଙ୍କ ସମ୍ମୁଖରେ ପ୍ରକାଶ କରିବାକୁ କୁଣ୍ଠାବୋଧ କରନ୍ତୁ ନାହିଁ।

## ବରଫ ତରଳାଇବାର ନୂଆ ଉପାୟ

ସାଧାରଣତଃ ଗରମ ସଂସ୍ପର୍ଶରେ ଆସିଲେ ବରଫ ତରଳିଯାଏ। ହେଲେ ପରିବେଶ ଥଣ୍ଡା ହେଲେ ମଧ୍ୟ ଏହାକୁ ତରଳାଇ ହେବ। ଏପରି ଏକ ଉପାୟ ଖୋଜି ପାଇଛନ୍ତି ୟୁନିଭର୍ସିଟି ଅଫ କାଲିଫର୍ନିଆର ବିଶେଷଜ୍ଞମାନେ।



ବାଲି, ଗୋଡି ଏବଂ ସିମେଣ୍ଟକୁ ନେଇ ସେମାନେ ଏପରି ଏକ ପ୍ରକାର କଙ୍କ୍ରିଟ ପ୍ରସ୍ତୁତ କରିଛନ୍ତି ଯାହା ସଂସ୍ପର୍ଶରେ ଆସିବା ମାତ୍ରେ ବରଫ ତରଳିଯିବ। ଏହି କଙ୍କ୍ରିଟକୁ ବିଦ୍ୟୁତ ଶକ୍ତି ଦ୍ୱାରା ସଂଯୋଜିତ କରାଯାଇଛି ଏବଂ ଏହି କରେଣ୍ଟ ଦ୍ୱାରା ହିଁ ବରଫ ତରଳିବ। ହେଲେ ଏହି କରେଣ୍ଟ ଆଦୌ ବିପଦଜନକ ନୁହେଁ ବୋଲି ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଶେଷଭାବରେ ଶୀତଦିନେ ବରଫ ଦ୍ୱାରା ଆଚ୍ଛାଦିତ ରାସ୍ତାଗୁଡିକୁ ଯଦି ଏପରି କଙ୍କ୍ରିଟ୍‌ରେ ତିଆରି କରାଯାଏ ତେବେ ସେହି ରାସ୍ତାରୁ ବରଫ ହଟାଇବା କାମ ସହଜରେ ସମ୍ପାଦିତ ହୋଇପାରିବ ବୋଲି ଏଥିରୁ ଜଣାପଡ଼ିଛି।


# ଅନ୍ତର୍ଜାତୀୟ ପର୍ଯ୍ୟାୟ ସାରଣୀ ବର୍ଷ



ଇଂ. ମାୟାଧର ସ୍ୱାଇଁ


ମୌଳିକ ପଦାର୍ଥର ପର୍ଯ୍ୟାୟ ସାରଣୀ (periodic table) ହେଉଛି ରସାୟନ ବିଜ୍ଞାନର ଏକ ଅମୂଲ୍ୟ ଉପ୍ସ। ରୁଷିଆର ରସାୟନବିତ୍ ଡିମିତ୍ରି ମେଣ୍ଡେଲିଭ୍ ୧୮୬୯ ମସିହାରେ ପ୍ରଥମେ ଏହାକୁ ପ୍ରସ୍ତୁତ କରିଥିଲେ। ରସାୟନ ବିଜ୍ଞାନର ବିକାଶରେ ଏହାର ଅବଦାନ ହେଉଛି ଅନସ୍ୱୀକାର୍ଯ୍ୟ। ଏହା ଯୋଗୁ ଅନେକ ନୂତନ ମୌଳିକ ପଦାର୍ଥର ଆବିଷ୍କାର ସମ୍ଭବ ହୋଇପାରିଥିଲା। ମେଣ୍ଡେଲିଭ୍ ପ୍ରଥମ ପର୍ଯ୍ୟାୟ ସାରଣୀ ପ୍ରସ୍ତୁତ କଲାବେଳକୁ ୬୩ଟି ମୌଳିକ ପଦାର୍ଥ ଜଣାଥିଲା। ସେ ଏଗୁଡ଼ିକର ପ୍ରକୃତିକୁ ଅଧ୍ୟୟନ କରି ଏଗୁଡ଼ିକୁ କେତୋଟି ଧାଡ଼ି ଓ ସ୍ତମ୍ଭରେ ଏପରି ଭାବେ ସଜାଇଲେ ଯେ, ଗୋଟିଏ ସ୍ତମ୍ଭରେ ଥିବା ସମସ୍ତ ମୌଳିକ ପଦାର୍ଥଗୁଡ଼ିକର ପ୍ରକୃତି ପ୍ରାୟ ସମାନ ଥିଲା। ଏପରି ରଖିବା ଦ୍ୱାରା ମୌଳିକ ପଦାର୍ଥଗୁଡ଼ିକ ସେମାନଙ୍କର ପରମାଣବିକ ଓଜନ ଅନୁଯାୟୀ କ୍ରମାନ୍ୱୟରେ ରହିଲା।

ମେଣ୍ଡେଲିଭ୍ ମୌଳିକ ପଦାର୍ଥଗୁଡ଼ିକୁ ସେମାନଙ୍କର ପ୍ରକୃତି ଅନୁସାରେ ସଜାଇବା ବେଳେ ତାଙ୍କୁ କେତେଗୁଡ଼ିଏ ଘର ଖାଲି ରଖିବାକୁ ପଡ଼ିଲା। ସେ ପ୍ରକାଶ କରିଥିଲେ ଯେ ଏହି ଘରେ ପରେ ଆବିଷ୍କୃତ ହେବା ମୌଳିକ ପଦାର୍ଥ ରହିବ। ସେ ଏଗୁଡ଼ିକର ପ୍ରକୃତି ମଧ୍ୟ ନିର୍ଣ୍ଣୟ କରିଥିଲେ। ତାଙ୍କ କଥା ସମ୍ପୂର୍ଣ୍ଣ ଭାବେ ସତ୍ୟ ହେଲା। ଏପରି କି ତାଙ୍କ ଜୀବଦ୍ଦଶାରେ ଏଥିମଧ୍ୟରୁ ତିନୋଟି ମୌଳିକ ପଦାର୍ଥ ଆବିଷ୍କୃତ ହୋଇଥିଲା। ଏଗୁଡ଼ିକ ହେଉଛି ଗାଲିୟମ୍, ସ୍କାଣ୍ଡିୟମ୍ ଓ ଜର୍ମାନିୟମ୍। ସେ ପୂର୍ବାନୁମାନ କରିଥିବା ଏହି ତିନୋଟିର ପରମାଣବିକ ଓଜନ ମଧ୍ୟ ପ୍ରାୟ ସମାନ ହେଲା। ବର୍ତ୍ତମାନ ରସାୟନ ବିଜ୍ଞାନ ଛାତ୍ରୀଛାତ୍ରମାନେ ସମସ୍ତ ମୌଳିକ ପଦାର୍ଥର ପ୍ରକୃତି ଅଧ୍ୟୟନ ବଦଳରେ ପ୍ରତ୍ୟେକ ସ୍ତମ୍ଭରେ ଗୋଟିଏ ଗୋଟିଏ ମୌଳିକ ପଦାର୍ଥର ଅଧ୍ୟୟନ କଲେ ଯଥେଷ୍ଟ। ଏହା ମେଣ୍ଡେଲିଭ୍‌ଙ୍କ ଯୋଗୁ ସମ୍ଭବ ହୋଇଛି। କେବଳ ରସାୟନ ବିଜ୍ଞାନ ନୁହେଁ, ପଦାର୍ଥ ବିଜ୍ଞାନର ବିକାଶରେ ମଧ୍ୟ ଏହା ଅନେକ ସାହାଯ୍ୟ କରିଛି।




ମେଣ୍ଡେଲିଭ୍ ରୁଷିଆର ସାଇବେରିଆସ୍ଥିତ ଟୋବୋଲ୍‌ସ୍କଠାରେ ୧୮୩୪ ମସିହା ଫେବୃୟାରୀ ୭ ତାରିଖରେ ଜନ୍ମଗ୍ରହଣ କରିଥିଲେ। ସ୍ନାତକ ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ ସେ ଗୋଟିଏ ସ୍କୁଲରେ ଶିକ୍ଷକତା କରିଥିଲେ। ଏହି ସମୟରେ ସେ ଜୈବିକ ରସାୟନ ବିଜ୍ଞାନ ପାଠ୍ୟପୁସ୍ତକ ରଚନା କରିଥିଲେ। ସେ ଏଥିପାଇଁ ୧୮୬୨ ମସିହାରେ ଡେମିଡ଼ୋଭ ପୁରସ୍କାର ଲାଭ କରିଥିଲେ। ସେ ଏହାପରେ ଗବେଷଣା କରି ୧୮୬୫ ମସିହାରେ ପିଏଚ୍.ଡି. ଡିଗ୍ରୀ ଲାଭ କଲେ ଏବଂ ସେଣ୍ଟ ପିଟର୍ସବର୍ଗ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ କାର୍ଯ୍ୟ କଲେ। ସେ ସେଠାରେ ଛାତ୍ରୀଛାତ୍ରମାନଙ୍କୁ ଅଜୈବିକ ରସାୟନ ବିଜ୍ଞାନ ପଢ଼ାଇଲେ। ଏହି ବିଷୟରେ ଭଲ ପାଠ୍ୟପୁସ୍ତକ ନ ଥିବାରୁ ସେ ଗୋଟିଏ ପାଠ୍ୟପୁସ୍ତକ ଲେଖିଲେ। ଏହି ପୁସ୍ତକ ଲେଖିବା ବେଳେ ସେ ଲକ୍ଷ୍ୟ କଲେ ଯେ ମୌଳିକ ପଦାର୍ଥଗୁଡ଼ିକୁ ପରମାଣବିକ ଓଜନର ବର୍ଦ୍ଧିତ କ୍ରମରେ ସଜାଇଲେ ସେଗୁଡ଼ିକର ଗୁଣ ସବୁ କ୍ରମାନ୍ୱୟରେ ପରିବର୍ତ୍ତିତ ହେଉଛି ଏବଂ ପ୍ରତ୍ୟେକ ଆଠଟି ମୌଳିକ ପଦାର୍ଥ ପରେ ପୁନରାବୃତ୍ତି ହେଉଛି। ଉଦାହରଣ ସ୍ୱରୂପ ଲିଥିୟମ୍ ହେଉଛି ଗୋଟିଏ ନରମ ଓ ପ୍ରତିକ୍ରିୟାଶୀଳ ଧାତୁ। ଏହାର ଆଠଟି ସ୍ଥାନ ପରେ ଆସୁଥିବା ସୋଡିୟମ୍‌ର ପ୍ରକୃତି ମଧ୍ୟ ସମାନ ଏବଂ ସୋଡ଼ିୟମ୍‌ର ଆଠଟି ସ୍ଥାନ ପରେ ଆସୁଥିବା ପୋଟାସିୟମ୍‌ର ଗୁଣ ମଧ୍ୟ ଠିକ୍ ସେମିତି। ଏହି ନିୟମ ଅନୁସାରେ ମେଣ୍ଡେଲିଭ୍ ମୌଳିକ ପଦାର୍ଥଗୁଡ଼ିକୁ ୭ଟି ଧାଡ଼ି ଓ ୯ଟି ସ୍ତମ୍ଭରେ ସଜାଇ ପର୍ଯ୍ୟାୟ ସାରଣୀ ପ୍ରସ୍ତୁତ କଲେ। ସେ ଏହାକୁ ରୁଷିଆ ରାସାୟନିକ ସୋସାଇଟିରେ ଉପସ୍ଥାପନ କଲେ ଓ ତାଙ୍କ ପୁସ୍ତକରେ ଏହାକୁ ଅନ୍ତର୍ଭୁକ୍ତ କଲେ।

ମେଣ୍ଡେଲିଭ୍‌ଙ୍କ ପର୍ଯ୍ୟାୟ ସାରଣୀ କେତେକ ମୌଳିକ ପଦାର୍ଥର ପରମାଣବିକ ବସ୍ତୁତ୍ୱ ସଂଶୋଧନ କରିବାରେ ସାହାଯ୍ୟ କଲା। କେତେଗୁଡ଼ିଏ ମୌଳିକ ପଦାର୍ଥର ଆଚରଣ ମେଣ୍ଡେଲିଭ୍‌ଙ୍କ ପୂର୍ବାନୁମାନ ସହ ମେଳ ଖାଇଲା ନାହିଁ। ଏଣୁ ଅଧ୍ୟୟନ ପରେ ଏଗୁଡ଼ିକର ପରମାଣବିକ ବସ୍ତୁତ୍ୱ ସଂଶୋଧନ କରାଗଲା। ଉଦାହରଣ ସ୍ୱରୂପ, ବେରିଲିୟମ୍‌ର ପରମାଣବିକ ବସ୍ତୁତ୍ୱ ୧୩.୫ରୁ ୯କୁ ସଂଶୋଧନ କରାଗଲା। ଇଣ୍ଡିୟମ୍, ସୁନା ଓ ପ୍ଲାଟିନମ୍‌ର ପରମାଣବିକ ବସ୍ତୁତ୍ୱ ମଧ୍ୟ ସଂଶୋଧନ କରାଗଲା।



ଡିମିତ୍ରି ମେଣ୍ଡଲିଭ୍

ବର୍ତ୍ତମାନ ସୁଦ୍ଧା ମୋଟ ୧୧୮ଟି ମୌଳିକ ପଦାର୍ଥ ଆବିଷ୍କୃତ ହୋଇଛି ଏବଂ ଏଗୁଡ଼ିକ ପର୍ଯ୍ୟାୟ ସାରଣୀରେ ୭ଟି ଧାଡ଼ି ଓ ୧୮ଟି ସ୍ତମ୍ଭରେ ସଜ୍ଜିତ ହୋଇଛି। ଇତିମଧ୍ୟରେ ମେଣ୍ଡେଲିଭ୍‌ଙ୍କ ପର୍ଯ୍ୟାୟ ସାରଣୀରେ କିଞ୍ଚିତ୍ ପରିବର୍ତ୍ତନ ହୋଇଛି। ପର୍ଯ୍ୟାୟ ସାରଣୀରେ ବର୍ତ୍ତମାନ ମୌଳିକ ପଦାର୍ଥଗୁଡ଼ିକ ସେମାନଙ୍କର ପରମାଣବିକ ଓଜନ ବଦଳରେ ପରମାଣବିକ ସଂଖ୍ୟାର (ପରମାଣୁରେ ଥିବା ପ୍ରୋଟୋନ୍ ସଂଖ୍ୟା) କ୍ରମ ଅନୁସାରେ ରହିଛି। କିନ୍ତୁ ଏହାର ମୂଳତତ୍ତ୍ୱ ପର୍ଯ୍ୟାୟକ୍ରମତା ବଜାୟ ରହିଛି। ସୂଚନାଯୋଗ୍ୟ ଯେ, ମେଣ୍ଡେଲିଭ୍ ଯେତେବେଳେ ପର୍ଯ୍ୟାୟ ସାରଣୀ ପ୍ରସ୍ତୁତ କରିଥିଲେ, ସେତେବେଳେ ପରମାଣୁ ମଧ୍ୟରେ କ'ଣ ଅଛି, ତାହା ଜଣା ନ ଥିଲା। ୧୯୦୭ ମସିହାରେ ତାଙ୍କ ମୃତ୍ୟୁ ବେଳକୁ କେବଳ ଇଲେକ୍‌ଟ୍ରନ୍ ଆବିଷ୍କୃତ ହୋଇଥିଲା ଏବଂ ତାଙ୍କ ମୃତ୍ୟୁ ପରେ ପ୍ରୋଟୋନ୍ ଓ ନିଉଟ୍ରନ୍ ଆବିଷ୍କୃତ ହେଲା। ବ୍ରିଟିଶ୍ ରସାୟନବିତ୍ ହେନେରି ମୋସେଲେ ୧୯୧୩ ମସିହାରେ ମୌଳିକ ପଦାର୍ଥଗୁଡ଼ିକୁ ସେମାନଙ୍କର ପରମାଣବିକ ସଂଖ୍ୟା ଅନୁସାୟୀ ପ୍ରଥମେ ସଜାଇଲେ। କାରଣ ପରମାଣବିକ ଓଜନ ଅପେକ୍ଷା ପରମାଣବିକ ସଂଖ୍ୟା ହେଉଛି ମୌଳିକ ପଦାର୍ଥର ଗୋଟିଏ ଅଧିକ ମୌଳିକ ଗୁଣ।

ମେଣ୍ଡେଲିଭ୍ ନିଜର କୃତୀ ପାଇଁ ରୁଷିଆରେ ବହୁତ ସମ୍ମାନ ପାଇଥିଲେ। ସାରା ପୃଥିବୀରେ ତାଙ୍କ ଖ୍ୟାତି ବ୍ୟାପି ଯାଇଥିଲା। ଲଣ୍ଡନର ରୟାଲ୍ ସୋସାଇଟି ତାଙ୍କୁ ୧୮୮୨ ମସିହାରେ ଡେଭି ପଦକ ପ୍ରଦାନ କରିଥିଲା। ତାଙ୍କ ସମ୍ମାନରେ ୧୦୧ତମ ମୌଳିକ ପଦାର୍ଥର ନାମ ମେଣ୍ଡେଲିଭିୟମ୍ ରଖାଯାଇଛି। ଚନ୍ଦ୍ରର ଏକ ଗର୍ତ୍ତକୁ ତାଙ୍କ ନାମାନୁସାରେ ନାମିତ କରାଯାଇଛି। କିନ୍ତୁ ତାଙ୍କ ଆବିଷ୍କୃତ ପର୍ଯ୍ୟାୟ ସାରଣୀ ହେଉଛି ରସାୟନ ବିଜ୍ଞାନ ପାଇଁ ଏକ ଅବିସ୍ମରଣୀୟ ଅବଦାନ।

୨୦୧୯ ମସିହା ହେଉଛି ମେଣ୍ଡେଲିଭ୍‌ଙ୍କ ପ୍ରଥମ ପର୍ଯ୍ୟାୟ ସାରଣୀ ପ୍ରକାଶର ୧୫୦ତମ ବର୍ଷ। ଏଥିପାଇଁ ୟୁନେସ୍କୋ ଏହି ବର୍ଷକୁ 'ଅନ୍ତର୍ଜାତୀୟ ରାସାୟନିକ ମୌଳିକ ପଦାର୍ଥର ପର୍ଯ୍ୟାୟ ସାରଣୀ ବର୍ଷ'' ଭାବେ ଘୋଷଣା କରିଛି। ବାସ୍ତବରେ ମେଣ୍ଡେଲିଭ୍‌ଙ୍କ ପାଇଁ ଏହା ହେଉଛି ଏକ ଯଥାର୍ଥ ସମ୍ମାନ।

*-ଡାଇରେକ୍ଟର,*
*କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର*
*ମୋ : ୯୪୩୮୬୯୩୭୨୪*



## ସକାଳ ଚା'

ଅସୀମା ସାହୁ

ସକାଳର ଗରମା ଗରମ ଚା' କପଟିଏ ଆଗରେ ପାଇଲେ କାହା ମନ ନାଚି ନ ଉଠିବ କହିଲେ। ଆଜିକାଲି ଚା'ର ଚର୍ଚ୍ଚା ବେଶି। ଚା' ପାଇଁ ଚର୍ଚ୍ଚା ତ ଚା'କୁ ନେଇ ଚର୍ଚ୍ଚା ଓ ରାଜନୀତି ସରଗରମ। ଭାରତରେ ଏ ଚା'ର ପ୍ରଶଂସା ବେଶି ଓ ଗ୍ରାହକ ପ୍ରାୟତଃ ଆଗ ଅପେକ୍ଷା ବହୁତ ବଢ଼ିଗଲେଣି।

କହିବାକୁ ଗଲେ ଚା' ହେଉଛି କୃଷିଜାତ ଦ୍ରବ୍ୟ। ଏହି ଚା' ଗଛର ବୈଜ୍ଞାନିକ ନାମ ହେଲା କ୍ୟାମେଲିଆ ସାଇନେସିସ୍। ଆମ ଏ ପୃଥିବୀର ଜଳ ପରେ ଚା' ହେଉଛି ସବୁଠାରୁ ବେଶି ବ୍ୟବହୃତ ହେଉଥିବା ପାନୀୟ। ବଜାରରେ ଯୋଉ ସବୁ ଚା' ମିଳେ ତାହା ସମାନ ଗଛରୁ ଆସିଥିଲେ ବି ତାର ଉପଚାର ପ୍ରାୟତଃ ଭିନ୍ନ ପ୍ରଣାଳୀରେ ହୋଇଥାଏ। ଯେପରି ଗୁଣ୍ଡଧଳା ଚା' ପାଇଁ ଅଲଗା ଚାଷ ମଧ୍ୟ କରାଯାଏ। ସାଧାରଣତଃ ବଜାରରେ ମିଳୁଥିବା ଭିନ୍ନ ଭିନ୍ନ ଚା' ସବୁ ହେଲା ଧଳା ଚା', ସବୁଜ ଚା', ଓଲଙ୍ଗ ଚା', କଳା ଚା'। ଧଳା ଚା' ସହ ସବୁଜ ଚାହା ସମାନ। କେବଳ ଏଥିରେ ସ୍ୱାଦର ଭିନ୍ନତା ହିଁ ପରିଲକ୍ଷିତ ହୋଇଥାଏ। ଏହାର ସ୍ୱାଦ ମିଠା ଆଉ ହାଲ୍‌କା। ଯଦି କେହି ଧଳା ଚା' କରିନ୍ତି ତେବେ ତାକୁ ପାଣିରେ ଫୁଟାଇବାକୁ ଦିଆଯିବ ନାହିଁ। କାରଣ ଏଥିରେ କେଫିନ୍‌ର ମାତ୍ରା ଅନ୍ୟାନ୍ୟ ଚା' ଅପେକ୍ଷା କମ୍ ପରିମାଣର ଥାଏ। କହିବାକୁ ଗଲେ ଧଳା ଚା' ରେ କେଫିନ୍‌ର ମାତ୍ରା ୧୫ ମିଲିଗ୍ରାମ୍ ଥିବାବେଳେ ସବୁଜ ଚା'ରେ ଥାଏ ୨୦ ମିଲିଗ୍ରାମ।

ଗବେଷଣାରୁ ଜଣାଯାଉଛି କି ଧଳା ଚା' ରେ କର୍କଟ ନିରୋଧୀ ଶକ୍ତି ସବୁଜ ଚା' ଠୁଁ ଅଧିକ ଥାଏ। ସବୁଜ ଚା' ପ୍ରସ୍ତୁତି ଏକ ନିଆରା ଢଙ୍ଗରେ ହେଇଥାଏ। ସବୁଜ ଚା' ରେ ଧଳା ଚା' ପରି ତଟକା ଚା'ପତ୍ରର ବାସନା ଥାଏ। ଏଥିରେ କେଫିନ୍‌ର ମାତ୍ରା କମ୍‌ଥାଏ ଓ ରୋଗ ପ୍ରତିରୋଧକ ଶକ୍ତି ଅଧିକ ଥାଏ। ଓଲଙ୍ଗ ଚା'ର ପ୍ରସ୍ତୁତି ପ୍ରଣାଳୀ ଅନ୍ୟାନ୍ୟ ଚା ଅପେକ୍ଷା କଷ୍ଟସାଧ। ଏହାର ଗୁଣ ସବୁଜ ଚା' ଓ କଳା ଚା' ମଧ୍ୟରେ ରହିଛି। ଏଥିରୁ ଏକ ପ୍ରକାର ବାସନା ବାହାରିଥାଏ। ଏତଦ୍‌ବ୍ୟତୀତ କଳା ଚା'ର ଗୁଣ ଅଲଗା। ଏହା ସମସ୍ତଙ୍କର ପ୍ରିୟ। ସର୍ବାଧିକ ଲୋକ ଏହାର ପୃଷ୍ଠପୋଷକ ଓ ଗ୍ରାହକ। ଏହି ଚା' ରେ କିଛି ଫୁଲର ମିଶ୍ରଣ ହୋଇଥାଏ। ଯାହା କଡଓ୍ୱା ହୁଏ ଓ ସୁଗନ୍ଧରେ ଭରି ଉଠେ। ମନକୁ ଏକାଥରକେ ସତେଜ କରିଦେଇଥାଏ।

ଚା'ର ବିଶେଷ ଗୁଣ ହେଲା ଯାହା ଆମ ଶରୀରର ଉପକାରରେ ଆସେ। ମାନସିକ ସତେଜତା ଆଣିଦିଏ। ଶରୀର ଜଳୀୟ ଅଂଶର ସନ୍ତୁଳନ ବଜାଏ ରଖେ। ଏହା ଚର୍ବି କ୍ୟାଲୋରି ମୁକ୍ତ ପାନୀୟ। ଏଥିରେ ଥିବା ପ୍ରାକୃତିକ ଫ୍ଲୋରାଇଡ୍ ମୁଖଗହ୍ୱର ବ୍ୟାକ୍ଟେରିଆମାନଙ୍କ ବୃଦ୍ଧିକୁ ରୋକିଥାଏ। ସୁସ୍ଥ ହାଡ଼ ପାଇଁ ଦରକାର ହେଉଥିବା ମାଙ୍ଗାନିଜ ଓ ସୁସ୍ଥ ହୃଦୟ ପାଇଁ ଆବଶ୍ୟକ ହେଉଥିବା ପୋଟାସିୟମ୍ ଏଥିରେ ପ୍ରଚୁର ପରିମାଣରେ ଥାଏ। ଏଥିରେ ଭିଟାମିନ୍ ବି୧, ବି୨, ବି୬ ଫଲିକ୍ ଏସିଡ୍ ଓ କ୍ୟାଲସିୟମ୍ ଥାଏ। ହୃଦ୍‌ରୋଗୀମାନଙ୍କ ପାଇଁ ଏହା ବିଶେଷ ଉପଯୋଗୀ। ଏହା ରକ୍ତ ଜମାଟ ବାନ୍ଧିବା କମାଇଥାଏ।

ସାରା ବିଶ୍ୱରେ ଭାରତ ହେଉଛି ଦ୍ୱିତୀୟ ଚା' ବ୍ୟବହାରକାରୀ ରାଷ୍ଟ୍ର। ଚାଇନା ପ୍ରଥମ ସ୍ଥାନରେ ଅଛି। ଆମର ଆସାମ ଓ ଦାର୍ଜିଲିଂ ଚା' ପୃଥିବୀ ପ୍ରସିଦ୍ଧ। ଏହାର ଲୋକପ୍ରିୟତା ଖୁବ୍ ବେଶି। ''ରାଜ୍ୟର ପାନୀୟ'' ଭାବରେ ଆସାମ ରାଜ୍ୟ ସ୍ୱୀକୃତି ପ୍ରଦାନ କରିଥିଲା ବେଳେ ଜାତୀୟ ପାନୀୟ କ'ଣ ସେ ବିଷୟରେ ଚର୍ଚ୍ଚା ନାହିଁ। ଆସୋସିଚେମ୍‌ର ସର୍ବେକ୍ଷଣ ଅନୁଯାୟୀ ଯାହା ୨୦୧୧ ମସିହା ଡିସେମ୍ବର ମାସରେ କରାଯାଇଥିଲା ସେଥିରେ ପ୍ରକାଶ ପାଇଛି ଯେ, ପୃଥିବୀରେ ଭାରତ ହେଉଛି ସର୍ବାଧିକ ଚା' ବ୍ୟବହାର କରୁଥିବା ରାଷ୍ଟ୍ର। ଭାରତ ମଧ୍ୟ ବିଦେଶକୁ ଚା' ରପ୍ତାନିରେ ସବୁଠାରୁ ଆଗରେ। ଯଦିଓ ଚାଇନା ହେଉଛି ପ୍ରଥମ। ଆଗରୁ ଆୟୁର୍ବେଦ ଚା' ମଧ୍ୟ ପ୍ରସ୍ତୁତ ହେଉଥିଲା ବୋଲି କୁହାଯାଏ। ଯେମିତି ପୋଦିନା ଚା', ଅଳେଇଚ ଅଦା ମିଶା ଚା', ତୁଳସୀ ଚା', ଏହା ଆମର ପରମ୍ପରାର ମୂଳ ପ୍ରମାଣ ଦେଇଥାଏ ଓ ଲୋକମାନେ ଆଜି ବି ଏହାକୁ ବ୍ୟବହାର କରୁଛନ୍ତି। ଆମ ଭାରତରେ ପ୍ରାୟତଃ ୭୦ ଶତାଂଶ ଲୋକ ଚା'ର ବ୍ୟବହାର କରୁଛନ୍ତି। ଏହାର ପ୍ରାଚୀନତମ ସମ୍ପର୍କ ଜାଣିବାକୁ ହେଲେ ଏହା କୁହାଯାଇପାରେ ଯେ ସମ୍ଭବତଃ ୧୫୯୮ ମସିହା ଦ୍ୱାଦଶ ଶତାବ୍ଦୀ ବେଳକୁ ଡଚ୍ ଯେତେବେଳେ ଆସିଥିଲେ ସେତେବେଳେ ପର୍ଯ୍ୟଟକ ଜନ୍ ହ୍ୟୁଗେନ୍ ଭାନ ଲିନ୍‌ସୋଟେନ୍ ଆସାମର ଚା' ସମ୍ପର୍କରେ ଏକ ପୁସ୍ତକ ଲେଖିଥିଲେ। ସେ ଉଲ୍ଲେଖ କରିଥିଲେ କି ଭାରତୀୟମାନେ ଚା'ର ବ୍ୟବହାର ବେଶି କରୁଥିଲେ ପନିପରିବା ଭାବରେ। ଏହାକୁ ସେମାନେ ରସୁଣ ତେଲ ମିଶାଇ ପାନୀୟ ଭାବରେ ବ୍ୟବହାର କରୁଥିଲେ। ଭାରତୀୟ ଚା' ବ୍ରିଟେନ୍ ବଜାରରେ ଖୁବ୍ ଲୋକପ୍ରିୟ।



ପଲ୍ଲୀଠୁ ଆରମ୍ଭ କରି ସହର ଯାଏ, ମେଟ୍ରୋପଲିଟାନ୍ ସିଟିଠୁ ଆରମ୍ଭ କରି ବସ୍ତି ଅଞ୍ଚଳ ଯାଏ, ସବୁଠି ଚା' ଚର୍ଚ୍ଚା। ସକାଳ ଓ ସଞ୍ଜରେ ଚା' ଦୋକାନରେ ପ୍ରବଳ ଭିଡ଼। କେଉଁଠି ସବୁଜ ଚା' ମିଳିଲାଣି ତ କେଉଁଠି ନାଲି ଚା', ପୁଣି କେହି ବୁଲି ବୁଲି ଲେମ୍ବୁ ରସ ମିଶା ଚା' ବିକ୍ରି କରିଥାଆନ୍ତି। ଜାଗାକୁ ଜାଗା ଟି କାଫେ, ଟି ଷ୍ଟଲ୍ ଖୋଲାଯାଇ ଭାବ ବିନିମୟ, ପରିବାର ଚର୍ଚ୍ଚା, ପ୍ରେମ ଗପ, ରାଜନୀତିର ଚର୍ଚ୍ଚାର ଏକ ପେଣ୍ଠସ୍ଥଳୀ ହୋଇଗଲାଣି ଏହି ଚା' ଦୋକାନ। ଭାରତୀୟ ଜନଜୀବନରେ ଚା'ର ଅଧିକ ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି।

*-ଅଧ୍ୟକ୍ଷା, ଏସ୍.ସି.ବି. ଡିଗ୍ରୀ କଲେଜ, ରିଙ୍ଗ୍ରା, ବାରିପଦା, ମୟୂରଭଞ୍ଜ*

## ମସ୍ତିଷ୍କ କାର୍ଯ୍ୟଧାରାକୁ ପ୍ରଭାବିତ କରେ ଅତ୍ୟଧିକ ଅବସାଦ

ଆମେ କେତେକ କାରଣରୁ ଅବସାଦଗ୍ରସ୍ତ ହୋଇଥାଉ। ତେବେ ଏହାର ପ୍ରଭାବ ଆମ ଶରୀର ଉପରେ ପଡ଼ିଥାଏ। ହେଲେ ଯଦି ଆପଣ ଅଧିକାଂଶ ସମୟ ଅବସାଦଗ୍ରସ୍ତ ରହୁଛନ୍ତି ତେବେ ତାହା ମସ୍ତିଷ୍କ ପାଇଁ କ୍ଷତିକାରକ ହୋଇପାରେ ବୋଲି ସତର୍କ କରାଇ ଦେଇଛନ୍ତି ୟୁନିଭର୍ସିଟି ଅଫ ଲଣ୍ଡନର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ। ଅଧିକ ସମୟ ଅବସାଦ ବଳୟ ଭିତରେ ରହୁଥିବା କିଛି ବ୍ୟକ୍ତିଙ୍କର ମସ୍ତିଷ୍କ କିପରି କାର୍ଯ୍ୟ କରୁଛି ତାହା ଜାଣିବାକୁ ସେମାନେ ଏକ ସର୍ଭେ କରିଥିଲେ। ଯେଉଁମାନେ ଅଧିକାଂଶ ସମୟ ଏପରି ଅବସ୍ଥାରେ ରହୁଥିଲେ ସେମାନଙ୍କର ମସ୍ତିଷ୍କର କାର୍ଯ୍ୟଧାରା ଅବସାଦ ଦ୍ୱାରା ପ୍ରଭାବିତ ହେଉଥିବାର ଜଣାପଡିଥିଲା। ତେଣୁ ଏପରି ଅବସ୍ଥାରେ ନିଜ ମାନସିକତାକୁ ଯଥାସମ୍ଭବ ସକାରାତ୍ମକ ରଖିବାକୁ ଚେଷ୍ଟା କରିବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।



## ଘରୋଇ ଉପଚାର
## ଦାନ୍ତ ବିନ୍ଧା

ଦାନ୍ତ ବିନ୍ଧିବା ଏକ ସାଧାରଣ ସମସ୍ୟା। ଦାନ୍ତ ସନ୍ଧିରେ ଖାଦ୍ୟର ଅଂଶବିଶେଷ ଜମି ରହିଲେ, ଥଣ୍ଡା ଆଦି କାରଣରୁ ଦାନ୍ତ ବିନ୍ଧିଥାଏ। ଏଥିରୁ ଉପଶମ ପାଇବା ପାଇଁ ଆପଣ କେତୋଟି ଘରୋଇ ଉପଚାରକୁ ଆପଣେଇ ପାରନ୍ତି। ଯଦି ଦାନ୍ତମୂଳ ବିନ୍ଧୁଛି ତେବେ ମୌସୁମ୍ବୀ ରସରେ କିଛି ହେଙ୍ଗୁ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ତୁଳା ଦ୍ୱାରା ବିନ୍ଧୁଥିବା ଦାନ୍ତ ଉପରେ ରଖିଲେ ସେଥିରୁ ଉପଶମ ମିଳିଥାଏ। ଯଦି ବ୍ୟାକ୍ଟେରିଆଜନିତ କାରଣରୁ ଦାନ୍ତ ବିନ୍ଧୁଛି ତେବେ ଦାନ୍ତ ଉପରେ ଲବଙ୍ଗ ରଖନ୍ତୁ। ଏଥିରେ ଥିବା ଔଷଧୀୟ ତତ୍ତ୍ୱ ଦାନ୍ତ ବିନ୍ଧାରୁ ଉପଶମ ଦେଇଥାଏ। ପିଆଜରେ ଏପରି ତତ୍ତ୍ୱ ରହିଛି ଯାହା ଦାନ୍ତ ବିନ୍ଧାକୁ କମ୍ କରିବାରେ ସାହାଯ୍ୟ କରିଥାଏ। ରସୁଣରେ ଏଲିସନ୍ ନାମକ ପୋଷକତତ୍ତ୍ୱ ରହିଛି। ପ୍ରତିଦିନ ୨-୩ କୋଲ କଞ୍ଚା ରସୁଣ ଖାଇଲେ ତାହା ଦାନ୍ତ ବିନ୍ଧାରୁ ଉପଶମ ଦେଇଥାଏ। ଯଦି ଦାନ୍ତ ବିନ୍ଧୁଛି ତେବେ କିଛି ସମୟ



ଲୁଣ ପାଣି ଗର୍ଗଲିଂ କରନ୍ତୁ। ଖାସ୍ କଥା ହେଲା ଯଦି ଆପଣଙ୍କର ଦାନ୍ତ ବିନ୍ଧୁଛି ତେବେ ମିଠାଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ। ଥଣ୍ଡାପାନୀୟ ବର୍ଜନ କରନ୍ତୁ।



“ ସିମ୍ଫୋନୀ କମର୍ସିଆଲ ଏବଂ ଇଣ୍ଡଷ୍ଟ୍ରିଆଲ ଏୟାର କୁଲିଂ ସେଗମେଣ୍ଟ ପ୍ରତି ଅଧିକ ଗୁରୁତ୍ୱ ଦେବ। କାରଣ ଆଗାମୀ ଦିନରେ ଏହି କ୍ଷେତ୍ରରେ ଅଧିକ ସମ୍ଭାବନା ସୃଷ୍ଟି ହେବ।
– ଅଚଳ ବାକେରୀ, ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ, ସିମ୍ଫୋନୀ



“ ବିଗ୍‌ବାସ୍କେଟ ଡିଷ୍ଟ୍ରିବ୍ୟୁଶନ ସେଣ୍ଟରକୁ ଅଧିକ ସୁଦୃଢ଼ କରୁଛି। ଶୀର୍ଷ ୧୦ ସହରରେ ମାତ୍ର ୨ ଘଣ୍ଟା ମଧ୍ୟରେ ସାମଗ୍ରୀ ଡେଲିଭରି ଦେବାକୁ କମ୍ପାନୀ ଲକ୍ଷ୍ୟ ରଖିଛି।
– ବିପୁଲ ପାରେଖ, ସହପ୍ରତିଷ୍ଠାତା, ବିଗ୍‌ବାସ୍କେଟ

## ସଂକ୍ଷେପରେ

### ଏନ୍‌ପିଏ ଗାଇଡଲାଇନ ମେ ୨୩ ସୁଦ୍ଧା ଜାରି କରିବ ଆର୍‌ବିଆଇ




ମୁମ୍ବାଇ,୨୮-୪:ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ମେ ୨୩ ତାରିଖ ପୂର୍ବରୁ ଏନ୍‌ପିଏ(ଅନାଦାୟ ଋଣ) ସମାଧାନ ନେଇ ଗାଇଡଲାଇନ ଜାରି କରିବାକୁ ଯାଉଛି। ସାଧାରଣ ନିର୍ବାଚନ ଚାଲୁଥିବାରୁ ଦେଶରେ ଆଦର୍ଶ ଆଚରଣବିଧି ଲାଗୁ ହେବା ସତ୍ତ୍ୱେ ଏହା ଜାରି କରାଯିବ। ସୂଚନାଥାଉ କି, ଆର୍‌ବିଆଇ ଦ୍ୱାରା ୨୦୧୮ ଫେବୃୟାରୀ ୧୨ରେ ଜାରି ସର୍କୁଲାରକୁ ସୁପ୍ରିମକୋର୍ଟ ରଦ୍ଦ କରିଦେବା ପରେ ଏନ୍‌ପିଏ ସମାଧାନ ନେଇ ସଂଶୋଧିତ ଗାଇଡଲାଇନ ଜାରି ହେବା ଆବଶ୍ୟକ ହୋଇପଡିଛି। ଏହାକୁ ନେଇ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ପ୍ରସ୍ତୁତି ଚାଲିଛି ବୋଲି ପ୍ରାପ୍ତ ସୂଚନାରୁ ପ୍ରକାଶ। ପୂର୍ବରୁ ଆର୍‌ବିଆଇ ସର୍କୁଲାର ଜାରି କରି କହିଥିଲେ ଯେ, କୌଣସି ଏନ୍‌ପିଏ ଆକାଉଣ୍ଟର ସମାଧାନ ୧୮୦ ଦିନ ଭିତରେ ନ ହେଲେ ତେବେ ବ୍ୟାଙ୍କ ଏହାକୁ ଗୋଟିଏ ଦିନ ବିଳମ୍ବ ନ କରି ଆଇବିସି ଅଧୀନରେ ଏନ୍‌ସିଏଲ୍‌ଟିରେ ମାମଲା ଦାଏର କରିବାକୁ ବାଧ ରହିବ। ରିଜର୍ଭ ବ୍ୟାଙ୍କର ନିୟମ ଅନୁଯାୟୀ, କୌଣସି ଆକାଉଣ୍ଟରେ ୯୦ ଦିନ ଭିତରେ କିସ୍ତି ଜମା କରା ନ ଗଲେ, ଏହାକୁ ଏନ୍‌ପିଏ ଆକାଉଣ୍ଟ ବୋଲି ଧରାଯିବ।

### ଆଇଏଲ୍‌ଆଣ୍ଡଏଫ୍‌ଏସ୍ ମାମଲା
### ବାସନ୍ଦ ହୋଇପାରେ ଡେଲଏଟ




ନୂଆଦିଲ୍ଲୀ,୨୮-୪: ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଅଡିଟ ମାମଲାରେ ସନ୍ଦେହଜନକ କାର୍ଯ୍ୟଧାରାକୁ ନେଇ ଡେଲଏଟ ହସ୍କିନ୍ସ ଆଣ୍ଡ ସେଲ୍ସ (ଡିଏଚ୍‌ଏସ୍)କୁ କେନ୍ଦ୍ର ସରକାର ବାସନ୍ଦ କରିପାରନ୍ତି। ଏଥିପାଇଁ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ କମ୍ପାନୀ ଆଇନ ଧାରା ୧୪୦(୫)କୁ ଲାଗୁ କରିପାରେ। ଡେଲଏଟ ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ର ଆକାଉଣ୍ଟରେ ଜାଲିଆତି କରିଥିବା ଅଭିଯୋଗ ହୋଇଛି। ଏହି ଧାରା ଅନୁଯାୟୀ, ନ୍ୟାୟାଧିକରଣ ଆଇନ ବ୍ୟବସ୍ଥା ଅନୁଯାୟୀ ନିଜ ଆଡୁ କିମ୍ବା କେନ୍ଦ୍ର ସରକାର ଅଥବା ଅନ୍ୟ କୌଣସି ବ୍ୟକ୍ତିଙ୍କ ଆବେଦନ ଉପରେ ବ୍ୟାନ ଆଦେଶ ଦେଇପାରିବେ। ଫଳରେ କମ୍ପାନୀକୁ ଅଡିଟର ବଦଳାଇବାକୁ ପଡିବ। କମ୍ପାନୀ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଭାବେ ଜାଲିଆତିରେ ଲିପ୍ତ ଥିବା ପ୍ରମାଣ ମିଳିଲେ ହିଁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଏହା ହେଲେ ସତ୍ୟମ ଦୁର୍ନୀତି ଧରାପଡିବା ପରେ ପ୍ରାଇସ୍ ୱାଟରହାଉସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରେ ଏହା ଦ୍ୱିତୀୟ ଉଦାହରଣ ହେବ।

### ହୃଦରୋଗ ଆଶଙ୍କା କମ୍ କରେ ଲହୁଣି:ସର୍ଭେ

ନୂଆଦିଲ୍ଲୀ,୨୮-୪:ହୃଦରୋଗ ଆଶଙ୍କାକୁ କମ୍ କରିବାରେ ଲହୁଣି ସହାୟକ ହୋଇଥାଏ। କାର୍ଡିଓଭାସକୁଲାର ରୋଗର ପ୍ରଭାବକୁ ଏହା ହ୍ରାସ କରିଥାଏ ବୋଲି ଫାର୍ମିଙ୍ଗହାମ ହାର୍ଟ ଷ୍ଟଡି ପକ୍ଷରୁ ହୋଇଥିବା ଏକ ସର୍ବେକ୍ଷଣରୁ ଏହା ଜଣା ପଡିଛି। ଏହା ବାଦ ଉଚ୍ଚ ଫ୍ୟାଟ ଯୁକ୍ତ ଦୁଗ୍ଧଜାତ ସାମଗ୍ରୀ ବ୍ୟବହାର ଭିଟାମିନ କେ୨ ମାତ୍ରାକୁ ବଢାଇଥାଏ। ଏହା ହୃଦରୋଗର ଆଶଙ୍କାକୁ କମ୍ କରିଥାଏ ବୋଲି ପ୍ରକାଶ ପାଇଛି। ସେହିଭଳି ଏହା ପ୍ରଦାନକାରୀ ଏବଂ ମେଦ ହ୍ରାସ ଦିଗରେ ସହାୟତା କରିଥାଏ। ଏହାବାଦ ଏଥିରେ ସ୍ୱାସ୍ଥ୍ୟ ଉପଯୋଗୀ ଲିନୋଲେଇକ୍ ଏସିଡ, ପାଚନ ସିଷ୍ଟମ ଉପରେ ସୁରକ୍ଷା ପ୍ରଦାନକାରୀ, ସ୍ୱାସ୍ଥ୍ୟବର୍ଦ୍ଧକ ଫ୍ୟାଟ ଏବଂ ଭିଟାମିନ ଏ,ଇ ସହ କେ ଭରି ରହିଥିବା ବିଶେଷଜ୍ଞ ମାନେ କହିଛନ୍ତି।

### ସାମ୍‌ସଙ୍ଗର ସ୍ପେଶମାକ୍ସ ସିରିଜ ରେଫ୍ରିଜରେଟର

ନୂଆଦିଲ୍ଲୀ,୨୮-୪:ସାମସଙ୍ଗ ଇଣ୍ଡିଆ ପକ୍ଷରୁ ନୂଆ ସ୍ପେଶମାକ୍ସ ସିରିଜର ରେଫ୍ରିଜରେଟର ବଜାରକୁ ଆସିଛି। ଏହା ସାଇଡ ବାଏ ସାଇଡ ଫ୍ରିଜ ବର୍ଗର ହୋଇଥିବା ବେଳେ ଦୁଇ ଡୋର ଏବଂ ୩ ଡୋର ବିକଳ୍ପ ସହ ଆସୁଛି। କମ୍ପାନୀ ସାଇଡ ବାଏ ସାଇଡ ରେଫ୍ରିଜରେଟର ବର୍ଗରେ ପ୍ରମୁଖ ଅଂଶୀଦାର ରହିଥିବା ସୂଚନା ଦେଇଛି। ଏହା ଶକ୍ତି ସଞ୍ଚୟକାରୀ ଫିଚର ସହ ବଜାରକୁ ଆସିଛି।

# ଜେଟ୍ ପରେ ସଙ୍କଟରେ ପଓ୍ୱନହଂସ

ନୂଆଦିଲ୍ଲୀ,୨୮-୪




- ଏପ୍ରିଲ ପରେ ଦରମା ନାହିଁ
- ୨୦୧୮-୧୯ରେ ୮୯ କୋଟି କ୍ଷତି
- ୨୩୦ କୋଟିରୁ ଊର୍ଦ୍ଧ୍ୱ ଋଣ
- କର୍ମଚାରୀଙ୍କ ଓଭରଟାଇମ ବାତିଲ

କିଙ୍ଗଫିଶର ଏବଂ ଜେଟ୍ ଏୟାରୱେଜ ପରେ ପଓ୍ୱନହଂସ ହେଲିକପ୍ଟର କମ୍ପାନୀ ଉପରେ ଏବେ ସଙ୍କଟ ଦେଖାଦେଇଛି। ବିଏସ୍‌ଏନ୍‌ଏଲ, ଏମ୍‌ଟିଏନ୍‌ଏଲ, ଏୟାର ଇଣ୍ଡିଆ, ଇଣ୍ଡିଆ ପୋଷ୍ଟ ପରେ ଏବେ ଉକ୍ତ ରାଷ୍ଟ୍ରାୟତ୍ତ କମ୍ପାନୀର ଆର୍ଥିକ ସ୍ଥିତି ଅତ୍ୟନ୍ତ ଖରାପ ହୋଇଛି। କମ୍ପାନୀକୁ ୨୦୧୮-୧୯ ଆର୍ଥିକ ବର୍ଷରେ ୮୯ କୋଟି ଟଙ୍କାର କ୍ଷତି ହୋଇଥିଲା। ଋଣ କଥା ନ କହିଲେ ଭଲ। ଏହି କାରଣରୁ କମ୍ପାନୀ ଏପ୍ରିଲ ଦରମା ଦେବାକୁ ଅକ୍ଷମ। ଏ ସମ୍ପର୍କରେ କମ୍ପାନୀ ପକ୍ଷରୁ କର୍ମଚାରୀଙ୍କୁ ଏକ ସର୍କୁଲାର ଜାରି କରାଯାଇଛି।

କମ୍ପାନୀର ଏହି ନିଷ୍ପତ୍ତି କର୍ମଚାରୀ ଏବଂ ସେମାନଙ୍କର ପରିବାର ଉପରେ ପ୍ରଭାବ ପକାଇବାକୁ ଯାଉଛି। ପିଲାଙ୍କ ସ୍କୁଲ ଫିସ୍, କୋଚିଂ କ୍ଲାସ୍ ପାଉଣା, ଇଏମ୍‌ଆଇ ଆଦି ଭରଣା ପାଇଁ ଅର୍ଥ କେଉଁଠୁ ଆସିବ ସେ ନେଇ ସେମାନେ ଏବେ ଚିନ୍ତାରେ ପଡିଯାଇଛନ୍ତି। କେନ୍ଦ୍ର ସରକାର ଗତବର୍ଷ ପଓ୍ୱନହଂସକୁ ବିକ୍ରି କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, କମ୍ପାନୀ ଉପରେ ଏବେ ୨୩୦ କୋଟି ଟଙ୍କା ବ୍ୟତୀତ ଆହୁରି ବହୁ କୋଟି ଟଙ୍କାର ଋଣ ରହିଛି। ଆଗାମୀ ଦିନରେ ଏଥିଯୋଗୁ କମ୍ପାନୀର ଆର୍ଥିକ ସ୍ଥିତି ଆହୁରି ବିଗିଡି ଯିବ ବୋଲି କୁହାଯାଉଛି। ଯେକୌଣସି ପ୍ରକାରେ ପାଣ୍ଠି ଯୋଗାଡ କରି କର୍ମଚାରୀଙ୍କୁ ଦରମା ଦେବା ସହ ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇବା ଲାଗି ପ୍ରୟାସ ଜାରି ରହିଛି। କମ୍ପାନୀ ବୁଡ଼ି ଯିବାକୁ ବସିଥିଲେ ହେଁ ଏଥିରେ ସେମାନଙ୍କର ଦୋଷ କ'ଣ ବୋଲି କର୍ମଚାରୀମାନେ ପ୍ରଶ୍ନ କରିଛନ୍ତି। କମ୍ପାନୀ ମ୍ୟାନେଜମେଣ୍ଟର ଭୁଲ୍ ନୀତି କାରଣରୁ ଏହା ବୁଡ଼ିଯିବାକୁ ବସିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତିରେ କର୍ମଚାରୀମାନେ ଅଦାଲତର ଦ୍ୱାରସ୍ଥ ହେବାକୁ ବିଚାର କରୁଛନ୍ତି। ତେବେ ବିଶେଷଜ୍ଞଙ୍କ କହିବାନୁଯାୟୀ, ରୋହିଣୀ ହେଲିପୋର୍ଟ (ଦିଲ୍ଲୀ)ରେ ୧୨୫ କୋଟି ଟଙ୍କାର ନିବେଶ ପଓ୍ୱନହଂସର ଆର୍ଥିକ ସ୍ଥିତି ଖରାପ ହେବାର ମୂଳ କାରଣ। ହେଲିପୋର୍ଟ ଆରମ୍ଭ ହେବା ପରେ ବେଶ୍ କିଛି ଦିନ ଭଲରେ ଚାଲିଥିଲା। ପରେ ଏହାକୁ ବନ୍ଦ କରିଦିଆଗଲା। ଏବେ ଏଥିରୁ ଟଙ୍କାଟିଏ ଆୟ ହେଉନି। ତେବେ ପଓ୍ୱନହଂସକୁ ବଞ୍ଚାଇବା ଲାଗି ଯଥାସମ୍ଭବ ପ୍ରୟାସ ଆରମ୍ଭ ହୋଇଛି। କମ୍ପାନୀ ଏବେ ଖର୍ଚ୍ଚକାଟ ପ୍ରକ୍ରିୟା ଆରମ୍ଭ କରିଛି। କର୍ମଚାରୀଙ୍କୁ ଓଭରଟାଇମ ପାଇଁ ଆଉ ଅର୍ଥ ଦିଆଯାଉ ନାହିଁ। ଡ୍ୟୁଟି ଟାଇମରେ କାମରେ ହେଳା କରି ବହୁ କର୍ମଚାରୀ ଓଭରଟାଇମ ନେଉଥିବା ଦେଖାଯାଇଛି। ଏଭଳି ସ୍ଥିତିରେ କର୍ମଚାରୀ ଓଭରଟାଇମକୁ ବନ୍ଦ କରାଯାଇଛି। କେବଳ ଟେକ୍ନିକାଲ ଷ୍ଟାଫ ହିଁ ଓଭରଟାଇମ କରିପାରିବେ। ଦେଶର ବହୁ ସ୍ଥାନରେ ଥିବା ହେଲିପୋର୍ଟରୁ କମ୍ପାନୀ ଗୋଟିଏ ହେଲେ ଟଙ୍କା ଆୟ କରୁନି। ସାଧାରଣ ନିର୍ବାଚନ ସମୟରେ ଘରୋଇ କମ୍ପାନୀଙ୍କ ସମସ୍ତ ହେଲିକପ୍ଟର ବୁକ୍ ହୋଇଥିବା ବେଳେ ପଓ୍ୱନହଂସର ଅଧିକାଂଶ ହେଲିକପ୍ଟର ଛିଡା ହୋଇରହିଛି। ଏଗୁଡ଼ିକର ଅଧିକାଂଶ ଖରାପ ସ୍ଥିତିରେ ରହିବା ମୁଖ୍ୟ କାରଣ ହୋଇଛି। ଏଭଳି ସ୍ଥିତିରେ କର୍ମଚାରୀଙ୍କୁ ଦରମା କେବେ ମିଳିବ ତାହା କେହି ଜାଣିନାହାନ୍ତି। ତେବେ ଏଥିପାଇଁ ପ୍ରୟାସ ହେଉଥିବା ମ୍ୟାନେଜମେଣ୍ଟ ପକ୍ଷରୁ କୁହାଯାଇଛି।

## ଏୟାର ଇଣ୍ଡିଆ ସର୍ଭରରେ ତ୍ରୁଟି
# ଦ୍ୱିତୀୟ ଦିନ ୧୩୭ ଉଡ଼ାଣ ପ୍ରଭାବିତ

ନୂଆଦିଲ୍ଲୀ,୨୮-୪



ଏୟାର ଇଣ୍ଡିଆ ଯାତ୍ରୀଙ୍କ ଅସୁବିଧା ଦୂର ହୋଇନାହିଁ। ଶନିବାର ସର୍ଭର ସଫ୍ଟୱେରରେ ଦେଖାଦେଇଥିବା ତ୍ରୁଟିର ପ୍ରଭାବ ଯୋଗୁ ୧୪୯ ବିମାନ ଯାତ୍ରା ପ୍ରଭାବିତ ହୋଇଥିବା ବେଳେ ରବିବାର ୧୩୭ ଉଡ଼ାଣରେ ଅସୁବିଧା ହୋଇଛି। ରବିବାର ଉଡ଼ାଣରେ ୧୯୭ ମିନିଟ ବିଳମ୍ବ ହେବା କାରଣରୁ ଯାତ୍ରୀ ହଟହଟା ହୋଇଛନ୍ତି। ପ୍ରଯୁକ୍ତିଗତ ତ୍ରୁଟି କାରଣରୁ ଏୟାର ଇଣ୍ଡିଆର ଚେକ୍-ଇନ୍, ବ୍ୟାଗେଜ ଏବଂ ସଂରକ୍ଷଣ ସଫ୍ଟୱେର ଠିକ୍ ଭାବେ ଚାଲି ନ ଥିଲା। ଶନିବାର ଏୟାର ଇଣ୍ଡିଆର ପାସେଞ୍ଜର ସର୍ଭିସ ସିଷ୍ଟମ ସଫ୍ଟୱେରରେ ତ୍ରୁଟି ଦେଖାଦେଇଥିଲା। ଏଥିଯୋଗୁ ପୂର୍ବାହ୍ନ ସାଢ଼େ ୩ଟାରୁ ସକାଳ ୮.୪୫ ମିନିଟ୍ ଯାଏ କାରବାର ଅଟକି ଯାଇଥିଲା। ସୂଚନାଥାଉ କି, ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଦୈନିକ ୬୭୪ ଉଡ଼ାଣ ଭରିଥାଏ।

# ଜିଏସ୍‌ଟି ପୋର୍ଟାଲରେ ମିଳିବ ଇ-ଚାଲାଣ ସୁବିଧା

ନୂଆଦିଲ୍ଲୀ,୨୮-୪




ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ଅଧୀନରେ ଏକ ଧାର୍ଯ୍ୟ ସୀମାଠାରୁ ଅଧିକ କାରବାର ହେଲେ କମ୍ପାନୀଙ୍କୁ ଜିଏସ୍‌ଟି ପୋର୍ଟାଲରେ ପ୍ରତ୍ୟେକ ବିକ୍ରି ଲାଗି 'ଇ-ଚାଲାଣ' ବାହାର କରିବାକୁ ହେବ। ଏଭଳି ବ୍ୟବସ୍ଥା ହେବାକୁ ଯାଉଛି। ଏହାଦ୍ୱାରା ଟିକସ ଫାଙ୍କି ଅନେକାଂଶରେ ହ୍ରାସ ପାଇବ ବୋଲି ଆଶାକରାଯାଉଛି। ପ୍ରାରମ୍ଭରେ ଏକ ନିଶ୍ଚିତ ସୀମାରୁ ଅଧିକ କାରବାର କରୁଥିବା ସଂସ୍ଥାକୁ ପ୍ରତ୍ୟେକ ଇ-ଚାଲାଣ ଉପରେ ଏକ ୟୁନିକ ସଂଖ୍ୟା ଦିଆଯିବ। ଜଣେ ଅଧିକାରୀ କହିଛନ୍ତି ଯେ, ଏହି ନମ୍ବରକୁ ବିକ୍ରି ରିଟର୍ନ ଏବଂ ପ୍ରଦାନ କରାଯାଇଥିବା ଟିକସର ଇନ୍‌ଭଏସ ସହ ମିଳାଇବା ସହଜ ହେବ। ପରେ କମ୍ପାନୀଙ୍କୁ ବିକ୍ରିର ପୂରା ମୂଲ୍ୟ ଉପରେ ପୂର୍ଣ୍ଣ ଇ-ଇନଭଏସ ବାହାର କରିବାକୁ ହେବ। ସେ କହିଛନ୍ତି ଯେ, ଏକ ଧାର୍ଯ୍ୟ ସୀମାଠାରୁ ଅଧିକ କାରବାର କରୁଥିବା ବ୍ୟବସାୟିକ ସଂସ୍ଥାକୁ ଏକ ସଫ୍ଟୱେର ଦିଆଯିବ, ଯାହା କି, ଜିଏସ୍‌ଟି ପୋର୍ଟାଲ ସହ ସଂଯୁକ୍ତ ହେବ। ଏହାଦ୍ୱାରା ଇ-ଚାଲାଣ ବାହାର କରାଯାଇପାରିବ।

## ମୋଦିଙ୍କୁ ଜେଟ୍ କର୍ମଚାରୀଙ୍କ ଅନୁରୋଧ
# ମାସକର ବେତନ ଦେବାକୁ ଏସ୍‌ବିଆଇକୁ କୁହନ୍ତୁ

- ୨୦ ହଜାର କର୍ମଚାରୀଙ୍କୁ ମିଳିନି ମାର୍ଚ୍ଚ ବେତନ
- ଏଣ୍ଟରପ୍ରାଇଜ ଭାଲ୍ୟୁ ରକ୍ଷା ଉପରେ ଜୋରଦେଲେ




ମୁମ୍ବାଇ,୨୮-୪

ସଙ୍କଟରେ ଅନିର୍ଦ୍ଦିଷ୍ଟ ସମୟ ଲାଗି ବିମାନ ସେବା ବନ୍ଦ କରି ଦେଇଥିବା ଜେଟ୍‌ର କର୍ମଚାରୀମାନେ ଗୋଟିଏ ମାସର ବେତନ ପାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ପାଇଲଟ୍‌ମାନଙ୍କ ଜାତୀୟ ସଂଘ ନ୍ୟାଶନାଲ ଆଭିଏଟର୍‌ସ ଗିଲ୍ଡ (ଏନ୍‌ଏଜି) ଏ ନେଇ ମୋଦିଙ୍କୁ ଅନୁରୋଧ କରିଛି। ଅସୁବିଧାରେ ଥିବା କର୍ମଚାରୀଙ୍କୁ ଅନ୍ତତଃ ପକ୍ଷେ ଗୋଟିଏ ମାସ ବେତନ ପ୍ରଦାନ କରିବାକୁ ମୋଦି ଷ୍ଟେଟ ବ୍ୟାଙ୍କ ଇଣ୍ଡିଆ (ଏସ୍‌ବିଆଇ)କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସଂଘ ଅନୁରୋଧରେ କହିଛି। ପ୍ରଧାନମନ୍ତ୍ରୀଙ୍କୁ ଏ ନେଇ ଏକ ଇ-ମେଲ କରାଯିବା ସହ ଅନ୍ୟ ବିମାନ ସଂସ୍ଥା ଦ୍ୱାରା ଜେଟ୍‌ର ବିମାନ ବ୍ୟବହାରକୁ ନେଇ କରାଯାଉଥିବା ପଞ୍ଜୀକରଣକୁ ମଧ୍ୟ ବନ୍ଦ କରାଯାଉ ବୋଲି ସଂଘ ଦାବି ଜଣାଇଛି। କିଙ୍ଗଫିଶର ଭଳି ଆଉ ଏକ ଦୁଃଖଦ ଘଟଣାର ପୁନରାବୃତ୍ତି ନ ହେଉ ବୋଲି ଏନ୍‌ଏଜିର ସଭାପତି କରନ ଚୋପ୍ରା କହିଛନ୍ତି। ଅକ୍ଟୋବର ୨୦୧୨ରେ କିଙ୍ଗଫିଶର ବିମାନ କମ୍ପାନୀ ବନ୍ଦ ହେବା ପରେ ହଜାର ହଜାର କର୍ମଚାରୀ ସେମାନଙ୍କ ୮ ମାସର ବେତନ ହରାଇଥିଲେ। ବିମାନ କମ୍ପାନୀର ଏଣ୍ଟରପ୍ରାଇଜ ଭାଲ୍ୟୁକୁ ନ ହ୍ରାସ କରିବା ଲାଗି ଏହାର ଅଂଶଧନ ନିଲାମ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ଉପରେ ଏନ୍‌ଏଜି ଗୁରୁତ୍ୱାରୋପ କରିଛି। ଗୋଟିଏ ମାସ ବେତନ ପାଇବାକୁ ପ୍ରୟାସ କରି ବିଫଳ ହୋଇଥିବା ଶୁକ୍ରବାର ଜେଟ୍ ସିଇସି ବିନୟ ଦୁବେ କହିଥିଲେ। ଏପ୍ରିଲ ୧୭ରେ ବିମାନ ସେବା ବନ୍ଦ କରିଥିବା ଏହି କମ୍ପାନୀ ଏହା ୨୦,୦୦୦ କର୍ମଚାରୀଙ୍କୁ ମାର୍ଚ୍ଚ ମାସର ବେତନ ଦେଇ ନାହିଁ।

## ବିମୁଦ୍ରୀକରଣ ପରେ ବଢ଼ିଛି ପ୍ରତ୍ୟକ୍ଷ ଟିକସ ଆଦାୟ

ନୂଆଦିଲ୍ଲୀ,୨୮-୪

ବିମୁଦ୍ରୀକରଣକୁ ନେଇ ସରକାର ଓ ବିରୋଧୀ ଦଳଗୁଡ଼ିକ ମୁହାଁମୁହିଁ ହୋଇଥିବା ବେଳେ ପ୍ରାପ୍ତ ତଥ୍ୟ ସରକାରଙ୍କ ସପକ୍ଷରେ ଯାଉଛି। ବିମୁଦ୍ରୀକରଣ ବର୍ଷ ଓ ପରେ ପ୍ରତ୍ୟକ୍ଷ ଟିକସ ଆଦାୟ ବୃଦ୍ଧି ପାଇଛି। ଏହା ବ୍ୟତୀତ ବ୍ୟକ୍ତିଗତ ଟିକସ ଅଧୀନରେ ଅଗ୍ରିମ ଏବଂ ସେଲ୍‌ଫ ଆସେସମେଣ୍ଟରୁ ରାଜସ୍ୱ ଆଦାୟ ଅସାଧାରଣ ବୃଦ୍ଧି ପାଇଥିବା ବେଳେ ଟିକସଦାତାଙ୍କ ସଂଖ୍ୟାରେ କ୍ରମାଗତ ବୃଦ୍ଧି ପରିଲକ୍ଷିତ ହୋଇଛି। ବିମୁଦ୍ରୀକରଣ ପରେ ଦେଶ ଔପଚାରିକ ଅର୍ଥନୀତି ଆଡକୁ ମୁହାଇଛି ବୋଲି ଜଣେ ଅଧିକାରୀ କହିଛନ୍ତି। ମିଡିଆରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ରାଜସ୍ୱ ଆଦାୟ ବୃଦ୍ଧି ଧାରା ବିମୁଦ୍ରୀକରଣର ଦୁଇ ବର୍ଷ ପରେ ମଧ୍ୟ ଆର୍ଥିକ ବର୍ଷ ୨୦୧୮-୧୯ରେ ଜାରି ରହିଛି। କର୍ପୋରେଟ ଆୟ ବାବଦ ଟିକସ ୧୪% ଏବଂ ପର୍ସନାଲ ଆୟ ବାବଦ ଟିକସ ୧୩ % ବୃଦ୍ଧି ପାଇଛି। ଅଗ୍ରିମ ଟିକସ ଆଦାୟ ଦେଖିଲେ ଜଣାପଡୁଛି ଯେ, ଭଲ୍ୟୁଣ୍ଟାରୀ ଟିକସ ଦେୟରେ ମଧ୍ୟ ୧୪% ହାରରେ ବଢୁଛି। ଏଭଳି ବୃଦ୍ଧିକୁ ଡିଜିଟାଲାଇଜେଶନ ସହ ଯୋଡିଲେ ଦେଶ ସ୍ୱଚ୍ଛ ଅର୍ଥନୀତି ଆଡକୁ ଯାଉଥିବା ପ୍ରତୀୟମାନ ହେଉଛି। ଭାରି ମାତ୍ରାରେ ନଗଦ ଜମା ହେଉଥିବା ବେଳେ ଶ୍ରମିକ ଓ ଘରୋଇ କର୍ମଚାରୀଙ୍କ ପକ୍ଷରୁ ଆକାଉଣ୍ଟରେ ଜମା ବୃଦ୍ଧି ପାଉଛି। ତଥ୍ୟରୁ ଜଣାପଡିଛି ଯେ, ଚଳିତବର୍ଷ ଫେବୃୟାରୀ ସୁଦ୍ଧା ୧ କୋଟିରୁ ଅଧିକ ନୂଆ ଟିକସଦାତା ଯୋଡି ହୋଇଛନ୍ତି। ବିମୁଦ୍ରୀକରଣ ବର୍ଷ ୨୦୧୬-୧୭ରେ ନୂଆ ଟିକସଦାତାଙ୍କ ସଂଖ୍ୟା ୨୯% ବୃଦ୍ଧି ପାଇଥିବା ଦେଖାଯାଇଥିଲା। ଔପଚାରିକ ଭାବେ ନଗଦ ସ୍ଥାନାନ୍ତର ହେବା କାରଣରୁ ନୂଆ ଟିକସଦାତାଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି ବୋଲି ଅନ୍ୟ ଜଣେ ଅଧିକାରୀ କହିଛନ୍ତି।

# ବେବି ଶାମ୍ପୁରେ ହାନିକାରକ ପଦାର୍ଥ ନାହିଁ: ଜନସନ ଆଣ୍ଡ ଜନସନ




ନୂଆଦିଲ୍ଲୀ,୨୮-୪

ଆମେରିକା କମ୍ପାନୀ ଜନସନ ଆଣ୍ଡ ଜନସନ ନିଜର ଲୋକପ୍ରିୟ ବେବିଶାମ୍ପୁରେ ହାନିକାରକ ପଦାର୍ଥ ଥିବା ଅଭିଯୋଗକୁ ଖଣ୍ଡନ କରିଛି। ରାଜସ୍ଥାନ ସରକାରଙ୍କ ଜୟପୁରସ୍ଥିତ ଔଷଧ ପରୀକ୍ଷଣ ପ୍ରୟୋଗଶାଳା କମ୍ପାନୀର ବେବି ଶାମ୍ପୁରେ ଫର୍ମାଲଡିହାଇଡ(କ୍ୟାନସରକାରକ) ମିଳିଥିବା ଅଭିଯୋଗ କରିଥିଲା। ଲାବରେଟୋରୀ ରିପୋର୍ଟକୁ ଭିତ୍ତି କରି ରାଷ୍ଟ୍ରୀୟ ଶିଶୁ ଅଧିକାର ସଂରକ୍ଷଣ ଆୟୋଗ (ଏନ୍‌ସିପିସିଆର୍) ସମସ୍ତ ରାଜ୍ୟସରକାର ଓ କେନ୍ଦ୍ର ଶାସିତ ପ୍ରଦେଶର ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ପତ୍ର ଲେଖି ଜନସନ ଆଣ୍ଡ ଜନସନର ବେବି ଶାମ୍ପୁ ବିକ୍ରି ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏଥିସହ ସମସ୍ତ ଷ୍ଟକ୍ ହଟାଇଦେବାକୁ କୁହାଯାଇଥିଲା। ତେବେ କମ୍ପାନୀକୁ ଶାମ୍ପୁ ବିକ୍ରି ରୋକିବା ଲାଗି କୁହାଯାଇ ନାହିଁ ବୋଲି ଏକ ବିବୃତି ଜାରି କରି କୁହାଯାଇଛି। ଉକ୍ତ ପ୍ରୟୋଗଶାଳା ରିପୋର୍ଟକୁ ମଧ୍ୟ ଏହା ଅସ୍ୱୀକାର କରିଛି। ସୂଚନାଥାଉ କି, କମ୍ପାନୀର ୪ ହଜାର କୋଟି ଟଙ୍କାର ବେବି କେୟାର ବଜାରରେ ଭାରତରେ ପ୍ରାୟ ୭୫% ଅଂଶ ରହିଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ବେବି ଶାମ୍ପୁରେ ଫର୍ମାଲଡିହାଇଡ ବ୍ୟବହାର କରାଯାଏ ନାହିଁ। ଶାମ୍ପୁରେ ଏଭଳି କୌଣସି ରାସାୟନିକ ପଦାର୍ଥ ବ୍ୟବହାର କରାଯାଏ ନାହିଁ, ଯାହା ପରେ ଫର୍ମାଲଡିହାଇଡରେ ପରିବର୍ତ୍ତିତ ହୁଏ।

# ଜୀବିତଙ୍କଠୁ ଅଧିକ ହେବ ମୃତକଙ୍କ ପ୍ରୋଫାଇଲ

ନୂଆଦିଲ୍ଲୀ,୨୮-୪




ଫେସ୍‌ବୁକରେ ମୃତ ଲୋକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବ୍ରିଟେନସ୍ଥିତ ଅକ୍ସଫୋର୍ଡ ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ, ଆସନ୍ତା ୫୦ ବର୍ଷ ଅର୍ଥାତ୍ ୨୦୭୦ ସୁଦ୍ଧା ଫେସ୍‌ବୁକ୍‌ରେ ଜୀବିତ ଲୋକଙ୍କଠାରୁ ଅଧିକ ମୃତ ଲୋକଙ୍କ ପ୍ରୋଫାଇଲ ଦେଖିବାକୁ ମିଳିବ। ୟୁନିଭର୍ସିଟି ପକ୍ଷରୁ କୁହାଯାଇଛି ଯେ, ବର୍ତ୍ତମାନ ଅଭିବୃଦ୍ଧିକୁ ହିସାବକୁ ନେଲେ ୫୦ ବର୍ଷ ଭିତରେ ଅତି କମ୍‌ରେ ୧.୪ ବିଲିୟନ ୟୁଜରଙ୍କର ମୃତ୍ୟୁ ହୋଇସାରିଥିବ। ଅଧ୍ୟୟନର ସହ ଲେଖକ ଡେଭିଡ ୱାଟ୍‌ସନ କହିଛନ୍ତି ଯେ, ଭବିଷ୍ୟତରେ ଫେସ୍‌ବୁକ ଐତିହାସିକଙ୍କୁ ଏଭଳି ଲୋକଙ୍କ ପ୍ରୋଫାଇଲ ଦେଖିବାକୁ ଅନୁମତି ଦେବା ଉଚିତ୍। ଏହାଦ୍ୱାରା ଇତିହାସ ସମ୍ପର୍କରେ ଠିକ୍ ଠିକ୍ ନିର୍ଦ୍ଧାରଣ କରାଯାଇପାରିବ। ଏଭଳି ପ୍ରୋଫାଇଲର ପୋଷ୍ଟ ଐତିହାସିକଙ୍କୁ ଅନେକ ସହାୟତା କରିବ। ସେ କହିଛନ୍ତି ଯେ, ମାନବ ବ୍ୟବହାର ଲାଗି ଏହାଠାରୁ ଆଉ ଭଲ ଆର୍କାଇଭ ମିଳିବ ନାହିଁ।


# ସିବିଓଏ କେନ୍ଦ୍ରୀୟ କମିଟିର ଦୁଇଦିନିଆ ସମ୍ମିଳନୀ

ଭୁବନେଶ୍ୱର,୨୮-୪

ସେଣ୍ଟ୍ରାଲ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ (ସିବିଓଏ)ର କେନ୍ଦ୍ରୀୟ କମିଟି ବୈଠକ ଦୁଇ ଦିନ ବ୍ୟାପୀ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଟ୍ରେଡ ୟୁନିୟନଗୁଡିକର ୩୦,୦୦୦ରୁ ଅଧିକ ଅଧିକାରୀ ଏବଂ ଏକଜିକ୍ୟୁଟିଭ ଏହାର ସଦସ୍ୟ ରହିଛନ୍ତି। ଏଠାରେ ଅନୁଷ୍ଠିତ ସଂଘର ଦ୍ୱିବାର୍ଷିକ କାର୍ଯ୍ୟକ୍ରମରେ ମହାସଚିବ ଜିଭି ମଣିମାରନ ଅଧ୍ୟକ୍ଷତା କରିଥିଲେ। ବ୍ୟାଙ୍କିଙ୍ଗ ଶିଳ୍ପ ତଥା କାନାରା ବ୍ୟାଙ୍କ ସାମ୍ନାରେ ରହିଥିବା ବିଭିନ୍ନ ପ୍ରତିବନ୍ଧକ ତଥା ଆହ୍ୱାନ ଉପରେ ଏଠାରେ ସାରା ଦେଶରୁ ଆସିଥିବା ପ୍ରତିନିଧିମାନେ ଆଲୋଚନା କରିଥିଲେ। ଏହାର ସମାଧାନ ଦିଗରେ ମଧ୍ୟ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବ୍ୟାଙ୍କ କର୍ମଚାରୀ ଏବଂ ଅଧିକାରୀଙ୍କ ହିତସାଧନ ଲାଗି ସିବିଓଏ ସର୍ବଭାରତୀୟ ସଂଘ ଏଆଇବିଓସି ଜରିଆରେ ବିଭିନ୍ନ ଦାବି ଉପସ୍ଥାପନ କରିଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣକୁ ବିରୋଧ, ସର୍ବନିମ୍ନ ବେତନ ଫର୍ମୁଲା ଅନୁଯାୟୀ ବେତନ ନବୀକରଣ, ରନିଙ୍ଗ ସ୍କେଲ ଫର ପେ ଏବଂ ପେନଶନ ନବୀକରଣ ଭଳି ବିଭିନ୍ନ ଦାବି ଉପରେ ବିଚାର କରିବାକୁ ଏଠାରେ ଗୁରୁତ୍ୱାରୋପ କରାଯାଇଛି।

## ଟ୍ରେନରେ ବଢୁଛି ଯାତ୍ରୀଙ୍କ ସାମଗ୍ରୀ ଚୋରି
# ୧୦ ବର୍ଷରେ ୧.୭୧ ଲକ୍ଷ ମାମଲା ଦାଏର

ନୂଆଦିଲ୍ଲୀ,୨୮-୪




ଟ୍ରେନରେ ଯାତ୍ରୀଙ୍କ ସାମଗ୍ରୀ ଚୋରି ମାମଲା ଦିନକୁ ଦିନ ବଢ଼ିବାରେ ଲାଗିଛି। ଆର୍‌ପିଏଫ୍ ଓ ଜିଆର୍‌ପି ଥାଇ ମଧ୍ୟ ଚୋରି ସଂଖ୍ୟା ବଢ଼ିବା ଚିନ୍ତାର ବିଷୟ ହୋଇଛି। ରେଳ ମନ୍ତ୍ରଣାଳୟ ଦ୍ୱାରା ଜାରି ଆର୍‌ଟିଆଇ ତଥ୍ୟରୁ ଜଣାପଡିଛି ଯେ, ଗତ ୧୦ ବର୍ଷ ମଧ୍ୟରେ ଟ୍ରେନ ଯାତ୍ରୀମାନେ ସେମାନଙ୍କ ସାମଗ୍ରୀ ଚୋରି ହେବା ନେଇ ୧.୭୧ ଲକ୍ଷ ମାମଲା ଦାଏର କରିଛନ୍ତି। ରେଲୱେର ସୁରକ୍ଷା ବ୍ୟବସ୍ଥା ଢ଼ିଲା ଥିବା ଉକ୍ତ ତଥ୍ୟ କହୁଛି। ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ, ଗତ ଏକ ଦଶନ୍ଧି ଭିତରେ ୨୦୧୮ରେ ସର୍ବାଧିକ ୩୬,୫୮୪ ଚୋରି ମାମଲା ଦାଏର ହୋଇଥିଲା। ୨୦୧୭ରେ ଏହା ୩୩,୦୪୪, ୨୦୧୬ରେ ୨୨,୧୦୬, ୨୦୧୫ରେ ୧୯,୨୧୫ ମାମଲା ଦାଏର କରାଯାଇଛି। ଏଭଳି ଭାବେ ୨୦୧୪ରେ ୧୪,୩୦୧, ୨୦୧୩ରେ ୧୨,୨୬୧, ୨୦୧୨ରେ ୯,୨୯୨, ୨୦୧୧ରେ ୯୬୫୩, ୨୦୧୦ରେ ୭୫୪୯ ଏବଂ ୨୦୦୯ରେ ୭୦୧୦ ମାମଲା ଦାଏର ହୋଇଥିଲା। ୨୦୦୯ରୁ ୨୦୧୮ ମଧ୍ୟରେ ଟ୍ରେନରେ ଚୋରି ମାମଲା ୫ଗୁଣା ବଢ଼ିଛି। ମୋଟ୍‌ରେ ଦେଖିଲେ ଏହି ଅବଧିରେ ୧,୭୧,୦୧୫ ଚୋରି ମାମଲା ଦାଏର ହୋଇଛି। ରେଳଯାତ୍ରୀମାନେ ବିଭିନ୍ନ ସମୟରେ ସୁରକ୍ଷାକୁ ନେଇ ସୋସିଆଲ ମିଡିଆରେ ପ୍ରଶ୍ନ କରୁଥିବା ବେଳେ ଏଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି।



“ଚଳିତ ଆଇପିଏଲ୍‌ରେ ଆମ ସଫଳତାର ପ୍ରକୃତ ରହସ୍ୟ ହେଉଛି, ପ୍ରତ୍ୟେକଟି ଗେମ୍‌ରେ ଆମକୁ ଅଣ୍ଡରଡଗ୍ ବୋଲି ବିବେଚନା କରାଯାଉଛି ।
–ଶ୍ରେୟାସ ଆୟାର, ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ



“ମିଡଲ ଓଭରରେ ଉଇକେଟ ନେବାରେ ଅସଫଳ ରହିବାରୁ ଶନିବାର ରାଜସ୍ଥାନ ରୟାଲ୍ସ ବିପକ୍ଷ ଆଇପିଏଲ ମ୍ୟାଚରେ ଆମେ ପରାଜିତ ହେଲୁ।
–କେନ୍ ୱିଲିୟମସନ, ସନରାଇଜର୍ସ ହାଇଦ୍ରାବାଦ ଅଧିନାୟକ

## ସଂକ୍ଷେପରେ

### ସ୍ୱର୍ଣ୍ଣ ଜିତିବାରେ ଆକାନେ ପ୍ରଥମ ଜାପାନ ମହିଳା

ସାଂଘାଇ, ୨୮।୪ (ଏଏଫ୍‌ପି): ଏଠାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍‌ରେ ରବିବାର ଜାପାନକୁ ଡବଲ୍ ସ୍ୱର୍ଣ୍ଣ ପଦକ ମିଳିଛି। ଜାପାନ ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସ ଟାଇଟଲ୍ ଜିତି ଏହି ସଫଳତା ପାଇଛି। ପୁରୁଷ ସିଙ୍ଗଲ୍ସ ଫାଇନାଲରେ ବିଶ୍ୱର ଏକ ନମ୍ବର ଖେଳାଳି କେଣ୍ଟୋ ମୋମୋଟା ୨୧-୧୨, ୨୧-୧୮, ୨୧-୮ ସିଧାସଳଖ ଗେମ୍‌ରେ ଚାଇନାର ସହି ୟୁକିଙ୍କୁ ପରାସ୍ତ କରି ଏହି ସମ୍ମାନଜନକ ଟାଇଟଲ୍‌କୁ ବଜାୟ



ରଖିଛନ୍ତି। ମ୍ୟାଚ୍ ଜିତିବାକୁ ମୋମୋଟାଙ୍କୁ ଏକ ଘଣ୍ଟା ୯ ମିନିଟ୍ ସମୟ ଲାଗିଥିଲା। ପୂର୍ବ ସଂସ୍କରଣର ଫାଇନାଲରେ ମଧ ଏହି ୨ ସଟ୍‌ଲର ପରସ୍ପରକୁ ଭେଟିଥିଲେ, ଯେଉଁଥିରେ ମୋମୋଟା ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅପରପକ୍ଷରେ ମହିଳା ସିଙ୍ଗଲ୍ସ ଫାଇନାଲରେ ଘରୋଇ ଖେଳାଳି ହେ ବିଙ୍ଗ୍‌ଜିଓଙ୍କୁ ୨୧-୧୯, ୨୧-୯ ଗେମ୍‌ରେ ପରାସ୍ତ କରି ଜାପାନର ଆକାନେ ୟାମାଗୁଚି ଚାମ୍ପିୟନ ହୋଇଛନ୍ତି। ଏଥିସହ ଏସିଆ ବ୍ୟାଡ୍‌ମିଣ୍ଟନ ଟାଇଟଲ୍ ଜିତିବାରେ ୟାମାଗୁଚି ପ୍ରଥମ ଜାପାନ ମହିଳା ଖେଳାଳି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ପୂର୍ବରୁ ୨୧ ବର୍ଷୀୟା ୟାମାଗୁଚି ଏଠାରେ ରୌପ୍ୟ ପଦକ ହାସଲ କରିଥିଲେ।

### ■ ରାଜ୍ୟ ୭ ବର୍ଷରୁ କମ୍ ଚେସ୍

# ସ୍ୱସ୍ତିକ, ଜ୍ୟୋତିକା ଚାମ୍ପିୟନ

କଟକ ଅଫିସ,୨୮।୪

ମାଷ୍ଟର ଚେସ୍ ଫାଉଣ୍ଡେଶନ ଆନୁକୂଲ୍ୟରେ ଏଠାରେ ଅନୁଷ୍ଠିତ ରାଜ୍ୟ ୭ବର୍ଷରୁ କମ୍ ଓପନ ଓ ବାଳିକା ଚେସ୍ ଚାମ୍ପିୟନଶିପ ରବିବାର ଉଦ୍‌ଯାପିତ ହୋଇଯାଇଛି । ଓପନ ବର୍ଗରେ କଟକର ସ୍ୱସ୍ତିକ ଶୁଭମ ପଟ୍ଟନାୟକ ଓ ବାଳିକା ବର୍ଗରେ ଜ୍ୟୋତିକା ସାହୁ ଚାମ୍ପିୟନ ହୋଇଛନ୍ତି । ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ସ୍ୱସ୍ତିକ ଓ ଜ୍ୟୋତିକା ୬.୫ ପଏଣ୍ଟ ଲେଖାଏ ହାସଲ କରିଛନ୍ତି। ଶନିବାର ୫ ରାଉଣ୍ଡ ଖେଳ ଶେଷ ସୁଦ୍ଧା ମଧ ସ୍ୱସ୍ତିକ ୫ ପଏଣ୍ଟ ପାଇ ଏକକ ଅଗ୍ରଣୀ ଥିଲେ । ୬ଷ୍ଠ ରାଉଣ୍ଡରେ ଅଭିଜିତ ବିଶ୍ୱାଳଙ୍କ ସହ ମ୍ୟାଚ୍ ଡ୍ର ରହିବା ଯୋଗୁଁ ଉଭୟ ୦.୫ ପଏଣ୍ଟ ଲେଖାଏ ପାଇଥିଲେ । ହେଲେ ୭ମ ତଥା ଅନ୍ତିମ ରାଉଣ୍ଡରେ ସ୍ୱସ୍ତିକ ଆୟୁଷ୍ମାନ ସାମନ୍ତରାୟଙ୍କୁ ପରାସ୍ତ କରି ଚାମ୍ପିୟନ ଟାଇଟଲ ହାସଲ କରିଛନ୍ତି । ମୋଟ ୬ ପଏଣ୍ଟ ପାଇଥିବା ଖୋର୍ଦ୍ଧାର ଅଭିଜିତ ବିଶ୍ୱାଳ ଓପନ ବର୍ଗରେ ରନର୍ସଅପ ହୋଇଥିବା ବେଳେ ୫.୫ ପଏଣ୍ଟ ସହ ସତ୍ୟାଂଶ ଶିୟମ ଦ୍ୱିତୀୟ ରନର୍ସଅପ ହୋଇଥିଲେ । ଜୟଦିତ୍ୟ ପାଢ଼ୀ, ଅର୍କ ମିଶ୍ର, ଉମଙ୍ଗ ନହର, ଆୟୁଷ୍ମାନ ସାମନ୍ତରାୟ, ପ୍ରତୀକ କୁଶଳ ରାଉତ, ଭିହାନ ରେଡ୍ଡୀ, ଅର୍ନଭ ବିଶ୍ୱାଳ ୫ ପଏଣ୍ଟ ଲେଖାଏ ପାଇ ୧୦ମ ସ୍ଥାନ ମଧରେ ଅଛନ୍ତି । ୫ରାଉଣ୍ଡ ଖେଳ ଶେଷ ସୁଦ୍ଧା ୪.୫ ପଏଣ୍ଟ ହାସଲ କରି ଜ୍ୟୋତିକା ସାହୁ ଦ୍ୱିତୀୟ ସ୍ଥାନରେ ଥିଲେ । ସମାନ ପଏଣ୍ଟ ସହ ଐଶ୍ୱର୍ଯ୍ୟା ସାହୁ ଅଗ୍ରଣୀ ନେଇଥିଲେ । ରବିବାର ଅନୁଷ୍ଠିତ ୬ଷ୍ଠ ରାଉଣ୍ଡ ମ୍ୟାଚ୍‌ରେ ରିପିଲ ପଣ୍ଡାଙ୍କୁ ଓ ୭ମ ରାଉଣ୍ଡରେ ହର୍ଷିତା ସିଂଙ୍କୁ ହରାଇ ଜ୍ୟୋତିକା ଟାଇଟଲ ବିଜୟୀ ହୋଇଛନ୍ତି। ଅନ୍ତିମ ଦୁଇଟିଯାକ ରାଉଣ୍ଡରେ ଐଶ୍ୱର୍ଯ୍ୟା ପରାସ୍ତ ହୋଇଥିଲେ । ବାଳିକା ବର୍ଗରେ ରନର୍ସଅପ ହୋଇଛନ୍ତି ଖୋର୍ଦ୍ଧାର ଇଶାନୀ ଦାସ । ଇଶାନୀ ୬ ପଏଣ୍ଟ ପାଇଥିଲେ । ୫ ପଏଣ୍ଟ ପାଇ ରିପିଲ ପଣ୍ଡା ଦ୍ୱିତୀୟ ରନର୍ସଅପ ହୋଇଛନ୍ତି । ଉଦ୍‌ଯାପନୀ ଉତ୍ସବରେ ଅଲ ଓଡ଼ିଶା ଚେସ ଆସୋସିଏଶନ ଉପସଭାପତି ରଞ୍ଜନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଚେସ ପ୍ରଶିକ୍ଷକ ସତ୍ୟରଞ୍ଜନ ପଟ୍ଟନାୟକ, ମନୋରମା ଜେନା, ନିରୂପମା ତ୍ରିପାଠୀ, ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ଫିଡେ ଆର୍ବିଟର ସନ୍ତୋଷ କୁମାର ମହାପାତ୍ର, ଜ୍ୟୋତି ଶଙ୍କର ନନ୍ଦ, ମାଷ୍ଟର ଚେସ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ବିକ୍ରମ କେଶରୀ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।



ଅତିଥିଙ୍କ ଗହଣରେ ଟ୍ରଫି ସହ କୃତୀ ପ୍ରତିଯୋଗୀ ।

# ପ୍ରମୋଦଙ୍କୁ ଡବଲ ସ୍ୱର୍ଣ୍ଣ

କଟକ ଅଫିସ,୨୮।୪

ଉଗାଣ୍ଡାର କାମ୍ପାଲା ସ୍ଥିତ ଲୁଗୋଗୋ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଉଗାଣ୍ଡା ପାରା ବ୍ୟାଡମିଣ୍ଟନ ଅନ୍ତର୍ଜାତୀୟ ଚାମ୍ପିୟନଶିପ୍‌ରେ ପୁଣି ଚମକିଛନ୍ତି ଓଡ଼ିଶାର ତାରକା ଖେଳାଳି ପ୍ରମୋଦ ଭଗତ । ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ବିଭାଗରେ ପ୍ରମୋଦ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ସିଙ୍ଗଲ୍ସ ବିଭାଗର ଫାଇନାଲ ମୁକାବିଲାରେ ପ୍ରମୋଦ ଅନ୍ୟତମ ଭାରତୀୟ ଖେଳାଳି ଉମେଶ ବିକ୍ରମ କୁମାରଙ୍କୁ ପରାସ୍ତ କରିଥିଲେ । ସଂଘର୍ଷପୂର୍ଣ୍ଣ ପ୍ରଥମ ସେଟ୍‌କୁ ପ୍ରମୋଦ ୨୪–୨୨ରେ ଜିତିବା ପରେ ଦ୍ୱିତୀୟ ସେଟ୍‌କୁ ଏକତରଫା ଭାବେ ୨୧–୧୦ରେ ଜିତି ଚାମ୍ପିୟନ ହୋଇଥିଲେ। ଅନ୍ତର୍ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ପ୍ରମୋଦଙ୍କର ଏହା ଲଗାତାର ୭ମ ସିଙ୍ଗଲ୍ସ ସ୍ୱର୍ଣ୍ଣ ପଦକ । ଏହି ସଫଳତା ସହ ପ୍ରମୋଦ ବିଶ୍ୱ ପାରା ବ୍ୟାଡମିଣ୍ଟନ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି । ଡବଲ୍ସ ବିଭାଗରେ ପ୍ରମୋଦ–ମନୋଜ ସରକାରଙ୍କ ଯୋଡ଼ି ଫ୍ରାନ୍ସର ଗ୍ୟାଲି ଗୁଇଲାଉମି–ମ୍ୟାଥ୍ୟୁ ଥୋମାସଙ୍କ ଯୋଡ଼ିକୁ ୨୧–୧୩, ୨୧–୧୧ ସେଟରେ ହରାଇଥିଲେ। ଅନ୍ୟ ପକ୍ଷରେ ଦୀର୍ଘ ୪ବର୍ଷର ବ୍ୟବଧାନ ପରେ ପ୍ରମୋଦ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟର ଡବଲ୍ସ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଆଗାମୀ ଅଲିମ୍ପିକରେ ପଦକ ହାସଲ କରିବା ଏବେ ଲକ୍ଷ୍ୟ ବୋଲି ପ୍ରମୋଦ ନିଜ ପ୍ରତିକ୍ରିୟାରେ କହିଛନ୍ତି । ଏହି ସଫଳତା ପାଇଁ କୋଚ୍, ପରିବାର ଲୋକ ଓ ସପୋର୍ଟ ଷ୍ଟାଫଙ୍କୁ ପ୍ରମୋଦ ଧନ୍ୟବାଦ ଜଣାଇଛନ୍ତି ।



ଡବଲ୍ସ ପାର୍ଟନର ମନୋଜ ସରକାରଙ୍କ ସହ ପ୍ରମୋଦ ଭଗତ (ବାମ)।



ୟୁନିଟ୍ –୬ ଗ୍ରାଉଣ୍ଡରେ ବାଳକ ଫୁଟବଲ ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନୀ ଅବସରରେ ପ୍ରଶିକ୍ଷାର୍ଥୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

# ଅମ୍ବୁଡ୍‌ସମ୍ୟାନଙ୍କୁ ତେନ୍ଦୁଲକରଙ୍କ ଚିଠି

## ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ପ୍ରସଙ୍ଗ

ନୂଆଦିଲ୍ଲୀ, ୨୮।୪ (ପି.ଟି.)

କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର ତାଙ୍କ ବିରୋଧରେ ଅଣାଯାଇଥିବା ସ୍ୱାର୍ଥ ନିହିତ ଅଭିଯୋଗ ନେଇ ବିସିସିଆଇ ଅମ୍ବୁଡ୍‌ସମ୍ୟାନ ତଥା ଏଥିକ୍ସ ଅଫିସର ଜଷ୍ଟିସ (ଅବସରପ୍ରାପ୍ତ) ଡି.କେ. ଜୈନଙ୍କ ନିକଟକୁ ଏକ ଚିଠି ଲେଖିଛନ୍ତି। ଆମ୍ବୁଡ୍‌ସମ୍ୟାନଙ୍କ ଦ୍ୱାରା ପଠାଇଯାଇଥିବା ନୋଟିସର ତେନ୍ଦୁଲକର ୧୪ ଦଫା ସମ୍ବଳିତ ଉତ୍ତର ଦେଇଛନ୍ତି। ଆଇପିଏଲ ଫ୍ରାଞ୍ଚାଇଜ୍ ମୁମ୍ବାଇ ଇଣ୍ଡିଆନ୍ସ ନୀତି ନିର୍ଦ୍ଧାରଣରେ ତାଙ୍କର କୌଣସି ଭୂମିକା ନାହିଁ। ଫ୍ରାଞ୍ଚାଇଜରୁ ତାଙ୍କୁ କୌଣସି ଆର୍ଥିକ ଫାଇଦା ମିଳି ନାହିଁ କିମ୍ବା ସେ କୌଣସି କ୍ଷତିପୂରଣ ପାଇ ନ ନାହାନ୍ତି ବୋଲି ଏଥିରେ ସେ ଦର୍ଶାଇଛନ୍ତି। ମଧ୍ୟପ୍ରଦେଶ କ୍ରିକେଟ ଆସୋସିଏଶନ (ଏମ୍‌ପିସିଏ) ସଦସ୍ୟ ସଞ୍ଜୀବ ଗୁପ୍ତାଙ୍କ ଦ୍ୱାରା ସ୍ୱାର୍ଥ ନିହିତ ଅଭିଯୋଗ ଅଣାଯାଇଛି। ତେନ୍ଦୁଲକର ଏବଂ ଭିଭିଏସ ଲକ୍ଷ୍ମଣଙ୍କ ଦ୍ୱୈତ୍ୟ ଭୂମିକା ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ପ୍ରଥମତଃ ଏହି ଦୁଇଜଣ ସେମାନଙ୍କ ଫ୍ରାଞ୍ଚାଇଜ୍ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ସନରାଇଜର୍ସ ହାଇଦ୍ରାବାଦର ସପୋର୍ଟ ଷ୍ଟାଫ୍ ରହିଛନ୍ତି। ଦ୍ୱିତୀୟତଃ କ୍ରିକେଟ ଉପଦେଷ୍ଟା କମିଟିର ସଦସ୍ୟ ରହିଛନ୍ତି। ଗୁପ୍ତା ବିଶେଷ କରି ମୁମ୍ବାଇ ଇଣ୍ଡିଆନ୍ସରେ ତେନ୍ଦୁଲକରଙ୍କ ଭୂମିକା ନେଇ ପ୍ରଶ୍ନ ଉଠାଇଛନ୍ତି।

### ତିନି ବୟସ ବର୍ଗରେ ଫୁଟବଲ ଶିବିର

ଭୁବନେଶ୍ୱର, ୨୮।୪(କ୍ରୀଡ଼ା ପ୍ରତିନିଧି)

ୟୁନିଟ–୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଗ୍ରୀଷ୍ମକାଳୀନ ଫୁଟବଲ ଶିବିର ରବିବାର ଆରମ୍ଭ ହୋଇଛି। ୟୁନିଟ–୬ ବାଳକ ହାଇସ୍କୁଲ ପଡ଼ିଆରେ ୩ ବୟସ ବର୍ଗ (୧୩ ବର୍ଷରୁ କମ୍, ୧୭ ବର୍ଷରୁ କମ୍ ଏବଂ ୨୨ ବର୍ଷରୁ କମ୍) ଏହି ଶିବିର ଅନୁଷ୍ଠିତ ହେଉଛି। ଶିବିରରେ ମୋଟ ୧୨୦ ପ୍ରଶିକ୍ଷାର୍ଥୀ ଯୋଗ ଦେଇଛନ୍ତି। ମେ ୧୯ ପର୍ଯ୍ୟନ୍ତ ଏହା ୩ ସପ୍ତାହଧରି ଚାଲିବ। କ୍ଲବ ପକ୍ଷରୁ ପ୍ରଶିକ୍ଷାର୍ଥୀଙ୍କୁ ଟି–ଶାର୍ଟ ଓ ଅଭ୍ୟାସ ପାଇଁ ଆବଶ୍ୟକ ସରଞ୍ଜାମ ଯୋଗାଇ ଦିଆ ଯାଇଛି। ଏଏଫସି ‘ସି’ ଲାଇସେନ୍ସପ୍ରାପ୍ତ କୋଚ୍ ସୁଶାନ୍ତ ଚନ୍ଦ୍ର ମହାନ୍ତି, ସଞ୍ଜୀବ ପାଟ୍ଟଶାଣୀ, ଏନଆଇଏସ ସାର୍ଟିଫିକେଟ କୋର୍ସ କରିଥିବା ସୁଦୀପ ଦାସ, ପୂର୍ବତନ ଜାତୀୟ ଖେଳାଳି ପ୍ରଫୁଲ୍ଲ କୁମାର ମିଶ୍ର, ଏସ.ପଟ୍ଟନାୟକ, ବରୁଣ ମାଝି, ଆଶିଷ ପ୍ରଧାନ, ରାମେଶ୍ୱର ପାଢ଼ୀ, ପ୍ରଦୀପ ଦାସ ପ୍ରମୁଖ ଏହି ଶିବିରରେ ପ୍ରଶିକ୍ଷଣ ଦେବେ। ୩ ବୟସବର୍ଗ ମଧ୍ୟରୁ ପ୍ରତି ବର୍ଗର ୨ ଜଣ ଲେଖାଏ ଶ୍ରେଷ୍ଠ ଖେଳାଳିଙ୍କୁ ୧ ବର୍ଷ ପାଇଁ ଏଜୁକେଶନାଲ ସ୍କଲାରଶିପ୍ ଲାଗି ମନୋନୀତ କରିବାକୁ କ୍ଲବ ପକ୍ଷରୁ ନିଷ୍ପତ୍ତି ନିଆ ଯାଇଛି। ଏହା ବ୍ୟତୀତ ଉଦ୍‌ଯାପନୀ ଉତ୍ସବ ଅବସରରେ କିଛି ପିଲାଙ୍କୁ ସମ୍ବର୍ଦ୍ଧିତ କରାଯିବ। ଶିବିର ଉଦ୍‌ଘାଟନ ଅବସରରେ ଆସୋସିଏଶନ ସଭାପତି ତପନ ମହାନ୍ତି, ଉପସଭାପତି ଅକ୍ଷୟ ଦାସ, ପ୍ରିୟନାଥ ମିଶ୍ର, ସମ୍ପାଦକ ଦିଲୀପ କୁମାର ଦାସ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ। ୨୦୨୦–୨୧ ଜୁନିୟର ଆଇ–ଲିଗ୍‌ରେ ଅଂଶଗ୍ରହଣ କରିବାକୁ ଲକ୍ଷ୍ୟ ରଖିଛି ୟୁନିଟ–୬ ଆଥଲେଟିକ୍ ଆସୋସିଏଶନ। ସର୍ବଭାରତୀୟ ଫୁଟବଲ ଫେଡେରେଶନ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ୧୩, ୧୫ ଓ ୧୮ ବର୍ଷରୁ କମ୍ ୩ ବୟସବର୍ଗରେ ହେବ।




# ୧୯୮୩: ଭାରତକୁ ବିଜୟ ମୁକୁଟ

୧୯୮୩ରେ ଇଂଲଣ୍ଡରେ କ୍ରମାଗତ ତୃତୀୟ ଥର ପାଇଁ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍ ଖେଳାଯାଇଥିଲା। ଏହି ବିଶ୍ୱକପ୍ ଭାରତୀୟ କ୍ରିକେଟରେ ବିପ୍ଳବ ଆଣିଥିଲା। ଭାରତ ଏହି ମେଗାଇଭେଣ୍ଟରେ ଟାଇଟଲ ଜିତିଥିଲା। ଅଣ୍ଡରଡଗ୍ ବିବେଚିତ ହେଉଥିଲେ ମଧ ଏକାଧିକ ବିପର୍ଯ୍ୟୟ ଘଟାଇ ଭାରତ ପ୍ରଥମଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। କପିଳ ଦେବଙ୍କ ନେତୃତ୍ୱରେ ଭାରତର ପ୍ରଦର୍ଶନ ଐତିହାସିକ ଥିଲା। ଫାଇନାଲରେ ଭାରତ ଗତ ଦୁଇଥରର ଚାମ୍ପିୟନ ଦୁର୍ଦ୍ଦର୍ଶ ୱେଷ୍ଟଇଣ୍ଡିଜକୁ ହରାଇ ବାଜି ମାରିଥିଲା। ଜୁନ ୯ରୁ ଆରମ୍ଭ ହୋଇ ଏହା ୨୫ ତାରିଖରେ ଶେଷ ହୋଇଥିବା ଏହି ବିଶ୍ୱକପ୍ ସମ୍ପୂର୍ଣ୍ଣ ଭାବେ ନାଟକୀୟ ଥିଲା। କାରଣ ସେତେବେଳେ ଭଲ ଖେଳୁ ନ ଥିବା ଭାରତ ଓ ଜିମ୍ବାୱେ ଭଳି ଦଳ ଟୁର୍ନାମେଣ୍ଟରେ ବିପର୍ଯ୍ୟୟ ଘଟାଇଥିଲେ। ଭାରତ ୱେଷ୍ଟଇଣ୍ଡିଜକୁ ଓ ଜିମ୍ବାୱେ ଅଷ୍ଟ୍ରେଲିଆକୁ ପରାସ୍ତ କରିବାକୁ ସକ୍ଷମ ହୋଇଥିଲା। ମୋଟ ଉପରେ ଟୁର୍ନାମେଣ୍ଟକୁ ୨,୩୨,୦୮୧ ଦର୍ଶକ ଉପଭୋଗ କରିଥିଲେ। ମ୍ୟାଚ୍ ପିଛା ଦର୍ଶକଙ୍କ ସଂଖ୍ୟା ୮, ୫୫୯ ଥିଲା। ଇଂଲଣ୍ଡର ଡେଭିଡ ଗୋୱର ସର୍ବାଧିକ ୩୮୪ ରନ ସଂଗ୍ରହ କରିଥିଲେ। ସେହିପରି ବୋଲିଂରେ ଭାରତର ରୋଜର ବିନ୍ନି ସର୍ବାଧିକ ୧୮ଟି ଉଇକେଟ ଅକ୍ତିଆର କରିଥିଲେ। ରାଉଣ୍ଡ ରବିନ ଓ ନକ୍ ଆଉଟ୍ ଫର୍ମାଟରେ ଖେଳାଯାଇଥିବା ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ ଓ ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ଟୁର୍ନାମେଣ୍ଟରେ ମୋଟ ୨୭ଟି ମ୍ୟାଚ୍ ଖେଳାଯାଇଥିଲା। ଗ୍ରୁପ୍‌ରେ ଗୋଟିଏ ଦଳ ଅନ୍ୟ ୩ଟି ଦଳ ସହ ୨ଟି ଲେଖାଏ ମ୍ୟାଚ୍ ଖେଳିଥିଲା। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଟି ଦଳ ସେମିଫାଇନାଲରେ ପ୍ରବେଶ କରିଥିଲେ। ଗ୍ରୁପ୍ ଏ’ରୁ ଇଂଲଣ୍ଡ ଓ ପାକିସ୍ତାନ, ଗ୍ରୁପ୍ ବି’ରୁ ଭାରତ ଓ ଟୁର୍ନାମେଣ୍ଟ ଫେଭରାଇଟ ୱେଷ୍ଟଇଣ୍ଡିଜ ସେମିଫାଇନାଲରେ ପ୍ରବେଶ କରିଥିଲେ। ଗ୍ରୁପ ପର୍ଯ୍ୟାୟରେ ଭାରତ ୬ଟି ମ୍ୟାଚ୍ ଖେଳି ୪ଟି ବିଜୟ ଓ ୨ଟି ପରାଜୟ ସହ ମୋଟ ୧୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିବା ସହ ସେମିରେ ପ୍ରବେଶ କରିଥିଲା। ସେହିପରି ୱେଷ୍ଟଇଣ୍ଡିଜ୍ ୬ଟି ମ୍ୟାଚ୍ ଖେଳି ୫ଟି ବିଜୟ ଓ ଗୋଟିଏ ପରାଜୟ ସହ ୨୦ ପଏଣ୍ଟ ପାଇ ଶୀର୍ଷରେ ରହିବା ସହ ସେମିକୁ ଉଠିଥିଲା। ଅନ୍ୟ ଦୁଇଟି ଦଳ ଅଷ୍ଟ୍ରେଲିଆ ଓ ଜିମ୍ବାୱେ ଯଥାକ୍ରମେ ୮ ଓ ୪ ପଏଣ୍ଟ ପାଇଁ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିବା ସହ ସେମି ଦୌଡରୁ ବାଦ୍ ପଡିଥିଲେ। ଭାରତ ତା’ର ପ୍ରଥମ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ୩୪ ରନରେ ପରାସ୍ତ କରିଥିଲା। ଟସ୍‌ହାରି ପ୍ରଥମେ ବ୍ୟାଟିଂ କରି ଭାରତ ଯସପାଲ ଶର୍ମାଙ୍କ ୮୯ ରନର ପାଳି ସହ ୬୦ ଓଭରରେ ୮ ଉଇକେଟ ହରାଇ ୨୬୨ ରନ ସଂଗ୍ରହ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୫୪.୧ ଓଭରରେ ୨୨୮ ରନ କରି ଆଲଆଉଟ ହୋଇ ପରାସ୍ତ ହୋଇଥିଲା। ବୋଲିଂରେ ଭାରତ ତରଫରୁ ରୋଜର ବିନ୍ନି ଓ ରବି ଶାସ୍ତ୍ରୀ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଯସପାଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହାପରେ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୧୩୫ଟି ବଲ ବାକିଥାଇ ଜିମ୍ବାୱେକୁ ୫ ଉଇକେଟରେ ପରାସ୍ତ କରିଥିଲା। ଟସ୍ ହାରି ଜିମ୍ବାୱେ ପ୍ରଥମେ ବ୍ୟାଟିଂ କରି ୧୫୫ ରନ କରି ଅଲଆଉଟ ହୋଇଥିଲା। ବୋଲିଂରେ ଭାରତ ପାଇଁ ମଦନ ଲାଲ ୩, ବିନ୍ନି ୨ଟି ଉଇକେଟ ନେଇଥିଲେ। ଜବାବରେ ଭାରତ ୩୭.୩ ଓଭରରେ ୫ ଉଇକେଟ ହରାଇ ୧୫୭ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଭାରତର ସନ୍ଦୀପ ପାଟିଲ ସର୍ବାଧିକ ୫୦, ମହିନ୍ଦର ଅମରନାଥ ୪୪ ରନ ସଂଗ୍ରହ କରିଥିଲେ। ତେବେ ତୃତୀୟ ମ୍ୟାଚ୍‌ରେ ଭାରତ ୧୬୨ ରନର ବୃହତ୍ ବ୍ୟବଧାନରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ଏହାପରେ ଚତୁର୍ଥ ମ୍ୟାଚ୍‌ରେ ଭାରତ ୬୬ ରନରେ ୱେଷ୍ଟଇଣ୍ଡିଜଠାରୁ ପରାସ୍ତ ହୋଇଥିଲା। ଗ୍ରୁପ୍ ପର୍ଯ୍ୟାୟର ପଞ୍ଚମ ମ୍ୟାଚ୍‌ରେ ଭାରତ ୩୧ ରନରେ ଜିମ୍ବାୱେକୁ ହରାଇଥିଲା ଓ ଏହି ବିଜୟ କପିଳଙ୍କ ଅପରାଜିତ ୧୭୫ ରନର ବୃହତ୍ ଶତକୀୟ ଇନିଂସ କାରଣରୁ ଐତିହାସିକ ଥିଲା। ଟସ୍ ଜିତ ପ୍ରଥମେ ବ୍ୟାଟିଂ କରି ଭାରତ ମାତ୍ର ୧୭ ରନରେ ୫ ଉଇକେଟ ହରାଇ ବିପଦରେ ପଡିଥିଲା। ତେବେ କପିଳ ୧୩୮ଟି ବଲର ସମ୍ମୁଖୀନ ହୋଇ ୧୬ ଚୌକା ଓ ୬ ଛକା ସହ ଅପରାଜିତ ୧୭୫ ରନ କରି ଦଳକୁ ବିପର୍ଯ୍ୟୟରୁ ରକ୍ଷା କରିଥିଲେ। ଭାରତ ୬୦ ଓଭରରେ ୮ ଉଇକେଟ ହରାଇ ୨୬୬ ରନ ସଂଗ୍ରହ କରିଥିଲା। ଜବାବରେ ଜିମ୍ବାୱେ ୫୭ ଓଭରରେ ୨୩୫ ରନ କରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ବୋଲିଂରେ ଭାରତର ମଦନଲାଲ ୩, ବିନ୍ନି ୨, କପିଳ, ବଲବିନ୍ଦର ସାନ୍ଧୁ ଓ ଅମରନାଥ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। କପିଳ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଗ୍ରୁପ୍ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ଭାରତ ୧୧୮ ରନରେ ଅଷ୍ଟ୍ରେଲିଆକୁ ହରାଇଥିଲା। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ୫୫.୫ ଓଭରରେ ୨୪୭ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ୩୮.୨ ଓଭରରେ ୧୨୯ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଥିଲା। ଭାରତ ତରଫରୁ ଯସପାଲ ଶର୍ମା ସର୍ବାଧିକ ୪୦, ସନ୍ଦୀପ ନାଟିଲ ୩୦, କପିଳ ୨୮, କେ. ଶ୍ରୀକାନ୍ତ ୨୪ ରନ ସଂଗ୍ରହ କରିଥିଲେ। ବୋଲିଂରେ ଭାରତ ପାଇଁ ମଦନଲାଲ ଓ ବିନ୍ନି ୪ଟି ଲେଖାଏ, ସାନ୍ଧୁ ୨ଟି ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମ ସେମିଫାଇନାଲରେ ଭାରତ ଓ ଆୟୋଜକ ଇଂଲଣ୍ଡ ପରସ୍ପରକୁ ଭେଟିଥିଲେ ଓ ଏଥିରେ ଭାରତ ୩୨ଟି ବଲ୍ ବାକିଥାଇ ୬ ଉଇକେଟରେ ବିଜୟ ହାସଲ କରିଥିଲା। ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୬୦ ଓଭରରେ ୨୧୩ ରନ କରି ଅଲଆଉଟ ହୋଇଥିଲା। ବୋଲିଂରେ ଭାରତ ତରଫରୁ କପିଳ ୩, ବିନ୍ନି ଓ ଅମରନାଥ ୨ଟି ଲେଖାଏ, କୀର୍ତ୍ତି ଆଜାଦ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରି ଭାରତ ୫୪. ୪ ଓଭରରେ ୪ ଉଇକେଟ ହରାଇ ୨୧୭ ରନ କରି ବିଜୟୀ ହୋଇଥିଲା। ଭାରତ ତରଫରୁ ଯସପାଲ ୬୧, ଅମରନାଥ ୪୬, ସନ୍ଦୀପ ପାଟିଲ ଅପରାଜିତ ୫୧, ସୁନୀଲ ଗାଭାସ୍କର ୨୫, ଶ୍ରୀକାନ୍ତ ୧୯ ରନ ସଂଗ୍ରହ କରିଥିଲେ। ସେହିପରି ଅନ୍ୟ ଏକ ସେମିରେ ପାକିସ୍ତାନକୁ ୮ ଉଇକେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା ୱେଷ୍ଟଇଣ୍ଡିଜ୍। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଫାଇନାଲ ଖେଳାଯାଇଥିଲା। ଭାରତ ବିପକ୍ଷରେ ୱେଷ୍ଟଇଣ୍ଡିଜ୍ ହଟ୍ ଫେଭରାଇଟ ବିବେଚିତ ହେଉଥିଲେ ମଧ ସବୁ କିଛି ଓଲଟା ହୋଇଥିଲା। ଟସ୍ ଜିତି ୱେଷ୍ଟଇଣ୍ଡିଜ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ଖରାପ୍ ପ୍ରଦର୍ଶନ କରି ୫୪.୪ ଓଭରରେ ୧୮୩ ରନ କରି ଅଲଆଉଟ ହୋଇଥିଲା। ଶ୍ରୀକାନ୍ତ ସର୍ବାଧିକ ୩୮, ଅମରନାଥ ୨୬, ପାଟିଲ ୨୭, କପିଳ ୧୫, ମଦନଲାଲ ୧୭, ଉଇକେଟକିପର ସୟଦ କିର୍‌ମାନୀ ୧୪ ଓ ସାନ୍ଧୁ ଅପରାଜିତ ୧୧ ରନ ସଂଗ୍ରହ କରିଥିଲେ। ୱେଷ୍ଟଇଣ୍ଡିଜ ତରଫରୁ ବୋଲିଂରେ ଆଣ୍ଡି ରବର୍ଟସ ୩, ମାଲକମ ମାର୍ଶାଲ, ମାଇକେଲ ହୋଲ୍ଡିଂ, ଲରି ଗୋମ୍ସ ୨ଟି ଲେଖାଏ, ଜୋଏଲ ଗାର୍ନର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୫୨ ଓଭରରେ ମାତ୍ର ୧୪୦ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଥିଲା ଓ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଦଳ ତରଫରୁ ଭିଭିଆନ ରିଚାର୍ଡ୍ସ ସର୍ବାଧିକ ୩୩, ଜେଫ ଡୁଜନ ୨୫, ମାର୍ଶାଲ ୧୮ ଓ ଡେଜମଣ୍ଡ ହେନ୍ସ ୧୩ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ।



ଅଧିନାୟକ କପିଳ ଦେବ ବିଶ୍ୱକପ୍ ଟ୍ରଫି ଗ୍ରହଣ କରୁଛନ୍ତି।

"ଆତ୍ମବିଶ୍ୱାସ ଫେରିପାଇବା ପାଇଁ ମୁଁ ଏକ ପ୍ରଭାବୀ ପ୍ରଦର୍ଶନ ଅପେକ୍ଷାରେ ଥିଲି। ଶନିବାର ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ତାହା ସମ୍ଭବ ହୋଇଛି।
-ଜୟଦେବ ଉନାଡ୍‌କଟ୍, ରାଜସ୍ଥାନ ରୟାଲ୍ସ ପେସ୍ ବୋଲର



"ବିଶ୍ୱକପ୍ ପ୍ରସ୍ତୁତି ପାଇଁ ସ୍ୱଦେଶ ଫେରିବା ପୂର୍ବରୁ ଏପ୍ରିଲ ୩୦ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ମ୍ୟାଚରେ ବିଜୟ ମୋର ଲକ୍ଷ୍ୟ ରହିଛି।
- ଷ୍ଟିଭ୍ ସ୍ମିଥ୍, ରାଜସ୍ଥାନ ରୟାଲ୍ସ ଅଧିନାୟକ



## ଆଜିର ମ୍ୟାଚ

ସନରାଇଜର୍ସ ହାଇଦ୍ରାବାଦ
ବନାମ
କିଙ୍ଗ୍ସ ଇଲେଭେନ ପଞ୍ଜାବ



ପ୍ରସାରଣ
ସ୍ଥାନ : ହାଇଦ୍ରାବାଦ
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

# ପ୍ଲେ-ଅଫ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ

ନୂଆଦିଲ୍ଲୀ, ୨୮।୪

କ୍ରମାଗତ ୩ ବିଜୟ ପରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି) ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ପୁଣି ହାରିଛି। ଫଳରେ ଦଳର ପ୍ଲେ-ଅଫ୍ ଆଶା ଏକପ୍ରକାର ଶେଷ ହୋଇ ଯାଇଛି। ଫିରୋଜ ଶାହ କୋଟଲା ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୧୬ ରନରେ ଆରସିବିକୁ ପରାସ୍ତ କରିଛି। ଏଥିସହ ଦିଲ୍ଲୀ ୧୨ ମ୍ୟାଚରୁ ୧୬ ପଏଣ୍ଟ ପାଇ ୨୦୧୨ ପରେ ପ୍ରଥମଥର ପାଇଁ ପ୍ଲେ-ଅଫ୍‌ରେ ପ୍ରବେଶ କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଦିଲ୍ଲୀ ଶିଖର ଧାୱନ ଓ ଅଧିନାୟକ ଶ୍ରେୟାସ ଆୟାରଙ୍କ ଅର୍ଦ୍ଧଶତକ ସହାୟତାରେ ୨୦ ଓଭରରେ ୫ ଉଇକେଟ ହରାଇ ୧୮୭ ରନ ସଂଗ୍ରହ କରିଥିଲା। ଦଳ ୧୮ ଓଭର ଶେଷସୁଦ୍ଧା ୫ ଉଇକେଟ ହରାଇ ୧୫୧ ରନ କରିଥିଲା। ମାତ୍ର ଶେର୍ଫାନେ ରଥରଫୋର୍ଡ ଓ ଅକ୍ଷର ପଟେଲ ୧୯ତମ (ଉମେଶ ଯାଦବ) ଓଭରରୁ ୧୬ ଓ ୨୦ତମ (ନଭଦୀପ ସଇନି) ଓଭରରୁ ୨୦ ରନ ସଂଗ୍ରହ କରି ଦଳକୁ ଏକ ଚ୍ୟାଲେଞ୍ଜିଂ ସ୍କୋରରେ ପହଞ୍ଚାଇ ଦେଇଥିଲେ। ରଥରଫୋର୍ଡ ୧୩ ବଲ୍‌ରୁ ୧ ଚୌକା ଓ ୩ ଛକା ସହ ୨୮ ଏବଂ ଅକ୍ଷର ୯ ବଲ୍‌ରୁ ୩ ଚୌକା ସହାୟତାରେ ୧୬ ରନରେ ଅପରାଜିତ ରହିଥିଲେ। ଦୁହେଁ ଅସମାପ୍ତ ୬ଷ୍ଠ ଉଇକେଟରେ ୪୬ ରନ ସଂଗ୍ରହ କରି ଆର୍‌ସିବିକୁ ନିରାଶ କରିଥିଲେ। ଟପ୍ ଅର୍ଡରରେ ପୃଥ୍ୱୀ ଶ' ମାତ୍ର ୧୮ ରନ କରିବାକୁ ସକ୍ଷମ ହୋଇଥିଲେ ହେଁ ଆୟାର ୩୭ ବଲ୍‌ରୁ ୨ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୫୨ ଓ ଧାୱନ ୩୭ ବଲ୍‌ରୁ ୫ ଚୌକା ଓ ୨ ଛକା ସହ ୫୦ ରନ କରି ଇନିଂସ ସମ୍ଭାଳି ନେଇଥିଲେ। ଦ୍ୱିତୀୟ ଉଇକେଟରେ ଏ ଦୁହେଁ ମୂଲ୍ୟବାନ ୬୮ ରନ ଯୋଗ କରିଥିଲେ। ଆରସିବି ପକ୍ଷରୁ ୟୁଜବେନ୍ଦ୍ର ଚହଲ ୨ଟି ଏବଂ ଉମେଶ ଯାଦବ, ୱାଶିଂଟନ ସୁନ୍ଦର ଓ ନଭଦୀପ ସଇନି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୮୮ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଆରସିବି ଓପନିଂ ଯୋଡ଼ିରେ ୩୫ ବଲ୍‌ରୁ ୬୩ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲା। ମାତ୍ର ଦ୍ରୁତ ରନ ସଂଗ୍ରହ ଜାରି ରଖିଥିବା ପାର୍ଥିବ ପଟେଲ ୩୯(୨୦ ବଲ, ୭ ଚୌକା, ୧ ଛକା) ରନ କରି ଆଉଟ ହେବାପରେ ଦଳୀୟ ଇନିଂସ ଦିଗହରା ହୋଇ ଯାଇଥିଲା। ଅଧିନାୟକ ବିରାଟ କୋହଲି ୧୭ ବଲ୍‌ରୁ ୨୩(୨ ଚୌକା, ୧ ଛକା), ଏବି ଡି'ଭିଲର୍ସ ୧୬ ବଲ୍‌ରୁ ୨୪(୨ ଛକା), ହେନରିଚ୍ କ୍ଲାସେନ ୩ ରନରେ ଆଉଟ ହେବାସହ ଦଳର ବିଜୟ ଆଶା ମଉଳି ଯାଇଥିଲା। ଶେଷଭାଗରେ ଗୁରୁକୀରଟ ସିଂ ମାନ ୧୯ ବଲ୍‌ରୁ ୨୭ (୨ ଚୌକା, ୧ ଛକା) ଓ ମାର୍କୁସ ଷ୍ଟୋଇନ୍ସ ୨୪ ବଲ୍‌ରୁ ୩୨(୧ ଚୌକା, ୨ ଛକା) ରନ ସଂଗ୍ରହ କରିଥିଲେ ହେଁ ତାହା ବିଜୟ ପର୍ଯ୍ୟାପ୍ତ ହୋଇ ନ ଥିଲା। ଆରସିବି ଇନିଂସ ୨୦ ଓଭରରେ ୧୭୧/୭ରେ ଅଟକି ଯାଇଥିଲା। ଡେଥ୍ ଓଭରରେ ଚମତ୍କାର ବୋଲିଂ କରି ଦିଲ୍ଲୀକୁ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା କାଗିଶୋ ରାବାଡ଼ା ୨ଟି, ଅମିତ ମିଶ୍ର ୨ଟି ଏବଂ ଈଶାନ୍ତ ଶର୍ମା, ଅକ୍ଷର ପଟେଲ ଓ ଶେର୍ଫାନେ ରଥରଫୋର୍ଡ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଧାୱନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।



ବିରାଟ କୋହଲିଙ୍କ ଉଇକେଟ୍ ପତନ ପରେ ଉଲ୍ଲସିତ ଦିଲ୍ଲୀ ଖେଳାଳି ।

### ସଂକ୍ଷିପ୍ତ ସ୍କୋର

- ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୮୭/୫ (ଆୟାର-୫୨, ଧାୱନ-୫୦, ରଥରଫୋର୍ଡ-୨୮*, ଅକ୍ଷର-୧୬*, ଚହଲ-୨/୪୧, ଉମେଶ-୧/୩୯, ସୁନ୍ଦର-୧/୨୯, ସଇନି-୧/୪୪)।
- ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୭୧/୭ (ପାର୍ଥିବ-୩୯, ଷ୍ଟୋଇନିସ-୩୨*, ଗୁରୁକୀରଟ-୨୭, ଶିଭମ୍ ଦୁବେ-୨୪, କୋହଲି-୨୩, ରାବାଡ଼ା-୨/୩୧, ଅମିତ-୨/୨୯, ଈଶାନ୍ତ-୧/୪୦, ଅକ୍ଷର-୧/୨୬, ରଥରଫୋର୍ଡ-୧/୬)।

## ୧୧ ବର୍ଷରେ ବାର୍ସିଲୋନାକୁ ୮ମ ଲା ଲିଗା ଟାଇଟଲ

ମାଡ୍ରିଡ୍,୨୮।୪(ଏଏଫ୍‌ପି): ଲିଓନେଲ ମେସିଙ୍କ ଗୋଲ ବଳରେ ବାର୍ସିଲୋନା ଦଳ ଶନିବାର ଲେଭାଣ୍ଟେ ବିପକ୍ଷ ମ୍ୟାଚ୍‌କୁ ୧-୦ ବ୍ୟବଧାନରେ ଜିତି ନେଇଛି। ଏହି ବିଜୟ ସହ ବାର୍ସିଲୋନା ଚଳିତ ଲା ଲିଗା ଲିଗ୍ ଟାଇଟଲ ଜିତି ନେଇଛି। ୧୧ ବର୍ଷରେ ଏହା ବାର୍ସିଲୋନାର ୮ମ ଟାଇଟଲ। ସର୍ବାଧିକ ଥର ଲା ଲିଗା ଟାଇଟଲ ଜିତିବାରେ ରିଅଲ ମାଡ୍ରିଡ୍ (୩୩) ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ମେସି ଏକ ଇତିହାସ ସୃଷ୍ଟି କରିଛନ୍ତି। ସେ ଦଳର ପ୍ରଥମ ଖେଳାଳି ଭାବେ ୧୦ ଥର ଲିଗ୍ ଚାମ୍ପିୟନ ବାର୍ସିଲୋନା ଦଳର ସଦସ୍ୟ ହୋଇରହିଛନ୍ତି।


୫୪ତମ ବିବାହ ବାର୍ଷିକ ଶୁଭେଚ୍ଛା



ରଣଜିତ୍ କୁମାର ଓ କମଳ କୁମାରୀ ବେହେରା
MB-୨୬, ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର
ପ୍ରଭୁ ଶ୍ରୀଜଗନ୍ନାଥ, ବାବା ଶିରିଡ଼ି ସାଇ ଓ ମା' ତାରିଣୀଙ୍କ କୃପାରୁ ଆପଣମାନଙ୍କର ଦାମ୍ପତ୍ୟ ଜୀବନ ଦୀର୍ଘ, ନୀରୋଗ, ସୁସ୍ଥ ଓ ସୁଖମୟ ହେଉ ଏତିକି ପ୍ରାର୍ଥନା। ବେହେରା ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୨୩୬୫


## ରୋନାଲ୍ଡୋଙ୍କ ୬୦୦ ଗୋଲ



ରୋମ,୨୮।୪: କ୍ରିଷ୍ଟିଆନୋ ରୋନାଲ୍ଡୋ କ୍ଲବ ଫୁଟ୍‌ବଲରେ କ୍ୟାରିୟରର ୬୦୦ ଗୋଲ ପୂରଣ କରିଛନ୍ତି। ଏଠାରେ ଇଣ୍ଟର ମିଲନ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ରୋନାଲ୍ଡୋ ଇଟାଲିଆନ ଚାମ୍ପିୟନ ଜୁଭେଣ୍ଟସ ପାଇଁ ଗୋଲ ଦେଇ ଏହି ମାଇଲଷ୍ଟୋନ ସ୍ପର୍ଶ କରିଛନ୍ତି। ପୂରା ପ୍ରଥମାର୍ଦ୍ଧରେ ଜୁଭେଣ୍ଟସ ଦଳ ୧-୦ ଗୋଲରେ ପଛୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ରୋନାଲ୍ଡୋ (୬୨ତମ ମିନିଟ) ଗୋଲ ଦେଇ ମ୍ୟାଚ୍‌କୁ ବରାବର କରିଥିଲେ। ଏହା ତାଙ୍କ କ୍ଲବ କ୍ୟାରିୟରର ୬୦୦ତମ ଗୋଲ। ୩୪ ବର୍ଷୀୟ ଫରୱାର୍ଡ ରିଅଲ ମାଡ୍ରିଡ୍ ଲାଗି ୪୫୦ ଗୋଲ ଦେଇଥିବାବେଳେ ମାଞ୍ଚେଷ୍ଟର ୟୁନାଇଟେଡ ପକ୍ଷରୁ ୧୧୮ ଓ ଜୁଭେଣ୍ଟସ ପାଇଁ ଏ ପର୍ଯ୍ୟନ୍ତ ୨୭ ଗୋଲ କରିଛନ୍ତି। ପର୍ତ୍ତୁଗାଲ ଷ୍ଟାର ଖେଳାଳିଙ୍କ ପଛକୁ ଲିଓନେଲ ମେସି ରହିଛନ୍ତି। ଆର୍ଜେଣ୍ଟିନା ଷ୍ଟାର ମେସି ଏ ପର୍ଯ୍ୟନ୍ତ ୫୯୭ ଗୋଲ କରିସାରିଛନ୍ତି।

## ଏମ୍‌ଆଇଜି ଷ୍ଟାଡିୟମ୍‌ରେ ସଚିନ ପ୍ୟାଭିଲିୟନ

ମୁମ୍ବାଇ,୨୮।୪(ପି.ଟି.)

ବାନ୍ଦ୍ରା ସ୍ଥିତ ଏମ୍‌ଆଇଜି କ୍ଲବ କ୍ରିକେଟ ଷ୍ଟାଡିୟମ୍‌ର ପ୍ୟାଭିଲିୟନ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କ ନାମରେ ନାମିତ କରାଯିବ। ୨୪ ବର୍ଷର ଲମ୍ବା ଅନ୍ତର୍ଜାତୀୟ କ୍ୟାରିୟର ବେଳେ ସଚିନ ଏଠାରେ ଅଭ୍ୟାସ କରୁଥିଲେ। ସଚିନଙ୍କ ନାମରେ ନାମିତ ହେବାକୁ ଥିବା ପ୍ୟାଭିଲିୟନ ଆସନ୍ତା ୨ ତାରିଖରେ ଉଦ୍‌ଘାଟିତ ହେବ ବୋଲି କ୍ଲବ ସମ୍ପାଦକ ଅମିତ ଦାନି କହିଛନ୍ତି। ଏହି କ୍ଲବ ପାଇଁ ସଚିନଙ୍କ ପୁଅ ଅର୍ଜୁନ ତେନ୍ଦୁଲକର ମଧ ଖେଳନ୍ତି। ପୂର୍ବରୁ ୱାଙ୍ଖେଡେ ଷ୍ଟାଡିୟମ୍‌ର ଏକ ଷ୍ଟାଣ୍ଡ ତେନ୍ଦୁଲକରଙ୍କ ନାମରେ ନାମିତ ହୋଇଛି। ସେଠାରେ ସେ କ୍ୟାରିୟରର ଅନ୍ତିମ ତଥା ୨୦୦ତମ ଟେଷ୍ଟ ମ୍ୟାଚ୍ ଖେଳିଥିଲେ।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୮ | ୪ | ୧୬ | ୦.୨୩୩ |
| ସୁପର କିଙ୍ଗ୍ସ | ୧୨ | ୮ | ୪ | ୧୬ | -୦.୧୧୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୧୪ | ୦.୩୪୭ |
| ସନ୍‌ରାଇଜର୍ସ | ୧୧ | ୫ | ୬ | ୧୦ | ୦.୫୫୯ |
| ନାଇଟ ରାଇଡର୍ସ | ୧୨ | ୫ | ୭ | ୧୦ | ୦.୧୦୦ |
| କିଙ୍ଗ୍ସ ଇଲେଭେନ | ୧୧ | ୫ | ୬ | ୧୦ | -୦.୧୧୭ |
| ରାଜସ୍ଥାନ ରୟାଲ୍ସ | ୧୨ | ୫ | ୭ | ୧୦ | -୦.୩୨୧ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୨ | ୪ | ୮ | ୮ | -୦.୬୯୪ |

## ହରପ୍ରୀତ ଜିତିଲେ ରୌପ୍ୟ, ଜ୍ଞାନେନ୍ଦରଙ୍କୁ ବ୍ରୋଞ୍ଜ୍

ଜି ଆନ୍ (ଚାଇନା), ୨୮।୪ (ପି.ଟି.)

ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ର ଅନ୍ତିମ ଦିବସରେ ରବିବାର ଭାରତୀୟ ଗ୍ରୀକୋ-ରୋମାନ କୁସ୍ତି ଯୋଦ୍ଧାମାନେ ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଫଳରେ ଭାରତ ମୋଟ ୧୬ ପଦକ ସହ ଏହାର ଅଭିଯାନ ଶେଷ କରିଛି। ହରପ୍ରୀତ ସିଂ ୮୨କେଜି ବିଭାଗରେ ରୌପ୍ୟ ଜିତିଥିବା ବେଳେ ୬୦କେଜିରେ ବ୍ରୋଞ୍ଜ ଜିତିଛନ୍ତି। ଭାରତ ଜିତିଥିବା ୧୬ ପଦକ ମଧ୍ୟରୁ ପୁରୁଷ ଫ୍ରି-ଷ୍ଟାଇଲ ରେସଲରମାନେ ୮ ପଦକ ହାସଲ କରିଛନ୍ତି। ତନ୍ମଧ୍ୟରେ ଗୋଟିଏ ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ୪ ବ୍ରୋଞ୍ଜ ପଦକ ରହିଛି। ଅନ୍ୟପକ୍ଷରେ ଗ୍ରୀକୋ-ରୋମାନ ରେସ୍‌ଲରଙ୍କ ମଧ୍ୟରେ ମହିଳାମାନେ ୪ ବ୍ରୋଞ୍ଜ ପାଇଥିବା ବେଳେ ପୁରୁଷମାନେ ୩ ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ ଲାଭ କରିଛନ୍ତି। ହରପ୍ରୀତ ପ୍ରଭାବୀ ପ୍ରଦର୍ଶନ ସହ ଗୋଲ୍ଡ ମେଡାଲ ରାଉଣ୍ଡରେ ପ୍ରବେଶ କରିଥିଲେ। କ୍ୱାର୍ଟରଫାଇନାଲରେ ସେ କିରଗିଜସ୍ତାନର ବୁର୍ଗୋ ବିଶାଲିଭ୍‌ଙ୍କୁ ୫-୧ରେ ପରାସ୍ତ କରିଥିବାବେଳେ ସେମିଫାଇନାଲରେ ଚାଇନାର ହାଇତୋ କ୍ୱିଆନଙ୍କୁ ହରାଇ ଦେଇଥିଲେ। ହରପ୍ରୀତ କିନ୍ତୁ ଟାଇଟଲ ମୁକାବିଲାରେ ଇରାନରସଇଦ୍ ମୋରାଦ ଆବଦଭାଲିଙ୍କଠାରୁ ୦-୮ରେ ପରାସ୍ତ ହୋଇଥିଲେ। ପୂର୍ବରୁ ଜ୍ଞାନେନ୍ଦର ଭଲ ପ୍ରଦର୍ଶନ ସହ ତାଇପେର ଜୁଇ ଚି ହୁଆଙ୍ଗଙ୍କୁ ହରାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜ୍ଞାନେନ୍ଦର କ୍ୱାର୍ଟରଫାଇନାଲ ରାଉଣ୍ଡରେ ଜୋର୍ଡାନର ଅଲି ଆବେଦ ଅଲନାସେର ଅଲି ଆବୁସେଫଙ୍କ ବିପକ୍ଷରେ ୯-୧ରେ ବିଜୟ ହାସଲ କରିଥିଲେ। କିନ୍ତୁ ପରେ ସେମିଫାଇନାଲରେ ସେ ଉଜ୍‌ବେକିସ୍ତାନର ଇସ୍‌ଲୋମଜୋନ୍ ବାଖ୍ରାମୋଭଙ୍କଠାରୁ ୦-୯ରେ ହାରିଯାଇଥିଲେ।

# ଛକା ବର୍ଷା: କୋଲକାତା ବିଜୟୀ

କୋଲକାତା, ୨୮।୪

ଛକା, ଚୌକା ବର୍ଷା ମଧ୍ୟରେ କୋଲକାତା ନାଇଟ ରାଇଡର୍ସ ରବିବାର ଇଡେନ ଗାର୍ଡେନରେ ଅନୁଷ୍ଠିତ ଆଇପିଏଲ ମ୍ୟାଚରେ ୩୪ ରନରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। କୋଲକାତା ପକ୍ଷରୁ ଧାର୍ଯ୍ୟ ୨୩୩ ରନ ବିଜୟ ଲକ୍ଷ୍ୟର ପିଛା କରି ମୁମ୍ବାଇ ୨୦ ଓଭରରେ ୭ ଉଇକେଟ ହରାଇ ୧୯୮ ରନ କରିବାକୁ ସକ୍ଷମ ହୋଇଛି। ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ସହଜରେ ହାର ମାନି ନ ଥିଲା ମୁମ୍ବାଇ। ହାର୍ଦ୍ଦିକ ପାଣ୍ଡ୍ୟା ୩୪ ବଲ୍‌ରୁ ବିସ୍ଫୋରକ ୯୧(୬ ଚୌକା, ୯ ଛକା) ରନର ଇନିଂସ ଖେଳି କୋଲକାତା ବୋଲରଙ୍କ ନିଦ ହଜାଇ ଦେଇଥିଲେ। ତେବେ ଏହି ଅଲରାଉଣ୍ଡର ଆଉଟ ହେବା ପରେ ମୁମ୍ବାଇର ବିଜୟ ଆଶା ଶେଷ ହୋଇଯାଇଥିଲା। ମ୍ୟାଚରେ ୩୫ଟି ଚୌକା ଓ ୨୯ଟି ଛକା ଦେଖିବାକୁ ମିଳିଥିଲା। ଚଳିତ ଆଇପିଏଲରେ କ୍ରମାଗତ ୬ମ୍ୟାଚ ହାରିବା ପରେ କୋଲକାତାର ଏହାଥିଲା ପ୍ରଥମ ବିଜୟ। ଅନ୍ୟପକ୍ଷରେ ୪ ସିଜନ ପରେ ମୁମ୍ବାଇ ବିପକ୍ଷରେ ପ୍ରଥମଥର ପାଇଁ ବିଜୟୀ ହୋଇଛି କୋଲକାତା। ଏଥିସହ ଦଳ ୧୨ ମ୍ୟାଚରୁ ୫ମ ବିଜୟ ସହ ୧୦ ପଏଣ୍ଟରେ ପହଞ୍ଚି ପ୍ଲେ-ଅଫ୍ ଆଶା ଉଜ୍ଜୀବିତ ରଖିଛି। ଅନ୍ୟପକ୍ଷରେ ମୁମ୍ବାଇ ସମାନ ସଂଖ୍ୟାକ ମ୍ୟାଚ ଖେଳି ୧୪ ପଏଣ୍ଟରେ ସ୍ଥିର ରହିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କୋଲକାତା ଶୁବମନ ଗିଲ୍ ଓ କ୍ରିସ୍ ଲିନ୍‌ଙ୍କ ମାଧ୍ୟମରେ ଚମତ୍କାର ଆରମ୍ଭ କରିଥିଲା। ଦୁହେଁ ଓପନିଂ ଯୋଡ଼ିରେ ୫୭ ବଲ୍‌ରୁ ୯୬ ରନ ସଂଗ୍ରହ କରି ବୃହତ୍ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ୨ ଜଣ ଯାକ ଓପନର ବିସ୍ଫୋରକ ଇନିଂସ ଖେଳିଥିଲେ। ଲିନ୍ ୨୯ ବଲ୍‌ରୁ ୮ ଚୌକା ଓ ୨ ଛକା ସହାୟତାରେ ୫୪ ରନ କରି ୧୦ମ ଓଭରର ତୃତୀୟ ବଲ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଶୁବମନ ୪୫ ବଲ୍‌ରୁ ୬ ଚୌକା ଓ ୪ ଛକା ସହ ୭୬ ରନ କରିଥିଲେ। ବ୍ୟାଟିଂ କ୍ରମରେ ପଦୋନ୍ନତି ପାଇ ଆନ୍ଦ୍ରେ ରସେଲ ୩ ନମ୍ବରରେ ଆସିବା କୋଲକାତା ପାଇଁ ଶୁଭଙ୍କର ହୋଇଥିଲା। ଫର୍ମରେ ଥିବା ରସେଲ ଧୂଆଁଧାର ବ୍ୟାଟିଂ କରି ୪୦ ବଲ୍‌ରୁ ୬ ଚୌକା ଓ ୮ ଛକା ସହାୟତାରେ ୮୦ ରନରେ ଅପରାଜିତ ରହିବାରୁ ନାଇଟ ରାଇଡର୍ସ ୨୦ ଓଭରରେ ୨ ଉଇକେଟ ହରାଇ ୨୩୨ ରନ ସ୍କୋର କରିପାରିଥିଲା। ଅଧିନାୟକ ଦୀନେଶ କାର୍ତ୍ତିକ ୭ ବଲ୍‌ରୁ ୧୫(୧ ଚୌକା, ୧ ଛକା) ରନରେ ଅପରାଜିତ ରହିଥିଲେ। ୨୩୨ ରନ ଚଳିତ ସିଜନରେ ସର୍ବାଧିକ ଦଳଗତ ଇନିଂସ। ମୁମ୍ବାଇର ସମସ୍ତ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥିବାବେଳେ ରାହୁଲ ଚହର ଓ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ରୋହିତ ଶର୍ମା ଅଧିନାୟକଭାବେ ଏଠାରେ ୧୦୦ତମ ମ୍ୟାଚ ଖେଳିଥିଲେ। ଅନ୍ୟପକ୍ଷରେ ନାଇଟ ରାଇଡର୍ସର ଟି୨୦ରେ ଏହାଥିଲା ୧୦୦ତମ ବିଜୟ।



ମ୍ୟାନ୍ ଅଫ୍ ଦି ମ୍ୟାଚ
ଆନ୍ଦ୍ରେ ରସେଲ

### ସଂକ୍ଷିପ୍ତ ସ୍କୋର

- କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୨୩୨/୨(ରସେଲ-୮୦*, ଶୁବମନ-୭୬, ଲିନ୍-୫୪, କାର୍ତ୍ତିକ-୧୫*, ଚହର-୧/୫୪, ହାର୍ଦ୍ଦିକ-୧/୩୧)।
- ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୯୮/୭(ହାର୍ଦ୍ଦିକ-୯୧, ସୂର୍ଯ୍ୟକୁମାର ଯାଦବ-୨୬, କ୍ରୁନାଲ ପାଣ୍ଡ୍ୟା-୨୪, ସୁନୀଲ ନାରିନ-୨/୪୪, ହାରି ଗର୍ନେ-୨/୩୭, ଆନ୍ଦ୍ରେ ରସେଲ-୨/୨୫, ପୀୟୂଷ ଚାୱଲା-୧/୫୭)।

# ବାଳିକା ଫୁଟବଲ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର, ୨୮।୪(କ୍ରୀଡ଼ା ପ୍ରତିନିଧି)



ଭୁବନେଶ୍ୱର: ବାଳିକା ଫୁଟବଲ ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ପ୍ରଶିକ୍ଷାର୍ଥୀମାନେ।

ୟୁନିଟ-୯ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଗ୍ରୀଷ୍ମକାଳୀନ ବାଳିକା ଫୁଟବଲ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଛି। ତୃଣମୂଳ ସ୍ତରରୁ ପ୍ରତିଭା ଚିହ୍ନଟ ଏବଂ ସେମାନଙ୍କୁ ଫୁଟବଲ ପ୍ରତି ଆକୃଷ୍ଟ କରାଇବା ଏବଂ ଖେଳ ସମ୍ପର୍କରେ ପ୍ରଶିକ୍ଷଣ ଦେବା ଲକ୍ଷ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ରାଜ୍ୟର ପୂର୍ବତନ ଖେଳାଳି ବରୁଣ ମାଝି ଶିବିର ପରିଚାଳନା କରିଥିଲେ। ସାକିନା ନିଶା, ବିଷ୍ଣୁପ୍ରିୟା ବେହେରା, ଜିନାରାନୀ ନାୟକ, ବିଭୁପ୍ରସାଦ ମିଶ୍ର, କୃଷ୍ଣଚନ୍ଦ୍ର ରଣା, ଝୁନା ଖାନ୍, ଅଭୟ ଚରଣ ମହାରଣା ପ୍ରମୁଖ ତାଙ୍କୁ ସହାୟତା କରିଥିଲେ ବୋଲି ବାଳିକା ଫୁଟବଲ ଶିବିରର ଆବାହକ ଉର୍ମିଳା ଦାସ ପ୍ରକାଶ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଆୟକର ବିଭାଗର ଡେପୁଟି କମିଶନର ପ୍ରଣତି ମିଶ୍ର, ୟୁନିଟ-୯ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗିରିଶ ଚନ୍ଦ୍ର ମହାପାତ୍ର, ଭାରୋତ୍ତୋଳନ କୋଚ୍ ପଦ୍ମିନୀ ମହାନ୍ତି, ସାମାଜିକ କର୍ମୀ ପ୍ରଭାସିନୀ ମହାନ୍ତି, ଅତିରିକ୍ତ ଅବସରପ୍ରାପ୍ତ ଜିଲା ଅଧକାରୀ ହରପ୍ରିୟା ପଟ୍ଟନାୟକ, ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଦିଲୀପ କୁମାର ଦାସ, ଉପସଭାପତି ପ୍ରଫୁଲ୍ଲ କୁମାର ମିଶ୍ର, ଅକ୍ଷୟ କୁମାର ଦାସ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, କ୍ଲବ-୭୩ର ସର୍ବେଶ୍ୱର ନାୟକ ଓ କର୍ପୋରେଟର ସେକ୍ ନିଜାମୁଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ। ବିଜୟିନୀ ଶତପଥୀ ସ୍ୱାଗତ ଭାଷଣ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ।




# 'ମଧୁବାବୁଙ୍କ ଜୀବନୀ ଅର୍ଦ୍ଧଶତାବ୍ଦୀର ଇତିହାସ'



ମଧୁସୂଦନଙ୍କ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୨୮।୪**

ଢେଙ୍କାନାଳ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରବିବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ରଥଗଡ଼ାସ୍ଥିତ ଉଫୁନା କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଚାରପତି ଦୁର୍ଗାଚରଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ମଧୁବାବୁଙ୍କ ଜୀବନୀ ଓଡ଼ିଶା ଅର୍ଦ୍ଧଶତାବ୍ଦୀର ଇତିହାସ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମଧୁବାବୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ତାଙ୍କର ବଳିଷ୍ଠ ନେତୃତ୍ୱ ପାଇଁ ଓଡ଼ିଆ ଜାତି ଆଜି ଗର୍ବ ଅନୁଭବ କରୁଥିବା ସେ କହିଥିଲେ। ଅନୁଷ୍ଠାନର ରାଜ୍ୟ ଅଧ୍ୟକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଆଇନଜୀବୀ ଦୀପ୍ତିମୟ ପଟ୍ଟନାୟକ, କବି ବାହାଦୁର ପାଟସାହାଣୀ, କୁଞ୍ଜ ସାହୁ, ସରିତା ପାଟସାହାଣୀ, ଲିପୁ ପରିଡା, ପ୍ରସାଦ ପଟ୍ଟନାୟକ, ବିପିନ ବିହାରୀ ବେହେରା, ଶିକ୍ଷାବିତ୍ ଦୈତାରି ପରିଡ଼ା, ପ୍ରଫେସର ଦିଲୀପ ନନ୍ଦ, ଡମ୍ବରୁଧର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ସଚେତନ ନାଗରିକ ଫୋରମ୍ ପକ୍ଷରୁ ମଧୁସୂଦନ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବାଜିଚୌକସ୍ଥିତ ବାପୁଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ଥିତ ମଧୁସୂଦନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଭାରତର ପ୍ରଥମ ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନରେ ମଧୁବାବୁଙ୍କର ଅବଦାନ ସମ୍ପର୍କରେ ଫୋରମ୍‌ର ସଭାପତି ପ୍ରଦ୍ୟୁମ୍ନ ରଥ ଆଲୋକପାତ କରିଥିଲେ। ସମ୍ପାଦକ ଭରତ ଦାସ, ରଣଜିତ ପାଣିଗ୍ରାହୀ, ପଙ୍କଜ ନାୟକ, ଅଖିଳ ମହାପାତ୍ର, ଦୟାନିଧି ବେହେରା, ଚକ୍ରଧର ତରାଇ, ଗୌତମ ପାଳ, ରୁଦ୍ରପ୍ରସନ୍ନ ଶରଣ, ଦେବେନ୍ଦ୍ର ସିଂ, ନିତ୍ୟାନନ୍ଦ ଦାସ, ଯୁଗ୍ମ ସମ୍ପାଦକ ଗୁପ୍ତେଶ୍ୱର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଉତ୍କଳ ସମ୍ମିଳନୀ ଶାଖା ପକ୍ଷରୁ କୋର୍ଟ ନିକଟରେ ଥିବା ମଧୁସୂଦନଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ନଗରପାଳ ଇନ୍ଦ୍ରମଣି ବେହେରା, ଆଇନଜୀବୀ ଶରତ କୁମାର ସାହୁ, ପ୍ରତାପ ଦାସ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଡ. ଦାଶରଥି ମିଶ୍ର ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ମିଶ୍ରଙ୍କ ପୌରୋହିତ୍ୟରେ ମଧୁସୂଦନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଗଁଦିଆ ବ୍ଲକ ବାରଦା ଗ୍ରାମ କଲ୍ୟାଣ ମଣ୍ଡପରେ 'ଚିନ୍ତା ଓ ଚେତନା' ଅନୁଷ୍ଠାନର ସଭାପତି ଦାମୋଦର ମହାନ୍ତିଙ୍କ ଅଧ୍ୟକ୍ଷତାରେ ମଧୁସୂଦନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଦଣ୍ଡଧର ସାହୁ, ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ର ଅତିଥିଭାବେ ଯୋଗଦେଇ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ସମ୍ପାଦକ ବନବିହାରୀ ସାହୁ, ହୃଷୀକେଶ ସାହୁ, ପ୍ରଧାନ ଶିକ୍ଷକ ହରିହର ସାହୁ, ଥିଙ୍କର୍ସ ଫୋରମ୍ ସଭାପତି ସୁବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଗଣ୍ଡଗୋଳରେ ୭ ଆହତ

**ଛେଣ୍ଡିପଦା,୨୮।୪(ସ୍ୱ.ପ୍ର)**

ଜରପଡ଼ା ଥାନା କୋରଡ଼ା ଗ୍ରାମରେ ବାହାଘରବେଳେ ଗଣ୍ଡଗୋଳ ଘଟି ୭ଜଣ ଆହତ ହୋଇଛନ୍ତି। ପରା ଗ୍ରାମରୁ ରବିବାର ଅପରାହ୍ନରେ କୋରଡା ଗ୍ରାମକୁ ବରଯାତ୍ରୀ ଆସିଥିଲେ। ବିବାହ ପୂର୍ବରୁ କୌଣସି କାରଣରୁ ଗଣ୍ଡଗୋଳ ଘଟି ମାରପିଟ୍ ହୋଇଥିଲା। ଏଥିରେ କୋରଡା ଗ୍ରାମର ୭ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନନ୍ତ କୁମାର ସାହୁଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏ ନେଇ ଆହତଙ୍କ ପକ୍ଷରୁ ଜରପଡା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଖବର ଲେଖାଯିବା ସୁଦ୍ଧା ଥାନାରେ ଏ ନେଇ ଆଲୋଚନା ଜାରିରହିଛି।




# ସ୍ୱାଭିମାନର ସହ ବଞ୍ଚିବା ଶିଖାଇଥିଲେ ମଧୁବାବୁ



ଭୁବନ ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ ପାଳନ।

**କାମାକ୍ଷାନଗର/ଭୁବନ, ୨୮।୪(ଡି.ଏନ୍.ଏ.)**

କାମାକ୍ଷାନଗର ଓକିଲ ସଂଘ ପକ୍ଷରୁ ବାର୍ ଆସୋସିଏଶନ କାର୍ଯ୍ୟାଳୟ ପରିସରରେ ରବିବାର ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।

ସଭାପତି ରଞ୍ଜନ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରଥମେ ମଧୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଆଇନଜୀବୀମାନେ ମତବ୍ୟକ୍ତ କରି କହିଲେ, ଏକଦା ଓଡ଼ିଶାର ନିଜର ବୋଲି କିଛି ନ ଥିଲା। ଓଡ଼ିଶାବାସୀ ନିଜର ଗୌରବମୟଗାଥା ଭୁଲି ସାରିଥିଲେ। ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ମଧୁବାବୁଙ୍କ ଆବିର୍ଭାବ ହୋଇଥିଲା। ଓଡ଼ିଆଙ୍କୁ ସ୍ୱାଭିମାନର ସହ ବଞ୍ଚିବା ପାଇଁ ଜାଗ୍ରତ କରାଇଥିଲେ। ଓଡ଼ିଶାର ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ ଉତ୍‌ଥାନରେ ସେ ନିଜକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଥିଲେ। ଅଶୋକ କୁମାର ଦାସ, ଶେଷରଞ୍ଜନ ଦାସ, ଉମେଶ ନାୟକ, କୁଶ ସାହୁ, ପ୍ରେମାନନ୍ଦ ସାହୁ, ଅରୁଣ ମହାନ୍ତି ପ୍ରମୁଖ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ସମ୍ପାଦକ ପ୍ରସନ୍ନ କୁମାର ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

ସେହିପରି ଭୁବନ ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ ଉପଲକ୍ଷେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସଭାପତି ବାବୁଲି କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ସନାତନ ଗୁରୁ, କୁଞ୍ଜବିହାରୀ ଚିନ୍ନାରା, ଅଲେଖ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ମଧୁବାବୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେଲେ ଜଣେ ଦକ୍ଷ ଆଇନଜୀବୀ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଂଘର ବହୁ ସଦସ୍ୟଙ୍କ ସମେତ ବହୁ ବୁଦ୍ଧିଜୀବୀ ଆଲୋଚନାରେ ଭାଗ ନେଇଥିଲେ। ଉପସଭାପତି ଶଶଧର ମହାନ୍ତି ସ୍ୱାଗତ ଭାଷଣ ଏବଂ ସମ୍ପାଦକ ପ୍ରହ୍ଲାଦ ଗୁରୁ ଧନ୍ୟବାଦ ଦେଇଥିଲେ।

# ଲୁହା ଚୋର ଗିରଫ

**ଯୋଡ଼ା, ୨୮।୪(ଡି.ଏନ.ଏ.)**

ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ବିଲେଇପଦା-ମୁର୍ଗା ରାସ୍ତାର ନିର୍ମାଣ କାର୍ଯ୍ୟ କରୁଥିବା ଏକ ଠିକା ସଂସ୍ଥାର ଲୁହା ପାଇପ ଓ ଜେକ୍ ଚୋରି ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ରବିବାର ପୋଲିସ ଗିରଫ କରିଛି। ସେ ହେଲେ ଝାଡଖଣ୍ଡର ନୂଆମୁଣ୍ଡି ବସ୍ତି ନିକଟ ମାଙ୍କଡି ହଟିଂର ସର୍ଦ୍ଦାର ସୋରେନ। ଗତ ୨୬ ତାରିଖରେ ଉକ୍ତ କମ୍ପାନୀର ୧୨ ବଡ ଲୁହା ପାଇପ ଓ ଗୋଟିଏ ଜେକ୍ ଚୋରି ହୋଇଥିଲା, ଯାହାର ଆନୁମାନିକ ମୂଲ୍ୟ ୨୫ ହଜାର ଟଙ୍କା ହେବ। ଏ ନେଇ ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଥିଲା।










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ